ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୨୪/୨୦୨୨ (୮+୮=୧୬ ପୃଷ୍ଠା+ଛୁଟିଦିନ) | Sambalpur, Sunday, April 24/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରବି କୁମାରଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ ରେସ୍‌ଲର ରବି କୁମାର ଦହିୟା କ୍ରମାଗତ ତୃତୀୟ ଥର ଲାଗି ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୦୮

୦୭ **ନବନୀତ ରାଣା ଗିରଫ**

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ହନୁମାନ ଚାଳିଶା ପାଠ କରିବାକୁ ଯାଉଥିବାବେଳେ ଅମରାବତୀ ଏମ୍‌ପି ନବନୀତ କୌର ରାଣା ଓ ତାଙ୍କ ସ୍ୱାମୀ ରବି ରାଣାଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି।



# ସିଲାବସ୍‌କୁ ବି ବୁଲ୍‌ଡୋଜର

**ଭାରତରେ ସାମ୍ପ୍ରଦାୟିକ ସଦ୍ଭାବ ନଷ୍ଟ ହେବାରେ ଲାଗିଛି। ଦିଲ୍ଲୀ, ଉତ୍ତର ପ୍ରଦେଶ ଓ ମଧ୍ୟପ୍ରଦେଶରେ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ପାଇଁ ବୁଲ୍‌ଡୋଜରକୁ ଅସ୍ତ୍ର କରାଯାଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ବିବାଦ ଜୋର୍ ଧରିଥିବାବେଳେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ସିଲାବସ୍‌ରୁ ଇସ୍‌ଲାମୀୟ ସାମ୍ରାଜ୍ୟ, ମୋଗଲ କୋର୍ଟ ଏବଂ ଗଣତନ୍ତ୍ର ଓ ବିବିଧତା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ବାଦ୍ ଦିଆଯାଇଛି। ଶନିବାର ଏହି ପ୍ରସଙ୍ଗ ସାମ୍ନାକୁ ଆସିବା ପରେ ଧ୍ରୁବୀକରଣ ଉପରେ ନୂଆ ବିବାଦ ଜନ୍ମ ନେବା ଆଶଙ୍କା ସୃଷ୍ଟି ହୋଇଛି।**

## ସିବିଏସ୍‌ଇ ପାଠ୍ୟକ୍ରମରୁ ଗଣତନ୍ତ୍ର ଓ ବିବିଧତା, ଇସ୍‌ଲାମୀୟ ସାମ୍ରାଜ୍ୟ, ମୋଗଲ କୋର୍ଟ ବାଦ୍




ନୂଆଦିଲ୍ଲୀ,୨୩।୪ (ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଏହାର ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଇତିହାସ ଏବଂ ରାଜନୀତି ବିଜ୍ଞାନ ପାଠ୍ୟକ୍ରମରୁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (ଏନ୍‌ଏଏମ୍), ଆଫ୍ରିକୀୟ-ଏସୀୟ ଅଞ୍ଚଳର ଇସ୍‌ଲାମୀୟ ସାମ୍ରାଜ୍ୟ, ଶୀତଳ ଯୁଦ୍ଧ ଯୁଗ, ମୋଗଲ କୋର୍ଟ, ଶିଳ୍ପ ବିପ୍ଳବ ଆଦି ଅଧ୍ୟାୟକୁ ବାଦ୍ ଦେଇଛି। ସେହିପରି ଦଶମ ଶ୍ରେଣୀ ପାଠ୍ୟକ୍ରମର 'ଖାଦ୍ୟ ସୁରକ୍ଷା' ଅଧ୍ୟାୟରୁ 'କୃଷି ଉପରେ ଜଗତିକରଣର ପ୍ରଭାବ' ବିଷୟକୁ ହଟାଇ ଦିଆଯାଇଛି। ଏହା ବ୍ୟତୀତ 'ଧର୍ମ, ସମ୍ପ୍ରଦାୟ ଓ ରାଜନୀତି-ସାମ୍ପ୍ରଦାୟିକତାବାଦ, ଧର୍ମନିରପେକ୍ଷ ରାଷ୍ଟ୍ର' ଅଧ୍ୟାୟରେ ଫଏଜ୍ ଅହମଦ ଫଏଜ୍‌ଙ୍କ ଦୁଇଟି ଉର୍ଦ୍ଦୁ କବିତାରୁ ନିଆଯାଇଥିବା ଅନୁବାଦ ଉଦ୍ଧୃତାଂଶ ମଧ୍ୟ ବାଦ୍ ପଡ଼ିଛି। କେବଳ ସେତିକି ନୁହେଁ, 'ଗଣତନ୍ତ୍ର ଓ ବିବିଧତା' ଉପରେ ରହିଥିବା ବିଭିନ୍ନ ଅଧ୍ୟାୟକୁ ମଧ୍ୟ ପାଠ୍ୟକ୍ରମରୁ ବାଦ୍ ଦେଇଛନ୍ତି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ କର୍ତ୍ତୃପକ୍ଷ। ବିଷୟ ଚୟନ ଓ ବିଭିନ୍ନ ଅଧ୍ୟାୟକୁ ବାଦ୍ ଦେବାର ଯଥାର୍ଥତା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି)ର ସୁପାରିସ ଆଧାରରେ ଏବଂ ପାଠ୍ୟକ୍ରମକୁ ଯୁକ୍ତିସଙ୍ଗତ କରିବା ଲାଗି ଏଭଳି ପରିବର୍ତ୍ତନ କରାଯାଇଥିବା ସିବିଏସ୍‌ଇ ଅଧିକାରୀମାନେ କହିଛନ୍ତି। ଏକାଦଶ ଶ୍ରେଣୀ ଇତିହାସ ପାଠ୍ୟକ୍ରମରେ ଥିବା ☞ପୃଷ୍ଠା-୪

### ଇତିହାସକୁ ବଦଳାଇବା ଠିକ୍ ନୁହେଁ

ଭୁବନେଶ୍ୱର, ୨୩।୪: ସିବିଏସ୍‌ଇ ପାଠ୍ୟକ୍ରମରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବାଦ୍ ଦେବା ପରେ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଇଛି। ଏହା ସରକାରଙ୍କ ଯୋଜନାବଦ୍ଧ ନିଷ୍ପତ୍ତି ଏବଂ ତୁରନ୍ତ ଏହାକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି ହେଉଛି। ଏ ନେଇ ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଞ୍ଜ କହିଛନ୍ତି, ସିବିଏସ୍‌ଇ ପାଠ୍ୟକ୍ରମରୁ ବିଷୟ ବାଦ୍ ଦେବାରେ କିଛି ଅସୁବିଧା ନାହିଁ। କିନ୍ତୁ ପିଲାମାନେ ଇତିହାସ ଜାଣିବା ଉଚିତ। ଇସ୍‌ଲାମୀୟ ସାମ୍ରାଜ୍ୟ, ମୋଗଲ କୋର୍ଟ ଭଳି ବିଷୟକୁ ହଟାଇ ଦିଆଯିବା ନିଶ୍ଚିତ ଭାବେ ନିନ୍ଦନୀୟ। ସରକାର ଏହାକୁ ଜାଣିଶୁଣି କରିଥିବେ। ଏହାଦ୍ୱାରା ପିଲାଙ୍କ ମଧ୍ୟରେ ଭେଦଭାବ ବଢ଼ିଯିବ। ସେହିଭଳି ଅଭିଭାବକ ଡ. ସତ୍ୟଜିତ ଦାସ କହିଛନ୍ତି, ଇତିହାସକୁ କେବେ ବଦଳାଇ ଦିଆଯାଇପାରିବ ନାହିଁ। ଆଉ ଇତିହାସ ଜାଣିବା ପିଲାଙ୍କ ଅଧିକାର। ଇତିହାସରୁ ଯେଉଁ ବିଷୟକୁ ବି ବାଦ୍ ଦେଇଛନ୍ତି, ତାହା ନିନ୍ଦନୀୟ। ସଫ୍ଟ ଟାର୍ଗେଟ୍ କରାଯାଇଛି। ସମ୍ପ୍ରଦାୟକୁ ଭେଦଭାବ ଭିତରକୁ ଅଣାଯାଉଛି। ତେଣୁ ରାଜନୀତିକୁ ଶିକ୍ଷାଠାରୁ ଦୂରେଇ ରଖାଯାଉ। ମୁଁ ଭାବୁଛି ଏହା ଉପରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ହସ୍ତକ୍ଷେପ କରିବା ଉଚିତ। ଅଭିଭାବକ ଶୁଭଦୀପା ମହାନ୍ତି କହିଛନ୍ତି, ଆମେ ଏକ ଗଣତାନ୍ତ୍ରିକ ଦେଶରେ ରହୁଛେ। ଆମକୁ ସବୁ ଧର୍ମ ଉପରେ ଜ୍ଞାନ ଆହରଣ କରିବାର ଅଛି। ପିଲାମାନେ ଯଦି ଇସ୍‌ଲାମିକ ଧର୍ମ ବିଷୟରେ ଜ୍ଞାନ ପାଇବେ, ତାହା କିଛି ଖରାପ ନୁହେଁ। ମୋଗଲ ସାମ୍ରାଜ୍ୟ ହେଉଛି ସମୃଦ୍ଧ। ଇତିହାସ କହିଲେ ସେମାନଙ୍କୁ ବୁଝାଏ। ☞ପୃଷ୍ଠା-୪

# ଟିଭି ଚ୍ୟାନେଲ ଉପରେ ସରକାରୀ କଟକଣା

ନୂଆଦିଲ୍ଲୀ,୨୩।୪ (ପି.ଟି.)

ୟୁକ୍ରେନ୍-ରୁଷିଆ ଯୁଦ୍ଧ ଏବଂ ଦିଲ୍ଲୀ ଦଙ୍ଗାକୁ ନେଇ ଘରୋଇ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରସାରିତ କେତେକ ବିତର୍କରେ ଉତ୍ତେଜକ ତଥା ସାମାଜିକ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ହୋଇ ନ ଥିବା ଭାଷା ବ୍ୟବହାର କରାଯାଇଥିବା ଦେଖାଯାଇଛି। ଏଥିସହ ବିତର୍କକୁ 'ପରମାଣୁ ପୁଟିନ୍' ଏବଂ 'ଅଲି, ବଲି ଔର ଖଲବଲି' ଭଳି ଶିରୋନାମା ଦିଆଯାଉଛି। ଘରୋଇ ଚ୍ୟାନେଲଗୁଡ଼ିକ ଏଭଳି ଉତ୍ତେଜକ ଏବଂ ନିନ୍ଦାତ୍ମକ ଶିରୋନାମାଠାରୁ ଦୂରେଇ ରହିବାକୁ କେନ୍ଦ୍ର ସରକାର ଶନିବାର କଡ଼ା ଆଡଭାଇଜରି ଜାରି କରିଛନ୍ତି। ବିଶେଷ କରି ୟୁକ୍ରେନ ଯୁଦ୍ଧ ଉପରେ ରିପୋର୍ଟିଂ ବେଳେ ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ଭୁଲ୍ ଦାବି କରିବା ସହ ବାରମ୍ବାର ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକର ନାଁ ନେଉଛନ୍ତି। ସେହିପରି ଉତ୍ତରପଶ୍ଚିମ ଦିଲ୍ଲୀ ଘଟଣାର ରିପୋର୍ଟିଂକୁ ନେଇ ପ୍ରତିବାଦ ଦେଖାଦେଇଛି। ଉକ୍ତ ଘଟଣାରେ ପ୍ରଶାସନିକ କାର୍ଯ୍ୟକୁ ଚ୍ୟାନେଲଗୁଡ଼ିକ ସାମ୍ପ୍ରଦାୟିକ ରଙ୍ଗ ଦେଇଥିବାର ଅଭିଯୋଗ ହୋଇଥିଲା। ଦିଲ୍ଲୀ ହିଂସା ସମ୍ପର୍କିତ କେତେକ ବିତର୍କରେ ଅସଭ୍ୟ, ଉତ୍ତେଜକ ତଥା ସାମାଜିକ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ☞ପୃଷ୍ଠା-୪






# ଭଦ୍ରକ ଜେଲରେ ଟିଆଇ ପରେଡ୍

**କ୍ୟାମେରାମ୍ୟାନ ମାନସ ହତ୍ୟା ମାମଲା**

ଭଦ୍ରକ ଅଫିସ, ୨୩।୪

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଶନିବାର ଭଦ୍ରକ ଜେଲରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ (ଜେଏମ୍‌ଏଫ୍‌ସି)ଙ୍କ ଉପସ୍ଥିତିରେ ୪ ଅଭିଯୁକ୍ତଙ୍କ ଟିଆଇ ପରେଡ୍ କରାଯାଇଛି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ, ସହଯୋଗୀ ଝୁନା ଭୋଇ, ବିବେକ ନାୟକ ଓ ରଞ୍ଜନ ନାୟକଙ୍କ ଟିଆଇ ପରେଡ୍ ହୋଇଥିବାବେଳେ ଅନ୍ୟତମ ଅଭିଯୁକ୍ତ ନିରଞ୍ଜନ ସେଠୀ ☞ପୃଷ୍ଠା-୪

# ଶହେ ଟଙ୍କା ପାଇଁ ମା'ଙ୍କୁ ହତ୍ୟା

ବାରିପଦା ଅଫିସ,୨୩।୪

ମାତ୍ର ଶହେ ଟଙ୍କା ପାଇଁ ନୃଶଂସ ପୁଅ ଠେଙ୍ଗାରେ ପିଟିପିଟି ନିଜ ମା'ଙ୍କୁ ହତ୍ୟା କରିବା ଆଲୋଡ଼ନ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ହାଟପଡ଼ିଆ ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତ ମହିଳା ହେଲେ ସାଳନ୍ଦୀ ନାଏକ(୬୦)। ଅଭିଯୁକ୍ତ ପୁଅ ସରୋଜ ନାଏକ(୨୧) ଫେରାର ହୋଇଯାଇଛନ୍ତି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ସରୋଜ ଘରେ ପହଞ୍ଚି ତାଙ୍କ ମା'ଙ୍କୁ ଶହେ ଟଙ୍କା ମାଗିଥିଲେ। ମା' ଟଙ୍କା ଦେବାକୁ ମନା କରିବାରୁ ସରୋଜ ରାଗି ଯାଇ ଏକ ଠେଙ୍ଗାରେ ତାଙ୍କୁ ନିଷ୍ଠୁର ପିଟିଥିଲେ। ଫଳରେ ଘଟଣାସ୍ଥଳରେ ସାଳନ୍ଦୀଙ୍କ ମୃତ୍ୟୁ ହୋଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଡାକ୍ତରଖାନାକୁ ପଠାଯାଇଥିବା ବେଳେ ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

**ଆଜିର ସମ୍ପାଦକୀୟ**

ଆଘାତଦାୟକ ସମୟ

**ଆଜିର ମନ୍ତବ୍ୟ**

"ସୀମା ଆରପଟୁ ଭାରତକୁ ଟାର୍ଗେଟ କରୁଥିବା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁଣ୍ଠାବୋଧ କରିବୁନାହିଁ।

-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ







## ବୋଟ୍ ବୁଡ଼ି ୨୬ ନିଖୋଜ

ଜାପାନର ଉତ୍ତରାଞ୍ଚଳରେ ଶନିବାର ୨୬ ଯାତ୍ରୀଙ୍କୁ ନେଇ ଯାଉଥିବା ବୋଟ୍ ନିଖୋଜ ହୋଇଯାଇଛି । ୬ ପାଟ୍ରୋଲ ବୋଟ୍ ଏବଂ ୪ ଏୟାରକ୍ରାଫ୍ଟ ଜରିଆରେ ସର୍ଚ୍ଚ ଅପରେଶନ୍ ଜାରି ରହିଛି। ସୂଚନାଯୋଗ୍ୟ ଶନିବାର ଅପରାହ୍ନରେ '୧୯-ଟନ୍ କାଜୁ ୧' ବୋଟ ୨୪ ଯାତ୍ରୀ ଓ ୨ଜଣ କ୍ରିୟୁ ମେମ୍ବରଙ୍କୁ ନେଇ ଯାଉଥିବାବେଳେ ଅଧାବାଟରେ ଜଳରେ ବୁଡ଼ିବା ଆରମ୍ଭ କରିଥିଲା। ପାଗ ଖରାପ ହେବା କାରଣରୁ ସମୁଦ୍ରରେ ବଡ଼ ଲହରୀ ଯୋଗୁ ଦୁର୍ଘଟଣା ଘଟିଥିବା ଆଶଙ୍କା କରାଯାଉଛି।

# ୩.୬ ଲକ୍ଷ ଥର ସାଇବର ଆକ୍ରମଣ

### ହ୍ୟାକର୍ସଙ୍କ ଟାର୍ଗେଟରେ ତୈଳ କମ୍ପାନୀ




**ନୂଆଦିଲ୍ଲୀ, ୨୩।୪**

ସମସ୍ତ ବ୍ୟବସ୍ଥାର ଡିଜିଟାଲାଇଜେଶନ ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଉପରେ ସାଇବର ଅପରାଧୀଙ୍କ ଆକ୍ରମଣ ବଢ଼ୁଛି। ଅପରାଧୀମାନେ ୱେବ୍‌ସାଇଟ୍ ହ୍ୟାକ୍ କରି ତଥ୍ୟ ହାସଲ ସହ ରାନ୍‌ସମ୍ ଦାବି କରୁଛନ୍ତି। ଗତ ଏପ୍ରିଲ ୧୩ରେ ଭାରତର ଅନ୍ୟତମ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ଉତ୍ପାଦନକାରୀ କମ୍ପାନୀ ଅଏଲ୍ ଇଣ୍ଡିଆ ଲିମିଟେଡ୍ (ଅଏଲ୍) ଉପରେ ସାଇବର ଆକ୍ରମଣ ହୋଇଥିଲା । ଏହାକୁ ଗତ କିଛି ବର୍ଷ ମଧ୍ୟରେ ସବୁଠୁ ବଡ଼ ସାଇବର ଆଟାକ୍ କୁହାଯାଉଥିବାବେଳେ ୨୦୨୧ ଅକ୍ଟୋବରରୁ ଚଳିତ ଏପ୍ରିଲ ୧୨ ତାରିଖ ପର୍ଯ୍ୟନ୍ତ ହ୍ୟାକର୍ସମାନେ କ୍ରମାଗତ ଭାବେ ତେଲ କମ୍ପାନୀଗୁଡ଼ିକୁ ଟାର୍ଗେଟ କରୁଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏହି ୭ ମାସରେ ସାଇବର ଅପରାଧୀମାନେ ଥରେ କି ଦୁଇଥର ନୁହେଁ ୩,୬୦,୦୦୦ ଥର ଭାରତୀୟ ତୈଳ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ଆକ୍ରମଣ କରିଥିବା ସାଇବର ପିସ୍ ଫାଉଣ୍ଡେଶନର ପକ୍ଷରୁ କୁହାଯାଇଛି।

ଗତଅକ୍ଟୋବରରୁ ୧୨ ଏପ୍ରିଲ ପର୍ଯ୍ୟନ୍ତ ଗୋଇନ୍ଦା ସେନ୍ସର ଦ୍ୱାରା ଇଣ୍ଡିଆନ୍ ଅଏଲ୍ କମ୍ପାନୀଗୁଡ଼ିକ ଉପରେ ହୋଇଥିବା ସାଇବର ଆକ୍ରମଣର ବିଶ୍ଳେଷଣ କରାଯାଇଥିଲା । ହ୍ୟାକର୍ସମାନେ କେବଳ ଗତ ଫେବୃୟାରୀରେ ୧୯,୩୪୨ ଥର କମ୍ପାନୀ ୱେବ୍‌ସାଇଟଗୁଡ଼ିକୁ ଟାର୍ଗେଟ କରିଥିବା ଜଣାଯାଇଛି, ଯାହାକି ଏହି ସମୟ ମଧ୍ୟରେ ସର୍ବନିମ୍ନ। କେବଳ ଅକ୍ଟୋବରରେ ସର୍ବାଧିକ ୧,୧୭,୦୦୦ ଥର ତୈଳ ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ଟାର୍ଗେଟ କରାଯାଇଛି। ଭାରତର ପ୍ରମୁଖ କମ୍ପାନୀ ତଥା ପ୍ରତିଷ୍ଠାନ ଉପରେ ସାଇବର ଆକ୍ରମଣ ବିପଦ ରହୁଥିବା ଏହି ଅଧ୍ୟୟନରୁ ସ୍ପଷ୍ଟ ହୋଇଛି। ତେବେ କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ମଧ୍ୟ ହ୍ୟାକର୍ସମାନେ ସକ୍ରିୟ ଅଛନ୍ତି। ସେହିପରି ଗ୍ରୀଡ୍ କଣ୍ଟ୍ରୋଲ କରି ବିଦ୍ୟୁତ୍ ଯୋଗାଣ ଦାୟିତ୍ୱରେ ଥିବା ୭ ଇଣ୍ଡିଆନ୍ ଷ୍ଟେଟ୍ ଲୋଡ୍ ଡେସ୍‌ପ୍ୟାଚ୍ ସେଣ୍ଟର (ଏସ୍‌ଏଲ୍‌ଡିସି)କୁ ମଧ୍ୟ ଟାର୍ଗେଟ କରାଯିବାର ଆଶଙ୍କା ରହିଛି। ଏହି ଗ୍ରୀଡ଼ଗୁଡ଼ିକ ଭାରତ-ଚାଇନା ସୀମା ନିକଟରେ ରହିଛି। ଗତ ବର୍ଷ ଭାରତର ପାୱାରଗ୍ରୀଡ୍‌କୁ ଚାଇନା ସମର୍ଥିତ ହ୍ୟାକର୍ସ ଗ୍ରୁପ୍ ଟାର୍ଗେଟ କରିଥିବା ସାଇବର ପିସ୍ ଫାଉଣ୍ଡେଶନ କହିଛି।

ସିକ୍ୟୁରିଟି ଫାର୍ମ ପାଲୋ ଅଲ୍‌ଟୋ ନେଟ୍‌ୱର୍କ ଚଳିତ ମାସରେ ପ୍ରକାଶ କରିଥିବା ଏକ ରିପୋର୍ଟ ଅନୁସାରେ, ଭାରତର ବିଭିନ୍ନ ପ୍ରତିଷ୍ଠାନ ଉପରେ ୨୦୨୧ରେ ସାଇବର ଆକ୍ରମଣ ୨୧୮ % ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ ଦୈନିକ ପରିଚାଳନାକୁ ଦୁର୍ବଳ କରିବା ସହ ତଥ୍ୟ ଚୋରି, ଆର୍ଥିକ ହାନି ଆଦି ପୁନରୁଦ୍ଧାର ନିମନ୍ତେ ଖର୍ଚ୍ଚ ବୃଦ୍ଧି କରୁଛି। ୨୦୧୦ରେ ଆମେରିକା ଏବଂ ଇସ୍ରାଏଲ ଇରାନର ନାଟାଞ୍ଜ ସ୍ଥିତ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଉପରେ ଷ୍ଟକ୍ସନେଟ୍ ଭାଇରସ୍ ଦ୍ୱାରା ସାଇବର ଆକ୍ରମଣ କରି ଏହାର ନ୍ୟୁକ୍ଲିୟର ପ୍ରୋଗ୍ରାମକୁ ପଥଚ୍ୟୁତ କରିବାକୁ ଉଦ୍ୟମ କରିଥିଲେ। ଏହା ପରଠାରୁ ଅନେକ ଦେଶ ସାଇବର ଆକ୍ରମଣର ସମ୍ମୁଖୀନ ହେଉଛନ୍ତି।

## ସଂକ୍ଷେପରେ

### ବଦଳି ନିଷ୍ପତ୍ତି ବାତିଲ ଦାବି

## ଛାତ୍ରୀଙ୍କୁ ପଣବନ୍ଦୀ ରଖିଲେ ଶିକ୍ଷୟିତ୍ରୀ

**ଲଖିମପୁର ଖେରି, ୨୩।୪:** ଉତ୍ତରପ୍ରଦେଶର ଲଖିମପୁର ଖେରି ଜିଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ସରକାରୀ ବିଦ୍ୟାଳୟର ଦୁଇ ଶିକ୍ଷୟିତ୍ରୀ ବଦଳି ନିଷ୍ପତ୍ତିକୁ ବିରୋଧକରି ଏହାକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ପ୍ରାୟ ୨୦ ଛାତ୍ରୀଙ୍କୁ ଛାତ ଉପରେ ପଣବନ୍ଦୀ ରଖିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ପାଇ ପୋଲିସ ହସ୍ତକ୍ଷେପ କରି ସ୍ଥିତି ନିୟନ୍ତ୍ରଣକୁ ଆଣିବା ପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସୂଚନା ଅନୁସାରେ, ଲଖିମପୁର ଖେରିର ବେହଜାମ୍ ଗ୍ରାମରେ ଥିବା କସ୍ତୁରବା ଗାନ୍ଧୀ ରେସିଡେନ୍ସିଆଲ ସ୍କୁଲରେ ଶିକ୍ଷୟିତ୍ରୀ ମନୋରମା ମିଶ୍ର ଏବଂ ଗୋଲ୍ଡି କାଟିୟାର ଗୁରୁବାର ସେମାନଙ୍କ ବଦଳି ନିର୍ଦ୍ଦେଶ ପାଇଥିଲେ। କିନ୍ତୁ ଉଭୟେ ବଦଳି ଚାହୁଁ ନ ଥିବାରୁ ସ୍କୁଲ ଛାତ୍ରୀଙ୍କୁ ନିର୍ଯାତନା ଦେଇ ଜିଲା ପ୍ରଶାସନ ଉପରେ ଚାପ ପକାଇବାକୁ ଚେଷ୍ଟା କରିଥିଲେ। ସେହିଦିନ ରାତିରେ ଶିକ୍ଷୟିତ୍ରୀ ଦ୍ୱୟ ପ୍ରାୟ ୨୦ ଛାତ୍ରୀଙ୍କୁ ସ୍କୁଲ ଛାତ ଉପରେ ଏକ ଘରେ ବନ୍ଦ କରିଦେଇଥିଲେ। ଏ ବାବଦରେ ସ୍କୁଲ ୱାର୍ଡେନ୍ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଉଭୟଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ପାଇଁ ଏକ ୪ ଜଣିଆ କମିଟି ଗଠନ ହୋଇଛି।

## ସୀମା ଅତିକ୍ରମ କରିବାରେ କୁଣ୍ଠାବୋଧ କରିବୁ ନାହିଁ: ରାଜନାଥ



**ଗୁଆହାଟୀ, ୨୩।୪ :** ସୀମା ଆରପଟୁ ଭାରତକୁ ଟାର୍ଗେଟ କରୁଥିବା ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ କରିବୁ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିଛନ୍ତି। ଗୁଆହାଟୀଠାରେ ୧୯୭୧ ଭାରତ-ପାକ୍ ଯୁଦ୍ଧର ସୈନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ଉଦ୍‌ବୋଧନ ଦେଇ ରାଜନାଥ କହିଥିଲେ, ସରକାର ଦେଶରୁ ଆତଙ୍କବାଦର ମୂଳପୋଛ ପାଇଁ କାର୍ଯ୍ୟ କରୁଛନ୍ତି। ଭାରତ ଉପରେ ଆକ୍ରମଣ ପାଇଁ ଚିନ୍ତା କରୁଥିବା ସୀମାପାର ଆତଙ୍କବାଦୀଙ୍କୁ କଡ଼ା ଚେତାବନୀ ଦେଇ ସେ କହିଛନ୍ତି, କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସୀମା ଅତିକ୍ରମ କରିବାରେ କୁଣ୍ଠାବୋଧ କରିବ ନାହିଁ। ପୂର୍ବରୁ ମଧ୍ୟ ଏଭଳି କାର୍ଯ୍ୟାନୁଷ୍ଠାନ ନେଇ ଆମେ ଆତଙ୍କବାଦୀଙ୍କୁ କଡ଼ା ବାର୍ତ୍ତା ଦେଇଛୁ। ପଡୋଶୀ ବାଂଲାଦେଶ ସହ ଉତ୍ତମ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବାରୁ ପୂର୍ବ ସୀମା ଶାନ୍ତ ଓ ସ୍ଥିର ରହିଛି। ସେହିପରି ପଶ୍ଚିମ ସୀମାରେ ମଧ୍ୟ ଏବେ ଉତ୍ତେଜନା ନାହିଁ। ଅନୁପ୍ରବେଶ ସମସ୍ୟା ଏକପ୍ରକାର ଶେଷ ହୋଇଛି। ନିକଟରେ ଉତ୍ତରପୂର୍ବାଞ୍ଚଳର ବିଭିନ୍ନ ଭାଗରୁ ସଶସ୍ତ୍ର ବଳ ସ୍ୱତନ୍ତ୍ର କ୍ଷମତା ଆଇନ (ଏଏଫ୍‌ଏସ୍‌ପିଏ) ପ୍ରତ୍ୟାହାର ହୋଇଥିବାବେଳେ ସେଭଳି ସ୍ଥିତି ଆସିଲେ ଜମ୍ମୁ-କଶ୍ମୀରରୁ ତାହା ଉଚ୍ଛେଦ ହେବ ବୋଲି ରାଜନାଥ କହିଛନ୍ତି।

## ଦିଲ୍ଲୀରେ ସଂକ୍ରମଣ ଆର୍ ଭାଲ୍ୟୁ ୨.୧

**ନୂଆଦିଲ୍ଲୀ, ୨୩।୪**

ରାଜଧାନୀ ଦିଲ୍ଲୀରେ କରୋନା ସଂକ୍ରମଣ ବଢ଼ିବା ସହ ରିପ୍ରଡକ୍ଟିଭ୍ ଭାଲ୍ୟୁ (ଆର୍ ଭାଲ୍ୟୁ) ୨.୧କୁ ବୃଦ୍ଧି ପାଇଛି। କମ୍ପ୍ୟୁଟେଶନାଲ ମଡେଲ ଜରିଆରେ ଉକ୍ତ ଅଧ୍ୟୟନ କରାଯାଇଥିବାବେଳେ ଏହି ମଡେଲକୁ ଆଇଆଇଟି ମାଡ୍ରାସର ଗଣିତ ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଫର୍ କମ୍ପ୍ୟୁଟେଶନାଲ ମାଥ୍‌ମେଟିକ୍ସ ଆଣ୍ଡ ଡାଟା ସାଇନ୍ସ ମୁଖ୍ୟ ପ୍ରଫେସର ନୀଳେଶ ଏସ୍ ଉପାଧ୍ୟାୟ ଓ ପ୍ରଫେସର ସୁନ୍ଦର ତିଆରି କରିଛନ୍ତି। ଦିଲ୍ଲୀରେ କରୋନା ଭୂତାଣୁର ରିପ୍ରଡକ୍ଟିଭ୍ ଭାଲ୍ୟୁ ୨.୧ରେ ପହଞ୍ଚିଥିବାବେଳେ ଦେଶରେ ୧.୩ ରହିଛି। ପୂର୍ବ ଦିନ ତୁଳନାରେ ରାଜଧାନୀରେ ଆର୍ ଭାଲ୍ୟୁ ବୃଦ୍ଧିକୁ ଦୃଷ୍ଟିରେ ରଖି ଏହା ଚତୁର୍ଥ ଲହରର ଆରମ୍ଭ ଆଶଙ୍କା କରାଯାଉଥିବା ଆଇଆଇଟି ମାଡ୍ରାସ ଗଣିତ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଜୟନ୍ତ ଝା କହିଛନ୍ତି। ଶୁକ୍ରବାର ଦିଲ୍ଲୀରେ ମୋଟ ୧,୦୪୨ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏଠାରେ ପଜିଟିଭିଟି ରେଟ୍ ୪.୪୬ ପ୍ରତିଶତ ରହିଛି। ଓମିକ୍ରନ ସବ୍-ଲାଇନ୍‌ଏଜ୍ ବିଏ.୨.୧୨ ଅଧିକାଂଶ ସଂକ୍ରମିତଙ୍କଠାରେ ଚିହ୍ନଟ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୨,୫୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ତ୍ରିରଙ୍ଗା ଉଡ଼ାଇ ରେକର୍ଡ

### ଭାଗ ନେଇଥିଲେ ୭୭ ହଜାର ଲୋକ

**ଜଗଦୀଶପୁର, ୨୩।୪**

ବିହାରର ଜଗଦୀଶପୁରରେ ଶନିବାର ୭୭,୭୦୦ ଲୋକ ଏକସଙ୍ଗେ ଭାରତୀୟ ଜାତୀୟ ପତାକା (ତ୍ରିରଙ୍ଗା) ଉଡ଼ାଇ ୧୮ ବର୍ଷ ପୂର୍ବେ ପାକିସ୍ତାନ କରିଥିବା ରେକର୍ଡକୁ ଭଙ୍ଗ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ ଥିଲେ। ୧୮୫୭ ବିଦ୍ରୋହର ଅନ୍ୟତମ ନାୟକ ଥିଲେ ଜଗଦୀଶପୁରର ତତ୍କାଳୀନ ରାଜା ବୀର କୁନ୍‌ୱାର ସିଂ। ତାଙ୍କର ୧୬୪ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସାମୂହିକ ଭାବେ ତ୍ରିରଙ୍ଗା ଉଡ଼ାଯାଇଥିଲା। ଭାରତ ସ୍ୱାଧୀନତାର ୭୫ତମ ବାର୍ଷିକ ଅବସରରେ ପାଳନ ହେଉଥିବା 'ଆଜାଦୀ କା ଅମୃତ ମହୋତ୍ସବ'ର ଏହା ଅଂଶବିଶେଷ। ଶାହାଙ୍କ ସହ କେନ୍ଦ୍ରମନ୍ତ୍ରୀ ଆର୍.କେ. ସିଂ, ନିତ୍ୟାନନ୍ଦ ରାୟ, ବିହାରର ବରିଷ୍ଠ ଭାଜପା ନେତା, ଉପମୁଖ୍ୟମନ୍ତ୍ରୀ ତାରକିଶୋର ପ୍ରସାଦ, ରେଣୁ ଦେବୀ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ପ୍ରମୁଖ ଉପସ୍ଥିତ ରହି ବନ୍ଦେ ମାତରମ୍ ସଙ୍ଗୀତ ସହ ୫ ମିନିଟ ଯାଏ ତ୍ରିରଙ୍ଗା ଉଡ଼ାଇଥିଲେ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ପାଇଁ ପର୍ଯ୍ୟବେକ୍ଷଣ ନିମନ୍ତେ ଅଂଶଗ୍ରହଣକାରୀ ସ୍ୱତନ୍ତ୍ର ବ୍ୟାଣ୍ଡ ପିନ୍ଧିବା ସହ ସେଠାରେ କ୍ୟାମେରା ଟ୍ରାପ୍ ଲଗାଯାଇଥିଲା। ୨୦୦୪ରେ ଲାହୋରରେ ୫୬,୦୦୦ ପାକିସ୍ତାନୀ ସେମାନଙ୍କ ଜାତୀୟ ପତାକା ଉଡ଼ାଇ ବିଶ୍ୱ ରେକର୍ଡ କରିଥିଲେ।



ବିହାରର ଜଗଦୀଶପୁରରେ ତ୍ରିରଙ୍ଗା ପତାକା ଉଡାଇବା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା।



ବୁଚାରେ ରୁଷିଆ ଆକ୍ରମଣରେ ପ୍ରାଣ ହରାଇଥିବା ୟୁକ୍ରେନ୍‌ର ଜଣେ ସୈନ୍ୟଙ୍କ ଶେଷକୃତ୍ୟ ବେଳେ କ୍ରନ୍ଦନରତ ତାଙ୍କ ମା'।

## ଜାହାଙ୍ଗୀରପୁରୀ ହିଂସା: ଜେଲ ଗଲେ ୪

### ୮ ଦିନିଆ ପୋଲିସ ରିମାଣ୍ଡରେ ୫ ଅଭିଯୁକ୍ତ

**ନୂଆଦିଲ୍ଲୀ, ୨୩।୪**

ଦିଲ୍ଲୀ ଜାହାଙ୍ଗୀରପୁରୀ ହିଂସା ମାମଲାର ୫ ମୁଖ୍ୟ ଅଭିଯୁକ୍ତଙ୍କୁ ଅଦାଲତ ୮ ଦିନ ପାଇଁ ପୋଲିସ ରିମାଣ୍ଡରେ ଛାଡ଼ିଛନ୍ତି। ଏହା ବ୍ୟତୀତ ଅନ୍ୟ ୪ ଅଭିଯୁକ୍ତଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ମୁଖ୍ୟ ଅଭିଯୁକ୍ତ ଅନ୍‌ସାର, ସଲିମ, ଦିଲ୍‌ଶାଦ, ସୋନୁ ଏବଂ ଅହିରଙ୍କ ବିରୋଧରେ ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ)ରେ ମାମଲା ରୁଜୁ ହୋଇଛି। ସମସ୍ତ ୯ ଅଭିଯୁକ୍ତଙ୍କୁ ଶନିବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରୋହିଣୀ କୋର୍ଟରେ ହାଜର କରାଯାଇଥିଲା। ମାମଲା ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବାରୁ ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଅଧିକ ତଦନ୍ତର ଆବଶ୍ୟକତା ରହିଛି ବୋଲି କ୍ରାଇମ୍ ବ୍ରାଞ୍ଚ୍ ପକ୍ଷରୁ କୁହାଯାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ସ୍ଥାନକୁ ନେବା ଆବଶ୍ୟକ ଥିବାରୁ ପୋଲିସ ଅଭିଯୁକ୍ତମାନଙ୍କୁ ୮ ଦିନିଆ ରିମାଣ୍ଡରେ ନେବା ଲାଗି ଆବେଦନ କରିଥିଲା। ଉତ୍ତରପଶ୍ଚିମ ଦିଲ୍ଲୀର ଜାହାଙ୍ଗୀରପୁରୀ ଅଞ୍ଚଳରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ପୋଲିସ କର୍ମଚାରୀଙ୍କ ସମେତ ୯ ଜଣ ଆହତ ହୋଇଥିଲେ। ଢେଲାମାଡ଼ ସହ କେତେକ ଗାଡ଼ିକୁ ଜାଳି ଦିଆଯାଇଥିଲା। ଦଙ୍ଗାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।

## ଅଲୱରରେ ଭଙ୍ଗାଯାଇଥିବା ୩ ମନ୍ଦିର ପୁନଃ ନିର୍ମାଣ ହେବ

**ଜୟପୁର, ୨୩।୪**

ରାଜସ୍ଥାନର ଅଲୱର ଜିଲା ଅନ୍ତର୍ଗତ ରାଜଗଡ଼ ସହରରେ ଜବରଦଖଲ ଉଚ୍ଛେଦ ବେଳେ ୩ଟି ମନ୍ଦିର ଭାଙ୍ଗିଦିଆଯାଇଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ତେବେ ମନ୍ଦିରଗୁଡ଼ିକ ପୁନଃ ନିର୍ମାଣ କରାଯିବ ବୋଲି ଶନିବାର ଜିଲା ପ୍ରଶାସନ ଘୋଷଣା କରିଛି। ରାଜଗଡ଼ ସହରର ରାସ୍ତା ପ୍ରଶସ୍ତୀକରଣ ଲାଗି ଜବରଦଖଲରେ ଥିବା ୩ ମନ୍ଦିର ସମେତ କେତେକ ଦୋକାନକୁ ଗତ ସପ୍ତାହରେ ଭାଙ୍ଗି ଦିଆଯାଇଥିଲା। ଦୁଇଟି ଘରୋଇ ମନ୍ଦିର ହୋଇଥିବାବେଳେ ଗୋଟିଏ ଡ୍ରେନ୍ ଉପରେ ନିର୍ମାଣ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହମତି ପରେ ମୂର୍ତ୍ତିଗୁଡ଼ିକୁ ହଟାଯାଇଛି। ଅଣବିବାଦୀୟ ସ୍ଥାନରେ ଲୋକଙ୍କ ମତାମତ ନିଆଯାଇ ମନ୍ଦିର ନିର୍ମାଣ କରାଯିବ ବୋଲି ଅଲୱାରର ଅତିରିକ୍ତ ଜିଲାପାଳ ସୁନୀତା ପଙ୍କଜ କହିଛନ୍ତି। ମନ୍ଦିର ଭଙ୍ଗାକୁ ନେଇ ଭାଜପା ଓ ଶାସକ କଂଗ୍ରେସ ପରସ୍ପରକୁ ଦୋଷାରୋପ କରୁଛନ୍ତି।

## ମୁମ୍ବାଇରେ ସ୍ମିଥ୍



**ମୁମ୍ବାଇ, ୨୩।୪**

ହଲିଉଡ୍ ଅଭିନେତା ୱିଲ୍ ସ୍ମିଥ୍‌ଙ୍କୁ ମୁମ୍ବାଇର କଲିନା ଏୟାରପୋର୍ଟରେ ସ୍ପଟ୍ କରାଯାଇଛି। ସ୍ମିଥ୍ କେଉଁ କାରଣରୁ ଭାରତ ଆସିଛନ୍ତି ତାହା ଜଣାପଡ଼ି ନାହିଁ। ସେ ଇଶା ଫାଉଣ୍ଡେଶନ୍‌ର ମୁଖ୍ୟ ସଦ୍‌ଗୁରୁଙ୍କ ସହ ସାକ୍ଷାତ ସାଙ୍ଗକୁ ଆଧ୍ୟାତ୍ମିକ କାର୍ଯ୍ୟରେ ସାମିଲ ହେବା ପାଇଁ ଭାରତ ଆସିଥିବା ଗଣମାଧ୍ୟମରେ ଆଲୋଚନା ହେଉଛି। ଚଳିତ ବର୍ଷ ଓସ୍କାର ସମାରୋହରେ ସ୍ମିଥ୍ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ ଚାପୁଡାମାରି ଲାଇମ୍ ଲାଇଟ୍‌କୁ ଆସିଥିଲେ। ସମାରୋହରେ ହିଂସା ଭିଆଇବା ନେଇ ୧୦ ବର୍ଷ ପର୍ଯ୍ୟନ୍ତ ଓସ୍କାର କାର୍ଯ୍ୟକ୍ରମରେ ଯୋଗ ନ ଦେବା ପାଇଁ ଓସ୍କାର ଏକାଡେମୀ ତାଙ୍କୁ ବାରଣ କରିଛି। ତେବେ କ୍ରିସ୍ ରକ୍ ସ୍ମିଥଙ୍କ ସ୍ତ୍ରୀ ଜାଡାଙ୍କ ଚନ୍ଦାପଣକୁ ନେଇ ଉପହାସ କରିଥିବାବେଳେ ଏଥିରେ ସ୍ମିଥ୍ ରାଗିଯାଇ ମଞ୍ଚ ଉପରେ କ୍ରିସ୍‌ଙ୍କୁ ଚାପୁଡ଼ା ମାରିଥିଲେ।

## ପରିବାରର ୫ଜଣଙ୍କୁ ହତ୍ୟା

**ଲକ୍ଷ୍ନୌ, ୨୩।୪**

ଉତ୍ତର ପ୍ରଦେଶ ପ୍ରୟାଗରାଜରେ ଦୁର୍ବୃତ୍ତମାନେ ୨ ବର୍ଷର ଶିଶୁ କନ୍ୟା ସମେତ ପରିବାରର ୫ ସଦସ୍ୟଙ୍କୁ ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତକମାନେ ହେଲେ ରାମ କୁମାର ଯାଦବ (୫୫), ସ୍ତ୍ରୀ କୁସୁମ ଦେବୀ (୫୨), ବୋହୂ ସବିତା (୨୭), ଝିଅ ମନୀଷା (୨୫) ଏବଂ ନାତୁଣୀ ମିନାକ୍ଷୀ (୨)। ଏହି ସମୟରେ ରାମ କୁମାରଙ୍କ ପୁଅ ସୁନୀଲ ଘରେ ନ ଥିଲେ। ରାମ କୁମାରଙ୍କ ଆଉ ଜଣେ ନାତୁଣୀ ବର୍ତ୍ତି ଯାଇଥିବା ସ୍ଥାନୀୟ ପୋଲିସ କହିଛି। ଶନିବାର ସକାଳୁ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ତେବେ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସ ୭ ଗୋଟି ଟିମ୍ ଗଠନ କରି ଯାଞ୍ଚ ଆରମ୍ଭ କରିଦେଇଛି।

## ସଂଳାପ ଲେଖକ ଜନ୍ ପଲ୍‌ଙ୍କ ପରଲୋକ



**ନୂଆଦିଲ୍ଲୀ, ୨୩।୪**

ପ୍ରଖ୍ୟାତ ମଲାୟଲମ ସଂଳାପ ଲେଖକ ଜନ୍ ପଲ୍ ଶନିବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟ କାରଣରୁ ବହୁ ରୋଗରେ ଜନ୍ ଆକ୍ରାନ୍ତ ଥିଲେ ଜନ୍। ତେବେ ନିଶ୍ୱାସ ନେବାରେ ଅସୁବିଧା ବୋଧ ହେବା ପରେ ଗତ ୨ ମାସ ଧରି କୋଚିର ଏକ ଘରୋଇ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିଲେ। ଏକାଧିକ ସୁପରହିଟ୍ ମଲାୟଲମ ଫିଲ୍ମର ସଂଳାପ ଜନ୍ ଲେଖିଛନ୍ତି।

## ଶୌଚାଳୟଠାରୁ ଛୋଟ ଅଫିସରେ ୧୭୬୪ କୋଟି କାରବାର

**ମୁମ୍ବାଇ, ୨୩।୪**



### ଚଢ଼ାଉରେ ୧୦ କୋଟି ନଗଦ ଟଙ୍କା ଜବତ

ଅଫିସ୍‌ର ଆକାର ଘର ଶୌଚାଳୟଠାରୁ ବି ଛୋଟ କିନ୍ତୁ କାରବାର ୧,୭୬୪ କୋଟିର। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ମହାରାଷ୍ଟ୍ରରେ ଏଭଳି ଏକ ଅଫିସ୍‌କୁ ଠାବ କରିଛି ଜିଏସ୍‌ଟି ଡିପାର୍ଟମେଣ୍ଟ। ମାତ୍ର ୩୫ ବର୍ଗଫୁଟ୍‌ର ଏହି କାର୍ଯ୍ୟାଳୟରେ ଚଢ଼ାଉ କରି ଅଧିକାରୀମାନେ ପ୍ରାୟ ୧୦ କୋଟି ନଗଦ ଟଙ୍କା ଜବତ କରିଛନ୍ତି। ସୂଚନା ଅନୁସାରେ, ଜିଏସ୍‌ଟି ଡିପାର୍ଟମେଣ୍ଟ ଗତ ୧୬ ତାରିଖରେ ଚାମୁଣ୍ଡା ବୁଲିୟନ ନାମ୍ନୀ ଜଣେ ବ୍ୟକ୍ତିଙ୍କ ସାଉଥ୍ ମୁମ୍ବାଇର ଜାଭେରି ବଜାର ଓ ଅନ୍ୟ ସ୍ଥାନରେ ଥିବା ଘର ଏବଂ ଅଫିସ୍‌ରେ ଚଢ଼ାଉ କରିଥିଲେ। ରାଜ୍ୟ ଜିଏସ୍‌ଟି ଡିପାର୍ଟମେଣ୍ଟ ସହ କରିଥିବା ପଞ୍ଜୀକରଣରେ ସେ ଅନେକ କାର୍ଯ୍ୟାଳୟ ଓ ବ୍ୟବସାୟକୁ ଦର୍ଶାଇ ନ ଥିଲେ। ଗତ ୨୦ ତାରିଖରେ ଜିଏସ୍‌ଟି ଡିପାର୍ଟମେଣ୍ଟ ଅଧିକାରୀ ଶୌଚାଳୟଠାରୁ ଛୋଟ ଆକାରର ଉକ୍ତ ଅଫିସ୍‌ରେ ଚଢ଼ାଉବେଳେ ୯.୭୮ କୋଟି ନଗଦ ଟଙ୍କା, ପ୍ରାୟ ୧୩ ଲକ୍ଷ ଟଙ୍କା ମୂଲ୍ୟର ୧୯ କେ.ଜି. ରୂପା ଇଟା ଏବଂ ଅଫିସ୍ କାନ୍ଥରୁ ଅନେକ ମୂଲ୍ୟବାନ୍ ସମ୍ପତ୍ତି ଜବତ କରିଛନ୍ତି। ୨୦୧୯-୨୦ରେ କମ୍ପାନୀର ମୋଟ କାରବାର ୨୨.୮୩ ଲକ୍ଷ ଥିବାବେଳେ, ୨୦୨୦-୨୧ରେ ୬୫୨ କୋଟି ଏବଂ ୨୦୨୧-୨୨ରେ ୧,୭୬୪ କୋଟି ଟଙ୍କା ଥିବା ଜିଏସ୍‌ଟି ଟିମ୍ ଜାଣିବାକୁ ପାଇଛନ୍ତି। ଜବତ ଟଙ୍କାକୁ ୬ ଘଣ୍ଟା ଧରି ଗଣାଯାଇଥିଲା।

## ଘଣ୍ଟାଏରେ ହୋଇପାରେ ହୃଦ୍‌ଘାତ

### ପ୍ରାଣନାଶକ ସୂକ୍ଷ୍ମ ବାୟୁ ପ୍ରଦୂଷକ

**ନୂଆଦିଲ୍ଲୀ, ୨୩।୪**



### ବୟସ୍କଙ୍କ ପାଇଁ ଅଧିକ ଘାତକ

ସମ୍ପ୍ରତି ବାୟୁ ପ୍ରଦୂଷଣର ବିପଜ୍ଜନକ ସ୍ତର ବୈଶ୍ୱିକସ୍ତରରେ ଚିନ୍ତାର ବିଷୟ। ପ୍ରଦୂଷିତ ବାୟୁକୁ ନିଃଶ୍ୱାସପ୍ରଶ୍ୱାସରେ ଗ୍ରହଣ କଲେ କିଛି ସମୟ ମଧ୍ୟରେ ତାହା ପ୍ରାଣନାଶକ ସାଜିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏୟାର କ୍ୱାଲିଟି ଗାଇଡ୍‌ଲାଇନ୍ ଅନୁସାରେ ଧାର୍ଯ୍ୟ ସ୍ତରଠାରୁ ନିମ୍ନସ୍ତରର ବାୟୁକୁ ଶ୍ୱାସକ୍ରିୟାରେ ଗ୍ରହଣ କଲେ ମାତ୍ର ଘଣ୍ଟାଏରେ ଜଣଙ୍କୁ ହୃଦ୍‌ଘାତ ହୋଇପାରେ ବୋଲି ଆମେରିକାନ୍ ହାର୍ଟ ଆସୋସିଏଶନର ସର୍କୁଲାର ଜର୍ନାଲରେ ଏକ ନୂଆ ଅଧ୍ୟୟନ ରିପୋର୍ଟ ପ୍ରକାଶ ପାଇଛି।

୫ ପ୍ରମୁଖ ବାୟୁ ପ୍ରଦୂଷକ ଯଥା ସୂକ୍ଷ୍ମ କଣିକା ପଦାର୍ଥ, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, ସଲ୍‌ଫର ଡାଇଅକ୍ସାଇଡ ଏବଂ କାର୍ବନ ମନୋକ୍ସାଇଡ ସଂସ୍ପର୍ଶରେ ଆସିବା ଫଳରେ ତାହା ଆକ୍ୟୁଟ୍ କରୋନାରି ସିଣ୍ଡ୍ରୋମ୍ (ଏସିଏସ୍)କୁ ଟ୍ରିଗର କରିଥାଏ। ଅର୍ଥାତ ଏହା ଦ୍ୱାରା ଜଣଙ୍କ ଶରୀରରେ ହୃତ୍‌ପିଣ୍ଡକୁ ହଠାତ୍ ରକ୍ତପ୍ରବାହ ବନ୍ଦ ହୋଇଯାଏ କିମ୍ବା ଅସ୍ଥାୟୀ ଭାବେ ଧମନୀରେ ରକ୍ତ ଜମାଟ ବାନ୍ଧି ହୋଇଯାଇଥାଏ। ଅନ୍ୟ ବାୟୁ ପ୍ରଦୂଷକ ତୁଳନାରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ ଅଧିକ କ୍ଷତିକାରକ ହୋଇଥାଏ। ଏହା ସଂସ୍ପର୍ଶରେ ଆସିବାରେ ମାତ୍ର ଘଣ୍ଟାଏ ଭିତରେ ହୃଦ୍‌ଘାତ ହୋଇପାରେ। ବିଶେଷ କରି ୬୫ କିମ୍ବା ଊର୍ଦ୍ଧ୍ୱ ବୟସ ବର୍ଗର ଲୋକଙ୍କ କ୍ଷେତ୍ରରେ ଏହି ଆଶଙ୍କା ଅଧିକ ରହିଛି। ଧୂମପାନ କିମ୍ବା ଶ୍ୱାସକ୍ରିୟା ସମ୍ପର୍କିତ ସମସ୍ୟା ନ ଥିଲେ ମଧ୍ୟ ଜଣେ ଏଥିଯୋଗୁ ହୃଦ୍‌ଘାତର ଶିକାର ହୋଇପାରନ୍ତି। ଶୀତଦିନେ ପ୍ରଦୂଷିତ ବାୟୁ ଅଧିକ କ୍ଷତିକାରକ ହୋଇଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ତେବେ ଯେ କୌଣସି ବାୟୁ ପ୍ରଦୂଷକ ହୃଦ୍‌ଘାତର କାରଣ ପାଲଟିପାରେ ବୋଲି ସାଂଘାଇସ୍ଥିତ ଫୁଡାନ୍ ୟୁନିଭର୍ସିଟିର ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥର ପ୍ରଫେସର ହାଇଡଙ୍ଗ୍ କାନ୍ କହିଛନ୍ତି। ଅଟୋମୋବାଇଲ ଶିଳ୍ପ, ପାୱାର ପ୍ଲାଣ୍ଟ, ନିର୍ମାଣ ସାଇଟ୍ ଆଦିରୁ ବାହାରୁଥିବା ସୂକ୍ଷ୍ମ କଣିକା ଯଥା ମାଇକ୍ରୋସ୍କୋପିକ୍ ସଲିଡ୍ କିମ୍ବା ଲିକ୍ୟୁଡ୍ ଡ୍ରପ୍‌ଲେଟ୍ ମଧ୍ୟ ଅନୁରୂପ ଭାବେ ହୃଦ୍‌ଘାତ ତଥା ଅନ୍ୟ ହୃଦ୍‌ରୋଗ ପାଇଁ ଦାୟୀ। ଏହି କଣିକାଗୁଡ଼ିକ ଏତେ କ୍ଷୁଦ୍ର ଯେ ଆମେ ପ୍ରଶ୍ୱାସରେ ଗ୍ରହଣ କଲାପରେ ବି ଶରୀର ଜାଣିପାରି ନ ଥାଏ ଏବଂ ତାହା ସିଧାସଳଖ ଫୁସ୍‌ଫୁସ୍‌ରେ କିମ୍ବା ରକ୍ତପ୍ରବାହରେ ମିଶିଯାଇଥାଏ।

ପ୍ରଦୂଷଣଜନିତ ହୃଦ୍‌ରୋଗ ଯୋଗୁ ବିଶ୍ୱରେ ବାର୍ଷିକ ୪୨ ଲକ୍ଷ ଲୋକଙ୍କ ଅକାଳ ମୃତ୍ୟୁ ଘଟୁଛି। ଅଧ୍ୟୟନ ଅନୁସାରେ, ୨୦୧୫ରୁ ୨୦୨୦ ମଧ୍ୟରେ ଚାଇନାର ୩୧୮ ସହରରେ ପ୍ରାୟ ୧୩ ଲକ୍ଷ ଲୋକ ଏଥିଜନିତ ହୃଦ୍‌ଘାତ ଯୋଗୁ ଚିକିତ୍ସିତ ହୋଇଛନ୍ତି। ସେହିପରି ଅଳ୍ପ ସମୟ ପାଇଁ ମଧ୍ୟ ଏଭଳି ଘାତକ ପ୍ରଦୂଷକ ସଂସ୍ପର୍ଶରେ ରହିବା ଫଳରେ ହୃଦ୍‌ରୋଗ ସହ ଅନ୍ୟ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପଡ଼ିବା ଆଶଙ୍କା ଯଥେଷ୍ଟ ବଢ଼ିଯାଇଥାଏ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୮୯,୧୧,୫୭୪ | ୬୨,୪୧,୩୯୦ | ୪୬,୧୨,୫୯,୧୦୧ |
| ଭାରତ | ୪,୩୦,୫୪,୯୫୨ | ୫,୨୨,୧୪୯ | ୪,୨୫,୧୭,୭୨୪ |
| ଓଡ଼ିଶା | ୧୨,୮୭,୯୮୦ | ୯୧୨୪(+୫୩) | ୧୨,୭୮,୭୨୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

Ministry of Health & Family Welfare
Government of India
ଯକ୍ଷ୍ମା କାହାକୁ ବି ହୋଇପାରେ
ବ୍ୟସ୍ତ ହୁଅନ୍ତୁ ନାହିଁ, ଏହା ସମ୍ପୂର୍ଣ୍ଣ ଆରୋଗ୍ୟସାଧ
ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା ପାଇଁ ମାଗଣା ନିଦାନ ଓ ଚିକିତ୍ସା ଉପଲବ୍ଧ ଅଟେ
ଅଧିକ ଜାଣିବା ପାଇଁ କଲ୍ କରନ୍ତୁ: 1800-11-6666 (ଟୋଲ୍ ଫ୍ରି)
#ଟିବିମୁକ୍ତଭାରତ
Azadi Ka Amrit Mahotsav
davp 17102/13/0004/2223

# ତଦନ୍ତ ନ କରି ବନ ବିଭାଗ ଚୁପ୍

## ୭ ବିରଳ ହିମାଳୟ ଭାଲୁ ଛୁଆ ଉଦ୍ଧାର ଘଟଣା

ଅସମାପିକା ସାହୁ
ଭୁବନେଶ୍ୱର, ୨୩।୪



ବେଆଇନ ଶିକାର ପାଇଁ ସମଗ୍ର ଏସିଆ ମହାଦେଶରେ ଭାଲୁ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। କିନ୍ତୁ ଓଡ଼ିଶାରେ ବନବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉଥିବା ଦେଖାଯାଉନାହିଁ। ଗତବର୍ଷ ଭୁବନେଶ୍ୱରରୁ ମାତ୍ର ୨୫ କିମି ମଧ୍ୟରେ ଉଦ୍ଧାର ହୋଇଥିବା ୭ ଭାଲୁ ଛୁଆ ସମସ୍ତେ ହିମାଳୟ ଭାଲୁ ବା ଏସିଆଟିକ ବ୍ଲାକ ବିୟର ବୋଲି ଚିହ୍ନଟ ହୋଇଥିଲେ। ଓଡ଼ିଶାରେ ହିମାଳୟ ଭାଲୁ ସହଜରେ ଦେଖାଯାଆନ୍ତି ନାହିଁ କିମ୍ବା ଓଡ଼ିଶାର ଜଳବାୟୁ ତାଙ୍କ ପାଇଁ ଅନୁକୂଳ ନୁହେଁ। ତେଣୁ କେଉଁଠୁ ଓ କିପରି ଏହି ଭାଲୁଛୁଆମାନେ ରାଜଧାନୀ ନିକଟରୁ ଉଦ୍ଧାର ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିଲାବେଳେ ବନବିଭାଗର ନୀରବତା ସମସ୍ତଙ୍କୁ ଚକିତ କରୁଛି।

ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ୨୨ରେ ଭୁବନେଶ୍ୱର ଉପକଣ୍ଠ ପିତାପଲ୍ଲୀରେ ରାସ୍ତା ଉପରେ ୫ ଭାଲୁ ଛୁଆ ବୁଲୁଥିବାବେଳେ ଖବର ପାଇ ହଳଦିଆ ରେଞ୍ଜ ଅଧିକାରୀ ସେମାନଙ୍କୁ ଉଦ୍ଧାର କରିବା ପରେ ଖୋର୍ଦ୍ଧା ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ସେହି ୫ ଭାଲୁ ଛୁଆଙ୍କୁ ରକ୍ଷଣାବେକ୍ଷଣ ପାଇଁ ନନ୍ଦନକାନନ ପଠେଇ ଦିଆଯାଇଥିଲା। ହେଲେ ସେତେବେଳେ ସେହି ଭାଲୁ ଛୁଆଙ୍କୁ ସ୍ଲଥ ବିୟର ବା ଦେଶୀ ଭାଲୁ ବୋଲି ଚିହ୍ନଟ କରାଯାଇଥିଲା। ତେବେ ଏହାର ୫ଦିନ ପରେ ଅର୍ଥାତ୍ ଏପ୍ରିଲ ୨୭ରେ ପୁଣି ଥରେ ଗଡ଼ ଖୋର୍ଦ୍ଧା ଅଞ୍ଚଳରୁ ଆଉ ଦୁଇଟି ସମାନ ପ୍ରଜାତିର ଭାଲୁ ଛୁଆ ଉଦ୍ଧାର ହେଲେ। ଓଡ଼ିଶାରେ ଦେଖା ଯାଉ ନ ଥିବା ୭ଟି ଭାଲୁ ଛୁଆଙ୍କୁ ଦେଶୀ ଭାଲୁ ଛୁଆ ଭାବେ ନନ୍ଦନକାନନରେ ଲାଳନପାଳନ କରାଗଲା। ୯ମାସ ପରେ ଯେତେବେଳେ ଛୁଆଗୁଡ଼ିକ ବଡ଼ ହେଲେ ଏବଂ ସେମାନଙ୍କ ଛାତିରେ ଧଳା ଦାଗ ସ୍ପଷ୍ଟ ଭାବେ ଦେଖାଗଲା ଏବଂ ସେତେବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ସମସ୍ତ ୭ ଭାଲୁଛୁଆ ହିମାଳୟ ଭାଲୁ ବୋଲି ସ୍ପଷ୍ଟ କରିଥିଲେ। ଉଦ୍ଧାର ହୋଇଥିବା ଭାଲୁ ଛୁଆଗୁଡ଼ିକୁ କେହି ଲୋକ ପଞ୍ଜୁରି ସହିତ ରାସ୍ତାରେ ଛାଡ଼ି ଦେଇ ଯାଇଥିଲେ। ତେଣୁ ପାରିପାର୍ଶ୍ୱିକ ସ୍ଥିତିରୁ ସମସ୍ତ ୭ ଭାଲୁ ଛୁଆଙ୍କୁ ଅନ୍ୟ କେଉଁଠୁ ଅଣାଯାଇ ସେଠାରେ ଛଡ଼ା ଯାଇଥିବା ଜଣାପଡ଼ିଥିଲା। ଯାହାକି ଓଡ଼ିଶାରେ ଆଗରୁ କେବେ ହୋଇ ନ ଥିଲା। ବର୍ତ୍ତମାନ ସେହି ଭାଲୁଛୁଆ ହିମାଳୟ ଭାଲୁ ବୋଲି ଚିହ୍ନଟ ହେବା ପରେ ଏହି ଘଟଣାରେ ଆନ୍ତଃରାଜ୍ୟ କିମ୍ବା ଆନ୍ତଃଦେଶ ଅପରାଧୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୭ଟି ବିରଳ ଭାଲୁଛୁଆ କେଉଁଠୁ ଆସିଲେ, କିଏ ସେମାନଙ୍କୁ ପଞ୍ଜୁରିରେ ରଖିଥିଲେ, ଏହା କେଉଁଠିକି ଯାଇଥାନ୍ତା, ସେ ସମସ୍ତ ବିଷୟରେ ବନ ବିଭାଗ ତଦନ୍ତ ନ କରିବା ଘଟଣାକୁ ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କଲେଣି। ଏହି ଘଟଣାରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ସେତେବେଳେ ଭାଲୁ ଛୁଆଙ୍କ ଡିଏନ୍‌ଏ ଟେଷ୍ଟ କରିବା ସହିତ, କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରିଥିଲୁ। ହେଲେ କିଛି ବି ତଦନ୍ତ ହେଲା ନାହିଁ। ଓଡ଼ିଶାରୁ ଏସିଆଟିକ୍ କଳା ଭାଲୁ ମିଳିବା ଏକ ସଂଗଠିତ ଅପରାଧ(ଅର୍ଗାନାଇଜଡ କ୍ରାଇମ୍)। ତେବେ ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ ଏବଂ ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

### ଭାଲୁ ଅଙ୍ଗ ବେଆଇନ କାରବାର

ଚାଇନା, ଭିଏତ୍‌ନାମ ଆଦି ଦେଶଗୁଡ଼ିକରେ ପାରମ୍ପରିକ ଔଷଧରେ ଭାଲୁଙ୍କ ପୀତ୍ତ କୋଷ ଏବଂ ହାଡ଼ ବ୍ୟବହୃତ ହେଉଥିବାବେଳେ ସେମାନଙ୍କ ମାଂସ ବିଦେଶୀ ଖାଦ୍ୟ ଶିଳ୍ପର ଏକ ଅଂଶ ଭାବରେ ପରିବେଷଣ କରାଯାଏ। ଲୋକମାନେ ଭାଲୁଖଣ୍ଡ, ଦାନ୍ତ, ଚର୍ମ ଏବଂ ଖପୁରିକୁ ଟ୍ରଫି ଭାବରେ କିଣିବାକୁ ପସନ୍ଦ କରନ୍ତି। କେହି କେହି ଏହାକୁ ଏକ ତାବିଜ ଭାବେ ମଧ୍ୟ ରଖନ୍ତି। ଟ୍ରାଫିକ୍ ୟୁଏସ୍‌ଏ ୧୯୯୧ ମସିହାର ଏକ ତଥ୍ୟାନୁସାରେ ଗୋଟିଏ ମୃତ ଭାଲୁର ବିଭିନ୍ନ ଅଙ୍ଗକୁ ବିକ୍ରି କଲେ ସେତେବେଳ ସମୟରେ ୧୦ହଜାର ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୨୭ ହଜାର ଟଙ୍କା ମିଳୁଥିଲା।

### ଆଇୟୁସିଏନ୍ ରେଡ୍‌ଲିଷ୍ଟରେ ଅସୁରକ୍ଷିତ

ହିମାଳୟ ଭାଲୁ ଏକଦା ଫ୍ରାନ୍ସ, ଜର୍ମାନୀରେ ଦେଖାଯାଉଥିଲେ। ହେଲେ ବର୍ତ୍ତମାନ ଏହାର ନାମ ଅନୁଯାୟୀ କେବଳ ଏସିଆରେ ସୀମିତ। ଏହି ପ୍ରଜାତିର ଭାଲୁ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, କାମ୍ବୋଡିଆ, ଉତ୍ତର-ପୂର୍ବ ଚାଇନା, ଭାରତ, ଇରାନ, ଜାପାନ, ଦକ୍ଷିଣ କୋରିଆ, ଉତ୍ତର କୋରିଆ, ମ୍ୟାନ୍‌ମାର (ବର୍ମା), ନେପାଳ, ପାକିସ୍ତାନ, ରୁଷିଆ, ତାଇୱାନ, ଥାଇଲାଣ୍ଡ ଏବଂ ଭିଏତ୍‌ନାମ ଆଦି ଦେଶରେ ପ୍ରାକୃତିକ ଅବସ୍ଥାରେ ଦେଖିବାକୁ ମିଳନ୍ତି। ତେବେ ଭାରତରେ ଜମ୍ମୁକଶ୍ମୀରରୁ ଅରୁଣାଞ୍ଚଳ ପ୍ରଦେଶ ସହିତ ଆସାମ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଆଦି ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ଏହି ଭାଲୁ ଦେଖାଯାଇଥାନ୍ତି। ଏହି ପ୍ରଜାତିର ଭାଲୁକୁ ଦି ଇଣ୍ଟରନ୍ୟାଶନାଲ୍ ୟୁନିୟନ ଫର୍ କନ୍‌ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍) ରେଡ୍‌ଲିଷ୍ଟରେ ଭଲ୍‌ନରେବଲ ବା ଅସୁରକ୍ଷିତ ବୋଲି ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ୭ ବିରଳ ଭାଲୁ ଛୁଆ କେଉଁଭଳି ଭାବରେ ଓଡ଼ିଶାକୁ ଆସି ପାରିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ବନବିଭାଗ ନା ନିଜେ କିଛି ତଦନ୍ତ କଲା ନା ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଦାୟିତ୍ୱ ଦେଲା। ସେହି ଭାଲୁଛୁଆ ଭାରତର କେଉଁ ଏକ ରାଜ୍ୟରୁ ଓଡ଼ିଶାକୁ ଆସିଥିଲେ କିମ୍ବା କେଉଁ ଏକ ଇଣ୍ଟରନ୍ୟାଶନାଲ ର୍‌ୟାକେଟ ଜରିଆରେ ଏସିଆର ଅନ୍ୟ କେଉଁ ଦେଶରୁ ଆସିଥିଲେ ତାହା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚାହିଁଥିଲେ ନିଜଆଡୁ ତଦନ୍ତ କରିପାରିଥାନ୍ତା। କିନ୍ତୁ ସେମିତି କିଛି ହେଲାନାହିଁ।

# ଭିଜିଲାନ୍ସ କୋର୍ଟରେ ହାଜର ହେଲେ ଡାବୁଗାଁ ବିଧାୟକ

## ଗଣମାଧ୍ୟମକୁ ଦେଖି ଦୌଡ଼ିଲେ

ଜୟପୁର, ୨୩।୪ (ନି.ପ୍ର.)



ଜୟପୁର ଭିଜିଲାନ୍ସ କୋର୍ଟରେ ଶନିବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରି ହାଜର ହୋଇଛନ୍ତି। ବିଧାୟକ ହେବା ପୂର୍ବରୁ ନନ୍ଦାହଣ୍ଡି ବ୍ଲକରେ କ୍ଲର୍କ ସହ ଷ୍ଟୋର ଇନ୍‌ଚାର୍ଜ ଥିବା ସମୟରେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ୨୦୦୯ର ଏହି ଅର୍ଥ ହେରଫେର ସମ୍ପର୍କରେ ପୂର୍ବତନ ବିଧାୟକ ସଦନ ନାୟକ ୨୦୧୩ରେ ଜୟପୁର ଭିଜିଲାନ୍ସ କୋର୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ବିଧାୟକ ରନ୍ଧାରି ଭିଜିଲାନ୍ସରେ ହାଜର ହୋଇଥିଲେ। ତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ମାମଲା ଲଢୁଥିବା ତାଙ୍କ ଓକିଲ ଆନନ୍ଦ ରଥ କହିଛନ୍ତି। ଅଭିଯୋଗ ଅନୁଯାୟୀ ରନ୍ଧାରି ୨୦୦୪ରୁ ୨୦୦୯ ମଧ୍ୟରେ ଗୋଦାମ ଦାୟିତ୍ୱରେ ଥିବାବେଳେ ଫୁଡ୍ ଫର୍ ୱାର୍କ ଆବାସ ଯୋଜନାରେ ଲୁହାଛଡ଼, ସିମେଣ୍ଟ ଓ ଚାଉଳ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ତଥ୍ୟକୁ ଆଧାରକରି ତତ୍କାଳୀନ ଜିଲାପାଳ ୨୦୦୮ରେ ଅଡିଟ୍ କରାଇବା ସହ ପଞ୍ଚାୟତିରାଜ ବିଭାଗକୁ ଅଡିଟ ପାଇଁ ସୁପାରିସ କରିଥିଲେ। ସରକାରଙ୍କ ଦ୍ୱାରା ଅଡିଟର ପ୍ରଥମ ରିପୋର୍ଟରେ ୫୮.୪୭୫ ଟଙ୍କା ଓ ଦ୍ୱିତୀୟ ରିପୋର୍ଟରେ ୪. ୮୧ ହଜାର ୫୭୭ ଟଙ୍କା ଅନାବଶ୍ୟକ ଖର୍ଚ୍ଚ ଦର୍ଶାଯାଇଛି। ଏସବୁ ତଥ୍ୟକୁ ଆଧାରକରି ସଦନ ନାୟକ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପ୍ରତିକ୍ରିୟା ନେବାକୁ ଚାହିଁବାରୁ ସେ କିଛି ନ କହି ଦୌଡ଼ି ପଳାଇଥିଲେ।

ଅତି ପୁଷ୍ଟିକର ଅଣ୍ଡା ବର୍ତ୍ତମାନ ସୁଲଭ ମୂଲ୍ୟରେ
ଜନ ହିତରେ
ଏନଇସିସି ଅଣ୍ଡା ବିକ୍ରେତାଙ୍କୁ ଅନୁରୋଧ କରୁଛୁକି ଦୟାକରି ଡଜନ ପ୍ରତି ଟ.60/- ରୁ ଅଧିକ ନିଅନ୍ତୁ ନାହିଁ
ଅଧିକ ବିବରଣୀ : ଏନ୍‌ଇସିସି ଓଡ଼ିଶା ମୋବାଇଲ୍ ନଂ
© 7077073444
ଅଣ୍ଡା ଡଜନ ₹ 60/- ମାତ୍ର
NECC
NATIONAL EGG CO-ORDINATION COMMITTEE
ସନ୍‌ଡେ ହୋ ୟା ମନ୍‌ଡେ, ରୋଜ୍ ଖାଓ ଅଣ୍ଡେ

# ସୁଦୃଢ଼ ହେବ ଜନଜାତିଙ୍କ ଆର୍ଥିକ ସ୍ଥିତି: ମୁଖ୍ୟମନ୍ତ୍ରୀ





ଆଦିବାସୀ ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ଭର୍ଚୁଆଲ), ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ମେଳା ମଞ୍ଚରେ ଆଦିବାସୀ କଳାକାରଙ୍କ ନୃତ୍ୟ ପରିବେଷଣ।

ଭୁବନେଶ୍ୱର, ୨୩।୪(ବ୍ୟୁରୋ)

ଆଦିବାସୀ ମେଳା ଆଜି ଏକ ପରମ୍ପରାରେ ପରିଗଣିତ ହୋଇଛି। ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଓ ଅନୁଭବ କରିବାର ଏହା ଏକ ମହାନ ପରମ୍ପରା। ଆଦିବାସୀ ଭଉଣୀଭାଇଙ୍କ ପାଇଁ ଆରମ୍ଭ ହୋଇଥିବା ମେଳା ସେମାନଙ୍କ ଉତ୍ପାଦିତ ଜିନିଷ ଲାଗି ବଜାର ସୃଷ୍ଟି କରିବ। ଜନଜାତିଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ବର୍ଷ ଆମ ଜନଜାତିଙ୍କ ଉତ୍ପାଦିତ ଜିନିଷଗୁଡ଼ିକ ବହୁତ ଭଲ ବ୍ୟବସାୟ କରିବା ନେଇ ଦୃଢ଼ ବିଶ୍ୱାସ ରହିଛି। କୋଭିଡ୍ ପାଇଁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ଏହି ମେଳା ପୁଣି ଆରମ୍ଭ ହେବା ସହ ଜନଜୀବନ ସ୍ୱାଭାବିକ ହୋଇଛି। କିନ୍ତୁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଲେ, ଜନଜାତି ଭଉଣୀଭାଇଙ୍କୁ ସାଂସ୍କୃତିକ ତଥା ସାମାଜିକ ଭାବଧାରାରେ ସଂପୃକ୍ତ କରିବାର ଆଭିମୁଖ୍ୟ ନେଇ ଏପରି ମେଳା ଆୟୋଜିତ ହୋଇଛି। ଜନଜାତିଙ୍କ କଳା ଓ କାରିଗରି ତଥା ସୃଜନଶୀଳ ରୁଚିର ପ୍ରସାର ଏବଂ ସଂରକ୍ଷଣରେ ଏହି ମେଳା ଯଥେଷ୍ଟ ସହାୟକ ହେବ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଯୋଗଦେଇ ଆଦିବାସୀ ମେଳା ଓ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଦିବାସୀ ଜର୍ନାଲ, ବାଇଗା ଓ କୋଲି ଜନଜାତି ଉପରେ ଆଧାରିତ ଫଟୋ ହ୍ୟାଣ୍ଡବୁକସ୍, ଏସ୍‌ଟି ଓ ଏସ୍‌ସି ପପୁଲେଶନ୍ ଆନାଲିସିସ୍ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

ଏହି ମେଳା ମେ ୨ ତାରିଖ ଯାଏ ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଚଳିତ ବର୍ଷ ଆଦିବାସୀ ମେଳା ଏବଂ ଜାତୀୟ କଳା ଓ କଳାସାମଗ୍ରୀ ପ୍ରଦର୍ଶନୀରେ ମୋଟ ୧୮୭ ଷ୍ଟଲ ଖୋଲିଛି। ଏଥିମଧ୍ୟରେ ଆଦିବାସୀ ହାଟରେ ୧୦୪ଟି ଷ୍ଟଲ୍ ରହିଛି। ଏଥିରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ସହ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରୁଛନ୍ତି । ଆଇଟିଡିଏ ଦ୍ୱାରା ୪୪ ଷ୍ଟଲ୍‌ରେ ଜନଜାତି ଏସ୍‌ଏଚ୍‌ଜିର ମା'ମାନେ ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବିକ୍ରୟ କରୁଛନ୍ତି। ୧୭ ଷ୍ଟଲ୍ ଅଣୁପ୍ରକଳ୍ପ ଅଧୀନ ଜନଜାତି ଏସ୍‌ଏଚ୍‌ଜିର ମା'ମାନଙ୍କୁ ଆବଣ୍ଟନ କରାଯାଇଛି । ଜାତୀୟ ଜନଜାତି ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ୮୪ ଷ୍ଟଲ ରହିଛି। ଏଥିରେ ଓଡ଼ିଶା ସମେତ ୧୮ ରାଜ୍ୟର ଆଦିବାସୀ କାରିଗର କଳାସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଏଥିସହ ମିଶନ ଶକ୍ତିର ୨୧ଟି, ଓର୍‌ମାସ୍‌ର ୧୫ ଏବଂ ଟିଡିସିସିର ୨ ଷ୍ଟଲରେ ଜନଜାତି ସାମଗ୍ରୀ ବିକ୍ରୟ କରାଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଗୋଟିଏ ଷ୍ଟଲ୍‌ରେ ଓଡ଼ିଶା ସରକାରଙ୍କ ଜନଜାତି ବିକାଶ କାର୍ଯ୍ୟକ୍ରମ ସହିତ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତିର ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଜନଜାତି ନୃତ୍ୟ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି। ମେଳାରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜିତ କରାଯାଇଛି। ମୁଖ୍ୟ ନିରାପତ୍ତା କଣ୍ଟ୍ରୋଲ ରୁମ୍, ଆଶୁଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମକଳ କେନ୍ଦ୍ର, ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଖୋଲାଯାଇଛି।

### ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀ ଆରମ୍ଭ

- ୧୮୭ ଷ୍ଟଲରେ ୧୮ ରାଜ୍ୟର ସାମଗ୍ରୀ
- ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ଯାଏ ଚାଲିବ ମେଳା

ରାଷ୍ଟ୍ରୀୟ ଆର୍ଟ ଆଣ୍ଡ କ୍ରାଫ୍ଟ
କଟନ ସିଲ୍କ ଏକ୍ସପୋ ୨୦୨୨
ସ୍ଥାନ: ଅଇଁଠାପାଲି, ପି.ଏଚ.ଡି ପଡିଆ, ସମ୍ବଲପୁର- ୭୬୮୦୦୧
ପ୍ରଥମ ଥର ପାଇଁ ସମ୍ବଲପୁର ସହରରେ
ଗ୍ରାଣ୍ଡ ଡେ ପ୍ରଦର୍ଶନୀ
ସକାଳ ୧୦ଟାରୁ ରାତି ୧୦ଟା
ବିଶେଷ ଆକର୍ଷଣ
•ତାମିଲନାଡୁ •ଛତିଶଗଡ
•ନାଗାଲଣ୍ଡ •କୋଲକାତା
•ମଧ୍ୟ ପ୍ରଦେଶ •ଆନ୍ଧ୍ର ପ୍ରଦେଶ
•ଗୁଜରାଟ୍ •ଜାମ୍ମୁ ଏବଂ କାଶ୍ମିର
•ଉତ୍ତର ପ୍ରଦେଶ •ହରିୟାଣା
•ରାଜସ୍ଥାନ •ଦିଲ୍ଲୀ
•କେରଲା •ମହାରାଷ୍ଟ୍ର
•ଆସାମ •ଓଡ଼ିଶା
ଏକ ଲକ୍ଷରୁ ଅଧିକ ଜିନିଷ ଗୋଟିଏ ସ୍ଥାନରେ
Mob.: 09457711201, 09528948677
Shri Krishna Handloom Handicrafts and Village Industries Service Committee
Raj Advertisers

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପୁରୀ ରଥଯାତ୍ରା ପାଇଁ ବୌଦ୍ଧରୁ ଗଲା ୧୦୯ ଖଣ୍ଡ କାଠ

ବୌଦ୍ଧ,୨୩।୪(ସ୍ୱ.ପ୍ର.) : ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ବୌଦ୍ଧ ଜିଲା ମନମୁଣ୍ଡା ରେଞ୍ଜରୁ ୧୦୯ ଖଣ୍ଡ ରଥ କାଠ ଶନିବାର ଦିନ ପୁରୀ ଅଭିମୁଖେ ପଠାଯାଇଛି । ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନେତୃତ୍ୱରେ ରଥ କାଠ ଯାଇଥିଲା। ଗୁନ୍ଦିଲିଆ ସେକ୍ସନର ସୁବର୍ଣ୍ଣଗିରି ସଂରକ୍ଷିତ ଜଙ୍ଗଲର ମାଳତି ଗୋଛାପଟା ବିଟରେ ପୂଜାର୍ଚ୍ଚନା କରାଯାଇ ରଥକାଠ ପ୍ରେରଣ କରାଯାଇଛି। ଏଥିରେ ୩୦ ଖଣ୍ଡ ଧଉରା କାଠ, ୭୯ ଖଣ୍ଡ ଅସନ କାଠ ଗାଡିରେ ଲୋଡ ହେବା ପରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । ପରେ କଟକସ୍ଥିତ ଖପୁରିଆଠାରେ ଥିବା କରତ କଳକୁ ପଠାଯାଇଥିଲା । ସେଠାରୁ ଏହା ପୁରୀ ଯିବ ବୋଲି ଜଣାଯାଇଛି। କାଠ ପ୍ରେରଣ ସମୟରେ ମନମୁଣ୍ଡା ରେଞ୍ଜର ନାରାୟଣ ସ୍ୱାଇଁ, ବନପାଳ ରାଧାଶ୍ୟାମ କମ୍ପ, ଫରେଷ୍ଟ ଗାର୍ଡ ଅଶୋକ ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶ୍ରବଣା ନକ୍ଷତ୍ରସ୍ଥ ଚନ୍ଦ୍ର ଚତୁର୍ଥ ଭାବକୁ ଅବଲୋକନ କରୁଥିବାରୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ଶୁକ୍ରଙ୍କ ଏକାଦଶ ସ୍ଥିତିରୁ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଓ ବନ୍ଧୁଙ୍କ ପରାମର୍ଶ ଯୋଗୁ ମନ ଖୁସି ରହିବ। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା କ୍ଷେତ୍ରରେ ଅଗ୍ରଗତି ଘଟିବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ। ସହକର୍ମୀଙ୍କ ପରାମର୍ଶକ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ନିର୍ମାଣ, ଆଇନ, ଅଦାଲତ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ। ଆନୁଷ୍ଠାନିକ କାମ ସକାଶେ ଅନ୍ୟମାନଙ୍କ ଦ୍ୱାରା କାମ କରିପାରନ୍ତି।

**ମିଥୁନ** ଆଜି ପ୍ରତ୍ୟେକ ପରିସ୍ଥିତିରେ ନିଜ ଲୋକ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରୋକ୍ଷ ଶତ୍ରୁତା କେତେକ କାମକୁ ସାମୟିକ ଅଟକାଇ ଦେଇପାରେ। ଭୁଲ୍ ବୁଝାମଣା କାରଣରୁ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିବେ।

**କର୍କଟ** ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହେବେ। ପାରିବାରିକ ଆବଶ୍ୟକତାକୁ ନେଇ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** ଆଜି କେବଳ ନିଜର କଥା ଓ ବ୍ୟବହାରରେ ସଂଯମତା ଅବଲମ୍ବନ କଲେ ଉପକୃତ ହୋଇପାରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଦୀର୍ଘ ସମୟ ଅତିକ୍ରାନ୍ତ ପରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ।

**କନ୍ୟା** ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ଜୀବନଯାତ୍ରାକୁ ବିଶୃଙ୍ଖଳିତ କରିପାରେ। ଏହା ବ୍ୟତୀତ ସବୁ ପ୍ରକାରର ସୁବିଧା ଥିଲେ ମଧ୍ୟ ପାରିବାରିକ ଜୀବନରେ କିଛିଟା ଅଭାବ ଅନୁଭବ କରିବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କିନ୍ତୁ ହସ୍ତା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଏହାର ବିପରୀତ ଫଳ ପାଇବେ।

**ତୁଳା** ଗ୍ରହସ୍ଥିତିର ସୁପ୍ରଭାବରୁ ସବୁ କାମ କରିବାର ଧୈର୍ଯ୍ୟ ପୂର୍ଣ୍ଣମାତ୍ରାରେ ରହିବ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ତଥାପି ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ରପ୍ତାନି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିପାରେ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଉନ୍ନତ ଚିନ୍ତା ଓ କାର୍ଯ୍ୟଧାରାର ଶୃଙ୍ଖଳତା ଅନୁଭବ କରି ଖୁସି ହୋଇପାରନ୍ତି। ତଥାପି ଅନୁରାଧା ନକ୍ଷତ୍ରର ବିଭିନ୍ନ ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିବାର ବହୁତ ସମ୍ଭାବନା ରହିଛି।

**ଧନୁ** କେତେକ ସମସ୍ୟାକୁ ବାଦ୍ ଦେଲେ ପ୍ରାୟତଃ ପ୍ରତ୍ୟେକ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କିମ୍ବା ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରାଜନୀତିରେ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନିଯୋଗ କରିବା ପାଇଁ ମନସ୍ଥ କରିବେ। ଗଣତନ୍ତ୍ରର ପ୍ରତୀକ ଶନି ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ କରାଇବାର ଆଶା ରହିଛି। ଜମିଜମା ବିବାଦର ସମାଧାନ ହେବା ଆଶା ଉଜ୍ଜ୍ୱଳତର ହେବ।

**କୁମ୍ଭ** ଅନ୍ୟମାନଙ୍କ ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସହକର୍ମୀଙ୍କ ସହାୟତାରେ ବକେୟା ଆଦାୟରେ ସକ୍ଷମ ହେବେ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ କେତେକ ବ୍ୟକ୍ତିଗତ ପରାମର୍ଶ ଲଭିବା ସୁଯୋଗ ପାଇବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି।

**ମୀନ** କେତେକ କ୍ଷେତ୍ରରେ କଥାରେ ଓ କାର୍ଯ୍ୟରେ ଜିଦ୍‌ଖୋର ଯୋଗୁ ହଇରାଣ ହୋଇପାରନ୍ତି। ସଭାସମିତି, ଆଲୋଚନା, ସମ୍ପର୍କ ସ୍ଥାପନରେ ଉପକୃତ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ। ସମସ୍ତଙ୍କ ଆଦରଣୀୟ ହେବା କାରଣରୁ ଈର୍ଷାପର ବ୍ୟକ୍ତିଙ୍କ ଗାତ୍ରଦାହ ହୋଇପାରେ।



# classifieds Everyday
**0674-2580101, 2549302**




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

Plot for sale at Chhatabar Per Sqft @299/-. 9583295832, 9937816565. D-201

**Gharabari plot 1500 square feet having boundarywall North/East facing yellowzone stitiban plot sale near Audi Showroom service centre, Bhubaneswar. Mobile: 8260114933.** D-187

Area 803 sqft. 1BHK for sale, 1st floor fully furnished flat with Balcony @1000 Sands, Empires Hotel Puri. Contact: +91 9330967266. D-234

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

5 Storied building for sale at Jajpur road, near Fire Station & NH-20. Contact- 9438480160. D-206

**ଜାଗାକିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ପିତାପଲ୍ଲୀ ଛକରୁ ୧୦୦ ମିଟର distanceରେ BDA yellowzone plot ଘରବାରି boundary/ Patta ସହ ସୁଲଭ ମୂଲ୍ୟରେ plot ମିଳୁଛି। 7978159745.** D-71494

New 4BHK flat for sale Raghunathpur, (brokers not allowed). 9937768827. D-204

**ଭୁବନେଶ୍ୱର BDA ଏରିଆ ଗୁଡ଼ିଆପୋଖରୀ ସାଇ ମନ୍ଦିର ପାଖରେ ଘରବାଡ଼ି ପ୍ଲଟ୍ ବାଉଣ୍ଡରୀ, 30 ଫୁଟର ପକ୍କା ରାସ୍ତା ସହିତ ଅତି ଉଚ୍ଚକୋଟୀର ବିକାଶଶୀଳ କାର୍ଯ୍ୟକରିକି ଦିଆଯାଉଛି, ଅତିଶୀଘ୍ର ଘର କରିବା ପାଇଁ ସମସ୍ତ ସୁବିଧା ଅଛି। ପରିଦର୍ଶନ ପାଇଁ ଯୋଗାଯୋଗ: 9438109040, 8144658008.** D-198

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

Morningsun Villa Balianta (4k.m. from Hanspal) duplex price- 55,00,000/- to 65,00,000/-. 9938137503. D-73228

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

ପୁରୀ ମଙ୍ଗଳାଘାଟ ବାସେଳି ସାହି ଥାନା ସମ୍ମୁଖରେ 1700sqft. ଜାଗା ସହ ଦୁଇ ମହଲା ଘର ବିକ୍ରିହେବ। ଯୋଗାଯୋଗ- 9438287043, 7008666376. D-216

**Gharabari plot for sale near Pahala, Bhingarpur, Kesura (Bankual). Contact: 6371268258 / 8144128238.** D-71976

Plot for sale at Pitapalli NH-16 Side @900/-. 9583295832, 9937816565. D-200

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

Bhubaneswar Puri bypass gharabari plot 1200sqft. @7,80,000/-. 9853415415, 9777160796, 8144044975. D-71982

**ଭୁବନେଶ୍ୱର-ପୁରୀ ଯିବା ରାସ୍ତାରେ ମଙ୍ଗଳପୁର NHରୁ 1 Km. Distance 30 Ft. Road, ଘରବାରି, Boundary, ଇଲେକ୍ଟ୍ରିସିଟି ଥାଇ Shreekhetra Vihar Colony, Gated Society ରେ sqft. 399/- ପ୍ଲଟ୍ ବିକ୍ରିହେବ । 8117084862.** D-73231

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-1200କୁ 3,60,000/- outrateରେ ମିଳୁଛି। 9439660381, 9556055607. D-176

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

**Ghara bhari plot for sell at Bankuala, Tankapani Road @ 1650-/- per sq feet with demarcation. Contact: 9178060228.** D-015

ପିତାପଲ୍ଲୀ NHରୁ 500mtr ଦୂରତାରେ 30ft. ରୋଡ୍ electricity ଥାଇ psqft.- 650/-ରେ ବାସୋପଯୋଗୀ plot ମିଳୁଅଛି। 8249243709, 8681007737. D-73227

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

1BHK flat for sale in Vaishnomata Vihar, near Lingaraj Temple road Railway Station, Price 19lakh. Contact: 9937023021. D-214

**Duplex sale at Bhubaneswar @45lakhs and apartment@42lakhs. 9439206202.** D-73235

Ready to move 3BHK duplex with gated community, Gudiapokhari, Uttara. 7327043914. D-71981

**5000sqft. (50ftX100ft.) premium commercial yellowzone, gharabari, stitiban single patta owner plot for sale with boundary & filling completed at Dhauli Square. Price Rs.- 1,45,00000/- contact direct owner. 9040026465 (Babu Babu).** D-135

Rangabazar, Satyabhamapur, Bhubaneswar, 1750sqft. plot near Petrol Pump, BJEM- 2 School. Genuine buyers. Contact: 8658386267. D-166

**Gharabari plot sale Sundarpada near Hi-Tech Plaza sqft. 950/-, Kateni 650/-, Gangapada 950/- first possession then registration. 7504615299, 9337766961.** D-71344

House for immediate sale at Choudwar, Charbatia near Mahima Palace, land area in 3700sqft. with build up area 1575sqft. Two Bedroom, Two Halls, Pujaroom, Kitchen, Portico. Contact: 9937364257. D-217

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

ପୁରୀ ଭାରତୀପୁର ମୌଜା NH-316 ନିକଟ ସ୍ଥିତିବାନ ଘରବାରି ପ୍ଲଟ୍ 30X40 13,00000/- Lac ଏବଂ ସମଙ୍ଗ ମୌଜା ମଙ୍ଗଳାହାଟ ଛକ NH-316 ନିକଟ ସ୍ଥିତିବାନ ଘରବାରି 12X50 9.00000/- Lac ବିକ୍ରିହେବ। 9337824690, 9853252235. D-69060

**ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲଠାରୁ ୪କି.ମି. ଦୂର ଘଙ୍ଗାପାଟଣା କଣ୍ଟାବାଡ଼ଠାରେ ୩୦' ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 8018170634.** D-71027

**Private gharabari boundary plot sale near Gita, Gandhi College, Infosys-II, K.K Petrolpump close to NH-16, Bhubaneswar. 9040033905, 7978230118.** D-73216

**ଭୁବନେଶ୍ୱର ସୁନ୍ଦରପଦା-ଜଟଣୀ ରାସ୍ତାରେ Xavier University ଏବଂ Aditya Birla School ପାଖରେ possession ପ୍ଲଟ୍ ମିଳୁଛି। 8249292535, 7377376856.** D-73215

## PURCHASE

**ପ୍ଲଟ୍ ଆବଶ୍ୟକ- ଭୁବନେଶ୍ୱର ପୁରୀ Town ବା ଭୁବନେଶ୍ୱରରୁ ପୁରୀ NHରୁ 500 ମିଟର ଭିତରେ ଛୋଟ ବା ବଡ଼ ପ୍ଲଟ୍ ଆବଶ୍ୟକ। Genuine seller ବା mediator contact me: 9438109040, 8144658008.** D-197




Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

## GENERAL

## SALE

**Automatic stone crusher plant for sale at Chatrama, Khurdha. 9937427861, 9337767967.** D-045




2BHK House with Car Parking is available at Palasuni. Contact 9425275445. D-226

2BHK newly build house for rent at Kalinga Nagar K-3A, Ghatikia, Bhubaneswar. Contact: 9437581715, 8455886202. D-177

1200sqft. well furnished Carpet area, Ground Floor at Pandav Nagar, near Tankapani road, Bhubaneswar for Office, Institution & Commercial purposes. Contact: 9861271966, 8260240271. D-70792

Well furnished 2bedroom with common bathroom, 2 cup-board with storage (Car parking not available) for rent near Unit-8 DAV School. Rent- 10500/-, 9438081503. D-73309

Single room with Toilet for Office or residence in Third Floor on main road side near Jharpada Over Bridge. Contact: 9438081042. D-221

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Newly open full body massage ladies and gents. 8327740003. D-71890

Ayurvedic full body massage by experienced male/ female therapist. 7381172169. D-71493

Newly open SPA positively health benifit with expert. Contact: 7749976301. D-71980

All types body massage with high profile smart Lady room service available. 9142145769. D-71345

**Relax, Refresh your body, mind at Saikrupa Spa with best therapies. 8984068077.** D-129

Newly open SPA positively health benefits expert therapist, Kalpana. 7846814019. D-71489

## LOST

ମୁଁ ଗତିକୃଷ୍ଣ ନାଥ, ବୟସ (୭୦)ବର୍ଷ, ପିତା- ଚଉଧୁରି ନାଥ, ସା/ପୋ- ତଳମୂଳ, ଥାନା- ବଁଅରପାଳ, ଜିଲ୍ଲା- ଅନୁଗୋଳ। ଚଳିତ ମାସ ୨୦ ତାରିଖ ଦିନ ମୁଁ ମାଟିଆସାହି ବାସଭବନରୁ ଅନୁଗୋଳ ବସ୍‌ଷ୍ଟାଣ୍ଡ ଜେରକ୍ସ କରିବା ପାଇଁ ଆସିଥିଲି ଏବଂ ସେଠାରେ ମୋର ଡକ୍ୟୁମେଣ୍ଟ ବ୍ୟାଗଟି ପାଇ ନ ଥିଲି। ଯେଉଁଥିରେ ମୋର ପ୍ଲଟ୍ ନଂ.- ୨୨୫ର କବଲାର ମୂଳକପି ନଂ.- ୨୦୪୫/୨୦୦୦, ତାମଡ଼ା ପରିମିଶନ ନଂ.- 403, dt 25.02.2006ର ମୂଳ କପି, ତାମଡା ଆପ୍ରୁଭାଲ ପ୍ଲାନ୍‌ର ମୂଳକପି, ଲିକ୍‌ଡିଡ୍ No.- 4426/15/10/2005ର ମୂଳକପି ପାଇ ନ ଥିଲି। ବହୁତ ଖୋଜାଖୋଜି କରିବା ପରେ ଡକ୍ୟୁମେଣ୍ଟର କୌଣସି ସନ୍ଧାନ ନ ପାଇବାରୁ ମୁଁ ଏ ସମ୍ପର୍କରେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଥିଲି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଡକ୍ୟୁମେଣ୍ଟ ସନ୍ଧାନ ପାଆନ୍ତି ତେବେ ଅନୁଗୋଳ ଥାନା କିମ୍ବା 9437862021 ମୋବାଇଲ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ସ୍ୱା./- ଗତିକୃଷ୍ଣ ନାଥ
ଧ-୨୨୨



### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ସିଲାବସ୍‌କୁ ବି ...

'ସେଣ୍ଟ୍ରାଲ ଇସ୍‌ଲାମିକ ଲ୍ୟାଣ୍ଡ' ଅଧ୍ୟାୟରେ ଆଫ୍ରୋଏସୀୟ ଅଞ୍ଚଳରେ ଇସ୍‌ଲାମିକ ସାମ୍ରାଜ୍ୟ ଏବଂ ଅର୍ଥନୀତି ଓ ସମାଜ ଉପରେ ଏହାର ପ୍ରଭାବ ସମ୍ପର୍କରେ ପଢ଼ାଯାଉଥିଲା। ଏଥିରେ ଖଲିଫାର ଉତ୍ଥାନ ଓ ସାମ୍ରାଜ୍ୟ ବିସ୍ତାର ଆଦି ବିଷୟ ରହିଥିଲା, ଯାହାକୁ ବାଦ୍ ଦିଆଯାଇଛି। ସେହିପରି ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମରୁ 'ଦି ମୋଗଲ କୋର୍ଟ: ରିକନ୍‌ଷ୍ଟ୍ରକ୍ଟିଂ ହିଷ୍ଟ୍ରିଜ୍ ଥ୍ରୁ କ୍ରୋନିକ୍‌ଲ୍‌ସ୍' ଅଧ୍ୟାୟ ବାଦ୍ ପଡ଼ିଛି। ମୋଗଲ ଶାସନ କାଳରେ ସାମାଜିକ, ଧର୍ମୀୟ ତଥା ସାଂସ୍କୃତିକ ଇତିହାସର ପୁନର୍ଗଠନ ସମ୍ପର୍କରେ ପଢ଼ାଯାଉଥିଲା।

୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଏହି ନୂତନ ପାଠ୍ୟକ୍ରମ ବିଦ୍ୟାଳୟଗୁଡ଼ିକୁ ଜଣାଇଦିଆଯାଇଛି। ଗତବର୍ଷର ଦୁଇ ପର୍ଯ୍ୟାୟ ପରୀକ୍ଷା ପରିବର୍ତ୍ତେ ବର୍ଷକୁ ଗୋଟିଏ ପରୀକ୍ଷା କରାଯିବାକୁ ବୋର୍ଡ ନିଷ୍ପତ୍ତି ନେଇଛି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ପଦକ୍ଷେପ ସ୍ୱରୂପ ଦୁଇ ପର୍ଯ୍ୟାୟ ପରୀକ୍ଷା ଘୋଷଣା ହୋଇଥିଲା। ସ୍ଥିତିକୁ ନଜରରେ ରଖି ଉପଯୁକ୍ତ ସମୟରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଗତ ସପ୍ତାହରେ ବୋର୍ଡ ଅଧିକାରୀ ସୂଚନା ଦେଇଥିଲେ।

ପାଠ୍ୟକ୍ରମରୁ ବିଭିନ୍ନ ଅଧ୍ୟାୟକୁ ବାଦ୍ ଦେବା ସିବିଏସ୍‌ଇ ପାଇଁ ନୂଆ ନୁହେଁ। ଦୀର୍ଘ ଦଶନ୍ଧି ଧରି ଏହି ଧାରା ଚାଲିଆସୁଛି। ବୋର୍ଡ କର୍ତ୍ତୃପକ୍ଷ ବିଭିନ୍ନ ପକ୍ଷଙ୍କ ମତାମତ ଓ ସାମ୍ପ୍ରତିକ ସ୍ଥିତିକୁ ବିଚାରକୁ ନେଇ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ବାର୍ଷିକ ଅଧ୍ୟୟନ ସୂଚୀ, ପରୀକ୍ଷା ପାଇଁ ପାଠ୍ୟକ୍ରମ ଆଦି ଜାରି କରିଥାନ୍ତି। ୨୦୨୦ ମୂଲ୍ୟାୟନ ବେଳେ ଏକାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପୁସ୍ତକରେ ଥିବା ସଂଘବାଦ, ନାଗରିକତ୍ୱ, ଜାତୀୟତାବାଦ ଏବଂ ଧର୍ମନିରପେକ୍ଷତାକୁ ବିଚାରକୁ ନିଆଯିବ ନାହିଁ ବୋଲି ବୋର୍ଡ ଘୋଷଣା କରିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ୨୦୨୧-୨୨ ଶିକ୍ଷାବର୍ଷରେ ଉକ୍ତ ବିଷୟଗୁଡ଼ିକୁ ରଖାଯାଇଥିଲା ଓ ଏହା ଅଧ୍ୟୟନ ସୂଚୀର ଅଂଶ ହୋଇରହିଛି।

### ଇତିହାସକୁ ବଦଳାଇବା ...

ତାହାକୁ ବାଦ୍ ଦେବା ଉଚିତ ନୁହେଁ। ସରକାର ନିର୍ଦ୍ଦିଷ୍ଟ ଏକ ଧର୍ମ ଉପରେ ଟାର୍ଗେଟ କରିଛନ୍ତି ବୋଲି ମୁଁ ଭାବୁଛି। ଶିକ୍ଷାବିତ୍ କଳ୍ପନା ନାୟକ କହିଛନ୍ତି, ସରକାର ଜାଣିଶୁଣି ଏଭଳି ପଦକ୍ଷେପ ନେଇଥିବା ଭଳି ମନେ ହେଉଛି। ଏଭଳି ବିଷୟକୁ ବାଦ୍ ଦେବା ଆବଶ୍ୟକ ନ ଥିଲା। ସିବିଏସ୍‌ଇ ଏହାକୁ ଆଉଥରେ ବିଚାରକୁ ନେଇ ନିଷ୍ପତ୍ତି ପ୍ରତ୍ୟାହାର କରୁ।

### ଭଦ୍ରକ ଜେଲରେ ...

ଉଚ୍ଚପଦସ୍ଥ ଅଧିକାରୀ ଭାବେ ଅବସର ନେଇଥିବାରୁ ତାଙ୍କର ଟିଆଇ ପରେଡ୍ କରାଯାଇ ନ ଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି। ପ୍ରକାଶଥାଉକି, ଗତ ଫେବୃୟାରୀ ୭ରେ ଚାନ୍ଦବାଲି ପଳାଶପୁର ଗାଁରୁ ମାନସଙ୍କୁ ଅପହରଣ କରାଯାଇ ଭୁବନେଶ୍ୱରସ୍ଥିତ ଦୟାଳ ଆଶ୍ରମରେ ହତ୍ୟା କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ପୂର୍ବରୁ ଅଭିଯୁକ୍ତଙ୍କୁ ନେଇ ସିନ୍ ରିକ୍ରିଏଟ୍ କରିଥିଲା । ତେବେ ଏହି ଘଟଣାରେ ମୋଟ ୮ ଅଭିଯୁକ୍ତ ଗିରଫ ହୋଇ ଭଦ୍ରକ ଜେଲରେ ଅଛନ୍ତି।

### ଟିଭି ଚ୍ୟାନେଲ ଉପରେ...

ହୋଇ ନ ଥିବା ଭାଷା ବ୍ୟବହାର କରାଯାଇଥିବା ସୂଚନା ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ଆଡଭାଇଜରିରେ କୁହାଯାଇଛି। ବିଷୟବସ୍ତୁ ପ୍ରସାରଣ ନାମରେ ଚ୍ୟାନେଲଗୁଡ଼ିକର ଏଭଳି ଆଚରଣକୁ ନେଇ ସରକାର ଗମ୍ଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କେବଲ୍ ଟେଲିଭିଜନ ନେଟଓ୍ୱର୍କ (ନିୟନ୍ତ୍ରଣ) ଆଇନ, ୧୯୯୫ର ବ୍ୟବସ୍ଥା ଓ ନିୟମାବଳୀର ଉଲ୍ଲଂଘନ କରୁଥିବା ପ୍ରକାଶନ ଓ ପ୍ରସାରଣଠାରୁ ତୁରନ୍ତ ଦୂରେଇ ରହିବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। –ଶ୍ରୀଅରବିନ୍ଦ



# ଆଘାତଦାୟକ ସମୟ



ଆକାର ପଟେଲ

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ୧୯୨୫ରେ ପ୍ରତିଷ୍ଠା ହୋଇଥିଲା। ଆଉ ତିନି ବର୍ଷରେ ଏହା ୧୦୦ରେ ପଦାର୍ପଣ କରିବ। ବିଶେଷକରି ୨୦୧୯ରୁ ଘଟିଥିବା ଘଟଣାଗୁଡ଼ିକ ପରେ କେତେକେ ଅନୁଭବ କରିଛନ୍ତି ଯେ, ୨୦୨୫ ଭାରତ ହିନ୍ଦୁ ରାଷ୍ଟ୍ରକୁ ପରିବର୍ତ୍ତନ ହେବାର ସଙ୍କେତ ଦେବ। ଏହା ସମ୍ଭବତଃ କ'ଣ ହୋଇପାରେ ପୂର୍ବରୁ ଏକ ବହିରେ ମୁଁ ଅନୁସନ୍ଧାନ କରିଥିଲି ଏବଂ ସେଥିରୁ କିଛି ବିଷୟ ଏଠାରେ ଉପସ୍ଥାପନ କରୁଛି। ଆଇନ ଆଧାରରେ ଏକ ଦେଶ ଧର୍ମନିରପେକ୍ଷ, ହିନ୍ଦୁରାଷ୍ଟ୍ର, ଇସ୍‌ଲାମ ଦେଶ କିମ୍ବା ଅନ୍ୟ କିଛି ହୋଇପାରେ। ଆଇନଗୁଡ଼ିକ ହିଁ ଦେଶର ସ୍ୱରୂପ ନିର୍ଦ୍ଧାରଣ କରେ। ସ୍ୱାଧୀନତା ପରେ ଗୃହୀତ ସମ୍ବିଧାନ ଏବଂ ଊନବିଂଶ ଶତାବ୍ଦୀରେ ବ୍ୟବସ୍ଥିତ ଅପରାଧ ଆଇନଗୁଡ଼ିକ ଅନୁଯାୟୀ ଏବେ ଭାରତର ଶାସନ ଚାଲିଛି। ଏହି ଆଇନଗୁଡ଼ିକ(ଭାରତୀୟ ପିଙ୍ଗଳ କୋଡ) ୧୮୬୦ରେ ଆସିଥିଲା ଏବଂ ଏହା ଦକ୍ଷିଣ ଏସିଆର ସବୁ ଦେଶରେ କମ୍ ବେଶିରେ ରହିଆସିଛି। ତେବେ କ'ଣ ପରିବର୍ତ୍ତନ ହୋଇପାରେ, ଏହା ବୁଝିବାକୁ ହେଲେ ଆମକୁ ପ୍ରଥମେ ହିନ୍ଦୁ ରାଷ୍ଟ୍ରର ମାନେ ବୁଝିବାକୁ ପଡ଼ିବ। ମୋ ଚିନ୍ତାଧାରାରେ ହିନ୍ଦୁ ଗ୍ରନ୍ଥଗୁଡ଼ିକର ବ୍ୟାଖ୍ୟା ଏବଂ ଏହି ଗ୍ରନ୍ଥଗୁଡ଼ିକୁ ଆଧାର କରି ଆଇନ ଓ ଦେଶ ଗଠନରୁ ଏହା ବୁଝାଯାଇପାରେ। ଏଠାରେ ସମସ୍ୟା ହେଉଛି, ଡ. ଆମ୍ବେଡକରଙ୍କ ଲିଖିତ 'ଜାତିପ୍ରଥାର ଉଚ୍ଛେଦ' ପୁସ୍ତକରେ ଏହିସବୁ ଗ୍ରନ୍ଥଗୁଡ଼ିକ ଉପଯୋଗୀ ନୁହେଁ ବୋଲି କହିଛନ୍ତି। ଆମ ସମୟରେ ଆଇନରେ ଜାତି ସିଦ୍ଧାନ୍ତ ଲାଗୁ କରିବା ସମ୍ଭବ ନୁହେଁ। ଏହି କାରଣ ପାଇଁ ନେପାଳ ୨୦୦୮ ପର୍ଯ୍ୟନ୍ତ ଏକ ଅସମ୍ପୂର୍ଣ୍ଣ ହିନ୍ଦୁ ରାଷ୍ଟ୍ର ଥିଲା। ନେପାଳ କାର୍ଯ୍ୟକାରିଣୀ ପ୍ରାଧିକରଣର ରାଜତନ୍ତ୍ରରେ ଜଣେ କ୍ଷତ୍ରିୟ ରାଜା ରହିବାର ଧାରା ରହିଥିଲା। ମନୁସ୍ମୃତି ଅନୁଯାୟୀ ତାଙ୍କୁ ତାଙ୍କ ଦରବାରରେ ଜଣେ ମୂଳ ପୁରୋହିତ ବ୍ରାହ୍ମଣ ପରାମର୍ଶ ଦେଉଥିଲେ। କିନ୍ତୁ ଜାତି ଢାଞ୍ଚାର ଅନ୍ୟ କୌଣସ ଭାଗ ଲାଗୁ ହୋଇ ନ ଥିଲା, କାରଣ ଏହା ସମ୍ଭବ ହୋଇପାରି ନ ଥିଲା। ଏଣୁ ଭାରତରେ ଆମେ ଏକ ହିନ୍ଦୁ ରାଷ୍ଟ୍ରକୁ ଖାରଜ କରିପାରିବା।

ହିନ୍ଦୁ ରାଷ୍ଟ୍ରର ଅନ୍ୟ ଢାଞ୍ଚା ଗ୍ରହଣ କରାଯାଇପାରେ, ହେଲେ ତାହା ବର୍ଜନୀୟ। ଏମିତି ଢାଞ୍ଚା ପାକିସ୍ତାନ ସମେତ ବହୁ ଧାର୍ମିକ ଦେଶ ଗ୍ରହଣ କରିଛନ୍ତି। ପାକିସ୍ତାନରେ ଆଇନ(ଅନୁଚ୍ଛେଦ–୯୧) ଅନୁଯାୟୀ କୌଣସି ଅଣ ମୁସଲିମ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ। ସମାନ ପ୍ରକାର ନିୟମ(ଅନୁଚ୍ଛେଦ–୪୧) ବି ରାଷ୍ଟ୍ରପତିଙ୍କ ପାଇଁ ଲାଗୁ ହୋଇଛି। ଏଣୁ ଏଭଳି ଏକ ହିନ୍ଦୁରାଷ୍ଟ୍ର ଯେଉଁଠି ଅଣ ହିନ୍ଦୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ହୋଇପାରିବେ ନାହିଁ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟଗୁଡ଼ିକରେ କେବଳ ହିନ୍ଦୁ ରହିବେ, ତାହା ଆଇନ ସିଦ୍ଧ କରାଯାଇପାରେ। ହେଲେ ଆମେ ବିଚାର କରିବା ଉଚିତ ଯେ, ଆମର ଏଭଳି ଆଇନ ନ ଥିଲେ ମଧ୍ୟ ଆମ ଦେଶରେ ଏବେ କୌଣସି ମୁସଲମାନ ମୁଖ୍ୟମନ୍ତ୍ରୀ ନାହାନ୍ତି, କଶ୍ମୀର ସମେତ ଅନ୍ୟ କୌଣସି ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବେ କେହି ମୁସଲମାନ ଏଯାବତ ୫ ବର୍ଷ ପୂରଣ କରିନାହାନ୍ତି। ଅବଶ୍ୟ ଭାରତରେ କୌଣସି ମୁସଲମାନ ଏଯାବତ ପ୍ରଧାନମନ୍ତ୍ରୀ ହୋଇ ନାହାନ୍ତି। ଏହି ପ୍ରକାର ହିନ୍ଦୁ ରାଷ୍ଟ୍ର ମଧ୍ୟ ଏହାର ସଂଖ୍ୟାଲଘୁମାନଙ୍କ ବିରୋଧରେ ଅନ୍ୟ କିଛି ଭେଦଭାବପୂର୍ଣ୍ଣ ପ୍ରସଙ୍ଗ ଗ୍ରହଣ କରିପାରେ, ଯାହା ପାକିସ୍ତାନ କରିବାକୁ ପସନ୍ଦ କରିଛି। ପାକିସ୍ତାନରେ ଅଣ ମୁସଲମାନମାନେ ଅଲଗା ଇଲେକ୍ଟୋରେଟଗୁଡ଼ିକରେ ଭୋଟ ଦିଅନ୍ତି। ଧର୍ମତ୍ୟାଗୀ ଅହମଦିଆ ବର୍ଗ ସେମାନଙ୍କୁ ମୁସଲମାନ କହିପାରିବେ ନାହିଁ କି ସେମାନଙ୍କର କୌଣସି ଧାର୍ମିକ ସ୍ୱାଧୀନତା ନାହିଁ। ୧୯୩୦ରେ ଜର୍ମାନୀରେ ସ୍ୱୀକୃତ କେତେକ ଆଇନ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଆନ୍ତଃ ବିବାହକୁ ବାରଣ କରିଥିଲା। ଭାରତରେ ମଧ୍ୟ ୨୦୧୮ ପରେ ୭ ଭାଜପା ଶାସିତ ରାଜ୍ୟ ହିନ୍ଦୁ ମୁସଲମାନ ବିବାହକୁ ଆପରାଧୀକରଣ କରି ଆଇନ ପାସ କରିଛନ୍ତି। ଜର୍ମାନୀ ଆଇନଗୁଡ଼ିକ ନାଗରିକତ୍ୱରୁ ଜୀଉମାନଙ୍କୁ ବାଦ ଦେଇଛି। ଭାରତ ମଧ୍ୟ ମୁସଲମାନଙ୍କୁ ବାଦ ଦେବା ଲାଗି ସିଏଏ ଗ୍ରହଣ କରିଛି ଏବଂ ଏନ୍‌ଆରସି ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ । ୨୦୧୯ ପରଠାରୁ ଭାରତ ନମାଜ, ହିଜାବ, ମାଂସ, ବୁଲ୍‌ଡୋଜର, ତଲାକ ଉପରେ ନିର୍ଦ୍ଦିଷ୍ଟ ଭାବେ ନୀତି ଓ ଆଇନଗୁଡ଼ିକ ଲାଗୁ କରିଛି। ଏଥିରେ ଆମେ ଏକ ହିନ୍ଦୁ ରାଷ୍ଟ୍ର ଦେଖିପାରିବା, ଯେଉଁଥିରେ ଅନ୍ୟକୁ ବାଦ ଦିଆଯାଇଛି। ଏଣୁ ପ୍ରଶ୍ନ ହେଉଛି, ଯଦି ଆମେ ମୁସଲମାନଙ୍କୁ ରାଜନୈତିକ କାର୍ଯ୍ୟାଳୟରୁ ବାଦ ଦେଇସାରିଛେ ଏବଂ ପାକିସ୍ତାନ ଓ ଜର୍ମାନୀ ଯାହା କଲେ ସେଭଳି ନିତିଦିନ ଆଇନ ମାଧ୍ୟମରେ ସେମାନଙ୍କୁ ନିର୍ଯାତନା ଦେଇ ଚାଲିଛେ, ତେବେ ଆଉ ହିନ୍ଦୁ ରାଷ୍ଟ୍ରର କ'ଣ ଆବଶ୍ୟକତା ରହିଛି। କାହିଁକି ଏବକାର ଆଇନ ପରିବର୍ତ୍ତନ କରିବାକୁ ଦରକାର କରୁଛେ। ଏଯାବତ ବହୁବାଦୀ, ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ବୋଲି ଛଳନା କରୁଥିବା ଏବକାର ସମ୍ବିଧାନ ଏବଂ ଆଇନଗୁଡ଼ିକ ଅଣ ହିନ୍ଦୁମାନଙ୍କୁ ବାଛବିଚାର କରିବା ଲାଗି ଯଥେଷ୍ଟ ଅଧିକାର ଦେଇଛି। ଆମ ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଦେଶକୁ ଧର୍ମନିରପେକ୍ଷରୁ ହିନ୍ଦୁ ରାଷ୍ଟ୍ରକୁ ଆଇନଗତ ଭାବେ ପରିବର୍ତ୍ତନ କଲେ କୌଣସି ଲାଭ ମିଳିବା ଭଳି ଜଣାପଡୁନାହିଁ।

ତଥାପି ଭାବୁଛୁ ଆମେ ଏବେ ବି ଏହା କରିପାରିବୁ, କାରଣ ଏହା ଆମକୁ ଗର୍ବିତ କରିବ। ଆମେ ମୁସଲମାନମାନଙ୍କୁ ଅପମାନିତ କରିପାରିବୁ ଏବଂ ସେମାନଙ୍କର ଭାରତରେ ଭାଗ ନାହିଁ ବୋଲି କହିପାରିବୁ। ଯାହା ଆମେ ସ୍ଥିର କରିବୁ ତାହା ବିଶ୍ୱକୁ ପ୍ରଭାବିତ କରିବ। ଧାର୍ମିକ ଦେଶର ଯୁଗ ଶେଷ ହୋଇଯାଇଛି ଓ ଆଉ କିଛି ନୂଆ ଧାର୍ମିକ ଦେଶ ଗଠନ କରିବାର ଗୁରୁତ୍ୱ ଏକବିଂଶ ଶତାବ୍ଦୀରେ ଦେଖିବାକୁ ମିଳିବ ନାହିଁ। ଧର୍ମ ଉପରେ ପ୍ରତିଷ୍ଠିତ ବହୁ ରାଷ୍ଟ୍ର ସେମାନଙ୍କ ଭେଦଭାବପୂର୍ଣ୍ଣ ଆଇନଗୁଡ଼ିକୁ ବଦଳାଇଛନ୍ତି, କାରଣ ସେମାନେ ଜନ୍ମ ଓ ମୃତ୍ୟୁ ମଧ୍ୟରେ ଜୀବନକୁ ପରଖିଛନ୍ତି। ନାଗରିକମାନଙ୍କ ପାଇଁ ଏହି ସମୟ ଆଘାତଦାୟକ ଓ ଯନ୍ତ୍ରଣାଦାୟକ ହୋଇପାରେ ଏବଂ ମୋ ପାଇଁ ଜୀବନର ସବୁଠୁ ଖରାପ ସମୟ। ଏକଦା ବିଶ୍ୱରେ ପ୍ରଶଂସିତ ହୋଇଥିବା ଏକ ଦେଶ ନିଜକୁ ସମ୍ପୂର୍ଣ୍ଣ ଧ୍ୱଂସ କରୁଥିବାରୁ ଏହା ଲେଖକମାନଙ୍କ ପାଇଁ ଏକ ଉତ୍କୃଷ୍ଟ ପ୍ରସଙ୍ଗ ହୋଇପାରେ।

Email:aakar.patel@gmail.com

## su | do | ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | 9 | | | |
| | | | | | 8 | | | |
| | 4 | 3 | | | | 2 | | |
| | | | | 9 | | 6 | | |
| | | 7 | 8 | | | 4 | | |
| 1 | | 2 | | | | 5 | | 3 |
| 7 | | | | | | 9 | | |
| | 9 | | 4 | 7 | 3 | 8 | | |
| | | | | 8 | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 2 | 7 | 5 | 3 | 4 | 6 |
| 5 | 4 | 7 | 6 | 3 | 8 | 2 | 9 | 1 |
| 2 | 3 | 6 | 1 | 9 | 4 | 8 | 7 | 5 |
| 1 | 9 | 4 | 3 | 5 | 6 | 7 | 8 | 2 |
| 6 | 2 | 5 | 7 | 8 | 9 | 1 | 3 | 4 |
| 8 | 7 | 3 | 4 | 1 | 2 | 5 | 6 | 9 |
| 3 | 8 | 9 | 5 | 4 | 1 | 6 | 2 | 7 |
| 4 | 6 | 1 | 8 | 2 | 7 | 9 | 5 | 3 |
| 7 | 5 | 2 | 9 | 6 | 3 | 4 | 1 | 8 |

ଗତ କାଲିର ଉତ୍ତର

# ନିର୍ଲିପ୍ତ ନିର୍ଲଜ୍ଜତା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କେଇ ଦିନ ପୂର୍ବରୁ ଯାଇଛି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଜନ୍ମଜାତକର ତିଥି 'ଉତ୍କଳ ଦିବସ'। ଏହି ଅମୃତ ଲଗ୍ନର ଉତ୍ସବକୁ ସରକାରୀ ଓ ବେସରକାରୀ ସ୍ତରରେ ଯିଏ ଯାହାମତେ ପାଳନ କରିଥିବା ବେଳେ ରାଜ୍ୟର ଏକ ଆଞ୍ଚଳିକ ଟିଭି ଚାନେଲ ତରଫରୁ ଏହି ଦିବସଟିର ତତ୍ତ୍ୱ ଓ ତାତ୍ପର୍ଯ୍ୟ ସମ୍ପର୍କରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ନିଆଯାଇଥିଲା। ଏହି ପ୍ରକ୍ରିୟାରେ ବିଶେଷତଃ ତରୁଣ ବିଦ୍ୟାର୍ଥୀ ଓ ଅନ୍ୟ ଯୁବାବର୍ଗଙ୍କଠୁଁ ଯେଉଁ ଉତ୍ତର ମିଳିଲା, ତାହା ଥିଲା ଓଡ଼ିଶାର ଉତ୍ତର ଦାୟାଦମାନଙ୍କ ଓଡ଼ିଆ ଅସ୍ମିତାର ଏକ ସମ୍ବେଦ୍ୟ ସଙ୍କେତ। ଯେମିତି ରୋଚକ ଓ ଉପଭୋଗ୍ୟ, ସେମିତି ଚିନ୍ତାଉଦ୍ରେକକାରୀ। ପ୍ରଶ୍ନକର୍ତ୍ତାଙ୍କ ପ୍ରଶ୍ନଟି ଥିଲା ବେଶ୍ ସ୍ପଷ୍ଟ ଓ ସରଳ– ''ଓଡ଼ିଶା ପାଇଁ ଅପ୍ରେଲ ପହିଲା କାହିଁକି ମହତ୍ତ୍ୱପୂର୍ଣ୍ଣ?'' ଅଧିକାଂଶ ଉତ୍ତରଦାତାଙ୍କଠାରୁ ଯାହା ଉତ୍ତର ମିଳିଲା, ତାହା ଥିଲା ପ୍ରାୟତଃ ଏହିପରି। କିଏ କହିଲେ, ''ଏହି ଦିନ ଓଡ଼ିଶା ସ୍ୱାଧୀନତା ପାଇଥିଲା'' ତ ଆଉ କିଏ କହିଲେ, ''ନାଆଁ ମନେପଡୁନି, ମାତ୍ର ଏହିଦିନ ଓଡ଼ିଶାର ଜଣେ ମହାପୁରୁଷ ଜନ୍ମ ନେଇଥିଲେ।'' ଜଣେ କଲେଜ ଛାତ୍ରର ଉତ୍ତର ଥିଲା ଆହୁରି ବିଚିତ୍ର– ''ଏଇ ଦିନ ଓଡ଼ିଆମାନେ ପରସ୍ପରକୁ ମିଛ କହି ଠକିଥା'ନ୍ତି।''

ଲକ୍ଷ୍ୟ କରିବାର କଥା, ସ୍ୱତନ୍ତ୍ର ଉତ୍କଳ ସଂକ୍ରାନ୍ତୀୟ ପ୍ରଶ୍ନଟି ବଙ୍ଗଳା ଅବା ବିହାର ପ୍ରଦେଶର ତରୁଣମାନଙ୍କୁ ପଚରାଯାଇ ନ ଥିଲା। ପଚରା ଯାଇଥିଲା ସେଇମାନଙ୍କୁ, ଯେଉଁମାନଙ୍କ ପରିଚୟ ଥିଲା ଓଡ଼ିଆ। ଅଥଚ ସ୍ୱତନ୍ତ୍ର ଉତ୍କଳୀୟତାର ମୁଗ୍ଧ ଅନୁଭବରେ ଜଡ଼ସଡ଼ ହେବା ଦୂରେ ଥାଉ, ଠମୁହଁରେ ନିର୍ଲଜ୍ଜତାର ହସ ଫୁଟାଇ ନିଜ ଜନ୍ମଭୂମିର ଇତିହାସ ସମ୍ପର୍କିତ ପ୍ରଶ୍ନର ଜବାବରେ ଦେଉଥିଲେ କିମ୍ଭୂତକିମାକାର ଉତ୍ତର! ଓଡ଼ିଶା ପାଇଁ ଏହି ଗୌରବମୟ ଦିନଟିକୁ ଆଣିବା ପାଇଁ କେତେ କଷ୍ଟ ସ୍ୱୀକାର କରିଥିବା ମଧୁସୂଦନ, ଫକୀର ମୋହନ, ରାଧାନାଥ ଆଜି ବଞ୍ଚିଥିଲେ ସେମାନଙ୍କ ଉତ୍ତରଦାୟାଦମାନଙ୍କ ଏଭଳି ଉତ୍ତର ଶୁଣି ନିଜ କପାଳରେ କର ମାରୁଥା'ନ୍ତେ ଅବା ମୁହଁ ଲୁଚାଇବାକୁ ଜାଗା ଖୋଜୁଥାନ୍ତେ!

ସ୍ୱତନ୍ତ୍ରତା ଅର୍ଜିତ ହୋଇଥିବା ଓଡ଼ିଶାର ସେଇ ସ୍ମରଣୀୟ ଦିନଟିକୁ ବିସ୍ମରି ଯାଇଥିବା ଓଡ଼ିଆ ତରୁଣଙ୍କ ସଂଖ୍ୟା କେତେ କେଜାଣି, ମାତ୍ର ନିମ୍ନତମ ସଂସ୍କାରଠୁଁ ମୁହଁ ମୋଡ଼ି ନେଉଥିବା ମା'ବାପାମାନଙ୍କ ସଂଖ୍ୟା ବେଶ୍ ବଢ଼ି ବଢ଼ି ଚାଲିଛି। ଓଡ଼ିଆ ଘରର ପାରମ୍ପରିକ 'ବାପା' 'ବୋଉ' ଡାକ ଆଉ ପ୍ରାୟ ଶୁଣିବାକୁ ମିଳୁନାହିଁ ଅତ୍ୟାଧୁନିକ ସନ୍ତାନମାନଙ୍କ ମୁହଁରୁ। ଡାଡି ମମିର ମଧୁର ସମ୍ଭାଷଣ ପୁଲକିତ କରୁଛି ମା'ବାପାମାନଙ୍କୁ। ସେମିତି ମା'ବାପାଙ୍କର ଟିକି ସନ୍ତାନଟିଏ। କଅଁଳ ବୟସରୁ ସେ ବହୁକଥା ଜାଣିଛି, ଏହା ଜଣା ପଡୁଥିଲା ଯେତେବେଳେ ସେ ବହୁ ବିଶିଷ୍ଟ ଲୋକଙ୍କ ବଂଶବୁନିଆଦି ଅତି ନିର୍ଭୁଲ ଭାବେ ପ୍ରକାଶ କରୁଥିଲା। ଇନ୍ଦିରା ଗାନ୍ଧୀଙ୍କ ଜେଜେ ମୋତିଲାଲ ନେହେରୁ, ରାହୁଲ ଗାନ୍ଧୀଙ୍କ ଜେଜେ ଫିରୋଜ ଗାନ୍ଧୀ, କରିନା କପୁରଙ୍କ ଜେଜେ ରାଜ କପୁର; ଏମିତି କେତେ ହିସାବ। ଟିକି ପିଲାଟି ମୁହଁରୁ ଜେଜେଙ୍କ ଲମ୍ବା ତାଲିକା ଶୁଣି ତା' ବାପାଙ୍କର ଜଣେ ସମ୍ପର୍କୀୟ କୌତୂହଳରେ ପଚାରିଲେ, ''ଏତେ ଜେଜେଙ୍କ ନାମ ମନେରଖିଛ। କହିଲ ଦେଖି, ତୁମ ଜେଜେଙ୍କ ନାମ କ'ଣ?'' ପିଲାଟି ନୀରବିଗଲା ଅତୀତରେ କେବେ ବି ତାକୁ ପଚରା ଯାଇ ନ ଥିବା ଏମିତି ଏକ ପ୍ରଶ୍ନ ଶୁଣି। ପୁଅର ବିକଳଭାବ ଦେଖି ତା' ବାପା ନିର୍ଲଜ୍ଜ ଭାବେ ସଫେଇ ଦେଇ କହିଲେ, ''ତା'ର ଜନ୍ମ ପୂର୍ବରୁ ମୋ ବାପା ଚାଲି ଯାଇଥିଲେ ତ। ତେଣୁ ସେ ତା' ଜେଜେଙ୍କ ନାମ ଜାଣିନାହିଁ।''

ଇତିହାସ ପରୀକ୍ଷାରେ ବା ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ପଡ଼ିଲା ଭଳି ପ୍ରଶ୍ନଟିଏ ନ ଥିଲେ ବି ନିଜ ଜେଜେଙ୍କ ନାମ ଯେକୌଣସି ନାତିଙ୍କ ପାଇଁ ଜୀବନ ଇତିହାସର ଏକ ଉଜ୍ଜ୍ୱଳ ଅଧ୍ୟାୟ। ଆମ ଶାସ୍ତ୍ର ମତରେ ପ୍ରତ୍ୟେକ ନାତି ପରା ନିଜ ଜେଜେଙ୍କ ପରଲୋକକୁ ଆଲୋକିତ କରିବାର ଗୋଟିଏ ଅମ୍ଳାନ କୁଳପ୍ରଦୀପ! ଅଥଚ ସେମାନେ ଫିରୋଜ ଗାନ୍ଧୀ ବା ରାଜ କପୁରଙ୍କ ତୁଳନାରେ ଏତେ ଅବାଞ୍ଛିତ! ଏତେ ବୈଶିଷ୍ଟ୍ୟହୀନ!

ଆଧୁନିକ ଜୀବନଚର୍ଯ୍ୟାକୁ ଆପଣେଇ ନେଇଥିବା ଏବଂ ଆତ୍ମଘୋଷିତ ଭାବେ ନିଜକୁ ସମ୍ଭ୍ରାନ୍ତ ବୋଲାଉଥିବା ଲୋକଙ୍କ ହାତରେ କେବଳ ଯେ ପରଲୋକଗତ ଜେଜେମାନେ କଲବଲ ହେଉଛନ୍ତି, ତାହା ନୁହେଁ; ଜୀବିତ ଜେଜେଙ୍କଠୁଁ ଆରମ୍ଭ କରି ନାନା ବାରଣ ମାରଣ ମଧ୍ୟରେ ତଥାପି ବଞ୍ଚି ରହିଥିବା ଆମ ଭାଷା ଓ ସଂସ୍କୃତି ମଧ୍ୟ ଧୀରେ ଧୀରେ ଅଲୋଡ଼ା ହୋଇ ଆସୁଛନ୍ତି। ଏକଦା ଜଣେ ପ୍ରତିଷ୍ଠିତ ଓଡ଼ିଆ ଲେଖକଙ୍କ ଘରକୁ ସପରିବାର ବୁଲି ଆସିଥା'ନ୍ତି ତାଙ୍କର ଜଣେ ସମ୍ପର୍କୀୟ। ଉଚ୍ଚ ପଦଧାରୀ ସମ୍ପର୍କୀୟ କିଛି ସମୟ ବିତାଇ ଫେରିଯିବା ବେଳେ ତାଙ୍କ କିଶୋର ପୁଅଟି ହାତରେ ତାଙ୍କର ଏକ ସଦ୍ୟ ପ୍ରକାଶିତ ଶିଶୁପୁସ୍ତକ ଭେଟିଦେଲେ କଥିତ ଲେଖକ। ଅନାଗ୍ରହରେ କିଶୋରଟି ବହିଖଣ୍ଡକ ଗ୍ରହଣ କରୁଥିଲା ବେଳେ ତା'ର ବାପା ଗର୍ବର ସହ ହସି ହସି କହୁଥିଲେ, ''ସେଇ ବହିଟି ତା'ର କିଛି କାମରେ ଆସିବନି। ସେ ତ ଓଡ଼ିଆ ପଢ଼ି ଜାଣିନାହିଁ। ଇଂଲିଶ ସ୍କୁଲରେ ପଢୁଛି କି ନା! ଅବସର ସମୟରେ ବହିଟି ଆମେ ପଢ଼ିବୁ।''

ଜଣେ ଓଡ଼ିଆ ବାପାଙ୍କର ବିଚିତ୍ର ଓଡ଼ିଆ ପ୍ରୀତି ଅବଲୋକନ କରି ସେଦିନ ଧନ୍ୟ ହୋଇଥିଲା ସେଇ ଲେଖକଙ୍କ ଲେଖକପଣ। ଯେଉଁ ମାଟିରେ ଭୂମିଷ୍ଠ ହୋଇ, ଯାହାର ପାଣି ପବନ ଆଘ୍ରାଣ କରି ସୁରଭିତ ହୋଇଥାଏ ସୁକୁମାର ଶିଶୁର ଶୈଶବ, ଯେଉଁ ମାଟି ଉପରେ ସ୍ଥାପିତ ହୋଇଥାଏ ଜୀବନର ଶେଷଶଯ୍ୟା, ସେଇ ମାଟିର ଭାଷା ପାଇଁ କି ବିଚିତ୍ର ବିଦ୍ୱେଷ! ସେଇ ଭାଷାକୁ ଦୁଃସ୍ଥ ବିଚାରି ଦୂରେଇଯିବାର କି ଗୁପ୍ତ ଘୋଷଣା! ନିର୍ଲଜ୍ଜତା ଆଉ କାହାକୁ କହନ୍ତି କି! ଅଥଚ ସମୟର ଦୁର୍ଭାଗ୍ୟ, ଏଭଳି ନିର୍ଲଜ୍ଜଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ବଢ଼ି ଚାଲିଛି।

କିଏ ଜଣେ କହିଥିଲେ ପରା 'ଜୀବନ ଆଗକୁ ବଞ୍ଚାଯାଏ ସିନା, ପଛକୁ ଫେରି ଚାହିଁଲେ ଜୀବନକୁ ବୁଝିହୁଏ।' ମାତ୍ର ବିଡ଼ମ୍ବନାର ବିଷୟ, ଅତ୍ୟାଧୁନିକ ସଭ୍ୟତା ମଧ୍ୟରେ ବଞ୍ଚିବାରେ ଆଗ୍ରହ ରଖୁଥିବା ଉଭୟ ଯୁବ ବାପା ଓ ଶିଶୁ ସନ୍ତାନମାନେ ଧୀରେ ଧୀରେ ଅତୀତର ସଂସ୍କାର ପ୍ରତି ବିମୁଖ ହୋଇ ଯାଉଛନ୍ତି। ଅନ୍ୟ ଜେଜେଙ୍କ ନାମକୁ ଶୁଆ ପରି ଘୋଷି ନିଜ ଜେଜେଙ୍କୁ ବିସ୍ମରି ଯାଉଛନ୍ତି। ବିଦେଶୀ ଭାଷାକୁ ମୁଖସ୍ଥ କରି ମାତୃଭାଷାକୁ ମର୍ଯ୍ୟାଦାର ପରିପନ୍ଥୀ ବୋଲି ବିଚାରୁଛନ୍ତି। ବିଶ୍ୱବ୍ୟାପୀ ଭୂଗୋଳ ସହ ପରିଚିତ ହୋଇ ନିଜ ଗାଁର ଠିକଣା ଭୁଲି ଯାଉଛନ୍ତି। ଅଥଚ ଆମ ସମୟର ଦୁର୍ଭାଗ୍ୟ, ଏଭଳି ଲୋକମାନଙ୍କୁ ସଭ୍ୟ, ସମ୍ଭ୍ରାନ୍ତ, ବିଜ୍ଞ ଓ ବିଶିଷ୍ଟ ଆଦି ବିଶେଷ ବିଶେଷଣରେ ବିଭୂଷିତ କରି ଆମ ସମାଜ ଆଦରରେ କୋଳେଇ ନେଉଥିଲା ବେଳେ ଓଡ଼ିଆ ଅସ୍ମିତାର ଜୟଗାନ କରୁଥିବା ଲୋକଟିକୁ 'ଗାଉଁଲି', 'ବ୍ୟାକ୍‌ୱାର୍ଡ' ଆଦି ଶବ୍ଦରେ ଫିଙ୍ଗି ଆହତ କରେ। ତେବେ ଜଗତଯାକର ସମସ୍ତ ଜ୍ଞାନ ଆୟତ୍ତ କରି ନିଜକୁ ବିଜ୍ଞ ବିଚାରୁଥିବା ମଣିଷ ଯେତେବେଳେ ନିଜ ଜଗତର ସର୍ବନିମ୍ନ ତଥ୍ୟ ସମ୍ପର୍କରେ ନୀରବ ରହି ନିଜ ହସ ମାଧ୍ୟମରେ ଅସହାୟତା ପ୍ରକାଶ କରେ, ସେତେବେଳେ ତା' ଅଜାଣତରେ ସେ ଏକ ବିଶେଷଣ ଅର୍ଜନ କରିଥାଏ। ସେମିତି ଲୋକଙ୍କ ପରିଚୟ ପାଇଁ ଆମ ଅଭିଧାନରେ 'ନିର୍ଲଜ୍ଜ'ଠାରୁ ଅଧିକ ମାର୍ଜିତ ଶବ୍ଦଟିଏ ଆଉ ବୋଧହୁଏ ଥାଇ ନ ପାରେ।

ପ୍ରଜ୍ଞା ନିଳୟ
ବିଦ୍ୟାପତି ନଗର, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ନୀତି ଉପାଧ୍ୟକ୍ଷ

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ସରକାର ୨୦୧୪ରେ କେନ୍ଦ୍ରରେ କ୍ଷମତାସୀନ ହେବା ପରେ ଯୋଜନା ଆୟୋଗକୁ ଅଚଳ କରିଦେଇ ତା' ପରିବର୍ତ୍ତେ ୧ ଜାନୁୟାରୀ ୨୦୧୫ରେ ନୀତି (ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ) ଆୟୋଗ ଗଠନ କରିଥିଲା। ଭାରତ ସରକାରଙ୍କ ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ଥିଙ୍କ୍ ଟ୍ୟାଙ୍କ୍ ସଂସ୍ଥା ଭାବେ ଏହା ୭ ବର୍ଷ ଧରି କାର୍ଯ୍ୟ କରିଆସୁଛି। ଆର୍ଥିକ ନୀତିରେ ରାଜ୍ୟ ସରକାରଗୁଡ଼ିକୁ ସାମିଲ କରି ସହଯୋଗୀ ସଂଘୀୟବାଦ (କୋଅପରେଟିଭ୍ ଫେଡେରାଲିଜମ୍) ବିସ୍ତାର କରିବା ଉଦ୍ଦେଶ୍ୟ ରଖାଯାଇ ଏହା କାର୍ଯ୍ୟ କରୁଛି। ନିୟମ ଅନୁଯାୟୀ ଏହି ଆୟୋଗର ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ରହିଥାଆନ୍ତି। ଏହାର ପ୍ରଥମ ଉପାଧ୍ୟକ୍ଷ ଭାବେ ଅରବିନ୍ଦ ପାନଗାରିଆ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ସେ ଅଧ୍ୟାପନା କରିବା ଲାଗି ବିଦେଶ ଯିବା ପରେ ୨୦୧୭ରେ ତାଙ୍କ ସ୍ଥାନ ଗ୍ରହଣ କରିଥିଲେ ରାଜୀବ କୁମାର। ୨୨ ଏପ୍ରିଲରେ କୁମାର ବ୍ୟକ୍ତିଗତ କାରଣ ଦର୍ଶାଇ ପଦବୀରୁ ଇସ୍ତଫା ଦେବା ପରେ ଅନ୍ୟତମ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ସୁମନ କେ. ବେରିଙ୍କୁ ନୀତି ଆୟୋଗର ପରବର୍ତ୍ତୀ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। କାର୍ମିକ ମନ୍ତ୍ରଣାଳୟ ସୁମନଙ୍କ ନାମ ଘୋଷଣା କରି ବିଜ୍ଞପ୍ତି ପ୍ରକାଶ କରିବା ପରେ ୧ ମେ'ରେ ସେ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିବେ। କୋଭିଡ୍ ମହାମାରୀ ସହ ଭୂରାଜନୈତିକ ସ୍ଥିତି ଯୋଗୁ ଭାରତୀୟ ଅର୍ଥନୀତିରେ ଅସ୍ୱାଭାବିକତା ଦେଖାଦେଇଥିବା ବେଳେ ସୁମନଙ୍କ ନିଯୁକ୍ତି ନୀତି ଆୟୋଗ କାର୍ଯ୍ୟକୁ କେତେ ଦୂର ଆଗକୁ ନେଇପାରିବ ତାହା ଉପରେ ଅର୍ଥନୀତିଜ୍ଞ, ନୀତି ପ୍ରବର୍ତ୍ତକ, ଟେକ୍ନୋକ୍ରାଟଙ୍କ ନଜର ରହିବା ସ୍ୱାଭାବିକ। ୟୁରୋପୀୟ ଥିଙ୍କ୍ ଟ୍ୟାଙ୍କ 'ବ୍ରୁଜେଲ'ର ନନ୍–ରେସିଡେଣ୍ଟ ଫେଲୋ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିବା ସୁମନଙ୍କ ନୂଆ ନିଯୁକ୍ତି ପରେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ଚର୍ଚ୍ଚାକୁ ଆସିଛି।

ବ୍ୟକ୍ତିତ୍ୱ



ସୁମନ କେ. ବେରି

ଭାରତ ଜନ୍ମିତ ସୁମନ ନିଜ ମେଧା ବଳରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅର୍ଥନୀତିଜ୍ଞ, ଗବେଷକ ତଥା ଲେଖକ ଭାବେ ନିଜକୁ ପରିଚିତ କରାଇପାରିଛନ୍ତି। ଡେରାଡୁନ୍‌ର ଡୁନ୍ ସ୍କୁଲରୁ ସେ ପାଠ ପଢ଼ା ଆରମ୍ଭ କରିଥିଲେ। ପରେ ବ୍ରିଟେନ୍‌ର ଓଖାମ୍ ସ୍କୁଲରେ ବର୍ଷେ ପଢ଼ିଥିଲେ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ମାଗ୍‌ଦାଲେନ୍ କଲେଜରୁ ଦର୍ଶନଶାସ୍ତ୍ର, ରାଜନୀତି ଓ ଅର୍ଥନୀତି ବିଷୟରେ ଅଧ୍ୟୟନ କରିଥିଲେ। ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟ ଅଧୀନ ଊଡ୍ରୋ ଉଇଲ୍‌ସନ ସ୍କୁଲ ଅଫ୍ ପବ୍ଲିକ୍ ଆଣ୍ଡ୍ ଇଣ୍ଟରନ୍ୟାଶନାଲ ଆଫାୟାର୍ସରୁ ଡିଗ୍ରୀ ଅର୍ଜନ କରିଥିଲେ। ତେବେ ତାଙ୍କ ବୃତ୍ତିଗତ ଜୀବନ ୧୯୭୨ରେ ବିଶ୍ୱ ବ୍ୟାଙ୍କରୁ ଆରମ୍ଭ ହୋଇଥିଲା। ୱାଶିଂଟନଭିତ୍ତିକ ଏହି ସଂସ୍ଥାରେ ସେ ୨୮ ବର୍ଷ ବିତାଇ ଜଣେ ପ୍ରମୁଖ ଅର୍ଥନୀତିଜ୍ଞ ଭାବେ ନାମ ଅର୍ଜନ କରିଥିଲେ। ୨୦୦୧ରେ ସେ ବିଶ୍ୱ ବ୍ୟାଙ୍କ ଛାଡ଼ି ସେହି ବର୍ଷ ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ (ଏନ୍‌ସିଏଇଆର୍)ର ମହାନିର୍ଦ୍ଦେଶକ ହୋଇଥିଲେ। ଫୋର୍ବସ୍, ବିଜ୍‌ନେସ୍ ଷ୍ଟାଣ୍ଡାର୍ଡସ, ଇଣ୍ଡିଆନ୍ ଏକ୍ସପ୍ରେସ ଏବଂ ଇକୋନୋମିକ୍ ଆଣ୍ଡ ପଲିଟିକାଲ ୱିକ୍ଲିରେ ସୁମନ ନିୟମିତ ଲେଖା ପ୍ରକାଶ କରି ନିଜର ଏକ ବୃହତ୍ ପାଠକୀୟ ବଳୟ ସୃଷ୍ଟି କରିପାରିଛନ୍ତି। ଇଣ୍ଟରନ୍ୟାଶନାଲ ଗ୍ରୋଥ୍ ସେଣ୍ଟରର ପୂର୍ବତନ ଇଣ୍ଡିଆନ୍ କଣ୍ଟ୍ରି ଡାଇରେକ୍ଟର ଭାବେ ସେ କାର୍ଯ୍ୟ କରିଛନ୍ତି। ସେ ମଧ୍ୟ ଫାଇନାନ୍ସିଆଲ୍ ସେକ୍ଟର ରିଫର୍ମସ୍‌ର ରଘୁରାମ ରାଜନ କମିଟିର ସଦସ୍ୟ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଆର୍ଥିକ ସଂସ୍କାର ଲାଗି ଭାରତ ସରକାର ୨୦୦୭ରେ ଏହି କମିଟି ଗଠନ କରିଥିଲେ। ମନମୋହନ ସିଂ ଦେଶର ପ୍ରଧାନମନ୍ତ୍ରୀ ଥିବା ବେଳେ ସୁମନ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟି, ରିଜର୍ଭ ବ୍ୟାଙ୍କ ବୈଷୟିକ ପରାମର୍ଶଦାତା କମିଟି ଏବଂ ଜାତୀୟ ପରିସଂଖ୍ୟାନ କମିଶନ୍‌ର ମଧ୍ୟ ସଦସ୍ୟ ରହିଥିଲେ।

ମାର୍ଚ୍ଚ ୨୦୨୦ରେ ବିଶ୍ୱବ୍ୟାପୀ କରାଯାଇଥିବା ଲକ୍‌ଡାଉନ୍‌କୁ ସୁମନ ତାଙ୍କ ଲେଖାରେ ସମାଲୋଚନା କରି ତାହା ଅର୍ଥନୀତି ଉପରେ କୁପ୍ରଭାବ ପକାଇବ ବୋଲି କହିଥିଲେ। ସେଥିପାଇଁ ଏକ ସୁସଂହତ ନୀତି ପ୍ରଣୟନ ଉପରେ ସେ ପ୍ରସ୍ତାବ ଦେଇଥିଲେ। ଆଜିର ସ୍ଥିତିରେ ତାଙ୍କୁ ନୀତି ଆୟୋଗର ଅଧ୍ୟକ୍ଷ କରାଯାଇଛି, ଯେତେବେଳେ ଅଧିକାଂଶ ସରକାରୀ ସଂସ୍ଥାରୁ ପୁଞ୍ଜି ପ୍ରତ୍ୟାହାର କରାଯିବା ସହ ଅଭିନବ ଢଙ୍ଗରେ ମୁଦ୍ରୀକରଣ ବିଷୟରେ ଚିନ୍ତା କରାଯାଉଛି। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ ହେବା ଦିନୁ ରାଜସ୍ୱ ଭାଗବଣ୍ଟା ନେଇ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମ୍ପୂର୍ଣ୍ଣ ସମାଧାନର ବାଟ ମିଳି ପାରି ନ ଥିବାରୁ ଆର୍ଥିକ ସହଯୋଗୀ ସଂଘୀୟବାଦ ବ୍ୟବସ୍ଥିତ ହୋଇପାରି ନାହିଁ। ଏହି ପରିପ୍ରେକ୍ଷୀରେ ନୀତି ଆୟୋଗର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଲାଗି ସୁମନଙ୍କ ଦୀର୍ଘ ବର୍ଷର ଅଭିଜ୍ଞତା କାମ ଦେବ ବୋଲି ଆଶା କରାଯାଉଛି। କାରଣ ସଂସ୍ଥାର ନମ୍ବର ଦୁଇରେ ଥିଲେ ମଧ୍ୟ ତାଙ୍କ ସକ୍ରିୟ ସମ୍ପୃକ୍ତି ତାଙ୍କୁ ବାସ୍ତବ ନୀତି ନିର୍ଦ୍ଧାରକ ଆସନରେ ବସାଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଉଚ୍ଚ ଶିକ୍ଷା ପରେ ଚାକିରି ନ କରି ଚାଷରୁ ଲକ୍ଷାଧିକ ଟଙ୍କା ରୋଜଗାର କରିବା ସହ ଚାଷୀମାନଙ୍କ ଜୀବନର ମୋଡ଼ ବଦଳାଇବାରେ ଲାଗିଛନ୍ତି ରାଜସ୍ଥାନ ଜୟପୁରର ଇନ୍ଦ୍ର ରାଜ ଜାଠ ଏବଂ ସୀମା ସାଇନି। ସେମାନେ ୨୦୧୮ରେ ଗ୍ରୀନ୍ ୱାର୍ଲ୍ଡ ଫାଉଣ୍ଡେଶନ ଗଠନ କରି ୮,୦୦୦ କୃଷକଙ୍କୁ ଜୈବିକ କୃଷି ସମ୍ପର୍କରେ ପ୍ରଶିକ୍ଷଣ ଦେଇ ସାରିଲେଣି। ପ୍ରଶିକ୍ଷଣ ପାଇଥିବା କୃଷକମାନେ ଅଧିକ ଉତ୍ପାଦନ କରି ସେମାନଙ୍କ ରୋଜଗାର ବୃଦ୍ଧି କରିପାରିଛନ୍ତି। ୨୦୧୭ରେ ରାଜ କୃଷିରେ ସ୍ନାତକୋତ୍ତର ଏବଂ ସାଇନି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଚାକିରି ନ କରି ଚାଷଆଡ଼କୁ ମନ ବଳାଇଥିଲେ। ପ୍ରଥମେ ରାଜସ୍ଥାନର ଖୋରା ରାମଦାସ ଗାଁରେ ଦେଢ଼ ଏକର ଜମି ଲିଜ୍‌ରେ ନେଇ ଚାଷ କରିବା ପରେ ଏବେ ନିଜସ୍ୱ ଫାର୍ମ କରିଛନ୍ତି। ବିଭିନ୍ନ ପ୍ରକାର ପରିବା, ମସଲା ଓ ଶସ୍ୟ ଉତ୍ପାଦନ କରିବା ସହ, କୁକୁଡ଼ା, ଛେଳି ଓ ଗୋ ପାଳନ କରୁଛନ୍ତି। ଜୈବିକ ତଥା ସମନ୍ୱିତ କୃଷି ପଦ୍ଧତିରେ ଅଧିକ ଉତ୍ପାଦନ କରିବାକୁ ସକ୍ଷମ ହୋଇଛନ୍ତି। କେବଳ ଏତିକି ନୁହେଁ, ଏମାନେ କୃଷି ସହ କୃଷିଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରୁଛନ୍ତି ଓ ମୋଟରେ ଗତ ବର୍ଷ ୩୫ ଲକ୍ଷ ଟଙ୍କା କାରବାର କରିଛନ୍ତି। ଫାର୍ମରେ ଅତିଥିମାନେ ରହିବା ପାଇଁ ପରିବେଶ ଉପଯୋଗୀ ମାଟିଘର ନିର୍ମାଣ କରାଯାଇଛି। ଏଥିରେ ସେମାନେ ୮ରୁ ୧୨ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ମାସକରେ ଏହି ଘରେ ପାଖାପାଖି ୫୦ ଜଣ ଅତିଥି ରହି ଆଖପାଖ ଗାଁର କୃଷି ପରିବେଶକୁ ଉପଭୋଗ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୨୪ ଏପ୍ରିଲ ୧୯୯୭

- ପେରୁ ସେନାବାହିନୀ ନାଟକୀୟ ଭାବେ ରାଜଧାନୀ ଲିମାସ୍ଥିତ ଜାପାନୀ ଦୂତାବାସ ମଧ୍ୟରେ ଧସେଇ ପଶି ବାମପନ୍ଥୀ ଉଗ୍ରପନ୍ଥୀଙ୍କ କବଳରୁ ୭୧ଜଣ ପଣବନ୍ଦୀଙ୍କୁ ମୁକ୍ତ କରିଛନ୍ତି।
- ଭାବନଗରଠାରୁ ୪୦ କି.ମି. ଦୂର ଆଲାଙ୍ଗ ଶିପ୍‌ୟାର୍ଡର ଏକ ଟ୍ୟାଙ୍କରରେ ନିଆଁ ଲାଗି ୧୦ ଶ୍ରମିକ ଜୀବନ୍ତ ଦଗ୍ଧ।

## ଚିରନ୍ତନୀ

ପଉଷ ଉଷା ଜିଣି ଶୀତ ତା'ର ପରଶଟି
କୁହେଳି ସମ ଛାୟା
ରଚି ମାୟା ଆସେ ଘୋଟି।
ବହୁତ ସାଧନାର ଅଧରର ହାସ ଟିକ
ନିଭାଇ ଦେବା ପାଇଁ
ଆସେ ଧାଇଁ ସଜନି ଗୋ!
(ମରଣ ପାଳି)

–କାଳିନ୍ଦୀଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବାକ୍–ଶ୍ରବଣ ବିଶେଷଜ୍ଞ ଅଭାବ

ମହାଶୟ,

ଭାରତ ସରକାରଙ୍କ ବଧିରତା ନିୟନ୍ତ୍ରଣର ଜାତୀୟ କାର୍ଯ୍ୟକ୍ରମ ଆଧାରରେ ବାକ୍–ଶ୍ରବଣ ସମସ୍ୟାର ସମାଧାନ କ୍ଷେତ୍ରରେ ବାକ୍–ଶ୍ରବଣ ବିଶେଷଜ୍ଞଙ୍କର ଏକ ବଳିଷ୍ଠ ଅବଦାନ ରଖେ। ଆମ ଦେଶରେ ପ୍ରାୟ ୧୦% ଲୋକ ବାକ୍–ଶ୍ରବଣ ଜନିତ ସମସ୍ୟାରେ ଜର୍ଜରିତ। ଏମାନଙ୍କ ମଧ୍ୟରୁ ପ୍ରାୟ ୮% ଶ୍ରବଣଜନିତ ସମସ୍ୟାରେ କବଳିତ ଏବଂ ଅବଶିଷ୍ଟ ୨% ଖାଇବାରେ ଅସୁବିଧା ଅଥବା କଥା ହେବାରେ ଅସୁବିଧା ଭୋଗ କରନ୍ତି। ଓଡ଼ିଶାରେ ଏହି ସମସ୍ୟାରେ ପୀଡ଼ିତ ଥିବା ଜନସଂଖ୍ୟା ପ୍ରାୟ ୪୫ ଲକ୍ଷ। ଓଡ଼ିଶାରେ ଅଧିକ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। କିନ୍ତୁ ଆମ ରାଜ୍ୟରେ ସମୁଦାୟ ୨୦୦ରୁ ୨୫୦ ଜଣ ବାକ୍–ଶ୍ରବଣ ବିଶେଷଜ୍ଞ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ କାମ କରୁଛନ୍ତି। ଏହାର କାରଣ ସରକାରୀ ପ୍ରୋତ୍ସାହନ ଏବଂ ଜନସଚେତନତାର ଅଭାବ। ସୂଚନାଥାଉ କି ଆମ ରାଜ୍ୟରେ ୧୯୭୭ରେ ପ୍ରଥମେ ବୁର୍ଲା ମେଡିକାଲ କଲେଜରେ ଏକ ବାକ୍–ଶ୍ରବଣ ପଦବୀ ସୃଷ୍ଟି ହୋଇଥିଲା। ଏହାପରେ ୧୯୮୨ରେ ଏସ୍.ସି.ବି. ମେଡିକାଲ କଲେଜ, କଟକ, ୧୯୯୪ରେ ଏମ୍.କେ.ସି.ଜି. ମେଡିକାଲ କଲେଜ ଏବଂ ସେହି ବର୍ଷ କ୍ୟାପିଟାଲ ହସ୍ପିଟାଲରେ ଏହି ସେବା ଉପଲବ୍ଧ ହୋଇଥିଲା। ଏନ୍.ଆର୍.ଏଚ୍.ଏମ୍. ସ୍କିମ ଜରିଆରେ ଆଜି ପର୍ଯ୍ୟନ୍ତ ୩୨ଟି ପୋଷ୍ଟ ସୃଷ୍ଟି କରାଯାଇଥିବା ସ୍ଥଳେ ନୂଆ ସୃଷ୍ଟି କରାଯାଇଥିବା ୪ଟି ମେଡିକାଲ କଲେଜଗୁଡ଼ିକରେ ୨ଟି କରି ୮ଟି ପୋଷ୍ଟ ସୃଷ୍ଟି କରାଯାଇଛି। ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ୪୪ ବର୍ଷରେ ୪୪ଟି ପଦବୀ ସୃଷ୍ଟି କରିଛନ୍ତି। ଏଗୁଡ଼ିକ ମଧ୍ୟରେ ଗତ ୨୦ ବର୍ଷ ମଧ୍ୟରେ ପ୍ରାୟ ୯୦ ଭାଗ ପଦବୀ ସୃଷ୍ଟି ହୋଇଛି। ମାତ୍ର ସାମୂହିକ ବା ଠିକାନିଯୁକ୍ତି ସୂତ୍ରରେ, ପୁନର୍ବାସ ଚିକିତ୍ସା କ୍ଷେତ୍ରରେ ଠିକା ନିଯୁକ୍ତି ଗ୍ରହଣୀୟ ନୁହେଁ। ସରକାର ଏହି କ୍ଷେତ୍ରକୁ ପ୍ରାଧାନ୍ୟ ଦେଲେ ରାଜ୍ୟର ବାକ୍–ଶ୍ରବଣ ବାଧିତ ଜନତା ଉପକୃତ ହେବେ। ବାକ୍–ଶ୍ରବଣ କ୍ଷେତ୍ରରେ ଦାବିଗୁଡ଼ିକ ପୂରଣ ହେବା ଦରକାର। ଏଗୁଡ଼ିକ ହେଉଛି ଡିଗ୍ରୀଧାରୀ ବାକ୍‌ଶ୍ରବଣ ବିଶେଷଜ୍ଞଙ୍କର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲାସ୍ତରରେ ସମାନ ନିଯୁକ୍ତି ପ୍ରତିଷ୍ଠା। ଠିକା ନିଯୁକ୍ତି ବନ୍ଦ କରିବା। ମେଡିକାଲ କଲେଜମାନଙ୍କର ପୂର୍ବନିର୍ଦ୍ଧାରିତ ଦରମା ହାରକୁ ଲାଗୁକରି ତାରତମ୍ୟ ଦୂର କରିବା, ପ୍ରତ୍ୟେକ ମେଡିକାଲ କଲେଜରେ ବିଶେଷଜ୍ଞ ପଦବୀ ସୃଷ୍ଟି କରିବା ଓ ବିଶେଷଜ୍ଞଙ୍କର ଏକ କ୍ୟାଡର ରୁଲ କରି ପଦୋନ୍ନତିର ଖସଡ଼ା ପ୍ରସ୍ତୁତି କରିବା ତଥା ରାଜ୍ୟସ୍ତରୀୟ ବାକ୍–ଶ୍ରବଣ ସମ୍ବନ୍ଧୀୟ ଏକ ଶିକ୍ଷା ଏବଂ ପୁନର୍ବାସର ଅନୁଷ୍ଠାନ ଗଢ଼ିବାର ପଦ୍ଧତି ନିରୂପଣ କରିବା।

–ନାରାୟଣ ଚନ୍ଦ୍ର ବିଶ୍ୱାଳ, ବାକ୍–ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପଶ୍ଚିମବଙ୍ଗ ଭାଜପାରେ ବଢ଼ୁଛି ଅନ୍ତର୍ଦ୍ୱନ୍ଦ୍ୱ

## ସ୍ଥିତି ରକ୍ଷା ଲାଗି ସଂଘର୍ଷ ଜାରି

କୋଲକାତା,୨୩।୪




ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜିତ ହେବାର ବର୍ଷେ ମଧ୍ୟରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ନିର୍ବାଚନରେ ଭାଜପା ଭୋଟ ହାର ହ୍ରାସ ପାଇଚାଲିଛି। ଫଳରେ ଦଳୀୟ ନେତା ଓ କର୍ମୀମାନଙ୍କୁ ଏକାଠି ରଖିବା ପାଇଁ ଭାଜପା ରାଜ୍ୟ ଶାଖା ସଂଘର୍ଷ ଚଳାଇଛି। ବିଧାନସଭା ନିର୍ବାଚନ ପରାଜୟର ଝଟ୍‌କାକୁ ଦଳ ଭୁଲିପାରି ନ ଥିବାବେଳେ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଦେଖାଦେଲାଣି। ରାଜ୍ୟ ନେତୃତ୍ୱଙ୍କ କାର୍ଯ୍ୟକୁ ଅନେକ ନେତା ବିରୋଧ କରିବା ଆରମ୍ଭ କଲେଣି। ରାଜ୍ୟ ସଂଗଠନକୁ ଏକାଠି ରଖିବା ଲାଗି ଭାଜପା କେନ୍ଦ୍ରୀୟ ନେତୃତ୍ୱ ଉଦ୍ୟମ କରିଥିଲେ ହେଁ ତାହା ସଫଳ ହେଲା ଭଳି ଲାଗୁନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସମ୍ଭାବ୍ୟ ଗସ୍ତ ଉପରେ ସମସ୍ତଙ୍କର ନଜର ରହିଛି। ଶାହା ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବାବେଳେ ପଶ୍ଚିମବଙ୍ଗରେ ଦଳୀୟ ସଂଗଠନ ବଢ଼ାଇବାରେ ମୁଖ୍ୟ ଭୂମିକା ନେଇଥିଲେ।

ଦଳରେ ଯାହା ଘଟିଯାଇଛି ତାହା ଦୁର୍ଭାଗ୍ୟଜନକ। ଏହା ସମସ୍ତଙ୍କୁ ଅଡୁଆରେ ପକାଇଛି। ସମସ୍ୟା ସମାଧାନ ଲାଗି ଦଳୀୟ ନେତୃତ୍ୱ ଉଦ୍ୟମ ଚଳାଇଛନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି। ବିଧାନସଭା ନିର୍ବାଚନ ପରାଜୟ ପରେ ବାବୁଲ ସୁପ୍ରିୟୋ, ମୁକୁଲ ରାୟ ପ୍ରମୁଖ ଶୀର୍ଷ ନେତା ଦଳ ଛାଡ଼ି ଟିଏମ୍‌ସିରେ ଯୋଗଦେବା ଭାଜପାକୁ ଶକ୍ତ ଝଟ୍‌କା ହୋଇଥିଲା। ଏବେ ଦଳ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ଜୋର୍ ଧରିଛି। ସମସ୍ୟା ସମ୍ପର୍କରେ ଗଣମାଧ୍ୟମକୁ ନ କହି ତାଙ୍କୁ ଜଣାଇବାକୁ ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର ସଦସ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ରାଜ୍ୟ ସଂଗଠନ ଦାୟିତ୍ୱରେ ଥିବା ନେତାଙ୍କ ବିରୋଧରେ ଅଭିଯୋଗ ଆସୁଥିବାରୁ ଦଳରେ ଆତ୍ମସମୀକ୍ଷା ପାଇଁ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ଅନୁପମ ହାଜରା ନିକଟରେ ଆହ୍ୱାନ ଦେଇଥିଲେ। ରାଜ୍ୟ ନେତୃତ୍ୱ ଗଣତାନ୍ତ୍ରିକ ଢଙ୍ଗରେ କାର୍ଯ୍ୟ କରୁ ନ ଥିବାରୁ ଅଭିଜ୍ଞ ନେତାମାନେ ଦୂରେଇଯିବାକୁ ଚେଷ୍ଟା କରୁଛନ୍ତି। ନୂଆ ରାଜ୍ୟ ସଭାପତି ସ୍ଥିତିକୁ ନିୟନ୍ତ୍ରଣ କରିବାରେ ସମର୍ଥ ନୁହନ୍ତି ବୋଲି ହାଜରା କହିଥିଲେ।

## ଦଳ ବିରୋଧୀ କାର୍ଯ୍ୟ ଭାଜପା କର୍ମକର୍ତ୍ତା ବହିଷ୍କୃତ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ଜଗତ୍‌ସିଂହପୁର ପୂର୍ବତନ ଜିଲା ଉପସଭାପତି ଅଜିତ କୁମାର ଦାସ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଓ ପାରାଦୀପ ନଗର ପୂର୍ବତନ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାହୁ, ମହିଳା ମୋର୍ଚ୍ଚା ଜିଲା ଉପ ସଭାନେତ୍ରୀ ଶୈଳେନ୍ଦ୍ରୀ ସେନାପତି ଏବଂ ଜିଲା ସମ୍ପାଦକ ଅରୁଣ କୁମାର ସ୍ୱାଇଁଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଜଗତ୍‌ସିଂହପୁର ଜିଲା ସଭାପତିଙ୍କ ସୁପାରିସ ଏବଂ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ନିଆଯାଇଛି ବୋଲି ରାଜ୍ୟ ଭାଜପା ପକ୍ଷରୁ ଜାରି ପ୍ରେସ୍ ଇସ୍ତାହାରରେ କୁହାଯାଇଛି।


ଜୟପୁରସ୍ଥିତ ସରକାରୀ ବାସଭବନରେ ଶନିବାର ଅନୁଷ୍ଠିତ ଇଫ୍‌ତାର ପାର୍ଟିରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସହ କଂଗ୍ରେସ ରାଜ୍ୟ ସଭାପତି ଗୋବିନ୍ଦ ସିଂ ଦୋତାସ୍ରା ଯୋଗ ଦେଇଛନ୍ତି।

# ୨୦୨୪ ପାଇଁ ବିଜେଡିର ରଣନୀତି

ଭୁବନେଶ୍ୱର,୨୩।୪(ବ୍ୟୁରୋ)



**ଜିଲା ପର୍ଯ୍ୟବେକ୍ଷକ ବୈଠକ**

- ୱାନ୍ ଟୁ ୱାନ୍ କଥା ହେଲେ ନବୀନ
- ୧୦ ଦିନରେ ରିପୋର୍ଟ ଦେବେ ପର୍ଯ୍ୟବେକ୍ଷକ

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ବିପୁଳ ଜନସମର୍ଥନ ମିଳିଛି। ଆସନ୍ତା ୨୦୨୪ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ପଞ୍ଚାୟତ ଓ ପୌର ନିର୍ବାଚନ ଭଳି ବିଧାନସଭା ଓ ଲୋକ ସଭା ନିର୍ବାଚନରେ ଦଳ କିପରି କ୍ଲିନ୍ ସୁଇପ୍ କରିବ ସେ ନେଇ ବିଜେଡି ରଣନୀତି ପ୍ରସ୍ତୁତ ଆରମ୍ଭ କରିଛି।

ତୃଣମୂଳ ସ୍ତରରେ ବିଜେଡିକୁ କିପରି ଆହୁରି ଅଧିକ ସୁଦୃଢ଼ ତଥା ସୁସଂଗଠିତ କରାଯାଇ ପାରିବେ ସେ ନେଇ ଶନିବାର ନବୀନ ନିବାସଠାରେ ଜିଲା ପର୍ଯ୍ୟବେକ୍ଷକମାନଙ୍କର ବୈଠକ ଆରମ୍ଭ ହୋଇଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ନିର୍ବାଚନରେ ଜିଲାରେ ଦଳର ସ୍ଥିତି ନେଇ ଜିଲାୱାରି ପର୍ଯ୍ୟବେକ୍ଷକଙ୍କ ସହ ୱାନ୍ ଟୁ ୱାନ୍ କଥା ହୋଇଛନ୍ତି । ପ୍ରଥମ ଦିବସରେ କୋରାପୁଟ, ମାଲକାନଗିରି, କେନ୍ଦ୍ରାପଡ଼ା, ବାଲେଶ୍ୱର, ନୟାଗଡ଼, ଅନୁଗୋଳ, ନବରଙ୍ଗପୁର, ଢେଙ୍କାନାଳ ଓ ସୁନ୍ଦରଗଡ଼ ୯ ଜିଲାର ୮ ପର୍ଯ୍ୟବେକ୍ଷକଙ୍କ ସହ ନବୀନ ଆଲୋଚନା କରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରଥମେ ନୟାଗଡ଼ ଜିଲା ପର୍ଯ୍ୟବେକ୍ଷକ ପଦ୍ମନାଭ ବେହେରାଙ୍କ ସହ କଥା ହୋଇଛନ୍ତି । ଏହା ପରେ ବାଲେଶ୍ୱର ପର୍ଯ୍ୟବେକ୍ଷକ ପ୍ରତାପ ଦେବ, କେନ୍ଦ୍ରାପଡ଼ା ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ, କୋରାପୁଟ ଓ ମାଲକାନଗିରି ପର୍ଯ୍ୟବେକ୍ଷକ ଚନ୍ଦ୍ରସାରଥି ବେହେରା, ଅନୁଗୋଳ ପର୍ଯ୍ୟବେକ୍ଷକ ପ୍ରଶାନ୍ତ ମୁଦୁଲି, ଢେଙ୍କାନାଳ ପର୍ଯ୍ୟବେକ୍ଷକ ବିଜୟ ନାୟକ, ନବରଙ୍ଗପୁର ପର୍ଯ୍ୟବେକ୍ଷକ ତୁଷାରକାନ୍ତି ବେହେରା ଓ ସୁନ୍ଦରଗଡ଼ ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡ଼େଇଙ୍କ ସହ ଜିଲାରେ ବିଜେଡିର ସାଂଗଠନିକ ସ୍ଥିତି ନେଇ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ପଞ୍ଚାୟତ ଓ ପୌର ନିର୍ବାଚନରେ କିଛି ସ୍ଥାନରେ କାହିଁକି ବିଜେଡି ପଛୁଆ ରହିଗଲା ଏବଂ ତୃଣମୂଳ ସ୍ତରରେ କ'ଣ ଅସୁବିଧା ରହିଛି ସେ ନେଇ ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ପର୍ଯ୍ୟବେକ୍ଷକମାନଙ୍କୁ କୁହାଯାଇଛି । ଏଠାରେ ସୂଚନାଯୋଗ୍ୟ ଯେ ଆସନ୍ତା ୩ ଦିନ ଧରି ୩୦ ଜିଲାର ପର୍ଯ୍ୟବେକ୍ଷକମାନଙ୍କ ସହ ନବୀନ ଜିଲାରେ ଦଳର ସ୍ଥିତି ନେଇ ଆଲୋଚନା କରିବେ। ପର୍ଯ୍ୟବେକ୍ଷକମାନଙ୍କଠାରୁ ରିପୋର୍ଟ ମିଳିବା ପରେ ସେଗୁଡ଼ିକୁ ସମୀକ୍ଷା କରାଯିବ। କେଉଁ ପର୍ଯ୍ୟବେକ୍ଷକ ନିଜ ଦାୟିତ୍ୱକୁ କେତେ ତୁଲାଇବାରେ ସଫଳ ହୋଇଛନ୍ତି ସେ ସବୁର ତର୍ଜମା ସଭାପତି କରିବେ। ଆସନ୍ତା ମେ'ରେ ସାଂଗଠନିକ ସ୍ତରରେ ଏକ ଅଦଳବଦଳ ହେବାର ସମ୍ଭାବନା ରହିଛି। ଯେଉଁ ପର୍ଯ୍ୟବେକ୍ଷକମାନଙ୍କ ପ୍ରଦର୍ଶନ ସେତେଟା ସନ୍ତୋଷଜନକ ନ ଥିବ ଅଥବା ଜଣେ ବ୍ୟକ୍ତି ଦୁଇ କିମ୍ବା ତିନୋଟି ଦାୟିତ୍ୱରେ ଥିବେ ସେମାନଙ୍କୁ ଦାୟିତ୍ୱ ମୁକ୍ତ କରାଯିବା ନେଇ ଆଲୋଚନା ହେଉଛି।

## କଂଗ୍ରେସରେ ଯୋଗଦେବେ ପଟିଦାର ନେତା

ଅହମଦାବାଦ,୨୩।୪

ଗୁଜରାଟ ପଟିଦାର ନେତା ନରେଶ ପଟେଲ କଂଗ୍ରେସରେ ଯୋଗଦେଇପାରନ୍ତି। ସେ ଶନିବାର ନୂଆଦିଲ୍ଲୀରେ ନିର୍ବାଚନୀ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ଭେଟିଛନ୍ତି ଓ ଖୁବ୍‌ଶୀଘ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ପଟିଦାର ନେତାଙ୍କୁ ନିଜ ଦଳରେ ନେବା ଲାଗି ଭାଜପା, କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି କିଛି ମାସ ହେଲା ଉଦ୍ୟମ ଜାରି ରଖିଛନ୍ତି। ତେବେ ସେ କେଉଁ ଦଳରେ ଯୋଗଦେବେ ପଟେଲ ସମାଜର ପରାମର୍ଶ କ୍ରମେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଆସୁଛନ୍ତି। ମା' ଖୋଡିୟାର ମନ୍ଦିର ପରିଚାଳନା କରୁଥିବା ଶ୍ରୀ ଖୋଦାଲଧାମ ଟ୍ରଷ୍ଟର ଅଧ୍ୟକ୍ଷ ଅଛନ୍ତି ନରେଶ ପଟେଲ। ସେ ପଟିଦାର ସମ୍ପ୍ରଦାୟର ଲେଉଭା ପଟେଲ ଉପଜାତିର। ଏହି ସମ୍ପ୍ରଦାୟର ଭୋଟ ଅନେକ ଆସନର ଭାଗ୍ୟ ନିର୍ଦ୍ଧାରଣ କରିଥାଏ।


ନରେଶ ପଟେଲ

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରଣିଆ ରଣ ଯେତେ,
କହୁଣିଆକୁ କହୁଣି ସେତେ।**

ରଣୀ ବ୍ୟକ୍ତିଙ୍କୁ ଯେତେ ଅଧିକ ରଣ ଦେଲେ ମଧ ସିଏ ନେବା ଲାଗି କେବେ କୁଣ୍ଠା ପ୍ରକାଶ କରି ନ ଥାନ୍ତି। ଆଶାରୁ ଅଧିକ ମିଳିଲେ ମଧ୍ୟ ନେବା ଲାଗି ସଦା ପ୍ରସ୍ତୁତ ହୋଇଥାନ୍ତି ବା ଆଗଭର ହୋଇଥାନ୍ତି। ସେହିପରି କହୁଣିଆଁ ବା ମାଡ଼ଖିଆ ବ୍ୟକ୍ତିଙ୍କୁ ଯେତେ କହୁଣି ମାଡ଼ ଦେଲେ ମଧ ସିଏ ସେତେ ସହିଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ରୁଣୁଝୁଣୁ ହୋଇ ଯାଉଛି ଚାଲି,
ଦେଖିଲା ବେଳକୁ କାଳୀ କୋତରୀ।**

ମହିଳାମାନେ ସାଧାରଣତଃ ଫେଶନ ପ୍ରିୟ ହୋଇଥାନ୍ତି। ନିଜ ରୂପ ବର୍ଣ୍ଣକୁ ଦେଖି ପ୍ରସାଧନ ପ୍ରତି ମନ ବଳେଇଥାନ୍ତି। ତେବେ ଶ୍ୟାମଳ ବର୍ଣ୍ଣା ଯୁବତୀଙ୍କ କ୍ଷେତ୍ରରେ ନିଜ ରୂପକୁ ନେଇ ସଜେଇହେବା ଅନେକଙ୍କ ପକ୍ଷେ ଚକ୍ଷୁଶୂଳ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ନବନୀତ, ରବି ରାଣା ଗିରଫ

ନୂଆଦିଲ୍ଲୀ,୨୩।୪

**ହନୁମାନ ଚାଳିଶା ବିବାଦ**


ସ୍ୱାମୀ ରବି ରାଣାଙ୍କ ସହ ନବନୀତ।

ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରୁଥିବା ଅଭିଯୋଗରେ ମହାରାଷ୍ଟ୍ରର ଅମରାବତୀ ଏମ୍‌ପି ନବନୀତ ରାଣା ଓ ତାଙ୍କ ବିଧାୟକ ସ୍ୱାମୀ ରବି ରାଣାଙ୍କୁ ଶନିବାର ପୋଲିସ ଖର୍ ଅଞ୍ଚଳରୁ ଗିରଫ କରିଛି। ରବିବାର ସେମାନଙ୍କୁ ବାନ୍ଦ୍ରା ହଲିଡେ' କୋର୍ଟରେ ହାଜର କରାଯିବ। ଯାଞ୍ଚ ପାଇଁ ସେମାନଙ୍କ ଖବରଦାତା ସମ୍ମିଳନୀର ଫଟୋ ଓ ଭିଡିଓ ସଂଗ୍ରହ କରାଯାଇଥିବା ମୁମ୍ବାଇ ପୋଲିସ କହିଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ବାସଭବନ ଆଗରେ ହନୁମାନ ଚାଳିଶା ପାଠ କରିବେ ବୋଲି ଏହି ଦମ୍ପତି ପୂର୍ବରୁ ଘୋଷଣା କରିଥିଲେ ହେଁ ପରେ ନିଷ୍ପତ୍ତିରୁ ଓହରି ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁମ୍ବାଇକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବାକୁ ଥିବାରୁ ଆଇନ ଶୃଙ୍ଖଳା ବ୍ୟାହତ କରିବାକୁ ଚାହାନ୍ତି ନାହିଁ ବୋଲି ସେମାନେ କହିଥିଲେ। ସେମାନଙ୍କ ଘର ବାହାରେ ବିକ୍ଷୋଭ ଘଟଣାରେ ମୁଖ୍ୟମନ୍ତ୍ରୀ ଠାକ୍‌ରେ, ଶିବସେନା ନେତା ଅନିଲ ପରବ, ସଞ୍ଜୟ ରାଉତ ଓ ସମସ୍ତ ୭୦୦ ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁପାଇଁ ରାଣା ଦମ୍ପତି ମୁମ୍ବାଇ ପୋଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

# ମନ୍ତ୍ରୀଙ୍କ ବାସଭବନ ଘେରାଉ

## ବିନା ଥଇଥାନରେ ବସ୍ତି ଭାଙ୍ଗିବାକୁ ନେଇ ତାତିଲେ ଅଞ୍ଚଳବାସୀ

**ଭୁବନେଶ୍ୱର,୨୩।୪ (ବ୍ୟୁରୋ):** ଚନ୍ଦକା ପଞ୍ଚାୟତର ଉଦୟ ନଗର ଅଞ୍ଚଳରେ ବସ୍ତି ଭାଙ୍ଗିବାକୁ ନେଇ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନ ଘେରାଉ କରାଯାଇଛି। ଶୁକ୍ରବାର ଥଇଥାନ ବିନା ବସ୍ତି ଭଙ୍ଗାଯାଇଥିବାକୁ ନେଇ ବସ୍ତିବାସୀ ଶନିବାର ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ନାରାବାଜୀ ସହ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ଏନେଇ ବସ୍ତିବାସୀ ଅଭିଯୋଗ କରି କହିଛନ୍ତି, ଉଦୟ ନଗର ଅଞ୍ଚଳରେ ଦୀର୍ଘ ୨୫ରୁ ୩୦ ବର୍ଷ ଧରି ସ୍ଥାୟୀଭାବେ ରହି ଆସୁଥିଲୁ। ଶୁକ୍ରବାର ଆମେ କାମକୁ ଯାଇଥିବା ସମୟରେ ବିନା ନୋଟିସରେ ଆସି ତହସିଲଦାରଙ୍କ ଉପସ୍ଥିତିରେ ବସ୍ତିର ଗୋଟିଏ ଘରକୁ ଭାଙ୍ଗି ଦିଆଯାଇଥିଲା। ଲୋକମାନେ ଏକତ୍ରିତ ହୋଇ ବିରୋଧ କରିବା ଫଳରେ ତହସିଲଦାର ଓ ଅନ୍ୟମାନେ ସେଠାରୁ ପଳେଇ ଯାଇଥିଲେ। ପରେ ବିଧାୟକଙ୍କୁ ଅନୁରୋଧ କରି ଆମେ ମନ୍ତ୍ରୀଙ୍କ ବାସଭବନକୁ ନ୍ୟାୟ ପାଇଁ ଆସିଛୁ। ସରକାରଙ୍କ ଜାଗା ମିଶନ ଅନୁଯାୟୀ ଥଇଥାନ କରିବାପାଇଁ ଦାବି କରିଛୁ। ଅପରପକ୍ଷରେ ମନ୍ତ୍ରୀ ସୁଦାମ ମାରାଣ୍ଡି କ୍ଷତିଗ୍ରସ୍ତଙ୍କୁ ୪ ଡିସିମିଲ ଜାଗା ପ୍ରଦାନ କରିବାର ପ୍ରତିଶ୍ରୁତି ଦେବା ପରେ ବସ୍ତିବାସୀ ଆନ୍ଦୋଳନରୁ ଓହରିଥିଲେ।

## ପୂର୍ବତନ ବିଧାୟକ ସୁରେନ୍ଦ୍ର କହଁରଙ୍କ ପରଲୋକ

ବାଲିଗୁଡ଼ା,୨୩।୪(ଡି.ଏନ୍.ଏ.)



କନ୍ଧମାଳ ଜିଲା ବାଲିଗୁଡ଼ାର ପୂର୍ବତନ ଭାଜପା ବିଧାୟକ ସୁରେନ୍ଦ୍ର କହଁର(୮୪)ଙ୍କ ଶନିବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଘରେ ରହି ଚିକିତ୍ସିତ ହେଉଥିଲେ। ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ବାଲିଗୁଡ଼ା ବ୍ଲକ ସଲାଗୁଡ଼ା ପଞ୍ଚାୟତ ସଲାଗୁଡ଼ା ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

ଶିକ୍ଷକତାରୁ ଅବସର ଗ୍ରହଣ କରିବା ପରେ ସୁରେନ୍ଦ୍ର ରାଜନୀତିକୁ ଆସିଥିଲେ। ୨୦୦୦ ମସିହାରେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ଭାଜପାରୁ ପ୍ରାର୍ଥୀ ହୋଇ ବିଧାୟକ ହୋଇଥିଲେ। ୨୦୦୪ ପର୍ଯ୍ୟନ୍ତ ବାଲିଗୁଡ଼ାର ବିକାଶ ପାଇଁ କାର୍ଯ୍ୟ କରିଥିଲେ । କନ୍ଧମାଳ ଜିଲା ଭାଜପା, ବିଜେଡି ଓ କଂଗ୍ରେସ ଦଳ ତଥା ବହୁ ନେତା ସୁରେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇନକୁ ତା' ବାଟରେ ଯିବାକୁ ଦିଅ: ନବ

ଝାରସୁଗୁଡ଼ା ଅଫିସ,୨୩।୪

**ଭିନ୍ନ ମୋଡ଼ ନେଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ରୋଷେୟା ମୃତ୍ୟୁ ଘଟଣା**

**ସିବିଆଇ ତଦନ୍ତ ହେଉ: ଭାଜପା**


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ରୋଷେୟା ଲଳିତ କୁମାର ସାହୁ(୨୨)ଙ୍କ ମୃତ୍ୟୁ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ସମ୍ପୃକ୍ତି ଥିବା ଭାଜପା ଅଭିଯୋଗ କରି ଘଟଣାର ସିବିଆଇ ତଦନ୍ତ ଦାବି କରିଛି। ଏହାକୁ ନେଇ ଶାସକ ଓ ବିରୋଧୀ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି। ଏହି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ମୃତ ରୋଷେୟାଙ୍କ ବାପା ଓ ଭାଇ ଝାରସୁଗୁଡା ଟାଉନ ଥାନାରେ ଏତଲା ଦେବା ସହ ପରିବାରର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ଏତଲାରେ ତାଙ୍କ ବାପା ଉଲ୍ଲେଖ କରିଛନ୍ତି, ପୁଅ ଅବାଟରେ ଯାଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ଚାପରେ ରହୁଥିଲା। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ସ୍ମାରକପତ୍ରରେ ଦର୍ଶାଇଛନ୍ତି, ତାଙ୍କ ପୁଅ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଘରେ ରୋଷେୟା ଭାବେ କାମକରି ଖୁସିରେ ଥିଲା। ଏଭଳି ଅଭିଯୋଗ ପରେ ମାମଲା ଭିନ୍ନ ମୋଡ ନେଇଛି। ଘଟଣାର ୫ଦିନ ପରେ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ମୁହଁ ଖୋଲିଛନ୍ତି। ରାଜନୈତିକ ଫାଇଦା ପାଇଁ ବିରୋଧୀ ବାଟ ଓଗାଳିବା ଉଚିତ ନୁହେଁ। ଆଇନକୁ ତା'ବାଟରେ ଯିବାକୁ ଦିଅ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଝାରସୁଗୁଡ଼ା ଅତିରିକ୍ତ ଏସ୍‌ପି କେଶବ ଚନ୍ଦ୍ର ବେହେରା କହିଛନ୍ତି, ରୋଷେୟା ଆତ୍ମହତ୍ୟା କରିଥିଲେ। ତାଙ୍କ ବଡଭାଇଙ୍କ ଅନୁରୋଧକ୍ରମେ ରାତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଜିଲା ବିଜେଡି ତରଫରୁ ଖବରଦାତା ସମ୍ମିଳନୀରେ କୁହାଯାଇଛି ଘଟଣାଦିନ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଝାରସୁଗୁଡାରେ ଅନୁପସ୍ଥିତ ଥିଲେ। ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧୀମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନାମରେ ଏଭଳି ମିଥ୍ୟା ଅଭିଯୋଗ ଆଣୁଛନ୍ତି। ଏସବୁକୁ ନେଇ ଜିଲା ଭାଜପା ତରଫରୁ ଶନିବାର ଜିଲା ପାର୍ଟି ଅଫିସରେ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି, ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ପ୍ରଭାବଶାଳୀ ମନ୍ତ୍ରୀ ହୋଇଥିବାରୁ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣା ଭଳି ରୋଷେୟାଙ୍କ ମୃତ୍ୟୁ ଘଟଣା ଚପାଇଦେବାକୁ ପ୍ରୟାସ କରାଯାଉଛି। ଲଳିତ ଫ୍ୟାନ୍‌ରେ ଝୁଲି ଆତ୍ମହତ୍ୟା କରିଥିବାବେଳେ ପ୍ରଥମେ କିଏ ଦେଖିଥିଲେ, ତାଙ୍କ ବଡଭାଇଙ୍କୁ କିଏ ଜଣାଇଥିଲେ, ପୋଲିସ କେତେବେଳେ ପହଞ୍ଚିଥିଲା ଏସବୁର ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରାଯାଉ। ଘଟଣା ଦିନ ମନ୍ତ୍ରୀ ଦାସ ଝାରସୁଗୁଡାରେ ନ ଥିବା କୁହାଯାଉଥିବାବେଳେ ସେଦିନ ମନ୍ତ୍ରୀ ଝାରସୁଗୁଡାରେ ରହି ୨ଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଘଟଣାକୁ ଚାପିଦେବା ପାଇଁ ମନ୍ତ୍ରୀ ଜିଲା ଓ ପୋଲିସ ପ୍ରଶାସନ ଉପରେ ଚାପ ପକାଇଛନ୍ତି। ମନ୍ତ୍ରୀଙ୍କ ବାସଭବନ ଓ ଝାରସୁଗୁଡା ଟାଉନ୍ ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ ହେବା ଆବଶ୍ୟକ। ମୃତଦେହ ପଞ୍ଚନାମା କେତେବେଳେ ଓ କେଉଁ ଅଧିକାରୀ କରିଥିଲେ ଏହାର ଫଟୋଚିତ୍ର ପ୍ରଦାନ କରାଯାଉ। ରୋଷେୟା ଲଳିତଙ୍କ ବ୍ୟାଙ୍କ ଆକାଉଣ୍ଟରେ କିଏ ଓ କେତେଟଙ୍କା ଜମା କରିଥିଲେ ଓ ପରେ ସେସବୁ ଟଙ୍କା କୁଆଡେ ଯାଇଥିଲା, ଏସବୁର ତଦନ୍ତ କରାଯାଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିବା ପାଇଁ ଜିଲା ଭାଜପା ଦାବି କରିଛି। ଏ ନେଇ ଜିଲା ଭାଜପା ତରଫରୁ ରବିବାର ଟାଉନ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ନେତୃବୃନ୍ଦଙ୍କ ମଧ୍ୟରେ ଦୀନେଶ ଜୈନ, ତ୍ରିନାଥ ଗୁଆଲ, ସତ୍ୟନାରାୟଣ ବହିଦାର, ନରେଶ ନାୟକ, ବନ୍ଦନା ମୁଦ୍ରା, ମହେନ୍ଦ୍ର କେଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଡ଼ା. ପ୍ରାଣକୃଷ୍ଣ ନାୟକ
ପ୍ଲଟ ନଂ-୧୦୫, ସହିଦ ନଗର, ଭୁବନେଶ୍ୱର-୦୭
ଆବିର୍ଭାବ : ୦୭.୦୪.୧୯୪୬
ତିରୋଧାନ : ୦୪.୦୫.୨୦୨୧
ଆପଣଙ୍କର ଅନୁପସ୍ଥିତି ଆମେ ସମସ୍ତେ ମର୍ମାହତ । ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମମାନଙ୍କର ପାଥେୟ ହେଉ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଉଛୁ ।
-: ଶୋକସନ୍ତପ୍ତ :-
ତୁମର ପତ୍ନୀ, ପୁତ୍ର-ପୁତ୍ରବଧୂ ମାନେ, ପୁତୁରା-ପୁତୁରାବଧୂ ମାନେ, ନାତି-ନାତୁଣୀ ଏବଂ ସମସ୍ତ ବନ୍ଧୁ,ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ।
ଧ-୭୧୪୯୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଯତୀନ୍ଦ୍ରନାଥ ସାହୁ
ଆବିର୍ଭାବ: ୦୯।୦୫।୧୯୪୦
ତିରୋଧାନ: ୦୫।୦୫।୨୦୨୧
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆମକୁ ଛାଡ଼ି ଚାଲିଗଲା ତୁମ କର୍ତ୍ତବ୍ୟନିଷ୍ଠା, ସ୍ନେହ, ଭଲପାଇବା ଆଉ ମଧୁର କଥା ସବୁ ଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ସୁଲ, ଟିଙ୍କୁ (ଅମିତ), ପିଙ୍କୁ, ରିଙ୍କୁ, ମିନୁ, ରିଙ୍କି, ସବିତା, ନାତୁଣୀ: ଗୋଲୁ, ନାତି: ସାଇ ଏବଂ ପରିବାରବର୍ଗ ।
ଧ-୨୩୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୨୪ ଏପ୍ରିଲ, ୨୦୨୨ Sambalpur, Sunday, April 24/2022

# ନାଇଟ୍ ରାଇଡର୍ସଙ୍କୁ ହରାଇଲା ଟାଇଟାନ୍ସ

**ନବି ମୁମ୍ବାଇ, ୨୩।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଗୁଜରାଟ ଟାଇଟାନ୍ସ ୮ ରନରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। ଏଥିସହ ଦଳ ୭ଟି ମ୍ୟାଚରୁ ୬ଟି ବିଜୟ ସହ ୧୨ପଏଣ୍ଟ ଅର୍ଜନ କରି ଟେବୁଲରେ ଶୀର୍ଷ ସ୍ଥାନକୁ ଉଠିପାରିଛି। ଆଣ୍ଡ୍ରେ ରସେଲ ପ୍ରଭାବୀ ଅଲରାଉଣ୍ଡ ପ୍ରଦର୍ଶନ କରି ମଧ୍ୟ ତାଙ୍କ ଦଳକୁ ଜିତାଇପାରି ନ ଥିଲେ। ପ୍ରଥମେ ସେ ବୋଲିଂରେ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ପରେ ବ୍ୟାଟିଂରେ ଟପ୍ ସ୍କୋରର ଭାବେ ୨୫ ବଲ୍‌ରୁ ୪୮ ରନ (୧ ଚୌକା ଓ ୬ ଛକା) କରିଥିଲେ। ଗୁଜରାଟ ଟାଇଟାନ୍ସ ଦ୍ୱାରା ଧାର୍ଯ୍ୟ ୧୫୭ ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ କୋଲକାତା ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୧୪୮ରନ କରିବାରେ ସମର୍ଥ ହୋଇଥିଲା।


ଅର୍ଦ୍ଧଶତକୀୟ ଇନିଂସ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା।

ଦଳ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ ରିଙ୍କୁ ସିଂ ୩୫ ରନ କରିଥିଲେ।

ଗୁଜରାଟ ଦଳ ପକ୍ଷରୁ ମହମ୍ମଦ ଶାମି, ୟାଶ ଦୟାଲ ଓ ରଶିଦ ଖାଁ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଶନିବାର ଚଳିତ ଆଇପିଏଲ୍‌ରେ ପ୍ରଥମ ଦଳ ଭାବେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଗୁଜରାଟ ଟାଇଟାନ୍ସ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଚମତ୍କାର ଅର୍ଦ୍ଧଶତକ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ଶନିବାର ପାଣ୍ଡ୍ୟା ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ସେ ୪୯ ବଲ୍‌ରେ ୪ ଚୌକା ଓ ୨ ଛକା ସହ ୬୭ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେଭିଡ ମିଲର ୨୭, ଉଇକେଟକିପର ଋଦ୍ଧିମାନ ଶାହା ୨୫ ଓ ରାହୁଲ ଟେୱାଟିଆ ୧୭ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅଲରାଉଣ୍ଡର ଆଣ୍ଡ୍ରେ ରସେଲ ଫାଇନାଲ ଓଭରରେ ୪ ଉଇକେଟ ଅକ୍ତିଆର କରିବାରୁ ଗୁଜରାଟର ସ୍କୋର ୧୬୦ ଭିତରେ ସୀମିତ ରହିଯାଇଥିଲା। ରସେଲ ତାଙ୍କ ଗୋଟିଏ ଓଭର ବୋଲିଂ କରି ମାତ୍ର ୫ ରନ ବିନିମୟରେ ୪ଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟତମ ସଫଳ ବୋଲର ନ୍ୟୁଜିଲାଣ୍ଡ ପେସ୍ ବୋଲର ଟିମ୍ ସୌଦି ୨୪ରନ ବିନିମୟରେ ୩ଟି ଉଇକେଟ ନେଇଥିଲେ।




**ସଂକ୍ଷିପ୍ତ ସ୍କୋର**

**ଗୁଜରାଟ ଟାଇଟାନ୍ସ:** ୨୦ ଓଭରରେ ୧୫୬/୯ (ହାର୍ଦ୍ଦିକ ପାଣ୍ଡ୍ୟା-୬୭, ଡେଭିଡ ମିଲର-୨୭ ; ଆନ୍ଦ୍ରେ ରସେଲ ୪/୫, ଟିମ୍ ସୌଦି-୩/୨୪)।

**କୋଲକାତା ନାଇଟ ରାଇଡର୍ସ:** ୨୦ ଓଭରରେ ୧୪୮/୮ (ଆଣ୍ଡ୍ରେ ରସେଲ-୪୮, ରିଙ୍କୁ ସିଂ-୩୫, ଭେଙ୍କଟେଶ ଆୟାର-୧୭ ; ମହମ୍ମଦ ଶାମି-୨/୨୦, ରସିଦ ଖାଁ ୨/୨୨, ୟାଶ ଦୟାଲ-୨/୪୨)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୭ | ୬ | ୧ | ୧୨ | +୦.୩୯୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୬୯୧ |
| ରାଜସ୍ଥାନ ରୟାଲ୍ସ | ୭ | ୫ | ୨ | ୧୦ | +୦.୪୩୨ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୫ | ୩ | ୧୦ | -୦.୪୭୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୩ | ୪ | ୬ | +୦.୭୧୫ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୦୮୦ |
| ପଞ୍ଜାବ କିଙ୍ଗ୍ସ | ୭ | ୩ | ୪ | ୬ | -୦.୫୬୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୨ | ୫ | ୪ | -୦.୫୩୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୦ | ୭ | ୦ | -୦.୮୯୨ |

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ**
**ସ୍ଥାନ: ମୁମ୍ବାଇ**
**ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## କାଉଣ୍ଟିରେ ପୂଜାରାଙ୍କ ଲଗାତର ଦ୍ୱିତୀୟ ଶତକ

**କରାଚୀ,୨୩।୪(ପିଟି)**

ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡ଼ିଥିବା ଚେତେଶ୍ୱର ପୂଜାରା ଚଳିତ ଇଲିଂଶ କାଉଣ୍ଟି ଚାମ୍ପିୟନଶିପ୍‌ରେ ଲଗାତର ଦ୍ୱିତୀୟ ଶତକ ହାସଲ କରି ଫର୍ମକୁ ଫେରିଥିବା ସୂଚନା ଦେଇଛନ୍ତି। ସସେକ୍ସ ପାଇଁ ପ୍ରଥମ ମ୍ୟାଚ୍‌ରେ ଅପରାଜିତ ଦ୍ୱିଶତକ ହାସଲ କରିଥିବା ପୂଜାରା ୱର୍‌ସେଷ୍ଟରଶାୟାର ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିଛନ୍ତି। ଏହାସତ୍ତ୍ୱେ ସେ ଦଳକୁ ଫଲୋଅନ୍‌ରୁ ରକ୍ଷା କରିପାରି ନ ଥିଲେ। ପୂଜାରା ୨୦୬ ବଲ୍‌ରେ ୧୦୯ ରନ୍‌ର ପାଳି ଖେଳିଥିଲେ। ତାଙ୍କ ପାଳିରେ ୧୬ ଚୌକା ସାମିଲ ଥିଲା। ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷସୁଦ୍ଧ ୮୫ ରନ୍‌ରେ ଅପରାଜିତ ଥିବା ପୂଜାରା ତୃତୀୟ ଦିନରେ ଏକ ପୁଲ ଶଟ୍ ଖେଳି ଶତକ ପୂରଣ କରିଥିଲେ। ଏହା ତାଙ୍କ କ୍ୟାରିୟରର ୫୨ତମ ପ୍ରଥମ ଶ୍ରେଣୀ ଶତକ। ପ୍ରଥମ ଇନିଂସରେ ୱରସେଷ୍ଟରଶାୟାର ୪୯୧ ରନ୍ କରିଥିବା ବେଳେ ପୂଜାରାଙ୍କ ଶତକୀୟ ଇନିଂସ ସତ୍ତ୍ୱେ ସସେକ୍ସ ୨୬୯ ରନ୍‌ରେ ସୀମିତ ରହିଥିଲା।


ଜର୍ମାନୀର ଷ୍ଟୁଟଗାର୍ଟଠାରେ ଚାଲିଥିବା ଏକ ଡବ୍ଲ୍ୟୁଟିଏ ଟୁର୍ ଟୁର୍ନାମେଣ୍ଟର ସେମିଫାଇନାଲରେ ବେଲାରୁଷର ଆରିନା ସାବାଲେଙ୍କାଙ୍କ ବିପକ୍ଷରେ ଶଟ୍ ଖେଳୁଛନ୍ତି ସ୍ପେନର ପାଉଲା ବାଡୋସା।

## ଜୁନ୍ ୧୨ରେ ବାରବାଟୀରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦

**ମୁମ୍ବାଇ, ୨୩।୪ (ପି.ଟି.)**

ଆସନ୍ତା ମେ' ୨୪ରୁ ୨୮ ଲକ୍ଷ୍ନୌରେ ତିନୋଟି ଦଳକୁ ନେଇ ଓମେନ୍ସ ଚ୍ୟାଲେଞ୍ଜର ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଆହୁରି ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ପାଇଁ ତାରିଖ ଓ ଭେନ୍ୟୁ ଧାର୍ଯ୍ୟ କରାଯାଇଛି। ମ୍ୟାଚଗୁଡ଼ିକ ଯଥାକ୍ରମେ ଦିଲ୍ଲୀ, କଟକ (ବାରବାଟୀ), ଭାଇଜାଗ୍, ରାଜକୋଟ ଓ ବେଙ୍ଗାଲୁରୁରେ ଜୁନ୍ ୯, ୧୨, ୧୪, ୧୭ ଓ ୧୯ରେ ଖେଳାଯିବ। ଶନିବାର ଏଠାରେ ବୋର୍ଡର ଆପେକ୍ସ କାଉନ୍‌ସିଲ ବୈଠକ ପରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏହି ସୂଚନା ଦେଇଛନ୍ତି। ପୁନଶ୍ଚ କୋଲକାତାରେ ମେ' ୨୪ ଓ ୨୬ରେ ଆଇପିଏଲ୍‌ର ପ୍ରଥମ ପ୍ଲେ-ଅଫ୍ ଓ ଏଲିମିନେଟର ଏବଂ ପରେ ଅହମଦାବାଦରେ ଦ୍ୱିତୀୟ ପ୍ଲେ-ଅଫ୍ ଓ ଫାଇନାଲ ମ୍ୟାଚ ଯଥାକ୍ରମେ ମେ' ୨୭ ଓ ୨୯ରେ ପୂରା ଦର୍ଶକ କ୍ଷମତାରେ ଅନୁଷ୍ଠିତ ହେବ। ଆଇପିଏଲ୍‌ର ଲିଗ୍ ପର୍ଯ୍ୟାୟ ମେ' ୨୨ରେ ଶେଷ ହେବ।

**ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍**

## ବିଦାୟ ନେଲା ମୁମ୍ବାଇ ସିଟି ଏଫ୍‌ସି

**ରିୟାଦ, ୨୩।୪ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) ଦଳ ମୁମ୍ବାଇ ସିଟି ଏଫ୍‌ସି ଚଳିତ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ଗ୍ରୁପ୍ ବି'ର ଏକ ମ୍ୟାଚରେ ସୌଦି ଆରବର ଅଲ୍ ଶବାବଠାରୁ ୦-୬ ଗୋଲରେ ପରାସ୍ତ ହୋଇଛି। ଏଥିସହ ଦଳ ପ୍ରତିଯୋଗିତାରୁ ବିଦାୟ ନେଇଛି।

**ସନ୍ତୋଷ ଟ୍ରଫି ଫୁଟ୍‌ବଲ**

## ସେମିଫାଇନାଲରେ ମଣିପୁର

**ମାଲାପୁରମ, ୨୩।୪ (ପି.ଟି.):** ମଣିପୁର ପ୍ରଥମ ଦଳ ଭାବେ ଗ୍ରୁପ୍ ବି'ରୁ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶନିବାର ଦଳ କର୍ଣ୍ଣାଟକକୁ ୩-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ସମସ୍ତ ଗୋଲ ସ୍କୋର ହୋଇଥିଲା। ଲୁନ୍‌ମିନ୍‌ଲେନ୍ ହାଓକିପ୍ (୧୯ତମ ଓ ୪୨ତମ ମିନିଟ) ବ୍ୟକ୍ତିଗତ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ସୋମିଶୋନ୍ ଶିରକ ପ୍ରଥମାର୍ଦ୍ଧ ଖେଳର ଅନ୍ତିମ କ୍ଷଣରେ ଦଳ ତରଫରୁ ତୃତୀୟ ଗୋଲ ଦେଇଥିଲେ। ଶନିବାର ଏହି ବିଜୟ ଦ୍ୱାରା ମଣିପୁର ୪ଟି ଗେମ୍‌ରୁ ୯ପଏଣ୍ଟ ଅର୍ଜନ କରି ସେମିଫାଇନାଲରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ କର୍ଣ୍ଣାଟକ ଏପର୍ଯ୍ୟନ୍ତ ୩ଟି ମ୍ୟାଚରୁ ୪ ପଏଣ୍ଟ ପାଇଛି। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଏହି ଦଳକୁ ସୋମବାର ଗୁଜରାଟ ବିପକ୍ଷ ଏହାର ପରବର୍ତ୍ତୀ ମ୍ୟାଚରେ ବିଜୟ ଲାଭ କରିବାକୁ ହେବ। ଏହାଛଡ଼ା ଅନ୍ୟ ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବାକୁ ପଡ଼ିବ।

# ସନରାଇଜର୍ସର ବୃହତ ବିଜୟ


ବିରାଟ କୋହଲିଙ୍କ ଉଇକେଟ ପତନ ପରେ ଖୁସି ମୁହୂର୍ତ୍ତରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଖେଳାଳିମାନେ।

**ମୁମ୍ବାଇ,୨୩।୪**

ସ୍ଥାନୀୟ ବ୍ରାବୋର୍ନ ଷ୍ଟାଡିୟମରେ ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ୯ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି)କୁ ହରାଇ ଦେଇଛି। ସନରାଇଜର୍ସ ଦଳର ଘାତକ ବୋଲିଂ ଆଗରେ ଆରସିବି ମାତ୍ର ୬୮ ରନ୍‌ରେ ସୀମିତ ରହିଥିଲା। ଏହା ଚଳିତ ଆଇପିଏଲର ସର୍ବନିମ୍ନ ଦଳଗତ ସ୍କୋର। ଛୋଟିଆ ବିଜୟ ଲକ୍ଷ୍ୟକୁ ହାଇଦ୍ରାବାଦ ୧୨ ଓଭର ପୂର୍ବରୁ ୧ ଉଇକେଟ ହରାଇ ହାସଲ କରିନେଇଥିଲା। କ୍ରମାଗତ ୫ ବିଜୟ ସହ ହାଇଦ୍ରାବାଦ୍ ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଆରସିବି ୧୦ ପଏଣ୍ଟ ସହ ପୂର୍ବ ଭଳି ଚତୁର୍ଥ ସ୍ଥାନରେ ରହିଛି।

ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ହାଇଦ୍ରାବାଦ ଅଧିନାୟକ କେନ ୱିଲିୟମସନ। ଏହାକୁ ସଠିକ ପ୍ରମାଣ କରିଦେଖାଇଥିଲେ ଦଳୀୟ ପେସର। ପ୍ରଥମେ ମାର୍କୋ ଜାନସେନ ଗୋଟିଏ ଓଭରରେ ଅଧିନାୟକ ଫାଫ୍ ଡୁ'ପ୍ଲେସି (୫), ବିରାଟ କୋହଲି ଓ ଅନୁଜ ରାୱତ (୦)ଙ୍କୁ ପ୍ୟାଭିଲିଅନ ପଠାଇ ଆରସିବିର ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା କୋହଲି ପୂର୍ବ ମ୍ୟାଚ୍ ଭଳି ଏଥର ମଧ୍ୟ ଖାତା ଖୋଲିବା ପୂର୍ବରୁ ପ୍ରଥମ ବଲରେ ହିଁ ଆଉଟ୍ ହୋଇଥିଲେ। ତା' ପରେ ନିୟମିତ ବ୍ୟବଧାନରେ ଉଇକେଟ ପତନ ଜାରି ରହିବାରୁ ଆରସିବି ୧୬.୧ ଓଭରରେ ୬୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଗ୍ଲେନ ମ୍ୟାକ୍ସୱେଲ (୧୨) ଓ ସୁୟାଶ ପ୍ରଭୁଦେସାଇ (୧୫)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁପାରି ନ ଥିଲେ। ଏପରି କି ୩ ଜଣ ବ୍ୟାଟର ଖାତା ଖୋଲି ପାରି ନ ଥିଲେ। ହାଇଦ୍ରାବାଦ୍ ପକ୍ଷରୁ ଜାନସେନ ଓ ଟି. ନଟରାଜନ ୩ ଲେଖାଏ ଉଇକେଟ ନେଇଥିବା ବେଳେ ଜଗଦିଶା ସୁଚିଥ ୨ ଉଇକେଟ ହାତେଇଥିଲେ। ଜବାବରେ ଅଭିଷେକ ଶର୍ମା (୪୭ ରନ୍, ୮ ଚୌକା ଓ ୧ ଛକା)ଙ୍କ ଉଇକେଟ ହରାଇ ହାଇଦ୍ରାବାଦ୍ ୮ ଓଭରରେ ୭୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଅଧିନାୟକ କେନ ୱିଲିୟମସନ ୧୬ ଓ ରାହୁଲ ତ୍ରିପାଠୀ ୭ ରନ୍‌ରେ ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ୧୬.୧ ଓଭରରେ ୬୮/ଅଲଆଉଟ୍ (ସୁୟାଶ ପ୍ରଭୁଦେସାଇ- ୧୫, ଟି. ନଟରାଜ-୩/୧୦, ମାର୍କୋ ଜାନସେନ-୩/୨୫, ଜଗଦିଶା ସୁଚିଥ-୨/୧୨)।

**ସନରାଇଜର୍ସ ହାଇଦ୍ରାବାଦ୍:** ୮ ଓଭରରେ ୭୨/୧ (ଅଭିଷେକ ଶର୍ମା-୪୭, କେନ୍ ୱିଲିୟମସନ-୧୬*, ହର୍ଷଲ ପଟେଲ- ୧/୧୮)।

## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଫେରିବେ ଆବିଦ

**କରାଚୀ,୨୩।୪(ପିଟି)**

ହୃଦ୍‌ଘାତର ୪ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବା ପାଇଁ ପାକିସ୍ତାନ ଓପନର ଆବିଦ ଅଲିଙ୍କୁ ସବୁଜ ସଙ୍କେତ ମିଳିଛି। ୩୪ ବର୍ଷୀୟ କ୍ରିକେଟର କରାଚୀରେ ଗତ ବର୍ଷ ଡିସେମ୍ବରରେ କୁଏଦ-ଇ-ଆଜାମ ଟ୍ରଫିର ଏକ ମ୍ୟାଚ୍ ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତା' ପର ଦିନ ତାଙ୍କୁ ଆଞ୍ଜିଓପ୍ଲାଷ୍ଟି ଅସ୍ତ୍ରୋପଚାରର ସମ୍ମୁଖୀନ ହେବାକୁ ପଡ଼ିଥିଲା। ମୁଁ ପୁଣି ଥରେ ପାକିସ୍ତାନ ପକ୍ଷରୁ ଖେଳିବା ଲାଗି ଉତ୍ସାହିତ ଅଛି। ଡାକ୍ତରମାନେ ଫିଲ୍ଡକୁ ଫେରିବା ପାଇଁ ମୋତେ ଅନୁମତି ଦେଇଛନ୍ତି। ସର୍ବଶେଷରେ ମୁଁ ସାଧାରଣ ଜୀବନକୁ ଫେରିପାରିବି। ମୋତେ କିଛି ଦିନ ଧରି ଔଷଧ ସେବନ କରିବାକୁ ପଡ଼ିବ। ମାତ୍ର ଶାରୀରିକ ଭାବେ ମୁଁ ସୁସ୍ଥ ଅନୁଭବ କରୁଛି। ମୁଁ ଡାଇଭିଂ, ଜଗିଂ, ବ୍ୟାଟିଂ କରୁଛି। ସାଧାରଣ ଜୀବନକୁ ଫେରୁଥିବାରୁ ଭଲ ଲାଗୁଛି। ମୋ ହୃଦୟ ପରିସ୍ଥିତି ଯୋଗୁ ମୁଁ ପୁଣି ଥରେ ଖେଳିପାରିବି କି ନାହିଁ ସେ ନେଇ ଅନିଶ୍ଚିତତା ଦେଖାଦେଇଥିଲା। କିନ୍ତୁ ମୁଁ ଆଶା ଛାଡ଼ି ନ ଥିଲି।

# ଭର୍ଷ୍ଟାପେନ୍‌ଙ୍କୁ ପୋଲ୍ ପୋଜିଶନ

**ଇମୋଲା (ଇଟାଲୀ), ୨୩।୪**

ଏମିଲିଆ ରୋମାଗ୍ନା ଫର୍ମୁଲା ୱାନ ଗ୍ରାଁ ପ୍ରି ସ୍ପ୍ରିଣ୍ଟ ରେସ୍‌ରେ ଚାର୍ଲ୍ସ ଲେକ୍‌ଲେର୍କଙ୍କୁ ପଛରେ ପକାଇ ମାକ୍ସ ଭର୍ଷ୍ଟାପେନ୍ ପୋଲ ପୋଜିଶନ ହାସଲ କରିଛନ୍ତି। ଶନିବାର ଘଟଣାବହୁଳ କ୍ୱାଲିଫାଇଂ ସେସନ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିଲା। ରେସ୍ ବେଳେ ୫ଥର ରେଡ୍ ଫ୍ଲାଗ୍ ହୋଇଥିଲା। ଭର୍ଷ୍ଟାପେନ୍ ୦.୮ ସେକେଣ୍ଡ ଲେକ୍‌ଲେର୍କଙ୍କଠାରୁ ଆଗରେ ରହିଥିଲେ। ମର୍ସିଡିଜ୍‌ର ଦୁଇ ଡ୍ରାଇଭର ଜର୍ଜ ରସେଲ ଓ ଲୁଇସ୍ ହାମିଲଟନ ୧୧ ଓ ୧୩ତମ ସ୍ଥାନରେ ରହିଥିଲେ। ମ୍ୟାକଲରେନର


ମାକ୍ସ ଭର୍ଷ୍ଟାପେନ୍

ଲାଣ୍ଡୋ ନୋରିସ ତୃତୀୟ ଏବଂ ହାସ୍ ଡ୍ରାଇଭର କେଭିନ୍ ମ୍ୟାଗ୍ନସସେନ୍ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସୂଚନାଯୋଗ୍ୟ, ୧୪ ବର୍ଷ ଅନୁପସ୍ଥିତି ପରେ ଇମୋଲା ୨୦୨୦ରେ ଫର୍ମୁଲା ୱାନ କ୍ୟାଲେଣ୍ଡରକୁ ଫେରିଛି। କିନ୍ତୁ କରୋନା ଭାଇରସ ଯୋଗୁ ଗତ ତିନୋଟି ସଂସ୍କରଣ ମଧ୍ୟରୁ ଏଥର ପ୍ରଥମ ଥର ଦର୍ଶକମାନଙ୍କୁ ଅନୁମତି ମିଳିଛି। ଖବର ଅନୁସାରେ ଇଭେଣ୍ଟ ପାଇଁ ଇତିମଧ୍ୟରେ ୧,୨୦,୦୦୦ ଟିକେଟ ବିକ୍ରି ସରିଛି।

# ପନ୍ତ, ଶାର୍ଦ୍ଦୁଳଙ୍କୁ ଜରିମାନା

**ମୁମ୍ବାଇ,୨୩।୪:** ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଆଇପିଏଲ କୋଡ୍ ଅଫ୍ କଣ୍ଡକ୍ଟ ଭଙ୍ଗ କରିବା ପାଇଁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତଙ୍କ ଶତ ପ୍ରତିଶତ ମ୍ୟାଚ୍ ଫି' କାଟ କରାଯାଇଛି। ଅନ୍ୟପକ୍ଷରେ ସହାୟକ କୋଚ୍ ପ୍ରବୀଣ ଆମ୍ରେଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରି ଦିଆଯାଇଛି। ବାସନ୍ଦାଦେଶ ସହିତ ତାଙ୍କ ଶତ ପ୍ରତିଶତ ମ୍ୟାଚ୍ ଫି' ଏବଂ ଡିସି ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ମ୍ୟାଚ୍ ଫି'ରୁ ୫୦ ପ୍ରତିଶତ କାଟ କରାଯାଇଥିବା ଆଇପିଏଲ ପକ୍ଷରୁ ବିବୃତିରେ କୁହାଯାଇଛି। ମ୍ୟାଚ୍‌ର ଅନ୍ତିମ ଓଭରରେ ଅମ୍ପାୟର ଏକ ଅଣ୍ଟା ଉପର ବଲକୁ ନୋ ବଲ ନ ଦେବାରୁ ଗ୍ରାଉଣ୍ଡରେ ବିବାଦ ଦେଖା ଦେଇଥିଲା। ଏହି ୩ ଜଣଙ୍କ ଯୋଗୁ ମ୍ୟାଚ୍‌ରେ ବାଧା ଉପୁଜି ଥିଲା। ଶେଷ ଓଭରରେ ଦିଲ୍ଲୀକୁ ଜିତିବା ପାଇଁ ୩୬ ରନ୍ ଦରକାର ଥିବା ବେଳେ ରବମାନ ପାୱେଲ ପ୍ରଥମ ୩ ବଲରେ ୩ ଛକା ଲଗାଇଥିଲେ। କିନ୍ତୁ ଓବେଦ ମ୍ୟାକୟ ୩ୟ ବଲ ପାୱେଲଙ୍କ ଅଣ୍ଟା ଉପରକୁ ପକାଇଥିଲେ। ଏହାକୁ ଅମ୍ପାୟର ନୋ ବଲ ନ ଦର୍ଶାଇବାରୁ ଡିସି କ୍ୟାମ୍ପ ପକ୍ଷରୁ ବିରୋଧ କରାଯାଇଥିଲା। ସେମାନେ ବଲକୁ ନୋ ବଲ ଘୋଷଣା କରିବା ପାଇଁ ଦାବି କରିଥିଲେ।

## ପାରା ବ୍ୟାଡମିଣ୍ଟନ: ଡବଲ୍ସ ଫାଇନାଲରେ ଦୀପ ରଞ୍ଜନ



**ଭୁବନେଶ୍ୱର,୨୩।୪(ସ୍ପୋର୍ଟ୍ସ ବ୍ୟୁରୋ):** ବ୍ରଜିଲର ସାଓ ପାଉଲୋରେ ଚାଲିଥିବା ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଦୀପ ରଞ୍ଜନ ବିଷୋଇ। ଏମ୍‌ଡି ଅରୱାଜ ଅନସାରୀଙ୍କୁ ସାଥି କରି ଖେଳୁଥିବା ଦୀପ ରଞ୍ଜନ ସେମିଫାଇନାଲରେ ପେରୁର ରେଞ୍ଜୋ ଡିକ୍ୟୁଜ ବାନ୍‌ସେସ ମୋରାଲେସ ଓ ପେଡ୍ରୋ ପାବ୍ଲୋ ଡେ ଭିନାଟାଙ୍କ ଯୋଡ଼ିକୁ ୨୧-୮, ୨୧-୧୭ ଗେମ୍‌ରେ ହରାଇ ଦେଇଥିଲେ। ତା' ପୂର୍ବରୁ ଦୀପ ରଞ୍ଜନ ଓ ଏମ୍‌ଡ ଅର୍ୱାଜ କ୍ୱାର୍ଟର ଫାଇନାଲରେ ବ୍ରାଜିଲାର ବ୍ରେନୋ ଜୋହାନ୍ସ (ବ୍ରଜିଲ) ଓ ଜର୍ସନ ଜେର ଭାରଗ୍ୟାସ ଲୋସ୍ତାୟନୁନାଓ (ପେରୁ)ଙ୍କୁ ପରାସ୍ତ କରିଥିଲେ।

# ଭାରତୀୟ ପୁରୁଷ କମ୍ପାଉଣ୍ଡ ଟିମ୍‌କୁ ସ୍ୱର୍ଣ୍ଣ

**ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ-୧**

**ଆଣ୍ଟାଲ୍ୟା, ୨୩।୪(ପି.ଟି.)**

ଅଭିଷେକ ବର୍ମା, ରଜତ ଚୌହାନ ଓ ଅମନ ସଇନିଙ୍କୁ ନେଇ ଭାରତୀୟ ପୁରୁଷ କମ୍ପାଉଣ୍ଡ ଦଳ ଏଠାରେ ଚାଲିଥିବା ତୀରନ୍ଦାଜୀ ବିଶ୍ୱକପ୍ ଷ୍ଟେଜ୍-୧ରେ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ଏହି ଦଳ ଜିନ୍ ଫିଲିପ୍ ବୋଲଚ, କ୍ୱେଣ୍ଟିନ ବାରେର୍ ଓ ଆଡ୍ରିନ୍ ଗୋଣ୍ଟିରଙ୍କୁ ନେଇ ଗଠିତ ଫ୍ରାନ୍ସ ଦଳକୁ ୧ ପଏଣ୍ଟ ବ୍ୟବଧାନରେ ପରାସ୍ତ କରିଛି। ୨୦୧୭ ସାଂଘାଇ ପରଠାରୁ ପୁରୁଷ କମ୍ପାଉଣ୍ଡ ଦଳର ଏହା ହେଉଛି ପ୍ରଥମ ବିଶ୍ୱକପ୍ ସ୍ୱର୍ଣ୍ଣ। ଅନ୍ୟପକ୍ଷରେ ଭାରତର କମ୍ପାଉଣ୍ଡ ମିକ୍ସଡ ଯୋଡ଼ି ବର୍ମା ଓ ମୁସ୍କାନ କିରାର ବ୍ରୋଞ୍ଜ ପଦକ ପ୍ଲେ-ଅଫ୍‌ରେ ୧୫୬-୧୫୭ରେ କ୍ରୋଏସିଆଠାରୁ ହାରିଯାଇଛି। ତରୁଣଦୀପ ରାୟ ଓ ରିଧି ଫୋର୍‌କୁ ନେଇ ଭାରତର ରିକର୍ଭ ମିକ୍ସଡ ଟିମ୍ ରବିବାର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ପାଇଁ ଲଢ଼ିବ। ଭାରତ ସେମିଫାଇନାଲରେ ସ୍ପେନକୁ ୫-୩ରେ ପରାସ୍ତ କରିଛି।


ପଦକ ସହ ଭାରତୀୟ ପୁରୁଷ କମ୍ପାଉଣ୍ଡ ଟିମ୍‌ର ଖେଳାଳିମାନେ।

# ରବି କୁମାରଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ

**ଏସିଆନ ଚାମ୍ପିୟନଶିପ୍**

**ଉଲାନବଟାର (ମଙ୍ଗୋଲିଆ), ୨୩।୪ (ପି.ଟି.)**

ଭାରତୀୟ ରେସ୍‌ଲର ରବି କୁମାର ଦହିୟା କ୍ରମାଗତ ତୃତୀୟ ଥର ଲାଗି ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବଜରଙ୍ଗ ପୁନିଆ ଓ ଗୌରବ ବଲିଆନ (୭୯କେଜି) ରୌପ୍ୟ ଜିତିଥିବା ବେଳେ ନବୀନ (୭୦କେଜି) ଓ ସାଟିୱାର୍ଟ କାଡିୟାନ (୯୭କେଜି) ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ଶନିବାର ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବା ସମସ୍ତ ୫ ଭାରତୀୟ ରେସ୍‌ଲର ପଦକ ଜିତିଥିଲେ। ଶନିବାର ୫୭ କେଜି କାଟେଗୋରି ଟାଇଟଲ ମୁକାବିଲାରେ ରବି କୁମାର କାଜାଖସ୍ତାନର ରାଖତ୍ କାଲ୍‌ଝାନ୍‌ଙ୍କ ବିପକ୍ଷରେ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ବିଜୟ ହାସଲ କରିଥିଲେ। ଟୋକିଓ ଅଲିମ୍ପିକ୍ସ ରୌପ୍ୟ ବିଜେତା ରବିଙ୍କର ଚଳିତ ସିଜନରେ ଏହା ଥିଲା ଦ୍ୱିତୀୟ ଫାଇନାଲ। ଗତ ଫେବୃୟାରୀରେ ସେ ଡାନ୍ କୋଲୋଭ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସୋନେପତ୍‌ର ନାହରି ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ରବି ଫାଇନାଲ ପ୍ରବେଶ ପଥରେ ଜାପାନର ରିକୁଟୋ ଆରାଇଙ୍କୁ ଟେକ୍‌ନିକାଲ ସୁପରିଅରିଟି ଭିତ୍ତିରେ ଏବଂ ମଙ୍ଗୋଲିଆର ଜାନାବାଜାର ଜାନ୍‌ଡାନ୍‌ବଡ୍‌ଙ୍କ ବିପକ୍ଷରେ ୧୨-୫ରେ ବିପୁଳ ବିଜୟ ହାସଲ କରିଥିଲେ। ରବି ଦିଲ୍ଲୀରେ ଅନୁଷ୍ଠିତ ୨୦୨୦ ସଂସ୍କରଣରେ ଏବଂ ଗତବର୍ଷ ଅଲମାଟିରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏହି କଣ୍ଟିନେଣ୍ଟାଲ ଚାମ୍ପିୟନଶିପ୍‌ରେ ଭାରତ ଇତିମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ ଓ ୪ ରୌପ୍ୟ ସମେତ ୧୫ ପଦକ ଜିତିସାରିଲାଣି।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଏପ୍ରିଲ ୨୪/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Sunday, April 24/2022 | Page 16 | ₹ 7.00 | ପୃଷ୍ଠା-୧



**ବିଚାର ବ୍ୟବସ୍ଥାର ଭାରତୀୟକରଣ ହେଉ**

ଦେଶବାସୀଙ୍କ ସୁବିଧା ପାଇଁ ନ୍ୟାୟପାଳିକାର ଭାରତୀୟକରଣ କରାଯିବା ଉଚିତ, ଯଦ୍ୱାରା ସେମାନେ ବିଚାର ପ୍ରକ୍ରିୟାକୁ ସହଜରେ ବୁଝିପାରିବେ ବୋଲି ସିଜେଆଇ ଏନ୍.ଭି. ରମନା କହିଛନ୍ତି।

୦୮

୦୨

**ଗନ୍ ଟ୍ରେନିଂ ନେଉଛନ୍ତି ସାନ୍ୟା**

ତାମିଲ ଫିଲ୍ମ ନିର୍ଦ୍ଦେଶକ ଅତଲିଙ୍କ ଆଗ୍ମନ ଫିଲ୍ମରେ ସାନ୍ୟା ଅଭିନୟ କରିବା ପାଇଁ ଗନ୍ ଟ୍ରେନିଂ ନେଉଛନ୍ତି।



# ୨୫ରୁ ପ୍ରଚଣ୍ଡ ତାତି



ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଶନିବାର ଭୁବନେଶ୍ୱର ବାଣୀବିହାର ଏନ୍ଏଚ୍ ଓଭରବ୍ରିଜ୍ ଖାଁ ଖାଁ।

## ■ ଆଭ୍ୟନ୍ତରୀଣ ଜିଲାରେ ପାରଦ ଛୁଇଁବ ୪୬ ଡିଗ୍ରୀ
## ■ ଅନୁଗୋଳ ୪୨.୧, ଭୁବନେଶ୍ୱର ୪୧.୭ ଡିଗ୍ରୀ
## ■ ୩ ଦିନ ଗ୍ରୀଷ୍ମ ପ୍ରବାହ, ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ପ୍ରଚଣ୍ଡ ତାତି। ଚାରିଆଡ଼େ ଅଗ୍ନିବର୍ଷା। ଦେହମୁଣ୍ଡ ଜଳିପୋଡ଼ି ଗଲା ଭଳି ଲାଗୁଛି। ଖରା ସାଙ୍ଗକୁ ଗରମ ହାୱା ପରିବେଶକୁ ଉତ୍ତପ୍ତ କରିଦେଇଛି। ସକାଳ ୮ଟାରୁ ମାଡ଼ିଆସୁଛି ଅସହ୍ୟ ତାତି। ଅପରାହ୍ନ ୫ଟା ଯାଏ ନିସ୍ତାର ନାହିଁ। ଗତ କିଛିଦିନ ହେବ ଉପକୂଳ ଓଡ଼ିଶାରେ ସ୍ଥିତି ବେହାଲ ହୋଇଛି। ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।

ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍ସିୟସ ଉପରେ ରହିଛି। ଭୁବନେଶ୍ୱର ଉତ୍ତପ୍ତ ସହର ପାଲଟିଯାଇଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୧.୭ ଡିଗ୍ରୀ ସେଲ୍ସିୟସ ରେକର୍ଡ କରାଯାଇଛି। ଦିନତମାମ ସହର ସତେଯେମିତି ତାତଲା ତାୱାରେ ଶିଝୁଛି। ରାଜ୍ୟର ୨୧ଟି ସହରରେ ମଧ୍ୟ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ☞ପୃଷ୍ଠା-୬

## ୫ ରାଜ୍ୟ ଶୋଷୁଛନ୍ତି ଅଧା ଭୂତଳ ଜଳ

### ■ ହାରାହାରି ଜଳ ବ୍ୟବହାର ୨୭.୩୧ ବିସିଏମ୍‌କୁ ବୃଦ୍ଧି
### ■ ବାକି ରାଜ୍ୟ ଖର୍ଚ୍ଚ କରୁଛନ୍ତି ୫୦ ପ୍ରତିଶତ

**ନୂଆଦିଲ୍ଲୀ, ୨୩।୪**

ଜୈବଶୃଙ୍ଖଳକୁ ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଥିବା ଭୂତଳ ଜଳର ପ୍ରାୟ ଅଧା କେବଳ ୫ ରାଜ୍ୟ ଖର୍ଚ୍ଚ କରୁଛନ୍ତି। ବାକି ରାଜ୍ୟଗୁଡ଼ିକ ମିଳିତ ଭାବେ ବଳକା ଜଳ ବ୍ୟବହାର କରୁଛନ୍ତି ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ୨୦୦୪ରୁ ୨୦୨୦ ପର୍ଯ୍ୟନ୍ତ ସଂଗୃହୀତ ଡାଟା ଅନୁସାରେ ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶ ଏବଂ କେରଳ ସର୍ବାଧିକ ୪୯%ରୁ ଊର୍ଦ୍ଧ୍ୱ ଗ୍ରାଉଣ୍ଡ ୱାଟର ଖର୍ଚ୍ଚ କରିଛନ୍ତି। ୨୦୦୯ରେ ଏହି ୫ ରାଜ୍ୟ ମଧ୍ୟରେ ଆନ୍ଧ୍ରପ୍ରଦେଶ ☞ପୃଷ୍ଠା-୬

## ୩୦ ମଇଁଷିଙ୍କୁ ଦଳିଦେଲା ଟ୍ରେନ୍



ଦୁର୍ଘଟଣା ପରେ ରେଲ୍‌ୱେ କର୍ମଚାରୀମାନେ ରେଳଧାରଣା ସଫା କରୁଛନ୍ତି।

### ■ ବିଜୟନଗରମ-ରାୟଗଡ଼ା ଡାଉନ୍‌ଲାଇନ୍‌ରେ ଦୁର୍ଘଟଣା
### ■ ରାସ୍ତା ନ ଥିବା ଖାଲୁଆ ଅଞ୍ଚଳରେ ଯାଉଥିଲେ ମଇଁଷି ଦଳ

**ରାୟଗଡ଼ା ଅଫିସ,୨୩।୪**

ମଇଁଷି ଦଳ ଉପରେ ଚଢ଼ିଗଲା ଟ୍ରେନ୍। ଏଥିରେ ୩୦ ମଇଁଷିଙ୍କ ଜୀବନ ଚାଲିଯାଇଛି। ରାୟଗଡ଼ା ସହର ପିତାମହଲ ନିକଟ ବିଜୟନଗରମ-ରାୟଗଡ଼ା ଡାଉନ୍‌ଲାଇନରେ ଶନିବାର ଅପରାହ୍ନରେ ଏଭଳି ଅଭାବନୀୟ ଘଟଣା ଘଟିଛି।

ସୂଚନା ଅନୁଯାୟୀ, ଆଲେପ୍ପି-ଧାନବାଦ ବୋକାରୋ ଏକ୍ସପ୍ରେସ ରାୟଗଡ଼ା ଷ୍ଟେଶନରେ ୪.୩୫ରେ ପହଞ୍ଚିବାର ଥିଲା। ସାଢ଼େ ୪ଟାବେଳେ ଏହା ପିତାମହଲ ଗେଟ୍ ପାର ହୋଇଥିଲା। କିଛି ଦୂର ଯିବାପରେ ରେଳଧାରଣା ପାରହେଉଥିବା ୩୧ ଟିକିଆ ମଇଁଷି ଦଳକୁ ଟ୍ରେନ୍ ଇଞ୍ଜିନ୍ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୩୦ ମଇଁଷିଙ୍କର ମୃତ୍ୟୁ ଘଟିଥିବାବେଳେ ଗୋଟିଏ ବଞ୍ଚିଯାଇଥିବା ଜଣାପଡ଼ିଛି।

ତେବେ ଦୁର୍ଘଟଣା ଘଟିଥିବା ସ୍ଥାନ ପ୍ରାୟ ୧୨ ଫୁଟ ଖାଲୁଆ ଏବଂ ସେଠାରେ ରାସ୍ତା ନାହିଁ। ଏଠାକୁ ମଇଁଷି ଦଳ କିପରି ଆସିଲେ ଏବଂ ମଇଁଷିଗୁଡ଼ିକର ମାଲିକ କିଏ ତାହା ସ୍ପଷ୍ଟ ହୋଇ ନ ଥିବା ରାୟଗଡ଼ା ଆର୍‌ପିଏଫ୍ ଆଇଆଇସି ପଙ୍କଜ କୁମାର କହିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ପରେ ରେଳଧାରଣା ଉପରେ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବାବେଳେ ରେଲୱେ କର୍ମଚାରୀମାନେ ପହଞ୍ଚି ସେଗୁଡ଼ିକୁ ବାହାର କରି ରେଳଧାରଣା ସଫା କରିଛନ୍ତି।







# ବୋହୂଙ୍କ ଫୋନ୍ କଲ୍ ଡକାୟତଙ୍କୁ ଧରାଇଲା

## ହନୁମାନ ପଇସା, ବନ୍ଧୁକ ଓ ଅଳଙ୍କାର ଜବତ: ୧୮ ଗିରଫ

**୧୪ ଦିନ ତଳେ ଘରକୁ ଡକାୟତି କରିବାକୁ ଏକ ଚୋର ଦଳ ଆସିଥିଲେ। ପରିବାରର ବୋହୂ ଉପସ୍ଥିତ ବୁଦ୍ଧି ଖଟାଇ ଖଟ ତଳେ ଲୁଚି ରହି ଦାଦା ଶ୍ୱଶୁରଙ୍କୁ ଫୋନ କରିଥିଲେ। ଗାଁ ଲୋକେ ଆସି ଦୁଇ ଡକାୟତଙ୍କୁ କାବୁ କରିବା ପରେ ପୋଲିସ ଜିମା ଦେଇଥିଲେ। ଏହାପରେ ୧୬ଜଣ ଡକାୟତଙ୍କୁ ଗିରଫ କରାଯାଇଛି। ବୋହୂଙ୍କ ଏପରି ସାହସିକତାକୁ ସବୁଠି ପ୍ରଶଂସା କରାଯାଉଛି।**



ଏସ୍‌ପି ମଡକର ସନ୍ଦିପ ସମ୍ପଦ ବୋହୂ ଅପ୍ରମୟୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**କେନ୍ଦ୍ରାପଡ଼ା ଅଫିସ,୨୩।୪**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅନ୍ତର୍ଗତ କାକଟପୁର ଗାଁର ବୋହୂ ଅପ୍ରମୟୀ ସ୍ୱାଇଁଙ୍କ ଗୋଟିଏ ଫୋନ କଲ ଏକ ଆନ୍ତଃରାଜ୍ୟ ଡକାୟତ ଦଳକୁ ଧରାଇ ଦେଇଛି। କେନ୍ଦ୍ରାପଡ଼ା ଜିଲା ପୋଲିସ ୨ଟି ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ୧୮ ଜଣଙ୍କୁ ଗିରଫ କରିଛି। ତନ୍ତିଆପାଳ ସାମୁଦ୍ରିକ ଥାନାର କେସ୍ ନଂ. ୩୯/୨୨ ଓ ନିକିରାଇ ଥାନାର କେସ୍ ନଂ ୪୪/୨୨ରେ ଡକାୟତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି।

କେନ୍ଦ୍ରାପଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ କରି ଏସ୍‌ପି ମଡ଼କର ସନ୍ଦିପ ସମ୍ପଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଗତ ୯ ତାରିଖ ରାତି ସାଢେ ୧୨ରେ କାକଟପୁର ଗାଁର କାର୍ତ୍ତିକ ସ୍ୱାଇଁଙ୍କ ଘରେ ଏହି ଗ୍ୟାଙ୍ଗର ୬ ଡକାୟତ ଡକାୟତି ଉଦ୍ଦେଶ୍ୟରେ କବାଟ ତାଡି ପଶିଥିଲେ। ଏହି ସମୟରେ କାର୍ତ୍ତିକ ଓ ପରିବାର ସଦସ୍ୟ ଉଠିପଡି ପାଟି କରିବାରୁ ଡକାୟତମାନେ ଘରେ ପଶିବା ପରେ ସେମାନଙ୍କୁ ମାଡ ମାରି ଗୁରୁତର କରିଥିଲେ। ତେବେ କାର୍ତ୍ତିକଙ୍କ ଗର୍ଭବତୀ ବୋହୂ ଅପ୍ରମୟୀ ଘରୁ ନ ବାହାରି ଖଟ ତଳେ ଲୁଚି ରହି ଗାଁରେ ରହୁଥିବା ଦାଦା ଶ୍ୱଶୁର ଗଣେଶଙ୍କୁ ଡକାୟତି ସମ୍ପର୍କରେ ସୂଚନା ଦେଇଥିଲେ। ଗଣେଶ ଓ ଗ୍ରାମବାସୀ ଡକାୟତଙ୍କୁ ଧରିବାକୁ ଚେଷ୍ଟା କରିବାରୁ ସେମାନେ ଘରୁ ସୁନା ଅଳଙ୍କାର ନେଇ ଫେରାର ହେଉଥିବା ବେଳେ ୩ ରାଉଣ୍ଡ ଗୁଳି ଚାଳନା କରିଥିଲେ। ଏହାସତ୍ତ୍ୱେ ୨ଜଣ ଡକାୟତ ଘଟଣାସ୍ଥଳରେ ଧରାପଡିଥିଲେ। ଏମାନଙ୍କ ସୂଚନା ମୁତାବକ, ☞ପୃଷ୍ଠା-୬

## ଟାଟାର ଗାଡ଼ି ଦର ବୃଦ୍ଧି

**ନୂଆଦିଲ୍ଲୀ:** ଅଗ୍ରଣୀ କାର୍ ନିର୍ମାତା କମ୍ପାନୀ ଟାଟା ମୋଟର୍ସ ପକ୍ଷରୁ ତାର ଗାଡ଼ିଗୁଡ଼ିକର ଦାମ୍‌ରେ ହାରାହାରି ୧.୧% ବୃଦ୍ଧି ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀ ପକ୍ଷରୁ ଏନେଇ ଶନିବାର ଜାରି କରାଯାଇଥିବା ଏକ ବୟାନରେ ଗାଡ଼ିଗୁଡ଼ିକର ନିର୍ମାଣ ଖର୍ଚ୍ଚରେ ବୃଦ୍ଧି କାରଣରୁ ମୂଲ୍ୟ ବୃଦ୍ଧି କରାଯାଇଥିବା କୁହାଯାଇଛି। ଏହି ବର୍ଦ୍ଧିତ ଦର ଶନିବାରଠାରୁ ସାରା ଦେଶରେ କମ୍ପାନୀର ଗାଡ଼ିଗୁଡ଼ିକ ଉପରେ ଲାଗୁ ହେବ ବୋଲି ସୂଚନା ମିଳିଛି।



## ସଂକ୍ଷେପରେ

### ପାମ୍ ତେଲ ରପ୍ତାନି ବନ୍ଦ କରିବ ଇଣ୍ଡୋନେସିଆ

ନୂଆଦିଲ୍ଲୀ,୨୩।୪: ବିଶ୍ୱର ସର୍ବବୃହତ୍ ପାମ୍ ଅଏଲ୍ ଉତ୍ପାଦନକାରୀ ଦେଶ ଇଣ୍ଡୋନେସିଆ ଏପ୍ରିଲ ୨୮ରୁ ତୈଳ ରପ୍ତାନି ଉପରେ ରୋକ୍ ଲଗାଇବାକୁ ନିଷ୍ପତ୍ତି ନେଇଛି। ରାଷ୍ଟ୍ରପତି ଜୋକୋ ଭିଡୋଡୋ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଆଗାମୀ ଘୋଷଣା ପର୍ଯ୍ୟନ୍ତ ଲାଗୁହେବ। ଭାରତ ଇଣ୍ଡୋନେସିଆଠାରୁ ସର୍ବାଧିକ ତେଲ କ୍ରୟ କରୁଥିବାରୁ ପୁଣି ଥରେ ଦେଶ ଉପରେ ମହଙ୍ଗା ପ୍ରଭାବ ପଡ଼ିବାକୁ ଯାଉଛି। ବର୍ତ୍ତମାନ ସମୟରେ ଭାରତ ନିଜ ଆବଶ୍ୟକତାର ପ୍ରାୟ ୯୦ ଲକ୍ଷ ଟନ୍ ପାମ୍ ତୈଳ କ୍ରୟ କରିଥାଏ। ଏଥିରୁ ୭୦% ଇଣ୍ଡୋନେସିଆରୁ କ୍ରୟ କରାଯାଉଥିବା ବେଳେ ବାକି ୩୦% ମାଲେସିଆରୁ କ୍ରୟ ହୋଇଥାଏ। ୨୦୨୦-୨୧ ଆର୍ଥିକ ବର୍ଷରେ ଭାରତ ମୋଟ୍ ୮୩.୧ ଲକ୍ଷ ଟନ୍ ପାମ୍ ତୈଳ କ୍ରୟ କରିଥିଲା। ବିଶେଷଜ୍ଞଙ୍କ କହିବା ଅନୁସାରେ ଇଣ୍ଡୋନେସିଆର ଏହି ନିଷ୍ପତ୍ତି ପରେ ଭାରତରେ ପାମ୍ ତୈଳ କ୍ରୟ ବିଶେଷ ଭାବରେ ପ୍ରଭାବିତ ହେବ।

### ଏଲ୍ଆଇସି ଆଇପିଓ ଆକାରରେ ହ୍ରାସ

**ନୂଆଦିଲ୍ଲୀ,୨୩।୪:** ଭାରତୀୟ ଜୀବନବୀମା ନିଗମ ବୋର୍ଡ ପକ୍ଷରୁ ରାଷ୍ଟ୍ରାୟତ୍ତ ଫାର୍ମର ପ୍ରାରମ୍ଭିକ ସାର୍ବଜନିନ ଅଫରିଂ (ଆଇପିଓ)ର ଆକାର ହ୍ରାସ କରିବାକୁ ଅନୁମୋଦନ କରାଯାଇଛି। ନିୟାମକ ଅନୁମୋଦନ ଅନୁସାରେ ସରକାର ଏଲ୍ଆଇସିରେ ନିଜର ୩.୫% ଅଂଶଧନକୁ ୨୧,୦୦୦ କୋଟି ଟଙ୍କାରେ ବିକ୍ରି କରିବେ। ଏଲ୍ଆଇସି ଆଇପିଓର ଆକାରକୁ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦ୍ୱାରା ପ୍ରସ୍ତାବିତ ୫%ରୁ ହ୍ରାସକରି ୩.୫% କରିବାର ପ୍ରସ୍ତାବ ଶନିବାର ବୋର୍ଡ ବୈଠକରେ ଉପସ୍ଥାପନା କରାଯିବା ସହିତ ଏହାକୁ ଅନୁମୋଦନ ମଧ କରାଯାଇଥିଲା। ନିବେଶକମାନଙ୍କ ମତାମତ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ମୋଟ୍ ୬ଲକ୍ଷ କୋଟି ଟଙ୍କାର ଏହି ଆଇପିଓରେ ଏଲ୍ଆଇସିର ମୂଲ୍ୟାଙ୍କନ ୫.୩୯ ଲକ୍ଷ କୋଟିର ୧.୧ଗୁଣ ସ୍ଥିର କରାଯାଇଛି।

# ଫ୍ୟୁଚର ଗ୍ରୁପ୍ ସହ ଚୁକ୍ତି ବାତିଲ କଲା ଆର୍ଆଇଏଲ୍

**ନୂଆଦିଲ୍ଲୀ,୨୩।୪**




ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ଆର୍ଆଇଏଲ୍) ପକ୍ଷରୁ ଫ୍ୟୁଚର ଗ୍ରୁପ୍ ସହ ନିଜର ୨୪,୭୧୩ କୋଟି ଟଙ୍କାର କାରବାରକୁ ବାତିଲ କରି ଦିଆଯାଇଛି। ଏହି କାରବାରକୁ ଋଣଦାତାଙ୍କ ବୈଠକରେ ମଞ୍ଜୁରୀ ମିଳି ନ ଥିବାରୁ ଏହାକୁ ଆଉ ଆଗକୁ ବଢ଼ାଯିବନାହିଁ ବୋଲି ଆର୍ଆଇଏଲ୍ ପକ୍ଷରୁ ଶନିବାର କୁହାଯାଇଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନାରେ କୁହାଯାଇଛି ଯେ, ଫ୍ୟୁଚର ରିଟେଲ୍ ଲିମିଟେଡ୍ (ଏଫ୍ଆର୍ଏଲ୍) ଏବଂ ଫ୍ୟୁଚର ଗ୍ରୁପ୍‌ର କମ୍ପାନୀଗୁଡିକ ସହିତ କାରବାରର ମଞ୍ଜୁରୀ ପାଇଁ ହୋଇଥିବା ବୈଠକରେ ଶେୟାରଧାରକ ଏବଂ ଅସୁରକ୍ଷିତ ଋଣଦାତାମାନେ ସପକ୍ଷରେ ବହୁମତ ଦେଇଥିଲେ। ତେବେ ସୁରକ୍ଷିତ ଋଣଦାତାମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏଭଳି ପରିସ୍ଥିତିରେ ଯୋଜନା କାର୍ଯ୍ୟକାରୀ କରାଯାଇ ହେବନାହିଁ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରି ନିଜ ବୟାନରେ କହିଛି। ଫ୍ୟୁଚର ଗ୍ରୁପ୍ ପକ୍ଷରୁ ଅଗଷ୍ଟ ୨୦୨୦ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କମ୍ପାନୀ ରିଲାଏନ୍ସ ରିଟେଲ୍ ଭେଞ୍ଚର୍ସ ଲିମିଟେଡ୍ (ଆର୍ଆର୍‌ଭିଏଲ୍) ସହ ୨୪,୭୧୩ କୋଟି ଟଙ୍କାର ମିଶ୍ରଣ ଚୁକ୍ତି ଘୋଷଣା ହୋଇଥିଲା। ଏହି ଚୁକ୍ତି ଅନୁସାରେ ରିଟେଲ୍, ହୋଲ୍‌ସେଲ୍, ଲଜିଷ୍ଟିକ୍ ଏବଂ ୱେରହାଉସ୍ ସେଗ୍‌ମେଣ୍ଟରେ ସକ୍ରିୟ ଥିବା ଫ୍ୟୁଚର ଗ୍ରୁପ୍‌ର ୧୯ଟି କମ୍ପାନୀର ୯୪୭ଟି ଷ୍ଟୋରକୁ ରିଲାଏନ୍ସ ରିଟେଲ ଅଧିଗ୍ରହଣ କରିବା ଯୋଜନା ରହିଥିଲା। ଏହି ମିଶ୍ରଣ ଚୁକ୍ତି ଘୋଷଣା ପରେ ଅଗ୍ରଣୀ ଇ-କମର୍ସ କମ୍ପାନୀ ଆମାଜନ୍ ପକ୍ଷରୁ ଏହାର ବିରୋଧ କରାଯାଇଥିଲା। ଏହି ଚୁକ୍ତି ଆମାଜନ ସହିତ ଫ୍ୟୁଚର ଗ୍ରୁପ୍‌ର ନିବେଶ ବୁଝାମଣାକୁ ଉଲ୍ଲଂଘନ କରୁଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ବିବାଦ ମଧ୍ୟରେ ଶେୟାରଧାରକ ଏବଂ ଋଣଦାତାମାନଙ୍କର ମଞ୍ଜୁରୀ ପାଇଁ ଫ୍ୟୁଚର ଗ୍ରୁପ୍‌ର ସମ୍ବନ୍ଧିତ କମ୍ପାନୀଗୁଡ଼ିକ ଗତ ୭ଦିନ ମଧ୍ୟରେ ଅଲଗା ଅଲଗା ବୈଠକ ଡକାଇଥିଲେ। ଶେୟାରଧାରକ ଏବଂ ଅସୁରକ୍ଷିତ ଋଣଦାତାମାନେ ଚୁକ୍ତି ସପକ୍ଷରେ ଥିଲେ ମଧ ସୁରକ୍ଷିତ ଋଣଦାତାମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରି ଦେଇଥିବା ଫ୍ୟୁଚର ଗ୍ରୁପ୍ ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଥିଲା। ଏହି ପରିପେକ୍ଷୀରେ ଆର୍ଆଇଏଲ୍ ପକ୍ଷରୁ ଚୁକ୍ତି ରଦ୍ଦ କରିଦିଆଯାଇଛି।

## ଶକ୍ତି କ୍ଷେତ୍ରରେ ଦୀର୍ଘମିଆଦୀ କାର୍ଯ୍ୟ ଯୋଜନା




**ଭୁବନେଶ୍ୱର,୨୩।୪**

ଗ୍ରୀଡ୍‌କୋ ଓ ଜର୍ମାନୀସ୍ଥିତ ଭିତ୍ତିଭୂମି ଉନ୍ନୟନ ସଂସ୍ଥା- ଜିଆଇଜେଡ୍, ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଓଡ଼ିଶା ଶକ୍ତିକ୍ଷେତ୍ରରେ ଦୀର୍ଘମିଆଦୀ କାର୍ଯ୍ୟ ଯୋଜନା ସମ୍ପର୍କିତ ଏକ ସଚେତନତାମୂଳକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଯୋଗଦେଇ ଭିତ୍ତି ବକ୍ତବ୍ୟ (କି-ନୋଟ୍) ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୀଡ୍‌କୋ, ଓପିଟିସିଏଲ୍, ଓପିଜିସି, ଓଏଚ୍‌ପିସିର ପରିଚାଳନା ନିର୍ଦ୍ଦେଶକ, ଓଇଆର୍‌ସିଙ୍କ ସଚିବ, ସର୍ବୋଚ୍ଚ ଯନ୍ତ୍ରୀ ବିଦ୍ୟୁତ୍, ଟିପିସିଓଡିଏଲ୍ ଓ ଜେଡ୍‌କଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରେଡାର ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଗ୍ରୀଡ୍‌କୋର ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ଉପରେ ଏକ ବିବରଣୀ ଉପସ୍ଥାପନା କରିଥିଲେ। ଜିଆଇଜେଡ୍ ଇଣ୍ଡିଆ ପକ୍ଷରୁ ବୈଷୟିକ ବିଶେଷଜ୍ଞ ମନୋଜ ମହତ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଗ୍ରୀଡ୍‌କୋର ଅର୍ଥ ନିର୍ଦ୍ଦେଶକ ଗଗନ ବିହାରୀ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ଉପରେ ଏକ ବିବରଣୀ ଉପସ୍ଥାପନା କରିଥିଲେ।

## ରେନୋ ନ୍ୟୁ କ୍ୱିଡ୍, କାଇଗରର ଅନାବରଣ




**ଭୁବନେଶ୍ୱର,୨୩।୪**

ଦେଶର ପ୍ରମୁଖ ୪ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ରେନୋ ଇଣ୍ଡିଆ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ନ୍ୟୁ କ୍ୱିଡ୍ ଏବଂ କାଇଗରର ବଜାର ପ୍ରବେଶ ନିକଟରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ସୁପର ସେଲ୍ସ ଅଟୋମୋବାଇଲ ପ୍ରାଇଭେଟ ଲିମିଟେଡ୍ ଭୁବନେଶ୍ୱର ନର୍ଥ ପରିସରରେ ଶନିବାର ଏହି ନୂତନ ମଡେଲର ଅନାବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସୁପର ସେଲ୍ସର ନିର୍ଦ୍ଦେଶକ ଆଦର୍ଶ ଧାୱନ ଓ ଆକ୍ସିସ୍ ବ୍ୟାଙ୍କର ସହକାରୀ ଉପସଭାପତି ଚିନ୍ମୟ ପାଢ଼ୀ ଏବଂ ସୁପର ସେଲ୍ସର ଜିଏମ୍ (ସେଲ୍‌ସ) ବିଭୂତି ଭୂୟାଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାଡ଼ି ଦ୍ୱୟର ଅନାବରଣ କରିଥିଲେ। ଗ୍ରାହକଙ୍କ ଚାହିଦା ଓ ଆବଶ୍ୟକତାକୁ ଆଖି ଆଗରେ ରଖି କମ୍ପାନୀ ଏହାର ବଜାର ପ୍ରବେଶ କରାଇଛି। ବିଶେଷକରି ଏହି ୨ଟି ନୂଆ ମଡେଲରେ ଅନେକ ଅତ୍ୟାଧୁନିକ ସୁବିଧା ଓ ସୁଯୋଗ ସାଙ୍ଗକୁ ନୂତନ ଜ୍ଞାନକୌଶଳର ପ୍ରୟୋଗ କରିଛି। ଫଳରେ ଏହାର ଆକର୍ଷଣୀୟ ଡିଜାଇନ ଓ ଭିନ୍ନ ଭିନ୍ନ ରଙ୍ଗର ମଡେଲ ଗ୍ରାହକଙ୍କ ମନକୁ ପାଇବା ସହ ଆବଶ୍ୟକତା ମଧ ପୂରଣ କରିବ। ସେହିଭଳି ନ୍ୟୁ କ୍ୱିଡ୍‌ର ପ୍ରାରମ୍ଭିକ ମୂଲ୍ୟ ୪.୪୯ ଲକ୍ଷ ଟଙ୍କା ରହିଥିବା ବେଳେ କାଇଗରର ମଧ ପ୍ରାରମ୍ଭିକ ମୂଲ୍ୟ ୫.୮୪ ଲକ୍ଷ ଟଙ୍କା ରହିଛି ବୋଲି ଶୋ'ରୁମ୍ ପକ୍ଷରୁ ସୂଚନା ଦିଆଯାଇଛି।

## ସହାୟତା ପାଇଁ ଏନ୍ଇସିସିର ଆବେଦନ

**ନୂଆଦିଲ୍ଲୀ,୨୩।୪**

ଜାତୀୟ ଅଣ୍ଡା ସମନ୍ୱୟ ସମିତି (ଏନ୍ଇସିସି) ପକ୍ଷରୁ କୁହାଯାଇଛି ଯେ, ଅତିକମ୍‌ରେ ୨.୦ ମିଲିୟନ ଟନ୍ ମାନବ ଖାଦ୍ୟ ଅନୁପଯୋଗୀ ଗହମ, ଧାନ କିମ୍ବା ଭଙ୍ଗା ଚାଉଳ କୁକୁଡା ଚାଷୀଙ୍କୁ ଯୋଗାଇବାକୁ କେନ୍ଦ୍ର ସରକାରଙ୍କୁ ଏନ୍ଇସିସି ପକ୍ଷରୁ ନିବେଦନ କରାଯାଇଛି। ବିଭିନ୍ନ କାରଣରୁ ଗତ ଏକ ବର୍ଷ ମଧ୍ୟରେ ମକା ମୂଲ୍ୟରେ ବୃଦ୍ଧି ଘଟିଛି। ଗତ ବର୍ଷକ ମଧ୍ୟରେ ଘରୋଇ ବଜାରରେ ମକାର ମୂଲ୍ୟ ଟନ୍ ପିଛା ୧୮,୦୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଟନ୍ ପିଛା ୨୫,୦୦୦ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଆଗକୁ ୩୦,୦୦୦ ଟଙ୍କାକୁ ବୃଦ୍ଧି ପାଇବା ନେଇ ଆଶଙ୍କା ରହିଛି। ମକା ଦର ବୃଦ୍ଧି କାରଣରୁ ଗତ ବର୍ଷ ଅଣ୍ଡାର ହାରାହାରି ଉତ୍ପାଦନ ମୂଲ୍ୟ ୪ଟଙ୍କାକୁ ବୃଦ୍ଧି ପାଇଥିଲା। ବର୍ତ୍ତମାନ ଏହି ଦର ୪.୭୫ରୁ ୫ଟଙ୍କାରେ ପହଞ୍ଚିଥିବା ଏନ୍ଇସିସି ପକ୍ଷରୁ କୁହାଯାଇଛି।

## କ୍ୟାଟ୍ ପକ୍ଷରୁ ସପ୍ତାହବ୍ୟାପୀ ସ୍ୱତନ୍ତ୍ର ଅଭିଯାନ

**ନୂଆଦିଲ୍ଲୀ,୨୩।୪**

କେନ୍ଦ୍ର ସରକାରଙ୍କ ପକ୍ଷରୁ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ଓ ପେନ୍‌ସନଧାରୀଙ୍କ ଭଳି ସର୍ବାଧିକ ଦୁର୍ବଳ ଶ୍ରେଣୀର ଆବେଦକମାନଙ୍କର ମାମଲାଗୁଡ଼ିକର ସମାଧାନ ପାଇଁ ଟ୍ରିବ୍ୟୁନାଲର ସମସ୍ତ ୧୯ଟି ବେଞ୍ଚରେ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍) ପକ୍ଷରୁ ନିକଟରେ ସପ୍ତାହବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଇଥିଲା। ଏହି ଅଭିଯାନ ଜରିଆରେ ଦେଶର ସମସ୍ତ ମନ୍ତ୍ରଣାଳୟର ବିଭାଗଗୁଡ଼ିକ ପକ୍ଷରୁ ନିକଟରେ କ୍ୟାଟ୍, ସର୍ବୋଚ୍ଚ ବେଞ୍ଚ, ନୂଆଦିଲ୍ଲୀଠାରେ ଏଭଳି କିଛି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଅଧକ୍ଷା ମଞ୍ଜୁଳା ଦାସ ଅଧକ୍ଷତା କରିଥିଲେ ଓ କ୍ୟାଟ୍‌ର ସଦସ୍ୟ, ସର୍ବୋଚ୍ଚ ବେଞ୍ଚ, କ୍ୟାଟ୍ ବାର୍ ଆସୋସିଏଶନର ସଦସ୍ୟ, ନୂଆଦିଲ୍ଲୀ ଓ କ୍ୟାଟ୍ ଅଧିକାରୀ, କର୍ମଚାରୀଙ୍କ ସମେତ ସର୍ବୋଚ୍ଚ ବେଞ୍ଚ, ନୂଆଦିଲ୍ଲୀର ପ୍ରମୁଖ ଉପସ୍ଥିତ ରହିଥିଲେ। କ୍ୟାଟ୍‌ଙ୍କ ମାର୍ଗଦର୍ଶନ ଭିତ୍ତିରେ କ୍ୟାଟ୍‌ରେ ସର୍ବାଧିକ ଦୁର୍ବଳ ଶ୍ରେଣୀର ଆବେଦକ ତଥା ବରିଷ୍ଠ ନାଗରିକ, ପେନ୍‌ସନଧାରୀଙ୍କ ମାମଲାଗୁଡ଼ିକର ସମାଧାନ ପାଇଁ ଏଭଳି ଏକ ସ୍ୱତନ୍ତ୍ର ଅଭିଯାନର ଆୟୋଜନ କରାଯାଇ ଆବଶ୍ୟକ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅପରପକ୍ଷରେ ନ୍ୟାୟାଳୟର ଅଧିକାରୀ ଭାବେ ନ୍ୟାୟ ପ୍ରଦାନ କରିବାରେ ପ୍ରଶଂସନୀୟ ଭୂମିକା ପାଇଁ କ୍ୟାଟ୍, ବାର୍ ଆସୋସିଏଶନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବା ସହ ୨୦୨୧-୨୨ବର୍ଷରେ ଉତ୍ତମ ସେବା ପ୍ରଦାନ ପାଇଁ ୨୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଅଧକ୍ଷାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲ।

## ଫୁର୍‌ସତ୍

# ତୃଣମୂଳସ୍ତରରୁ ବିକାଶ ଲକ୍ଷ୍ୟ

**ଜାତୀୟ ପଞ୍ଚାୟତିରାଜ ଦିବସ**



ତୃଣମୂଳସ୍ତରରୁ ଦେଶର ବିକାଶ କ୍ଷେତ୍ରରେ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତର ସମ୍ବିଧାନ ପଞ୍ଚାୟତକୁ ସ୍ୱୟଂଶାସିତ ଅନୁଷ୍ଠାନ ଭାବରେ ସ୍ୱୀକୃତି ଦେଇଛି। ଦେଶର ବିକାଶରେ ପଞ୍ଚାୟତର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୪ରେ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଉଛି।

୨୪ ଏପ୍ରିଲ ୨୦୧୦ରେ ଭାରତର ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରଥମ ଜାତୀୟ ପଞ୍ଚାୟତିରାଜ ଦିବସ ଘୋଷଣା କରିଥିଲେ। ସେ କହିଥିଲେ, ଯଦି ପଞ୍ଚାୟତିରାଜ ଅନୁଷ୍ଠାନ (ପିଆର୍ଆଇ)ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟ କରେ ଏବଂ ସ୍ଥାନୀୟ ଲୋକମାନେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ତେବେ ବିକାଶର ଧାରାକୁ ତ୍ୱରାନ୍ୱିତ କରାଯାଇପାରିବ।

ଆମ ଦେଶରେ ୨.୫୧ ଲକ୍ଷ ପଞ୍ଚାୟତ ଅଛି। ସେଥିମଧ୍ୟରେ ୨.୩୯ ଲକ୍ଷ ଗ୍ରାମ ପଞ୍ଚାୟତ, ୬,୯୦୪ ବ୍ଲକ ପଞ୍ଚାୟତ ଏବଂ ୫୮୯ ଜିଲା ପଞ୍ଚାୟତ ଅନ୍ତର୍ଭୁକ୍ତ। ସେଥିରେ ୨୯ ଲକ୍ଷରୁ ଅଧିକ ପଞ୍ଚାୟତ ପ୍ରତିନିଧି ଅଛନ୍ତି। ୧୫ଶ ଅର୍ଥ କମିଶନ ୨୦୨୧-୨୬ ପାଇଁ ୨,୩୬,୮୦୫ କୋଟି ଟଙ୍କା–ଅନୁମୋଦନ କରିଛନ୍ତି। ଏହି ଦିବସ ପାଳନ ଅବସରରେ ଦେଶର ବିଭିନ୍ନ ଅଞ୍ଚଳରେ ପଞ୍ଚାୟତିରାଜ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ସହିତ ନାନା ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ।

## ୪ ମାସରେ ୨୦ଲକ୍ଷ ଟଙ୍କାର ପାଣି ବିଲ୍

**ଟୋକିଓ:** ଜାପାନର ଏକ ସ୍କୁଲରେ ପାଣି ବିଲ୍ ୨୭ ହଜାର ଡଲାର ଅର୍ଥାତ୍ ୨୦ଲକ୍ଷ ୬୪ ହଜାର ଟଙ୍କା ଉଠିଛି। ସ୍କୁଲ ଶିକ୍ଷକଙ୍କ ସାମାନ୍ୟ ଭୁଲ୍ ପାଇଁ ଏଭଳି ହୋଇଥିବା ଖବର ପ୍ରକାଶ ପାଇଛି। ପାଣି ଦ୍ୱାରା କୋଭିଡ ମହାମାରୀ ନ ବ୍ୟାପିବା ପାଇଁ ସ୍କୁଲର ସୁଇମିଂ ପୁଲର ଟ୍ୟାପ୍‌କୁ ଖୋଲା ରଖି ଦେଇଥିଲେ। ଗତବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ପାଣି ଟ୍ୟାପ୍ ଖୋଲା ରହିଥିଲା। ସତେଜ ଜଳ ପୁଲ୍‌ରେ ରହିବା ଫଳରେ ଜଳରେ କରୋନା ଭୂତାଣୁ ବ୍ୟାପିବେ ନାହିଁ ବୋଲି ଶିକ୍ଷକଙ୍କ ବିଶ୍ୱାସ ଥିଲା। ସାଢେ ଦୁଇ ଲକ୍ଷ ଟଙ୍କାର ପାଣି ବିଲ୍ ସମ୍ପୃକ୍ତ ଶିକ୍ଷକ ଏବଂ ଦୁଇ ସୁପରଭାଇଜର ମିଶି ଏହି ବିଲ୍ ପୈଠ କରିବେ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ଶିକ୍ଷକଙ୍କ ସମ୍ୟକ ଜ୍ଞାନ କାରଣରୁ ଏ ପ୍ରକାର ଘଟଣା ଘଟିଥିବା ଆଞ୍ଚଳିକ ଏଜୁକେଶନ୍ ବୋର୍ଡର ଅଫିସର ଅକିରା କୋଜିରି କହିଛନ୍ତି।

## ଗନ୍ ଟ୍ରେନିଂ ନେଉଛନ୍ତି ସାନ୍ୟା

**ମୁମ୍ବାଇ:** ଦଙ୍ଗଲ ଗର୍ଲ ସାନ୍ୟା ମାଲହୋତ୍ରା ନିଜ ଆଗାମୀ ଫିଲ୍ମ ପାଇଁ ଜୋର୍‌ସୋର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଫିଲ୍ମ ନିର୍ଦ୍ଦେଶକ ଆଟଲିଙ୍କ ଦ୍ୱାରା ନିର୍ମାଣ ହେବାକୁ ଥିବା ଆକ୍ସନ ଫିଲ୍ମରେ ସାନ୍ୟା ଅଭିନୟ କରିବାକୁ ଯାଉଛନ୍ତି, ଯାହାପାଇଁ ସେ ଏବେ ଗନ୍ ଟ୍ରେନିଂ ନେଉଛନ୍ତି। ଫିଲ୍ମରେ ହାଇ ଇଣ୍ଟେନସିଟି ଷ୍ଟଣ୍ଟ ଦେଖିବାକୁ ମିଳିବ। ତେବେ ଏହି ଆକ୍ସନ ଡ୍ରାମା ଫିଲ୍ମରେ ସାନ୍ୟାଙ୍କ ଅପୋଜିଟ୍‌ରେ ଶାହରୁଖ ଖାନ୍‌ଙ୍କୁ ଦେଖିବାକୁ ମିଳିବ । ଖୁବ୍‌ଶୀଘ୍ର ସାନ୍ୟା ପ୍ରଶିକ୍ଷଣ ଶେଷ କରି ଫିଲ୍ମର ଶୁଟିଂ ଆରମ୍ଭ କରିବେ। ଅନ୍ୟପଟେ ସାନ୍ୟାଙ୍କ ପାଖରେ ଏବେ ଗୁଡ଼ାଏ ଫିଲ୍ମ ଅଫର ରହିଛି। ଗୁନୀତ ମୋଙ୍ଗାଙ୍କ ଦ୍ୱାରା ନିର୍ଦ୍ଦେଶିତ ଫିଲ୍ମର ଶୁଟିଂ ବର୍ତ୍ତମାନ ମଧ ପ୍ରଦେଶରେ ଜାରି ରହିଛି। ଫିଲ୍ମରେ ସାନ୍ୟା ମୁଖ୍ୟ ଭୂବିକାରେ ଅଭିନୟ କରିଛନ୍ତି। ସାନ୍ୟା ପ୍ରଥମ ଥର ପାଇଁ ଶାହରୁଖ ଖାନ୍‌ଙ୍କ ସହିତ ସ୍କିନ୍ ଶେୟାର କରିବାକୁ ଯାଉଛନ୍ତି। ଫିଲ୍ମ ନେଇ ଶହରୁଖ ଅଧାଅଧି ଶୁଟିଂ ଶେଷ କରିଥିବା ରିପୋର୍ଟ ପ୍ରକାଶ ପାଇଛି।



ସାନ୍ୟା ମାଲହୋତ୍ରା

## 'ମୋତେ ବୁଢ଼ୀ କହୁଛନ୍ତି ଲୋକେ'



**ମୁମ୍ବାଇ:** ଆଇଟମ୍ ଗର୍ଲ ମଲାଇକା ଆରୋରା ତାଙ୍କ ରିଲେଶନ୍‌ଶିପ୍ ଷ୍ଟାଟଶକୁ ନେଇ ଏବେ ଚର୍ଚ୍ଚାରେ ଅଛନ୍ତି ଯାହାପାଇଁ ତାଙ୍କୁ ସମାଲୋଚିତ ହେବାକୁ ପଡୁଛି। ନିଜଠାରୁ କମ୍ ବୟସର ବୟଫ୍ରେଣ୍ଡ କରିବା କାରଣରୁ ଲୋକେ ତାଙ୍କୁ ତାଙ୍କୁ ବୁଢ଼ୀ ବୋଲି ସମ୍ବୋଧନ କରୁଥିବାର ଦେଖିବାକୁ ମିଳିଛି। ଏ ପ୍ରକାର କମେଣ୍ଟ ମଲାଇକାଙ୍କ ଉପରେ କୌଣସି ପ୍ରକାର ପ୍ରଭାବ ପକାଇବ ନାହିଁ ବୋଲି ମଲାଇକା କହିଛନ୍ତି। ଅର୍ଜୁନ କପୁର ତାଙ୍କଠାରୁ ବୟସରେ ସାନ। ବିବାହର ୧୯ ବର୍ଷ ପରେ ମଲାଇକା ଅର୍ବାଜଙ୍କଠାରୁ ଅଲଗା ହୋଇଥିଲେ।

# ଡାହାଣୀ ଭୟ: ଗାଁରେ ଲକ୍‌ଡାଉନ୍



**ଅମରାବତୀ:** ଆଧୁନିକ ଯୁଗରେ ଏବେ ବି ଅନେକ ଲୋକ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ରହିଛନ୍ତି । ଶିକ୍ଷା ହେଉ ଅବା ଚିକିତ୍ସା ବିଜ୍ଞାନ ସବୁ କ୍ଷେତ୍ରରେ ଟେକ୍‌ନୋଲୋଜିର ବ୍ୟବହାର ସତ୍ତ୍ୱେ ଏ ପ୍ରକାର ମାନସିକତା ବଦଳିପାରିନାହିଁ। ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ ଜିଲା ଅନ୍ତର୍ଗତ ଭେନେଲା ଲାସା ଗ୍ରାମରେ ଡାହାଣୀ ଭୟରେ ଲକ୍‌ଡାଉନ୍ ଲାଗୁ କରାଯାଇଛି। ବାହାର ଗ୍ରାମର ଲୋକେ ନା ଏହି ଗ୍ରାମ ଭିତରକୁ ପ୍ରବେଶ କରୁଛନ୍ତି ନା ଗାଁ ଲୋକେ ବାହାରକୁ କେଉଁଆଡ଼େ ଯାଉଛନ୍ତି। ଏପ୍ରିଲ ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ବଳବତ୍ତର ରହିବ । ଗତ କିଛିଦିନ ଧରି ଏଠାରେ ଏକକାଳୀନ ଅନେକ ଲୋକଙ୍କ ଦେହ ଖରାପ ହେବାରେ ଲାଗିଛି। ଜ୍ୱର ସାଙ୍ଗକୁ ବହୁବିଧ ରୋଗରେ ଲୋକମାନେ ଆକ୍ରାନ୍ତ ହେବା ସହ ସେମାନଙ୍କ ମଧ୍ୟରୁ ଦୁଇ ତିନି ଜଣଙ୍କ ମୃତ୍ୟୁ ମଧ ହୋଇସାରିଛି। ତେବେ ଡାହାଣୀ ପ୍ରଭାବରୁ ଗ୍ରାମରେ ଏ ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଥିବା ଗ୍ରାମବାସୀ କହିଛନ୍ତି। ଏହାର ସମାଧାନ ଲାଗି ଗ୍ରାମବାସୀ ପଡ଼ୋଶୀ ରାଜ୍ୟ ଓଡ଼ିଶା ଓ ବିଜିଆନଗରମରୁ ତାନ୍ତ୍ରିକ ଡାକି ପୂଜାପାଠ କରିଛନ୍ତି। ତାନ୍ତ୍ରିକଙ୍କ ପରାମର୍ଶକ୍ରମେ ଡାହାଣୀ ପ୍ରକୋପରୁ ରକ୍ଷା କରିବା ପାଇଁ ଗାଁରେ ଲକ୍‌ଡାଉନ୍ ଲାଗୁ କରାଯାଇଛି। ତେବେ ଲକ୍‌ଡାଉନ୍ କାରଣରୁ ଗାଁର ପ୍ରତ୍ୟେକ ପ୍ରବେଶ ପଥକୁ ବନ୍ଦ କରିଦିଆଯାଇଛି। କୌଣସି ସରକାରୀ କର୍ମଚାରୀ, ଶିକ୍ଷକ ଗ୍ରାମକୁ ପ୍ରବେଶ କରିପାରୁ ନାହାନ୍ତି, ଯାହାଫଳରେ ସରକାରୀ କାର୍ଯ୍ୟାଳୟରେ ତାଲା ଝୁଲୁଥିବାବେଳେ ଡାକ୍ତରଖାନା, ସ୍କୁଲ ଏବଂ ଅଙ୍ଗନୱାଡି ସବୁ ବନ୍ଦ ପଡ଼ିଛି।

# ଲେମ୍ବୁ ଦାମ୍ କମାଇବାକୁ ପୂଜା

**ଲକ୍ଷ୍ନୌ:** ଲେମ୍ବୁର ଦାମ୍ କମ୍ କରିବା ପାଇଁ ଠାକୁରଙ୍କ ପାଖରେ ସ୍ୱତନ୍ତ୍ର ପୂଜା। କଥାଟା ଶୁଣି ଆଶ୍ଚର୍ଯ୍ୟ ହୋଇଗଲା କି! ହେଲେ ଏମିତି ଏକ ପୂଜା ହୋଇଛି ବାରାଣସୀର ମାଆ ଆଦିଶକ୍ତିଙ୍କ ମନ୍ଦିରରେ। ଲେମ୍ବୁର ଦାମ୍ ବୃଦ୍ଧିକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ଗୋଟିଏ ଲେମ୍ବୁର ଦାମ୍ ୧୦ ଟଙ୍କାରୁ ଅଧିକ ହୋଇଗଲାଣି। ନିହାତି ସେମିତି କିଛି ଆବଶ୍ୟକ ନ ଥିଲେ ଲେମ୍ବୁ କିଣିବାକୁ ଲୋକେ ଆଦୌ ଇଚ୍ଛା କରୁନାହାନ୍ତି। ଏମିତିକି ଏବେ ଖରାଦିନ ହୋଇଥିଲେ ବି ଲୋକେ ଲେମ୍ବୁ କିଣିବାକୁ ସାହସ କରୁନାହାନ୍ତି। ତେଣୁ ଲେମ୍ବୁର ଦାମ୍ କିପରି କମ୍ ହେବ ସେଥିପାଇଁ ଅନେକେ ଚିନ୍ତାରେ ଅଛନ୍ତି। ଏହି ଉଦ୍ଦେଶ୍ୟରେ ଏବେ ଏକ ସ୍ୱତନ୍ତ୍ର ଧରଣର ପୂଜା ଆୟୋଜନ



କରାଯାଇଥିଲା ଉତ୍ତରପ୍ରଦେଶ ବାରାଣସୀରେ ଥିବା ମାଆ ଆଦିଶକ୍ତିଙ୍କ ମନ୍ଦିରରେ। ବିଶ୍ୱାସ ହେଉ ନ ଥିଲେ ବି କଥାଟା ଏକଦମ୍ ସତ। ମନ୍ଦିରରେ ଅନେକ ସମୟରେ କଳାଜାଦୁ ପାଇଁ ମଧ ପୂଜା କରାଯାଏ। ତେଣୁ ମନ୍ଦିରରେ ଲେମ୍ବୁର ଦାମ୍ କମ୍ କରିବା ନିମନ୍ତେ ପୂଜା ଆୟୋଜନ କରାଯାଇଥିଲା। ଆଉ ଦେବୀଙ୍କୁ ପ୍ରସନ୍ନ କରିବା ନିମନ୍ତେ ଏଠାରେ ୧୧ଟି ଲେମ୍ବୁର ବଳି ମଧ ଚଢ଼ାଯାଇଛି। ପୂଜା ପରେ ଏଥର ଲେମ୍ବୁ ଦାମ୍ ନିଶ୍ଚିତଭାବେ କମ୍ ହୋଇଯିବ ବୋଲି ପୂଜା ଆୟୋଜନକାରୀମାନେ କହିଛନ୍ତି। ସେମାନଙ୍କ କହିବା ଅନୁସାରେ ମାଆଙ୍କ ପାଖରେ ପୂଜା କଲେ ସମସ୍ତଙ୍କର ମନୋକାମନା ପୂର୍ଣ୍ଣ ହୋଇଥାଏ। ତେଣୁ କିଛିଦିନ ମଧ୍ୟରେ ଲେମ୍ବୁର ଦାମ୍ କମ୍ ହୋଇଯିବ ବୋଲି ସେମାନଙ୍କର ଦୃଢ ବିଶ୍ୱାସ ରହିଛି। ଲେମ୍ବୁର ଦାମ୍ କମ୍ ହେବା ଉଦ୍ଦେଶ୍ୟରେ ଏଭଳି ଏକ ପୂଜା ହୋଇଥିବାରୁ ସୋସିଆଲ ମିଡିଆରେ ଏବେ ଜୋରଦାର ଚର୍ଚ୍ଚା ହେଉଛି। କେତେକେ ଏହି ପୂଜାକୁ ଅନ୍ଧବିଶ୍ୱାସ କହୁଥିବାବେଳେ ଆଉ କେତେକେ ଏହାର ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି କହୁଛନ୍ତି।

## ୨ ଟ୍ରାକ୍ଟରରୁ ୧୦ହଜାର ଜରିମାନା ଆଦାୟ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ପକ୍ଷରୁ ବିନା ରୟାଲଟିରେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଧରପଗଡ କରାଯାଇଥିଲା। ୨ଟି ଟ୍ରାକ୍ଟରୁ ୧୦ହଜାର ଜରିମାନା ଆଦାୟ କରାଯାଇଛି। ବାରତୋଲ ସୁକତେଲ ନଦୀଘାଟରୁ ୨ଟି ଟ୍ରାକ୍ଟରରେ ବେଆଇନଭାବେ ବାଲି ଉଠାଇ ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥରେ ଚାଲାଣ କରାଯାଉଥିଲା। ତହସିଲଦାର ସଂଘମିତ୍ରା କାଲୋ ବାଲି ବୋଝେଇ ୨ ଟ୍ରାକ୍ଟର ଉପରେ ୫ ହଜାର ଲେଖାଏ ଜରିମାନା ଆଦାୟ କରିଥିବା ରାଜସ୍ୱ ନିରୀକ୍ଷକ ସଞ୍ଜୀବ ନନ୍ଦ କହିଛନ୍ତି।

# ଧାର୍ଯ୍ୟ ସମୟରେ ସରିଲାନି କାମ

ଲୋଇସିଂହା,୨୩।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଆଗଲପୁର ବ୍ଲକର ଗାଇଖାଇ ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ କାମ ୨୦୨୦ ମସିହାରେ ହାତକୁ ନିଆଯାଇଥିଲା। ହେଲେ କାମ ବିଳମ୍ବରେ ଆରମ୍ଭ ହୋଇଥିବା ଯୋଗୁ ମାଟି ପୁନରୁଦ୍ଧାର କାମ ସନ୍ତୋଷଜନକ ହୋଇପାରି ନ ଥିଲା। ଜଳ ଧାରଣ କ୍ଷମତା ବଢାଇବା ପାଇଁ ପ୍ରକଳ୍ପର ସରପ୍ଲସ କାମ ଆଦୌ ଆରମ୍ଭ ହୋଇପାରି ନ ଥିଲା। ବର୍ଷାଋତୁ ଆସିଯିବାରୁ କାମ ବନ୍ଦ ରହିଥିଲା। ହେଲେ ଚଳିତ ବର୍ଷ ଏପ୍ରିଲ ମାସ ଶେଷ ସପ୍ତାହ ହୋଇଥିଲେ ସୁଦ୍ଧା କାମ ଆରମ୍ଭ ହୋଇନାହିଁ । ଗତ ଖରିଫରେ ପାଣି ଅଭାବରୁ ଆଂଶିକ ମରୁଡିର ସମ୍ମୁଖୀନ ହୋଇଥିଲେ ପ୍ରକଳ୍ପରୁ ଉପକୃତ ହେଉଥିବା ଚାଷୀମାନେ। ଏ ଯାଏ ପ୍ରକଳ୍ପ କାମ ଅଗ୍ରଗତି କରୁ ନ ଥିବାରୁ ଗତବର୍ଷର ପୁନରାବୃତ୍ତି ଘଟିବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ସାଲେଭଟା ନିକଟରେ ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୨୦ ଏକ ପରିସୀମା ବିଶିଷ୍ଟ ଗାଇଖାଇ ଜଳ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଦ୍ୱାରା ଆଗଲପୁର ବ୍ଲକର ଲୁହୁରାମୁଣ୍ଡା, ସାଲେଭଟା, ମୁରଷୁଣ୍ଡି, ବକଟି, ପଡୁଆପାଲି ଓ କୁଟାସିଂହା ପଞ୍ଚାୟତ ସହ ସୁବର୍ଣ୍ଣପୁର ଜିଲାର



ପ୍ରକଳ୍ପ ଉନ୍ନତୀକରଣ ଫଳକ।


କାମ ଆରମ୍ଭ ହୋଇ ନଥିବା ଗାଇଖାଇ ପ୍ରକଳ୍ପ ବାମପାର୍ଶ୍ୱ ସରପ୍ଲସ।

### ଗାଇଖାଇ ଜଳ ପ୍ରକଳ୍ପ ଉନ୍ନତୀକରଣ

■ଗତବର୍ଷ ପରି ଚାଷ ପାଇଁ ପାଣି ମିଳିବା ଆଶଙ୍କାରେ ଚାଷୀ

୧୨ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ପାଇବା ଲକ୍ଷ୍ୟଧାର୍ଯ୍ୟ ଥିଲା। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଡ୍ୟାମ ନିର୍ମାଣର ୪୬ବର୍ଷ ପରେ ପଙ୍କୋଦ୍ଧାର ଓ ପ୍ରକଳ୍ପର ଉନ୍ନତୀକରଣ କାମ ହାତକୁ ନିଆଯାଇଥିଲା । ଅଞ୍ଚଳବାସୀଙ୍କ ଦୀର୍ଘ ଦାବି ପରେ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଉଦ୍ୟମକ୍ରମେ ୨୦୨୦-୨୧ ଆର୍ଥିକ ବର୍ଷରେ ୪ କୋଟି ୩୬ଲକ୍ଷ ୯୧ହଜାର ୯୧୪ଟଙ୍କା ବ୍ୟୟବରାଦରେ ବିଭାଗ ପକ୍ଷରୁ ଡ୍ୟାମର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି । ଉକ୍ତ ଅନୁଦାନରେ ପଙ୍କୋଦ୍ଧାର,ଆଡିବନ୍ଧ ଓ ପ୍ରକଳ୍ପର ବାମ ପାର୍ଶ୍ୱରେ ଏକ ସରପ୍ଲସ ନିର୍ମାଣ କାମ ରହିଛି । ୧୬ ଜୁଲାଇ ୨୦୨୦ରେ କାମ ଆରମ୍ଭ ହୋଇ ୧୫ ଜୁନ ୨୦୨୧ରେ କାମ ସାରିବା ଧାର୍ଯ୍ୟ ହୋଇଥିଲା । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅବହେଳରୁ ବିଳମ୍ବରେ କାମ ଆରମ୍ଭ କରାଯାଇଥିଲା। ଗତବର୍ଷ ଜୁନ ମାସ ପୂର୍ବରୁ ପଙ୍କୋଦ୍ଧାର କାର୍ଯ୍ୟ ସନ୍ତୋଷଜନକ ହୋଇ ପାରି ନ ଥିଲା। ବର୍ଷା ଆସିବାରୁ କାମ ବନ୍ଦ କରାଯାଇଥିଲା। ଅପରପକ୍ଷେ ପ୍ରକଳ୍ପର ବାମପାର୍ଶ୍ୱରେ ୩ ଫୁଟ ୧୦ଇଞ୍ଚର ଏକ ସରପ୍ଲସ କାମ ହୋଇ ନ ପାରିବାରୁ ଜଳ ସଂରକ୍ଷଣ ହୋଇ ନ ପାରି ଅଯଥାରେ ବୋହି ଯାଇଥିଲା। ଫଳରେ ଗତ ଖରିଫରେ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଆଗଲପୁର ଓ ସୁବର୍ଣ୍ଣପୁର ଜିଲାର ଚାଷ ଜମି ଆଂଶିକ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରକଳ୍ପର ବାକିକାମ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଆସୁଛି। ହେଲେ କେତେକ ଚାଷୀଙ୍କ ବିରୋଧ ଯୋଗୁ କାମ ହୋଇ ପାରୁ ନ ଥିବା ବିଭାଗୀୟ ଯନ୍ତ୍ରୀ ସରୋଜ ବେହେରା କହିଛନ୍ତି। ଅପରପକ୍ଷେ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, କ୍ଷତିପୂରଣ ଦାବି ନେଇ କେତେକ ଚାଷୀ ବିରୋଧ କରୁଥିଲେ। ହେଲେ ସେମାନେ ସରକାରଙ୍କଠାରୁ କ୍ଷତିପୂରଣ ପାଇ ସାରିଛନ୍ତି। ଏ ନେଇ ବିଭାଗ ପାଖକୁ ସରକାରଙ୍କଠାରୁ କାଗଜପତ୍ର ଆସି ସାରିଛି। ବିଭାଗୀୟ ଅଧିକାରୀ ଓ ଠିକାଦାର ଅନୁଦାନକୁ ହଡପ ପାଇଁ ଏପରି ଷଡଯନ୍ତ୍ର କରୁଥିବା ସେମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଉକ୍ତ ପ୍ରକଳ୍ପ ହିଡ ଦେଇ ଲୁହୁରାମୁଣ୍ଡାବାସୀ ଜାତୀୟ ରାଜପଥକୁ ଆସିବା ପାଇଁ ଏକ ବିଭାଗ ପକ୍ଷରୁ ଏକ ପୋଲ ନିର୍ମାଣ କରାଯାଇଛି। ହେଲେ ପୋଲର ଗାତ ଖୋଳାରେ ଅନିୟମିତତା ଏବଂ ୪ଟି ପିଲର ଅସମାନତା ଯୋଗୁ କାମର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ ସ୍ଥାନୀୟ ଲୋକେ। ହେଲେ ଏହାକୁ ବିଭାଗ ଚାପି ଦେଇଥିବା ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ରାସ୍ତାରେ ଭାସୁଛି ଆବର୍ଜନା ପାଣି



ଲାଠୋର,୨୩।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଦୁର୍ଗେଶ୍ୱରୀ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର କାଦୁଅ ରାସ୍ତା ଦେଇ ସ୍କୁଲକୁ ଯିବା ଆସିବା କରୁଛନ୍ତି। ଡ୍ରେନ ନ ଥିବାରୁ ପ୍ରାୟ ଶହେ ମିଟର ରାସ୍ତାରେ ଆବର୍ଜନା ପାଣି ଜମିଛି। ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ରାସ୍ତାରେ ଡ୍ରେନ ନିର୍ମାଣ ଦାବି ହୋଇ ଆସୁଥିଲେ ମଧ କେହି କଥାକୁ କର୍ଣ୍ଣପାତ କରୁ ନାହାନ୍ତି। ଫଳରେ ସ୍ଥାନୀୟ ଲୋକ ସମସ୍ୟାରେ ରହିଛନ୍ତି। ଏ ନେଇ ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁଷାଲଙ୍କୁ ପଚାରିବାରୁ ସେଠାରେ ଡ୍ରେନ ନିର୍ମଣ ପାଇଁ ଅନୁମୋଦନ ସରିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ଲୋଇସିଂହା,୨୩।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ବାଦିମୁଣ୍ଡା ଉପସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୨୦୮ ରୋଗୀ ଉପକୃତ ହୋଇଥିଲେ। ସ୍ୱାସ୍ଥ୍ୟମେଳାରେ ସ୍ଥାନୀୟ ସରପଞ୍ଚ କିରଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ମୁକେଶ ମହାଲିଙ୍ଗ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଡିଓ ରାମଚନ୍ଦ୍ର ଖାଡିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହାଙ୍କ ସମେତ ବାଦିମୁଣ୍ଡା, ସରଗାଡ, ଉପରବାହାଲ, ତଲିଉଡାର, ରତାଖଣ୍ଡି ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ବିଶେଷଜ୍ଞ ଡାକ୍ତରଙ୍କ ଉପସ୍ଥିତିରେ ୧୨୦୮ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ, ଏସ୍‌ଏଚ୍‌ଜି ମହିଳା. ଆଶା, ଏନଜିଓ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ କରାଯାଇ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଖାଇବା ଉପରେ ସଚେତନ କରାଯାଇଥିଲା।

### ମହୀରାବଣ ବଧ ନାଟକ ମଞ୍ଚସ୍ଥ

ବାଉଁଶୁଣୀ,୨୩।୪(ଡି.ଏନ.ଏ.): ବୌଦ୍ଧ ଜିଲା ବାଉଁଶୁଣୀ ଅଞ୍ଚଳର ଶ୍ରୀ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ମହୋତ୍ସବର ତ୍ରୟୋଦଶ ରଜନୀରେ ନାଟକ ମହିରାବଣ ବଧ ମଞ୍ଚସ୍ଥ ହୋଇଥିଲା। ପୌରାଣିକ କଥାବସ୍ତୁ ଅନୁଯାୟୀ ମେଘନାଦର ନିଧନରେ ରାବଣ ଯୁଦ୍ଧ କ୍ଷେତ୍ରକୁ ଯାଇ ଆକାଗ୍ନି ଶକ୍ତି ଦ୍ୱାରା ଲକ୍ଷ୍ମଣଙ୍କୁ ଶକ୍ତି ଭେଦ କଲେ । ହନୁମାନ ହିମାଳୟକୁ ଯାଇ ଗନ୍ଧମାର୍ଦନ ପର୍ବତକୁ ଟେକି ନେଇ ଆସିଥିଲେ। ବିଶଲ୍ୟକରଣୀ ଔଷଧ ଦ୍ୱାରା ଲକ୍ଷଣ ନୂତନ ଜୀବନ ଫେରି ପାଇଥିଲେ। ଶେଷରେ ରାମ ଲକ୍ଷ୍ମଣଙ୍କ ନିଧନ ପାଇଁ ପାତାଳପୁରୀର ମାୟାବୀ ମହିରାବଣକୁ ଡକାଇଥିଲା । ମହିରାବଣ ଅନେକ ମାୟା କରି ଶେଷରେ ରାମ ଲକ୍ଷ୍ମଣଙ୍କୁ ନେଇ ପାତାଳପୁରିରେ କାଳୀଙ୍କ ନିକଟରେ ବନ୍ଦି ରଖିଥିଲା । ହନୁମାନ ପାତାଳପୁରି ଯିବା ମକରଧ୍ୱଜ ସହିତ ଭେଟ ଓ ଶେଷରେ ମହିରାବଣ ବଧ ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା ।

## ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

କୋକସରା,୨୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି । ଗତ ୫ ବର୍ଷ ହେବ ଯୁବକ ଜଣକ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଯୁବତୀ ଏହା ଜାଣିବା ପରେ ବିରୋଧ କରି ଆସୁଥିଲେ। ଗତ ୨୦ ତାରିଖ ଦିନ ଯୁବତୀ ଘରେ ଏକୁଟିଆ ଥିବା ସୁଯୋଗ ନେଇ ଯୁବକ ଜଣକ ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ସମ୍ପୃକ୍ତ ଯୁବତୀ କୋକସରା ଥାନାରେ ଗତ ୨୨ ତାରିଖରେ ବଳାତ୍କାର କରାଯିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ୯୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଗୋପବନ୍ଧୁ ନାଏକ କହିଛନ୍ତି ।

## ଦିନିକିଆ ଗସ୍ତରେ ମୃତ୍ତିକା ସଂରକ୍ଷଣ ବିଭାଗ ନିର୍ଦ୍ଦେଶକ

ନୂଆପଡ଼ା ଅଫିସ୍,୨୩।୪

ନୂଆପଡ଼ା ଜିଲାକୁ ଦିନିକିଆ ଗସ୍ତରେ ଆସି ମୃତ୍ତିକା ସଂରକ୍ଷଣ ଜଳବିଭାଜିକା ମିଶନ ନିର୍ଦ୍ଦେଶକତଥା ନୋଡାଲ ଅଧିକାରୀ ହେମନ୍ତ ପଣ୍ଡା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ଜିଲାର ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା କରିବା ପରେ ପ୍ରଥମେ ସିନାପାଲି ବ୍ଲକ ଗସ୍ତ କରିଥିଲେ। ସିନାପାଲିଠାରେ ସମନ୍ୱିତ କୃଷି ପ୍ରଣାଳୀରେ ହୋଇଥିବା ଡ୍ରାଇଗନ ଫ୍ରୁଡ ପରିଦର୍ଶନ କରି ସନ୍ତୋଷ ବ୍ୟକ୍ତ କରିଥିଲେ। ଏହା ସହ ପଲମାଠାରେ ପିଏମ୍‌ଇଏସ୍‌ୱାଇ ଯୋଜନାରେ ହେଉଥିବା ଉନ୍ନୟନ କାର୍ଯ୍ୟ ଦେଖିଥିଲେ। ପରେ ଖଡିଆଳ ବ୍ଲକର ଅରେଡା ପଞ୍ଚାୟତଠାରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କରାଯାଇଥିବା ଆମ୍ବ ବଗିଚା ଦେଖିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଅନ୍ତର୍ଯ୍ୟାମୀ ମଣ୍ଡଳ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଗିରିଜା ଶଙ୍କର ମହାପାତ୍ର, ଜଳ ବିଭାଜିକା ମିଶନ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଖଡିଆଳ ପଦ୍ମଲୋଚନ ମାଝିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍କୁଲରେ ତାଲା ପକାଇ ଗ୍ରାମବାସୀଙ୍କ ଧାରଣା


ସ୍କୁଲ ଆଗରେ ଧାରଣାରତ ଗ୍ରାମବାସୀ।

ଗୋଲାମୁଣ୍ଡା,୨୩।୪(ଡି.ଏନ.ଏ.)

ଶନିବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ସର୍ଗିଗୁଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇ ଗ୍ରାମବାସୀ ଧାରଣା ଦେଇଛନ୍ତି। ପ୍ରଧାନଶିକ୍ଷକଙ୍କ ବଦଳି ଓ ଗ୍ରାମର ଏସଏଚଜିକୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେବାକୁ ଦାବି କରି ଏହି ଧାରଣା ଦିଆଯାଇଛି। ଏଥିରେ ପରିଚାଳନା କମିଟି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସାମିଲ ହୋଇଛନ୍ତି।

ପ୍ରକାଶ ଯେ, ସର୍ଗିଗୁଡା ଗ୍ରାମରେ ୧୬ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଛି। କିନ୍ତୁ ଗ୍ରାମରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଇ ପାଇଁ ଏହି ଗ୍ରାମର କୌଣସି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ନ ଦେଇ ବାବେଗୁଡା ଗ୍ରାମର ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଯାହାକି ସଂପୂର୍ଣ୍ଣ ନିୟମ ବାହରେ ହୋଇଛି। ଏଣୁ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳି ସହିତ ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ମଧ୍ୟାହ୍ନ ଭୋଜନ ଯୋଗାଣ ଦାୟିତ୍ୱ ଦେବାକୁ ଧାରଣାକାରୀମାନେ ଦାବି କରିଛନ୍ତି। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ନବ କିଶୋର ସାହୁ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାକାରୀମାନ ଜିଦ୍ ଧରିଛନ୍ତି। ଗଣ୍ଡାମେର ସରପଞ୍ଚ ବୃନ୍ଦାବନ ନାଏକ,ସମିତି ସଭ୍ୟ ଦୈତାରୀ ରାଉତ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚମ୍ପେଶ୍ୱର ନାଏକ,ଉପସଭାପତି ଅର୍ଣ୍ଣଦା ବାଗ,ୱାର୍ଡ ମେମ୍ବର ଲୋକେଶ୍ୱର ମାଝୀ, ରଞ୍ଜିତା ନାଏକ, ମନ ମେହେର, ଶୁକ୍ରୁ ମେହେର, ଗୋରେଖ ନାଏକ, ଶିଶିର ରଞ୍ଜନ ନାଏକ,ମହିନ୍ଦ୍ର ମାଝୀ,ରାଏଧର ତାଣ୍ଡି ପ୍ରମୁଖ ଧାରଣାରେ ସାମିଲ ଅଛନ୍ତି।

## ବୋଡେନ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ବୋଡେନ,୨୩।୪(ଡି.ଏନ୍.ଏ.)

■୭୨୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ

■ସଚେତନତାଧର୍ମୀ ପାଲା ଓ ଘୁମୁରା ନୃତ୍ୟ ପରିବେଷଣ

ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବୋଡେନ ବ୍ଲକ କର୍ଲାକୋଟ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଆୟୋଜିତ ହୋଇଯାଇଛି। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶୋଭାରାଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି, ବୋଡେନ ବ୍ଲକ ଅଧ୍ୟକ୍ଷା ପ୍ରେମଶିଳା ନାଗ, କର୍ଲାକୋଟ ସରପଞ୍ଚ ମଙ୍ଗଳସିଂ ଦଳ, ସମିତି ସଭ୍ୟା ମିନାକ୍ଷୀ ମାଝୀ, ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲୀପ କୁମାର ଦୁବେ, ବୋଡେନ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ, ଜିଲା ଚିକିତ୍ସାଧିକାରୀ ଡା. ସୁଧିର ନାଏକ, ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶିବ କୁମାର ନାଏକ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଡା. ଗୋପାଳ ଚନ୍ଦ୍ର ମଲ୍ଲିକ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡା. ପୂର୍ଣ୍ୟବ୍ରତ ମହାପାତ୍ର, ଶିଶୁ ରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ମାଝି, ଔଷଧ ବିଶେଷଜ୍ଞ ଡା. ରିତ କୁମାର ରାଉତ ଶିବିରରେ ଯୋଗଦାନ କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ଆସିଥିବା ୭୨୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ବ୍ଲକ କାର୍ଯ୍ୟକ୍ରମ ପରିଚାଳକ ଅକ୍ଷୟ କୁମାର ମିଶ୍ର, ଡା. ଚିତ୍ତରଞ୍ଜନ ରାଉତ, ପିଏଚ୍‌ଇଓ ଡାକ୍ତର ମାଝୀ, ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ରକ୍ତଦାନ ଶିବିରରେ ୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ସଚେତନତା ଧର୍ମୀ ପାଲା ଓ ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା।


ବୋଡେନ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାରେ ଶନିବାର କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ନୂଆପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଡଲି ମାଝି ଓ ଅନ୍ୟମାନେ।

## କୋର୍ଟରେ ହାଜର ହେଲେ ପୁଞ୍ଜିଲାଲ

ପାଟଣାଗଡ,୨୩।୪ (ଡି.ଏନ୍.ଏ.)

### ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲା

ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଶନିବାର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ ଏଡିଜେ କୋର୍ଟରେ ହାଜର କରାଯାଇଥିଲା। ତେବେ ଗ୍ରୀଷ୍ମ ପ୍ରବାହ ଯୋଗୁ ପାଟଣାଗଡ ବାର ଆସୋସିଏଶନ ଓ କ୍ରିମିନାଲ କୋର୍ଟ ବାର ଆସୋସିଏଶନ ତରଫରୁ ଏପ୍ରିଲ ୧୮ରୁ ଜୁନ ୨୦ତାରିଖ ପର୍ଯ୍ୟନ୍ତ ଶୁଣାଣି ବନ୍ଦ ରଖିଥିବାରୁ କୌଣସି ଶୁଣାଣି ହୋଇପାରି ନ ଥିଲା। ପରବର୍ତ୍ତୀ ଶୁଣାଣି ମେ ୧୧ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

ବଲାଙ୍ଗୀର ଅଫିସ, ୨୩।୪

ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ସାଲେପାଲର ତପନ କୁଏଡଙ୍କ ଘରେ ଶନିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳି ଯାଇଛି। ଏସି, ପଲଙ୍କ, ଆସବାବପତ୍ର, ଆଲମିରା, ସମସ୍ତ ଲୁଗାପଟା, ସୁନା ଅଳଙ୍କାର, ୯୦ ହଜାର ନଗଦ ଟଙ୍କା, ଟିଭି, ଚୌକି, ହୋମ ଥିଏଟର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡିଯାଇଛି। ନିଆଁ ଲାଗିବା ସମୟରେ କୁଏଡ ପରିବାର ସଦସ୍ୟ ଘରେ ନଥିଲେ। ଅଗ୍ନିକାଣ୍ଡ ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳକୁ ଆସି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଗୋଟିଏ ଘରର ସମସ୍ତ ଆସବାବପତ୍ର ଓ ସାମଗ୍ରୀ ପୋଡିସାରିଥିଲା। ଅନ୍ୟ ବଖରାକୁ ନିଆଁ ଲାଗିବା ପୂର୍ବରୁ ଅଗ୍ନିଶମ ବିଭାଗ ନିଆଁ ଲିଭାଇ ଦେଇଥିଲେ। ଅଗ୍ନି ବିପନ୍ନ ପରିବାରକୁ ସରକାରୀ ସହାୟତା ଦେବାକୁ ଦାବି ହେଉଛି।

## ହରିହର ନୋଡାଲ ହାଇସ୍କୁଲ ପରିଦର୍ଶନ କଲେ ନୀତି ଆୟୋଗ ଟିମ୍


ସ୍କୁଲ ପରିସରରେ ନୀତି ଆୟୋଗ ଟିମ୍ ଓ ଅଧିକାରୀମାନେ।

ଲୋଇସିଂହା,୨୩।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ଯୋଗୀସର୍ଡା ଗ୍ରାମର ହରିହର ନୋଡାଲ ହାଇସ୍କୁଲକୁ ଦିଲ୍ଲୀରୁ ଆସିଥିବା ନୀତି ଆୟୋଗର ଏକ ଟିମ୍ ପରିଦର୍ଶନ କରିଛନ୍ତି। ସିନିୟର ଆସୋସିଏଟ ପିୟୁଷ ପ୍ରକାଶଙ୍କ ନେତୃତ୍ୱରେ ୫ ଜଣ ସଦସ୍ୟ ଉକ୍ତ ପରିଦର୍ଶନରେ ଆସିଥିଲେ । ଗତବର୍ଷ ଉକ୍ତ ସ୍କୁଲ ୫ଟିରେ ହୋଇଥିବା ରୂପାନ୍ତରୀଣ କାମ ସମେତ ସ୍କୁଲର ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ । ସ୍କୁଲର ଭିତ୍ତିଭୂମି ଓ ସୁନ୍ଦର ପରିବେଶ ଦେଖି ନୀତି ଆୟୋଗ ଟିମ ଖୁସିବ୍ୟକ୍ତ କରିଥିବା ପ୍ରଧାନଶିକ୍ଷକ ଅଶୋକ କୁମାର ତ୍ରିପାଠୀ କହିଛନ୍ତି। ଉକ୍ତ ଟିମ ପରିଦର୍ଶନ ବେଳେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରା, ବିଡିଓ ରାମଚନ୍ଦ୍ର ଖାଡିଆ, ସିଡିପିଓ ପ୍ରଜ୍ଞା ବାରିକ, ସ୍ଥାନୀୟ ସରପଞ୍ଚ ବିଜୁଳି ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାନ, ପିଆଜ, ଚିନାବାଦାମ ଚାଷ ନଷ୍ଟ

ନୂଆପଡ଼ା ଅଫିସ୍,୨୩।୪

### ନୂଆପଡ଼ା ଜିଲାରେ କାଳବୈଶାଖୀର ତାଣ୍ଡବ

ନୂଆପଡା ଜିଲାରେ ଗତ ଗୁରୁବାର ସନ୍ଧ୍ୟା ଓ ଶୁକ୍ରବାର ଦୁଇ ଦିନ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଘଡଘଡି, ପବନ ସହିତ ବହୁତ ଯୋରରେ କୁଆପଥର ମାଡ଼ ହୋଇଛି। ଫଳରେ କୋମନା ବ୍ଲକ କୁରୁରମପୁରି ଓ ସିଆଲଲଟି ପଞ୍ଚାୟତର ଦିଆମୁଣ୍ଡା, ଝିପାବାହାଲ, ବାଗମୁଣ୍ଡା, ସିଆଲଲଟି ଆଦି ଗାଁରେ ଧାନ, ଚିନାବାଦାମ, ପିଆଜ ଚାଷ ସବୁ ନଷ୍ଟ ହୋଇଯାଇଛି।

ଦିଆମୁଣ୍ଡା ଗାଁର ୧୭ଜଣ ଚାଷୀ ବୋରୱେଲ ମାଧ୍ୟମରେ ନିଜ ଜମିରେ ୧୧୫୩ ହାଇବ୍ରିଟ ଧାନ ଚାଷ କରିଥିଲେ। ଚଳିତବର୍ଷ ଖରିଫ ଋତୁରେ ସ୍ୱାଭାବିକ ବର୍ଷାଠାରୁ କମ୍ ବର୍ଷା ହେବାରୁ ଚାଷୀଙ୍କ ଆଦୌ ଧାନ ଚାଷ ହୋଇପାରି ନ ଥିଲା। ଚଳିତ ରବି ଚାଷରେ ଧାନ ଭଲ ହେବା ସହିତ ଉତ୍ପାଦନ ମଧ୍ୟ ଭଲ ହେବ ବୋଲି ଚାଷୀ ଆଶା ରଖିଥିଲେ । ଠିକ୍ ଅମଳ ହେବା ସମୟରେ କାଳବୈଶାଖୀ କାଳ ସାଜିଲା। ସବୁ ଚାଷ ଉଜାଡି ଦେଲା। ଦିନକୁ ଦିନ ଚାଷୀ ଉପରେ ଅକାଳ ଚଡକ ପଡୁଥିବାରୁ ଚାଷୀଙ୍କ ମେରୁଦଣ୍ଡ ଦୋହଲିବାରେ ଲାଗିଛି। ଚାଷୀ କ୍ଷତି ଉପରେ କ୍ଷତି ସହି ଚାଲିଛନ୍ତି। ହେଲେ କେନ୍ଦ୍ର ତଥା ରାଜ୍ୟ ସରକାର ଚାଷୀଙ୍କ ଦୁର୍ଦ୍ଦଶା ବୁଝୁ ନ ଥିବା ଅଭିଯୋଗ କରିଛନ୍ତି। ଚଳିତ ରବିଋତୁରେ ଦିଆମୁଣ୍ଡା ଗାଁର ଡିକନ ଲାଲ ଧରୁଆ ୭ଏକର ଜମିରେ ଧାନ ଚାଷ, ୨ ଏକର ଜମିରେ ପିଆଜ, ଏକ ଏକର ଜମିରେ ଝୁଡଙ୍ଗ, ଚିନାବାଦାମ ଓ ଅନ୍ୟାନ୍ୟ ଚାଷ କରିଥିଲେ। ଏକରକୁ ୭୦ ବସ୍ତା ଅନୁସାରେ ୭ ଏକରକୁ ୪୯୦ ବସ୍ତା ଧାନ ପାଇବାର ଲକ୍ଷ୍ୟ ରଖିଥିଲେ। କୁଆପଥର ମାଡରେ ଧାନ ସବୁ ଗଛରୁ ଝଡ଼ି ଯାଇଛି। ୫୦ ବସ୍ତା ହେବା କଷ୍ଟକର। ଚାଷୀ ପ୍ରାଥମିକ କୃଷି ସେବା ସମବାୟ, ଗ୍ରାମୀଣ ବ୍ୟାଙ୍କ ସହିତ ମହାଜନ ଠାରୁ ଋଣ ଆଣି ବୋରୱେଲ ସାହାର୍ଯ୍ୟରେ ଚାଷ କରିଥିଲେ। ବର୍ତ୍ତମାନ ସମୟରେ ପରିବାର ପ୍ରତିପୋଷଣ କରିବେ କିମ୍ବା ଋଣ ଶୁଝିବେ କି ବିଦ୍ୟୁତ ବିଲ୍ ପଇଠ କରିବେ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ସେହିପରି ସେହି ଗାଁର ଭୂବନ ଧରୁଆ ୨ ଏକର,ଭୁଜ ଧରୁଆ ୩ ଏକର,ମୁକୁନ୍ଦ ଧରୁଆ ୫ ଏକର,ଯୁଗେ ମାଝି ୨ ଏକର, ବିଶ୍ରାମ ମାଝି ୨ ଏକର, ଉଗ୍ରେସନ ଧରୁଆ ୩ ଏକର, ବୀର ମାଝି ୨ ଏକର, ଉଦେରାମ ଧରୁଆ ୧.୫୦ ଡିସମିଲ, ଗିରିଧାରି ସାହୁ ୧.୫୦ ଡିସମିଲ, ଦୟାରାମ ମିର୍ଦ୍ଧା ୨ ଏକର, ପାଞ୍ଚ ଧରୁଆ ୪ ଏକର, ବଲେଚନ ମାଝି ୫ ଏକର, ରୁଦ୍ର ମାଝି ୫ ଏକର, ଜାଗ ମାଝି ୩ ଏକର, ଧନିରାମ ମାଝି ୫ ଏକର ଓ ଶ୍ରୀଧର ମାଝି ୩ ଏକର ଜମିରେ ଧାନ ଚାଷ କରିଥିଲେ। ଦିଆମୁଣ୍ଡା ଗାଁର ୧୭ ଜଣ ଚାଷୀଙ୍କ ପାଖାପାଖି ୭୦ ଏକର ଜମିରେ ଚାଷ ନଷ୍ଟ ହୋଇଛି। କାଳବୈଶାଖୀ ଯୋଗୁ ଏମାନଙ୍କ ଧାନ ଚାଷ ସବୁ ଉଜୁଡି ଯାଇଛି। ତା ସହିତ ପିଆଜ କିଆରୀରେ ପାଣି ଜମି ରହିଥିବାରୁ ପିଆଜ ପଚିସଢି ନଷ୍ଟ ହେବାରେ ଲାଗିଛି। ଚିନାବାଦାମ ଚାଷ ଜମିରେ ମଧ୍ୟ ପାଣି ରହିଥିବାରୁ ଚିନାବାଦାମ ଗଜା ହେବାର ସମ୍ଭାବନା ରହିଛି। ସେହିପରି ସିଆଲଲଟି, ବାଗମୁଣ୍ଡା, ଝିପାବାହାଲ ଗାଁର ଚାଷୀମାନେ ବୋରୱେଲ ସାହାଯ୍ୟରେ ଧାନ, ଚିନାବାଦାମ, ପିଆଜ ଓ ଅନ୍ୟାନ୍ୟ ପନିପରିବା ଚାଷ କରିଥିଲେ। ଅଦିନିଆ ବର୍ଷା ଓ କୁଆପଥର ମାଡରେ ଫସଲ ସବୁ ନଷ୍ଟ ହୋଇ ଯାଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କ୍ଷୟକ୍ଷତିର ଠିକ ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡା ସହକାରୀ କୃଷି ଅଧିକାରୀ ସୁଧାଂଶୁ ସାହୁଙ୍କୁ ପଚାରିବାରୁ ଆମ ପାଖରେ କୌଣସି ଖବର ନାହିଁ। ଆମ ପାଖକୁ ଅଭିଯୋଗ ଆସିଲେ କ୍ଷୟକ୍ଷତିର ଆକଳନ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି କହିଥିଲେ।


କାଳବୈଶାଖୀରେ ଝଡି ଯାଇଥିବା ଧାନ ଫସଲ।

## ସାମାଜିକ କର୍ମୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ବ୍ରଜରାଜନଗର, (ଡି.ଏନ.ଏ.): ସାମାଜିକ କର୍ମୀ ତଥା ଆମ ପୋଲିସ ସମିତି ସଦସ୍ୟ ମାନସ ପଣ୍ଡାଙ୍କ ବିୟୋଗରେ ଶନିବାର ବ୍ରଜରାଜନଗର ଥାନା ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ୱର୍ଗତ ପଣ୍ଡାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ବ୍ରଜରାଜନଗର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ, ଏସ୍‌ଆଇ ସରୋଜ ନାୟକ, ସଚିନ୍ଦ୍ର ପଟେଲ, ରାମପୁର ଫାଣ୍ଡି ଅଧିକାରୀ ପ୍ରକାଶ ଚନ୍ଦ୍ର ଦଳାଇ, ଏଏସ୍‌ଆଇ ଅଭୟ ମହାନ୍ତି, କନଷ୍ଟେବଳ, ପ୍ରତାପ ସା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୁଚିଣ୍ଡା,୨୩।୪(ଡି.ଏନ.ଏ.): କୁଚିଣ୍ଡା କଲେଜରେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ଅଶୋକ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର ମୁଖ୍ୟଅତିଥି, ପ୍ରାଧାପକ ଅମିୟ ପାତ୍ର, ଅଧାପିକା ମଞ୍ଜୁଶ୍ରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଶିବିରରେ ଯୁକ୍ତ୨ ପ୍ରଥମ ବର୍ଷର ୧୮୦ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ରାଧାରାଣୀ ମିଶ୍ର ଓ ଶୁଭଲକ୍ଷ୍ମୀ ପଣ୍ଡା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିର ସଂଯୋଜିକା ତଥା ଅଧାପିକା ବେଲମତୀ କୁମୁରା ସଭା ପରିଚାଳନା କରି ଧନ୍ୟବାଦ ଦେଇଥିଲେ।

### ଯୁଯୁମୁରା ବ୍ଲକରେ ଛତୁଆ ମାନ ଯାଞ୍ଚ କରିବ କମିଟି

ସମ୍ବଲପୁର/ପଡିଆବାହାଲ,୨୩।୪(ବ୍ୟୁରୋ/ଡି.ଏନ.ଏ.): ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକରେ ବଣ୍ଟନ ହେଉଥିବା ଛତୁଆର ମାନ ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ସିଡିପିଓ ଏ ନେଇ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଟିମ୍‌ରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟମାନେ ରହିଛନ୍ତି। ବ୍ଲକର ଜୋନ-୨ରେ ଲିପିଣ୍ଡା ସରପଞ୍ଚ, କସଂର ସରପଞ୍ଚ, ବୀରସିଂଗଡ ସରପଞ୍ଚ, ମେଘପାଲ ସରପଞ୍ଚ ରହିବେ। ସେହିପରି ଜୋନ ୧ରେ କବରାପାଲି ସମିତିସଭ୍ୟ, ଡଙ୍ଗରପଡା ସମିତି ସଭ୍ୟ, କବରାପାଲି ସରପଞ୍ଚ, ଟାମ୍ପରଗଡ ସରପଞ୍ଚ ରହିଛନ୍ତି। ସଦସ୍ୟମାନେ ଛତୁଆ ତିଆରି କେନ୍ଦ୍ର, ବଣ୍ଟନ ସୁପରିଚାଳନା ଆଦି ଯାଞ୍ଚ କରିବେ। ସୂଚନା ଥାଉକି ଏପ୍ରିଲ ୧୩ ତାରିଖ ପଞ୍ଚାୟତ ସମିତି ବୈଠକରେ ଯୁଯୁମୁରା ସମିତି ସଭ୍ୟ ଜୟନ୍ତ ପ୍ରଧାନ ଅଭିଯୋଗ କରିଥିଲେ, ବ୍ଲକରେ ନିମ୍ନମାନର ଛତୁଆ ବଣ୍ଟନ କରାଯାଉଛି। ଏହାର ମାନ ଯାଞ୍ଚ କରାଯାଉ ବୋଲି ଦାବି କରିଥିଲେ। ଏହା ପରେ ସିଡିପିଓ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ କବରାପାଲିର ସରସ୍ୱତୀ ଏସ୍‌ଏଚ୍‌ଜି ଓ ଗଡଗଡବାହାଲ ଗ୍ରାମର ହରପ୍ରିୟା ଏସ୍‌ଏଚ୍‌ଜି ଛତୁଆ ବଣ୍ଟନ ଦାୟିତ୍ୱରେ ରହିଛନ୍ତି।

### ରାଧାମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଝାରସୁଗୁଡ଼ା ଅଫିସ,୨୩।୪
ଝାରସୁଗୁଡା ବେହେରାମାଲସ୍ଥିତ ଶ୍ରୀ ରାଧାମାଧବ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାରଠାରୁ ଆରମ୍ଭ ହୋଇଥିବା ଉତ୍ସବ ଶୁକ୍ରବାର ଶେଷ ହୋଇଛି। ବିଭିନ୍ନ ଦିବସରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ତୁଳେଶ୍ୱର ଚୌଧୁରୀ, ସ୍ତ୍ରୀ ବେଦମତୀ, ପ୍ରଦୀପ ସାହା, ସ୍ତ୍ରୀ ଭାରତୀ, ରଣଜିତ୍ ତ୍ରିପାଠୀ, ସ୍ତ୍ରୀ ପ୍ରିୟଦର୍ଶିନୀ, ଜ୍ୟୋତିର୍ମୟ ରାଉତ, ସ୍ତ୍ରୀ ତୃପ୍ତିମୟୀ, ଶୈଳେନ୍ଦ୍ର ନାୟକ, ସ୍ତ୍ରୀ କଳ୍ପନା କର୍ତ୍ତା ଭାବେ ଦାୟିତ୍ୱ ସମ୍ପାଦନା କରିଥିଲେ। ସୁନ୍ଦରଗଡର ମୁଖ୍ୟ ପୂଜକ ଆଚାର୍ଯ୍ୟ ସୁମିତ ଦାଶ, ଜନାର୍ଦ୍ଦନ ପଣ୍ଡା, ସୁଧିର ଦାଶ, ସିଦ୍ଧେଶ୍ୱର ମହାପାତ୍ର, ସୁଧିର ମହାପାତ୍ର ଓ କାହ୍ନା ପାଣିଗ୍ରାହୀ ପ୍ରମୁଖ ପୂଜା କାର୍ଯ୍ୟ କରିଥିଲେ। ଆୟୋଜକ ରାଧାମାଧବ ସଂଘ ସଭାପତି ଓମ୍ ପ୍ରକାଶ ତ୍ରିପାଠୀ, ଦେବରାଜ ମହାରଣା, ସୁନିଲ ବାରିକ, ରମେଶ ରାଉତ, ମୋହନ କର୍ତ୍ତା, ଅଜିତ ମେହେର ଓ ଅନିଲ ଭଇଁସା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଡିଏଚ୍‌ଏଚ୍ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

## ରାଜ୍ୟପାଳଙ୍କୁ ଭେଟିଲା ସ୍ୱାଭିମାନ ସମ୍ବଲପୁର

ସମ୍ବଲପୁର,୨୩।୪(ବ୍ୟୁରୋ)

ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ସ୍ୱାଭିମାନ ସମ୍ବଲପୁର କର୍ମକର୍ତ୍ତା ଶୁକ୍ରବାର ରାତିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଅବଗତ କରିଛନ୍ତି। ଏହାସହ ସମସ୍ୟା ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ହୋଇଛି, ଜିଲା ସଦର ଡାକ୍ତରଖାନରେ ନିୟମିତ ଶତାଧିକ ରୋଗୀ ଚିକିତ୍ସା ପାଇଁ ଆସନ୍ତି। ହେଲେ ବିଭିନ୍ନ ସମସ୍ୟା ଯୋଗୁ ଚିକିତ୍ସା କରା ନ ଯାଇ ବୁର୍ଲା କିମ୍ବା ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥାଏ। ଜରୁରୀ ଚିକିତ୍ସା ଆବଶ୍ୟକ ଥିଲେ ଜୀବନ ପ୍ରତି ବିପଦ ରହୁଛି। ଅନ୍ୟପଟେ ମାନବ ସମ୍ବଳ ଆଉ ଏକ ବଡ ସମସ୍ୟା ହୋଇଛି।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଆବଶ୍ୟକ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦ ବହୁଦିନରୁ ଖାଲି ପଡିଛି। ଏପରି କି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦ ମଧ୍ୟ ସ୍ଥାୟୀ ଭାବେ ପୂରଣ କରାଯାଉ ନାହିଁ। ଚିକିତ୍ସା ପାଇଁ ଅନୁଷଙ୍ଗିକ ଉପକରଣ ଆବଶ୍ୟକତା ରହିଛି। ବେଡ୍ ସଂଖ୍ୟା ମଧ୍ୟ ବୃଦ୍ଧି ହେବା ଆବଶ୍ୟକ। ନିର୍ମାଣ ହୋଇଥିବା କୋଠାଗୁଡିକ ଠିକ୍ ଭାବେ ବ୍ୟବହାର ହେଉ ନାହିଁ। ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଶିଶିର ବହିଦାର, ସୁମନୀଳ ହୋତା, କୁନ୍ଦନ ପ୍ରଧାନ, ଦେବନ୍ତ ବେହେରା, ସଞ୍ଜୀବ କଂସାରୀ, ଅର୍ପବ ନାୟକ, ଆକାଶ ସାହୁ, ସୁରେଶ ସାନବଡ, ଅନୀଳ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଆମ୍ବ ବଗିଚାରେ ଗଛ ଭାଙ୍ଗିଲେ ହାତୀପଲ

ନାକଟିଦେଉଳ,୨୩।୪(ଡି.ଏନ.ଏ.)

ନାକଟିଦେଉଳ ବନାଞ୍ଚଳରେ ଗତ କିଛିଦିନ ହେଲା ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟା ହେବା ମାତ୍ରେ ହାତୀପଲ ଗାଁ ମୁଣ୍ଡକୁ ଆସି ଘରଦ୍ୱାର ଭାଙ୍ଗିବା ସହ ବାଡ଼ିବଗିଚାରେ ପଶି ବ୍ୟାପକ କ୍ଷତି ଘଟାଉଛନ୍ତି। ଗୁରୁବାର ରାତ୍ରିରେ ପ୍ରାୟ ୨୦ରୁ ଅଧିକ ହାତୀ ନାକଟିଦେଉଳ ବିଏସ୍‌ଏନ୍‌ଏଲ୍ ଟାୱାର ନିକଟରେ ଥିବା ଜଗନ୍ନାଥପ୍ରସାଦ ଗ୍ରାମର ଦେବାର୍ଚ୍ଚନ ସାହୁଙ୍କ ଆମ୍ବ ବଗିଚାରେ ପଶି କ୍ଷତି ଘଟାଇଛନ୍ତି। ହାତୀପଲ ଦେବାର୍ଚ୍ଚନଙ୍କ ୧ଏକର ୭୦ଡ଼େସିମିଲ ଜମିରେ ଥିବା ଆମ୍ବ ବଗିଚାର ପ୍ରାୟ ୨୦ରୁ ଅଧିକ ଗଛ ଭାଙ୍ଗିବା ସହ ଦଳିଚକଟି ନଷ୍ଟ କରିଛନ୍ତି। ଏହି ଆମ୍ବ ବଗିଚାରୁ ସେ ପରିବାର ପ୍ରତିପୋଷଣ କରୁଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି।

# କୋଲାବିରା ବ୍ଲକ୍‌ସ୍ତରୀୟ ସ୍ୱାସ୍ଥ୍ୟମେଳା

ଝାରସୁଗୁଡ଼ା ଅଫିସ,୨୩।୪

ଝାରସୁଗୁଡ଼ା ଜିଲା କୋଲାବିରା ପଞ୍ଚାୟତ ସମିତି ହାଇସ୍କୁଲ ପରିସରରେ ଶୁକ୍ରବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ଉଦ୍ୟମରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ,ଏମ୍‌ପି ପ୍ରତିନିଧି ତ୍ରିନାଥ ଗୁଆଲ, ଜିଲାପରିଷଦ ସଦସ୍ୟ ନୃପଲାଲ ପଶାୟତ, ସରପଞ୍ଚ ଚେତାନନ୍ଦ ନଇ, ସିଡିଏମ୍‌ଓ ଡା. ଡୋଲାମଣି ପଟେଲ, ତହସିଲଦାର ଦିଲୀପ ପ୍ରଧାନ, ବିଡିଓ ବିଜୟ କୁମାର ସଏ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହାକୁ ଡିପିଏମ୍ ବୁଲୁନାଥ ସାହୁ ପରିଚାଳନା କରିଥିଲେ। ଏଥିରେ ଲୋକଙ୍କ ନାମ ପଞ୍ଜୀକରଣ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଠିକ୍‌ରେ ପ୍ରଚାର ପ୍ରସାର ହୋଇ ନ ଥିବା ଅଭିଯୋଗ ଉପରେ ଆୟୋଜକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ତାଣ୍ଡି କହିଛନ୍ତି, ଗତ ପଞ୍ଚାୟତ ସମିତି ବୈଠକରେ ସମସ୍ତଙ୍କ ଅବଗତି ନିମନ୍ତେ ସୂଚନା ଦିଆଯାଇଥିଲା। ବିଡିଓଙ୍କୁ ମଧ୍ୟ କୁହାଯାଇଥିଲା। ଏହାସହ ଅଙ୍ଗନୱାଡି ଓ ଆଶା କର୍ମୀମାନେ ଗାଁକୁ ଗାଁ ବୁଲି ପ୍ରଚାର କରିଥିଲେ। ସ୍ୱାସ୍ଥ୍ୟମେଳାରେ ସାଢେ ୪ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ନାମ ପଞ୍ଜୀକରଣ କରାଯାଇଥିଲା।

# କାଉନସିଲରଙ୍କ ସ୍ୱାମୀ-ଠିକାଦାର ମାରପିଟ, ଥାନାରେ ମାମଲା

ବ୍ରଜରାଜନଗର ୨୩।୪(ଡି.ଏନ.ଏ.)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଇଟାଭଟା ରାସ୍ତାକୁ ନେଇ ଶନିବାର ଠିକାଦାର ମୁକେଶ ଅଗ୍ରୱାଲ ଓ ସ୍ଥାନୀୟ କାଉନସିଲରଙ୍କ ସ୍ୱାମୀ ସୁଶାନ୍ତ ମେହେରଙ୍କ ମଧ୍ୟରେ ମାରପିଟ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ସୁଶାନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ୧୨୭/୨୨ ଓ ମୁକେଶଙ୍କ ଅଭିଯୋଗ ଆଧାରରେ ୧୨୮/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। କାଉନସିଲରଙ୍କ ସ୍ୱାମୀ ସୁଶାନ୍ତଙ୍କ ଅଭିଯୋଗ ଅନୁସାରେ ଏହି ରାସ୍ତା ଉପରେ ଇଟାଭଟା ଓ ଚୁନାଭଡ଼ାର ଅଧିବାସୀ ନିର୍ଭର କରନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ହୋଇଥିବାରୁ ଏହାର ମରାମତି ପାଇଁ ସେ ଠିକାଦାର ମୁକେଶଙ୍କୁ କହିଥିଲେ। ହେଲେ ସେ ଏହାକୁ ଗ୍ରହଣ କରିବା ପରିବର୍ତ୍ତେ ଗାଳିଗୁଲଜ କରି ପାଖରେ ପଡିଥିବା ଇଟା ଉଠାଇ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ଠିକାଦାର ମୁକେଶଙ୍କ ଅଭିଯୋଗକ୍ରମେ ସୁଶାନ୍ତ ବାରମ୍ବାର କାମରେ ବାଧା ସୃଷ୍ଟି କରୁଥିଲେ। ତାଙ୍କଠାରୁ ବାଲି, ସିମେଣ୍ଟ, ରଡ୍ ନେଇ ଘର କରିଛନ୍ତି। ଏବେ ତାଙ୍କ ସ୍ତ୍ରୀ କାଉନସିଲର ହେବାପରେ ଫୋନ କରି ସାହାଯ୍ୟ କରିବା ପାଇଁ କହିଥିଲେ, ଯାହା ସମ୍ଭବ ନ ଥିଲା। ଫଳରେ ପୂର୍ବ ରାଗ ରଖି ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିବା ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍ କହିଛନ୍ତି, ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ସେମାନଙ୍କୁ ଥାନାକୁ ଡାକି ପଚାରାଉଚୁରା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୨ ବାଲି ବୋଝେଇ ହାଇୱା ଜବତ

ବ୍ରଜରାଜନଗର, ୨୩।୪(ଡି.ଏନ.ଏ.)

ବ୍ରଜରାଜନଗର ଥାନା ଅନ୍ତର୍ଗତ ଚାରଭାଟି-ରାଜପୁର ଅଞ୍ଚଳ ଏକ ବାଲିଘାଟରୁ ଚୋରା ଚାଲାଣ ହେଉଥିବା ଦୁଇ ହାଇୱାକୁ ଝାରସୁଗୁଡା ତହସିଲ ପକ୍ଷରୁ ଶନିବାର ଜବତ କରାଯାଇଛି। ଗାଡି ଦୁଇଟି ହେଲା ଓଡି୨୩ଏମ-୯୮୧୨ ଓ ଓଡି୨୩ଏମ-୯୮୮୫। ତେବେ ଶନିବାର ଓ ରବିବାର ଛୁଟି ଥିବାରୁ ଗାଡିରୁ ଜରିମାନା ଆଦାୟ ହୋଇନାହିଁ। ତେଣୁ ସୋମବାର ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେପଟେ ବାଲି ଚାଲାଣ ହେଉଥିବା ଘାଟର ରୟାଲଟି ବାକି ରହିବା ସହିତ ଅନ୍ୟାନ୍ୟ ନିୟମ ଖିଲାପ ହୋଇଛି। ତେଣୁ ସୋମବାର ତଦନ୍ତ ପରେ ଅଧିକ ସୂଚନା ପ୍ରଦାନ କରାଯିବ ବୋଲି ଝାରସୁଗୁଡା ତହସିଲଦାର କୁଳମଣି ରଣବିଡା ସୂଚନା ଦେଇଛନ୍ତି।

# ଭତ୍ତା ବଣ୍ଟନରେ ଅନିୟମିତତା: ତଦନ୍ତ ଆରମ୍ଭ

ଝାରସୁଗୁଡ଼ା ଅଫିସ,୨୩।୪

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ମଟିଦା ପଞ୍ଚାୟତରେ ଭତ୍ତା ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ହିତାଧିକାରୀ ଗତ ଫେବୃୟାରୀ ମାସରୁ ଭତ୍ତା ଟଙ୍କା ପାଇନାହାନ୍ତି। ଏହା ସହିତ କେତେଜଣ ହିତାଧିକାରୀଙ୍କ ଦେହାନ୍ତ ହୋଇଥିବାବେଳେ ସେମାନଙ୍କ ନାମରେ ଭତ୍ତା ଉଠାଯାଉଛି। ଏ ସମ୍ପର୍କରେ ହିତାଧିକାରୀମାନେ ବ୍ଲକ୍ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହା ଆଧାରରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଗତ ଶୁକ୍ରବାର ବିଏସ୍‌ଏସ୍‌ଓ ଶାନ୍ତି ରଞ୍ଜନ ଦାସ ପଞ୍ଚାୟତରେ ପହଞ୍ଚି ଖାତାପତ୍ର ଯାଞ୍ଚ କରିଥିଲେ। ପରେ ସେ ଭତ୍ତା ବଣ୍ଟନରେ କେତେକ ଅନିୟମିତତା ହୋଇଥିବା ଜାଣିବାକୁ ପାଇଛନ୍ତି। ଏ ସମ୍ପର୍କରେ ସେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ନେଇ ବିଡିଓ ସଞ୍ଜୀବ ପଟେଲ କହିଛନ୍ତି, ଭତ୍ତା ବଣ୍ଟନରେ ଅନିୟମିତତା ହୋଇଛି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରଙ୍କୁ ତାଗିଦ୍ କରାଯାଇଛି । ରବିବାର ସେ ପଞ୍ଚାୟତକୁ ଯାଇ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରିବେ। ଯଦି ଏଥିରେ ବ୍ୟତିକ୍ରମ ହୁଏ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣକରି ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବିଏସ୍‌ଏସ୍‌ଓ ପଞ୍ଚାୟତ କାର୍ଯ୍ୟାଳୟରେ ତଦନ୍ତ କରୁଛନ୍ତି।

# କର୍ନେଲ ପ୍ରଭାତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୨୩।୪ (ବ୍ୟୁରୋ)

ସମ୍ବଲପୁର ନିବାସୀ କର୍ନେଲ ପ୍ରଭାତ ପଣ୍ଡାଙ୍କୁ ଭାଜପା ଯୁବ ନେତୃବର୍ଗଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଜିଲା ଯୁବମୋର୍ଚ୍ଚା ସଭାପତି ତଥା ଆଇନଜୀବୀ ସୂର୍ଯ୍ୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କର୍ନେଲ ପଣ୍ଡାଙ୍କ କାର୍ଯ୍ୟଦକ୍ଷତା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ୟୁସିଆଇଏଲ୍‌ର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ମନୋନୀତ କରାଯାଇଛି। ଏହି ପଦ ପାଇବା ପରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଦେଓକିରଣ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ପ୍ରଭାସ ଦେବତା, ପୂର୍ବତନ ଜିଲା କୋଷାଧ୍ୟକ୍ଷ ମୁକେଶ ଜରିୱାଲ, ଯୁବନେତା ତଥା ଆଇନଜୀବୀ ନନ୍ଦ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚା ସଭାପତି ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କର୍ନେଲ ପଣ୍ଡାଙ୍କ ଏହି ନିଯୁକ୍ତି ଦ୍ୱାରା ସମ୍ବଲପୁର ମାଟି ଗର୍ବିତ ବୋଲି କହିଥିଲେ। କର୍ନେଲ ପଣ୍ଡା କହିଥିଲେ, ଭାରତୀୟ ସେନାରେ ଅଧିକାରୀ ଭାବେ କାର୍ଯ୍ୟ କରିବା ସମୟରେ ଅନେକ ସମ୍ମାନ ପାଇଥିଲି। ବର୍ତ୍ତମାନ ସେହିପରି ନିଷ୍ଠାପର ଉଦ୍ୟମ ଜାରି ରଖିବ। ଶେଷରେ ଯୁବନେତା ଶ୍ରୀକାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନ୍ଦରଗଡ଼ କଳାକାର ସମ୍ମାନିତ

## ରାଜ୍ୟସ୍ତରୀୟ ଗ୍ରୀଷ୍ମ ମହୋତ୍ସବ



ସୁନ୍ଦରଗଡ଼ କଳାକାରମାନଙ୍କୁ ସମ୍ମାନିତ କରାଯାଉଛି।

ରାଉରକେଲା ଅଫିସ,୨୩।୪

ରାଉରକେଲା ଉଦିତ ନଗର ପରେଡ଼ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗ୍ରୀଷ୍ମ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଏବଂ ରାଉରକେଲା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ଯୋଜନା ବୋର୍ଡ଼ ସଭାପତି ସାରଦା ପ୍ରସାଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ସୁନ୍ଦରଗଡ଼ର କଳାକାର ଉଦ୍ଧବ ଭିତ୍ରିଆ, ରୋଶନ ସାହୁ, ପୂଜା ରଥ, ରୀତା ସାହୁ, ଆଲୋକ ସିଂ, ବବଲୁ କୁଜୁର ପ୍ରମୁଖଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ।

# ସୁନିର୍ବାଚିତ ପୁସ୍ତକ କିଣିବା ଉପରେ ଗୁରୁତ୍ୱ

## ପୁସ୍ତକ ପ୍ରଦର୍ଶନୀ ଉଦ୍‌ଘାଟିତ

ସମ୍ବଲପୁର,୨୩।୪ (ବ୍ୟୁରୋ)

ଅଗ୍ରଣୀ ଅନୁଷ୍ଠାନ 'ସେତୁ' ପକ୍ଷରୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାଞ୍ଚଦିନିଆ ପୁସ୍ତକ ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବୁଢ଼ାରଜା ସରକାରୀ ହାଇସ୍କୁଲରେ ଅପରାହ୍ନ ୪ଟାରୁ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଏହା ଆୟୋଜିତ ହେବ। ୨୪ରେ ଆନ୍ତଃବିଦ୍ୟାଳୟ କୁଇଜ, ୨୫ରେ ଚିତ୍ରାଙ୍କନ ଓ ୨୬ରେ ସ୍ୱରଚିତ କବିତା ପାଠ ପ୍ରତିଯୋଗିତା ହେବ ବୋଲି ଅନୁଷ୍ଠାନପକ୍ଷରୁ ସୂଚନା ମିଳିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଉଦ୍‌ଘାଟକ ଭାବେ ଯୋଗଦେଇ ସୁନିର୍ବାଚିତ ପୁସ୍ତକ କିଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶିଷ୍ଟ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗରାଜୁ ଯୁବପିଢ଼ି ପଠନ ଅଭ୍ୟାସ ଛାଡ଼ି ଦେଇଥିବାରୁ ଏହା ପୁଣି ଫେରାଇ ଆଣିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ବିଶିଷ୍ଟ ଅତିଥି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ଏକ ସର୍ଭେକୁ ଉଦ୍ଧାର କରି କହିଥିଲେ , ୬୪ ପ୍ରତିଶତ ଯୁବ ସମାଜ ମୁଦ୍ରିତ ପୁସ୍ତକ ପଢ଼ିବାକୁ ଚାହୁଁଛନ୍ତି। ଏଥିପାଇଁ ଆମକୁ ଏକ ପରିବେଶ ସୃଷ୍ଟି କରିବାକୁ ପଡ଼ିବ। ଏନ୍‌ସିଇଆର୍‌ଟି ନୂଆଦିଲ୍ଲୀର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ପଲିସିକୁ କାର୍ଯ୍ୟକ୍ଷମ କରିବାକୁ ହେଲେ ପଠନ ଅଭ୍ୟାସ ବିକଶିତ କରିବାକୁ ହେବ ବୋଲି କହିଥିଲେ। 'ସେତୁ' ସଭାପତି ଡ. ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ସୁକାନ୍ତ କୁମାର କର ବିବରଣୀ ପାଠ ଓ ଉପସଭାପତି ଡ. ନୀଳେନ୍ଦ୍ରି ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରେଳମଣ୍ଡଳରେ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ

ସମ୍ବଲପୁର,୨୩।୪(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟ ସଭାକକ୍ଷରେ ଶୁକ୍ରବାର ୭୩ତମ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡଳର ପ୍ରଗତି ଦିଗରେ ସମୀକ୍ଷା କରିଥିଲେ। ହିନ୍ଦୀ ଭାଷାରେ ଦୈନନ୍ଦିନ କାର୍ଯ୍ୟ ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ମୁଖ୍ୟ ରାଜକୋଷ ଅଧିକାରୀ ଏବଂ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ପୂର୍ବରୁ ତ୍ରୈମାସିକ ବୈଠକରେ ହୋଇଥିବା ଆଲୋଚନା ଓ ପ୍ରସ୍ତାବ ଉପରେ ସୂଚନା ଦେଇଥିଲେ। ମଣ୍ଡଳ ବରିଷ୍ଠ ସଙ୍କେତ ଓ ଦୂରସଞ୍ଚାର ଯନ୍ତ୍ରୀ ସନ୍ତୋଷ କୁମାର ଦେବାଙ୍ଗନ ସଙ୍କେତ ବିଭାଗର କାର୍ଯ୍ୟକଳାପ ଉପରେ ହିନ୍ଦୀ ଭାଷାରେ ଏକ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ମଣ୍ଡଳର ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଦିପକ ପରସ ରାମପୁରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜେବିବିଏଲ୍ କ୍ରିକେଟ: ଦି ଆଭେଞ୍ଜର୍ସ ଚାମ୍ପିୟନ

ଜମନକିରା, ୨୩।୪(ଡି.ଏନ.ଏ.)

ଜମନକିରା ବ୍ଲକ ସଦର ମହକୁମା ପୁରୁଣା ଥାନା ଖେଳପଡ଼ିଆରେ ଦ୍ୱିତୀୟ ଜେବିବିଏଲ୍ ଆନୁକୂଲ୍ୟରେ ଚାଲିଥିବା ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଦି ଆଭେଞ୍ଜର୍ସ ଓ ରୟାଲ ଡ୍ରାଗନ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ୧୦ ଓଭର ବିଶିଷ୍ଟ ମ୍ୟାଚରେ ଦି ଆଭେଞ୍ଜର୍ସ ୫ଉଇକେଟ ହରାଇ ୭୮ ରନ କରିଥିଲା। ପ୍ରତିପକ୍ଷ ରୟାଲ ଡ୍ରାଗନ ୭୭ ରନ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଦି ଆଭେଞ୍ଜର୍ସ ଚାମ୍ପିୟନ ଘୋଷିତ ହୋଇଥିଲା। ସ୍ୱେଚ୍ଛାସେବୀ ଅଦା ମହାକୁଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୧୩ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଗୋପାଳ ଶତପଥୀ ଓ ଅମରଜିତ ସେଠ ଖେଳ ପରିଚାଳନା କରିଥିଲେ। ଜେବିବିଏଲ୍ କ୍ଲବ ସଦସ୍ୟ ପ୍ରୀତମ ଦାନି, ରାଜୀବ ସାହୁ, ଅବିନାଶ ଦାନି, ଗୋପାଳ ସାହୁ, ଦେବବ୍ରତ ଦାନି, ଦେବା ମାହାକୁଡ଼, ସିକୁ ମହାକୁଡ଼, କରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିଙ୍କ ସହ ଖେଳାଳିମାନେ।

# ରାସ୍ତା ଖୋଳି ଛାଡ଼ିଦେଲେ, ଦୁର୍ଦ୍ଦଶାରେ ଲୋକେ

## ଜଳ ଯୋଗାଣ ଓ ପରିମଳ ବିଭାଗର ଅବହେଳା

ଜମନକିରା, ୨୩।୪(ଡି.ଏନ.ଏ.)

ଜମନକିରା ବ୍ଲକ ଅଞ୍ଚଳରେ ଜଳ ଯୋଗାଣ ଓ ପରିମଳ ବିଭାଗର ଅବହେଳା ଯୋଗୁ ସାଧାରଣ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସୂଚନା ଅନୁଯାୟୀ ଜମନକିରା ଅଞ୍ଚଳର ବିଭିନ୍ନ ପଡ଼ାରେ ବିଗତ କିଛିଦିନ ହେବ ପାଇପ୍ ପାଣି ପହଞ୍ଚୁପାରୁ ନ ଥିଲା। ଏ ନେଇ ଲୋକେ ଅଭିଯୋଗ କରିବା ପରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ କର୍ମଚାରୀ ପ୍ରାୟ ୨୦ଦିନ ହେବ ବିଭିନ୍ନ ପଡାରେ ପାଇପ୍ ମରାମତି ପାଇଁ ଗାତ ଖୋଳି ଦେଇଛନ୍ତି। ହେଲେ ମରାମତି କାର୍ଯ୍ୟ କରାଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାଧାକୃଷ୍ଣପଡ଼ା, ଜଗନ୍ନାଥପଡା, ଦଶଘରିଆ, ଗାନ୍ଧୀପଡା, ବଳବସପୁର, ହନୁମାନପଡା, ଭୂଇଁୟାପଡ଼ା, କଦଳିମୁଣ୍ଡା ଆଦି ଅଞ୍ଚଳବାସୀଙ୍କ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ହୋଇଛି। ଗାତ ଖୋଳାହୋଇଥିବାରୁ ନଳକୂଅ ପାଣି ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ରାସ୍ତା ସଙ୍କୁଚିତ ହେବା କାରଣରୁ ଯାନବାହାନ ଦୁର୍ଘଟଣାଗ୍ରସ୍ତ ହେଉଛି। ଜମନକିରା ବସ୍‌ଷ୍ଟାଣ୍ଡରୁ କୁଚିଣ୍ଡା ଆର୍‌ଡ଼ି ରାସ୍ତା ଜନଗହଳି ହୋଇଥିବାରୁ ଅନେକ ସମୟରେ ଗାଡି ଗାତ ଭିତରେ ପଶିଯାଉଛି। ପାଣି ସମସ୍ୟାଠାରୁ ଏହା ବଳିଯାଇଛି ବୋଲି ପଡାବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି କହିଥିଲେ।



ରାସ୍ତାପାର୍ଶ୍ୱରେ ଗାତଖୋଳି ପକାଇ ରଖାଯାଇଛି।

## ସାପ କାମୁଡ଼ାରେ ଯୁବକ ମୃତ

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ କଣ୍ଟାକୁଦର ଗ୍ରାମଠାରେ ଥିବା ଏକ ଇଟାଭାଟିରୁ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଶନିବାର ଜବତ କରିଛି। ଇଟା ଭାଟିରେ ନିକଟସ୍ଥ ସାନଜଳ ଗ୍ରାମର ଗୋବିନ୍ଦ ମୁଣ୍ଡା(୨୫)କାମ କରୁଥିଲେ। ଶୁକ୍ରବାର ରାତିରେ ଖାଇସାରି ଶୋଇଥିବାବେଳେ ତାକୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକମାନେ ଦେଖି ଲହୁଣୀପଡ଼ା ଥାନାକୁ ସୂଚନା ଦେବାରୁ ପୋଲିସଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ସଂକ୍ଷେପରେ

### ଟେନ୍‌ସାରୁ ୩ ଶିକ୍ଷାର୍ଥୀଙ୍କ ସଫଳତା

ଟେନ୍‌ସା,୨୩।୪(ଡି.ଏନ୍.ଏ.): ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ବେଲ୍ଟ ପରୀକ୍ଷା ଗତ ୧୭ ତାରିଖରେ ରାଉରକେଲାର ଛେଣ୍ଡସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାକୁ ଏସୀୟ କରାଟେ କୋଚ ତଥା ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ମୁଖ୍ୟ ପ୍ରଶିକ୍ଷକ ସେନସାଇ ରାଜୀବ କୁମାର ସିଂ ପରିଚାଳନା କରିଥିଲେ। ଏଥିରେ ରାଉରକେଲା ସହିତ ଉତ୍କଳ କରାଟେ ସ୍କୁଲ ଟେନସା ଶାଖାର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ରଞ୍ଜନ ପାତ୍ରଙ୍କ ନିକଟରେ କରାଟେ ଶିକ୍ଷା ଗ୍ରହଣ କରୁଥିବା ୩ଜଣ ଛାତ୍ରୀ ରାଧାରାଣୀ କର, ସାଇଶ୍ରୀଷ୍ଟି ରଣା ଏବଂ ଶୁଭଶ୍ରୀ ଶୁଭ୍ରଜ୍ୟୋତି ନାଥ ପ୍ରମୁଖ ସଫଳତାର ସହିତ ଗ୍ରୀନ ବେଲ୍ଟ ହାସଲ କରିବା ସହିତ ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି। ମୋଟ ୫୮ଜଣ ଏହି ପରୀକ୍ଷାରେ ଭାଗ ନେଇ ସଫଳତାର ସହିତ କୃତକାର୍ଯ୍ୟ ହୋଇଛନ୍ତି। ଉତ୍କଳ କରାଟେ ସ୍କୁଲ ରାଉରକେଲାର ସହ ପ୍ରଶିକ୍ଷକ ଅଭିଷେକ ପଟ୍ଟନାୟକ, ମୋନାଲିଶା ମିଶ୍ର, ଜୟକୃଷ୍ଣ ପାଣି ଏବଂ ଟେନ୍‌ସାର କରାଟେ ପ୍ରଶିକ୍ଷକ ରଞ୍ଜନ ପାତ୍ର ଏହି ପରୀକ୍ଷାକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

### ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

କୁତ୍ରା,୨୩।୪ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଭାବରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଅଧକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେର୍କେଟା, ବୈଜୟନ୍ତି ପଟେଲ, ଅନୱର ଅହମଦ, ଜସ୍ମିନ ମିଞ୍ଜ, ଧୃତି ସୁନ୍ଦର ସାହୁ, ଅବିନାଶ କର ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ବିଦାୟକାଳୀନ ସଙ୍ଗୀତ ଗାନ କରାଯିବା ସହ ନବମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ତରଫରୁ ଅଭ୍ୟର୍ଥନା ପ୍ରଦାନ କରାଯାଇଥିଲା।

### ସ୍ୱାସ୍ଥ୍ୟ ମେଳା: ୬୨୫ ରୋଗୀଙ୍କୁ ଚିକିତ୍ସା



ଲେଫ୍ରିପଡ଼ା,୨୩।୪(ଡି.ଏନ୍.ଏ.): ଲେଫ୍ରିପଡ଼ା ବ୍ଲକ ତେଲେନଡ଼ିହି ଚର୍ଚ୍ଚ କ୍ୟାମ୍ପସ ପରିସରରେ ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୋଜନ କ୍ରମେ ଆୟୁଷ୍ମାନ ଭାରତ ଯୋଜନା ପକ୍ଷରୁ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟମେଳା ହୋଇଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ନରେଶ ପ୍ରତାପ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ବୈଷ୍ଣବ ମାଝୀ, ଅଞ୍ଜଳି ଘୋଷ, ଗିରିଙ୍ଗକେଲା ପଞ୍ଚାୟତର ସରପଞ୍ଚ ନୀଳମଣି ମାଝୀ, ସମିତି ସଭ୍ୟା କେତକୀ ନାଏକ, ଛଟେନପାଲି ପଞ୍ଚାୟତ ସମିତି ସଭ୍ୟ ସୁଶାନ୍ତ ସେଟ, ଅଳାପକା ସରପଞ୍ଚ ଏମାନ୍ତୁଶ କୁଜୁର, ତଳସରା ବିଧାୟକ ପ୍ରତିନିଧି ଅମୀର ନାଏକ, ସିଡିପିଓ କିରଣାଳା ଷଡ଼ଙ୍ଗୀ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ପଟେଲ ପ୍ରମୁଖ ଯୋଗଦାନ କରିଥିଲେ। ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା.ଜଗଦୀଶ ଦେହୁରୀ ସ୍ୱାସ୍ଥ୍ୟ ମେଳାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ବିଭାଗ, ବନବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ୨୫୮ ମହିଳା ଓ ୩୬୭ ପୁରୁଷ ମିଶି ମୋଟ ୬୨୫ ରୋଗୀଙ୍କୁ ଚିକିତ୍ସିତ କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଡା. ଭୀଷ୍ମଦେବ ଭୋଇ, ଡା. ବିନୋଦ ବିହାରୀ ଦାଶ, ଡା. ଆଲୋକ କୁମାର ପଟେଲ, ଡା. ବୁଲେଖ ବେରିହା ପ୍ରମୁଖ ବିଶେଷଜ୍ଞ ଚିକିତ୍ସା କରିଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ କରାଯାଇଥିଲା। ୫୦ଜଣ ରକ୍ତଦାନ କରିଥିଲେ। ତେଲେନଡ଼ିହି ସାଧୁ ଥୋମାସ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିପିଏମ ସତ୍ୟବ୍ରତ ଦାଶ, ଫାର୍ମାସିଷ୍ଟ ବିଶ୍ୱନାଥ ପଟ୍ଟନାୟକ, ଡା. ସୁଜିତ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲେଫ୍ରିପଡ଼ା ମହାବିଦ୍ୟାଳୟର ଅଧାପକ ଯୁବରାଜ ସା ମଞ୍ଚ ପରିଚାଳନା, ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦୀପକ ଶର୍ମା ଧନ୍ୟବାଦ ଦେଇଥିଲେ।

# ବାଲିମାଫିଆଙ୍କ କବ୍‌ଜାରେ ଇବ୍ ନଦୀପଠା

ସୁନ୍ଦରଗଡ଼,୨୩।୪(ଡି.ଏନ୍.ଏ)



ଇବ୍ ନଦୀରୁ ବାଲି ଚାଲାଣ ହେଉଛି।

- ଦିନଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କାର ବାଲି ଚୋରାଚାଲାଣ
- ବାଲିମାଫିଆଙ୍କୁ ସୁରକ୍ଷା ଯୋଗାଉଛି କିଏ

ରାଜସ୍ୱ ବିଭାଗର ଆଖିରେ ଧୂଳିଦେଇ ବାଲିମାଫିଆମାନେ ପ୍ରତିଦିନ ଇବ୍ ନଦୀରୁ ଦିନଦ୍ୱିପ୍ରହରରେ ବାଲି ଚୋରାଚାଲାଣ କରୁଛନ୍ତି। ଫଳରେ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଛି। ଇବ୍‌ନଦୀର ବିଭିନ୍ନ ଘାଟରେ ଏବେ ବାଲି ମାଫିଆମାନେ ସକ୍ରିୟ ହୋଇ ପ୍ରତିଦିନ ଲକ୍ଷାଧିକ ଟଙ୍କାର ବାଲି ଚୋରା ଚାଲାଣ କରୁଛନ୍ତି। ମାଫିଆମାନେ ଜେସିବି, ପ୍ରୋକଲିନ୍ ମେସିନ ଦ୍ୱାରା ବାଲି ଉଠାଇ ଟ୍ରକ, ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରୁଛନ୍ତି। ଏସମ୍ପର୍କରେ ବାରମ୍ବାର ଅଭିଯୋଗ ହେବା ପରେ ସୁନ୍ଦରଗଡ଼ ସଦର ତହସିଲ ପକ୍ଷରୁ କିଛି ମାସ ପୂର୍ବରୁ ଚଢ଼ାଉ ହୋଇଥିଲେ ହେଁ ପରବର୍ତ୍ତୀ ସମୟରେ ପୁଣି ମାଫିଆମାନେ ଅବାଧରେ ବାଲି ଚୋରା ଚାଲାଣ କରୁଛନ୍ତି। ସୁନ୍ଦରଗଡ଼ ସରକାରୀ କଲେଜ ପାଖରେ ଥିବା ଇବ୍ ନଦୀପୋଲର ପାଖାପାଖୀ ୨୦୦ରୁ ୩୦୦ମିଟର ଭିତରେ ବେଆଇନ ଭାବେ ବାଲିଉତ୍ତୋଳନ କରାଯାଉଛି। ଯାହାର କି ଲିଜ କିସ୍ତି ମଧ୍ୟ ଠିକ ଭାବରେ ଦିଆଯାଇନାହିଁ। ଏଠାରେ ମାଫିଆମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ସହ ଜୋରଜବରଦସ୍ତ ଭାବେ ଜଣଙ୍କ ଜମି ଉପରେ ଗାଡି ଚଳାଚଳ କରି ଲିଜରେ ଜମି ନେଇଥିବା ଜଣେ ଦଳିତ ବ୍ୟକ୍ତିଙ୍କ ପେଟରେ ଲାତ ମାରୁଛନ୍ତି। ଏସମ୍ପର୍କରେ ବିଶ୍ୱଜିତ ତନ୍ତୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏସମ୍ପର୍କରେ ସଦର ତହସିଲଦାର ପୁଷ୍ପକ ପ୍ରଧାନଙ୍କୁ ପଚାରିବାରେ ରାଜସ୍ୱ ବିଭାଗ ପକ୍ଷରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବୃକ୍ଷରୋପଣ ଲାଗି ବେଲଚା ମାରିଲେ ମନ୍ତ୍ରୀ, ଏସ୍‌ପି

କୁତ୍ରା,୨୩।୪ (ଡି.ଏନ.ଏ.)



ମନ୍ତ୍ରୀ ବେଲଚା ସାହାଯ୍ୟରେ ମାଟି ଉଠାଇ ଗଛମୂଳରେ ଦେଉଛନ୍ତି।

ସୁନ୍ଦରଗଡ଼ ଜିଲା କୁତ୍ରା ଥାନାକୁ ଶନିବାର ରାଜ୍ୟ ସରକାରଙ୍କ ଶକ୍ତି, ଶିଳ୍ପ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ବିଷୟରେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥଙ୍କ ସହ ଆଲୋଚନା କରିଥିଲେ। ତା'ସହିତ କୁତ୍ରା ଥାନାରେ ଥିବା ଆନନ୍ଦ ଘର ଓ ବଗିଚାରେ କିଛି ସମୟ ବୁଲିବା ସହିତ କୁତ୍ରା ଥାନାର ନବକଳେବର ସୁନ୍ଦର ପରିବେଶ ସାଙ୍ଗକୁ ଆନନ୍ଦ ଘର ଦେଖି ଅତ୍ୟନ୍ତ ଖୁସିବ୍ୟକ୍ତ କରିଥିଲେ। ଏହା ସହ ଏହା ଏକ ଆଦର୍ଶ ଥାନା ବୋଲି କହିଥିଲେ। ଏସ୍‌ପି ସାଗରିକା ନାଥ ମଧ୍ୟ ଖୁସି ହେବା ସହ ଏହାକୁ ସବୁ ଥାନା ଅନୁସରଣ କରିବା କଥା ବୋଲି କହିଥିଲେ। ଏହି ଅବସରରେ ଉଭୟ ମନ୍ତ୍ରୀ ଓ ଏସ୍‌ପି ଥାନା ପରିସରରେ ଗୋଟିଏ ଗୋଟିଏ ଆମ୍ବ ଗଛ ଲଗାଇଥିଲେ। ତେବେ ଏହି ଆମ୍ବ ଗଛ ଲଗାଇଲା ବେଳେ ମନ୍ତ୍ରୀ ଓ ଏସ୍‌ପି ନିଜେ ବେଲଚା ସାହାର୍ଯ୍ୟରେ ମାଟିକୁ ଉଠାଇ ନେଇ ଗଛ ଲଗାଇ ପାଣି ଦେଇଥିଲେ। ଏହି ଘଟଣା ବର୍ତ୍ତମାନ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଗସ୍ତ କାଳରେ ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କଶେଖର ବେଉରା, କୁତ୍ରା ଥାନା ଅଧିକାରୀ ଶୁଶାନ୍ତ କୁମାର ପରିଡା, ଏସ୍‌ଆଇ ବିଶ୍ୱରଞ୍ଜନ ମହାନ୍ତି, ଏସଆଇ ରଞ୍ଜନ ନାଏକ, ସୂର୍ଯ୍ୟବ୍ରତ ମହାନ୍ତ, ବିଜୟ ସୁନା, ସୁଚିତ୍ରା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ଦାବି ଜୋରଧରୁଛି

ଦେବଗଡ଼,୨୩।୪(ଡି.ଏନ.ଏ)



- ପ୍ରତ୍ୟେକ କାମରେ କାଉଣ୍ଟର ଦସ୍ତଖତ ଦାବି କଲେ ପୌର ପରିଷଦ ଉପାଧକ୍ଷ
- ନିର୍ବାହୀ ଅଧିକାରୀ କହିଲେ ଏମିତି ଗାଇଡ୍‌ଲାଇନ ନାହିଁ

ଦେବଗଡ଼ ପୌରାଞ୍ଚଳରେ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ଦାବି ଜୋର ଧରୁଛି। ଶୁକ୍ରବାର ପ୍ରଥମ କାଉନସିଲ ବୈଠକ ବର୍ଜନ କରିଥିବା ଉପାଧକ୍ଷ ଓ ଅନ୍ୟ ୬ଜଣ କାଉନସିଲର ନିଜ ଜିଦରେ ଅଟଳ ଅଛନ୍ତି। ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ତୁରନ୍ତ ପ୍ରତ୍ୟାହାର ଦାବି କରିଛନ୍ତି। ସହରର ଅନେକ ବୁଦ୍ଧିଜୀବୀ ଏହି ଦାବିକୁ ମଧ୍ୟ ସମର୍ଥନ କରିଛନ୍ତି। ଶୁକ୍ରବାର ନବ ନିର୍ବାଚିତ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଇଙ୍କ ଅଧକ୍ଷତାରେ ପ୍ରଥମ କାଉନସିଲ ବୈଠକ ଅରମ୍ଭ ହୋଇଥିଲା। ବୈଠକ ପ୍ରାରମ୍ଭରେ ପୂର୍ବରୁ ୨୦୦ ଗୁଣ ବୃଦ୍ଧି ପାଇଥିବା ହୋଲ୍ଡିଂ ଟ୍ୟାକ୍ସ ବିଷୟରେ ଆଲୋଚନା ହେବାସହ ଏହାକୁ ପ୍ରତ୍ୟାହାର ପାଇଁ ପୌରାଧକ୍ଷା ଓ ଉପାଧକ୍ଷଙ୍କ ସମେତ ବିଜେଡି, ଭାଜପା ଓ ସ୍ୱାଧୀନ କାଉନସିଲର ସମସ୍ତେ ଦାବି ଜଣାଇଥିଲେ। ମାତ୍ର ନିର୍ବାହୀ ଅଧିକାରୀ ଅତସି ପରିଡା ଗାଇଡଲାଇନ ବାହାର କରିବା ସହ ସରକାରୀ ନୀତିନିୟମକୁ ଆଳକରି ବର୍ତ୍ତମାନ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ସମ୍ଭବ ନୁହେଁ ବୋଲି ଉତ୍ତର ଦେଇଥିଲେ ଏବଂ ସରକାରୀ ନିୟମ ଅନୁଯାୟୀ ହେବ ବୋଲି କହିଥିଲେ। ଫଳରେ ଉପାଧକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ଉପସ୍ଥିତ ଭାଜପାର ୬ କାଉନସିଲର ଓ ସ୍ୱାଧୀନ କାଉନସିଲର ବୈଠକ ବର୍ଜନ କରିଥିଲେ। ଏ ସମ୍ପର୍କରେ ପୌରାଧକ୍ଷ ଶାନ୍ତିମଞ୍ଜରୀ ଦେଇଙ୍କ ମତାମତ ଲୋଡିବାରୁ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ପ୍ରସ୍ତାବକୁ ଦଳମତ ନିର୍ବିଶେଷରେ ସମସ୍ତେ ସମସ୍ୱରରେ ସମର୍ଥନ କରିଥିଲେ ବୋଲି ପ୍ରକାଶ କରିଥିଲେ। କାଉନସିଲ ବୈଠକରେ ନ ହେଲେ ମଧ୍ୟ ଜନସାଧାରଣଙ୍କ ହିତଦୃଷ୍ଟିରୁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଏକାଠି କରାଯାଇ ଆଲୋଚନା ମାଧ୍ୟମରେ ବର୍ଦ୍ଧିତ ହୋଲ୍ଡିଂ ଟ୍ୟାକ୍ସ ପ୍ରତ୍ୟାହାର ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜ ପ୍ରତ୍ୟେକ କାମରେ ତାଙ୍କର କାଉଣ୍ଟର ଦସ୍ତଖତ ଦରକାର ପାଇଁ ଦାବି କରିଥିଲେ। ମାତ୍ର ନିର୍ବାହୀ ଅଧିକାରୀ ଅତସି ପରିଡା ସରକାରୀ ନୀତିନିୟମକୁ ଦେଖି କହିଥିଲେ, ଏମିତି କିଛି ଗାଇଡଲାଇନ ନାହିଁ।

# ରାଜନୈତିକ କର୍ମୀଙ୍କ ଘରୁ ଗଞ୍ଜେଇ ଜବତ

ବଡ଼ଗାଁ,୨୩।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ଲଟାପଡାର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀଙ୍କ ଘରୁ ଜିଲା ଅବକାରୀ ବିଭାଗ ୪କେଜି ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ ବଡ଼ଗାଁର କୈଳାସ ଭିନ୍ତ୍ରିଆ (ଚନ୍ଦା) ଗଞ୍ଜେଇ କାରବାର କରିଆସୁଥିଲେ। ଏ ନେଇ ଅବକାରୀ ଅଧିକାରୀ କୌଣସି ସୂତ୍ରରୁ ସୂଚନା ପାଇଥିଲା। ବୁଧବାର ଅପରାହ୍ନରେ ଜିଲା ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ସହିତ ଭ୍ରାମ୍ୟମାଣ ଅବକାରୀ କର୍ମଚାରୀମାନେ କୈଳାସଙ୍କ ଘରେ ଚଢ଼ାଉ କରିଥିଲେ। ତାଙ୍କ ଘରୁ ୪ଟି ପ୍ୟାକେଟରେ ଥିବା ୪କେଜି ଗଞ୍ଜେଇ ଜବତ କରିଥଲେ। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ବଡ଼ଗାଁ ଅଞ୍ଚଳରେ ଗଞ୍ଜେଇ କାରବାର ସହିତ ମଦ ବେପାର ଖୋଲାଖୋଲି ଚାଲିଛି। ହେଲେ ପୋଲିସ ଓ ଅବକାରୀ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି।

# ୨୭ରୁ 'ଉତ୍ସବ ପ୍ରଧାନପାଟ ୨୦୨୨'

ଦେବଗଡ଼,୨୩।୪(ଡି.ଏନ୍.ଏ.)



ବୈଠକରେ ପବ୍ଲିସିଟି ସବ୍‌କମିଟିର କର୍ମକର୍ତ୍ତା ଉପସ୍ଥିତ।

- ଉତ୍ସବ ପ୍ରଧାନପାଟ ଶୋଭାଯାତ୍ରା ସବ୍ କମିଟିର ପ୍ରସ୍ତୁତି ବୈଠକ
- ଶୋଭାଯାତ୍ରାକୁ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱାରୋପ

ଦେବଗଡ଼ ଜିଲା ପ୍ରଶାସନ, ଜିଲା ସଂସ୍କୃତି ପରିଷଦ ଏବଂ ଓରମାସ୍‌ର ମିଳିତ ଆନୁକୂଲ୍ୟରେ ଆଗାମୀ ୨୭ରୁ ମଇ ୧ ତାରିଖ ପର୍ଯ୍ୟନ୍ତ ବହୁ ପ୍ରତୀକ୍ଷିତ 'ଉତ୍ସବ ପ୍ରଧାନପାଟ-୨୦୨୨'ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଉତ୍ସବ ଆୟୋଜନ ପାଇଁ ଗଠିତ ବିଭିନ୍ନ କମିଟି ଏବଂ ସବ କମିଟିଗୁଡିକ ପକ୍ଷରୁ ପ୍ରସ୍ତୁତି ବୈଠକମାନ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ କଲେକ୍ଟୋରେଟ ପରିସରସ୍ଥ ସମ୍ମିଳନୀ କକ୍ଷରେ 'ଉତ୍ସବ ପ୍ରଧାନପାଟ-୨୦୨୨' ନିମନ୍ତେ ପବ୍ଲିସିଟି ସବକମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ କଲେକ୍ଟର କୈବଲ୍ୟ କିଶୋର କରଙ୍କ ଆବାହକତ୍ୱ ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଲୁକାଶ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଅଙ୍କୁର ମଲ୍ଲିକ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, କମିଟିର ସଦସ୍ୟ ପ୍ରଫୁଲ୍ଲ କୁମାର ନାୟକ, ସିଦ୍ଧାର୍ଥ ଗୁରୁ, ଶଶାଙ୍କ ଶେଖର ଝାଙ୍କର, ଶ୍ରବଣ କୁମାର ନାୟକ ଓ ଦିବ୍ୟଶଙ୍କର ଦ୍ୱିବେଦୀଙ୍କ ସମେତ ଶୋଭାଯାତ୍ରା ସବ କମିଟିର ବହୁ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଗତ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ 'ଉତ୍ସବ ପ୍ରଧାନପାଟ-୨୦୨୨'ର ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ ଏବଂ ଜନାଦୃତ କରିବା ପାଇଁ ଆଲୋଚନା କରାଯିବା ସହ ସିଂହ ବାଜା, ଢୋଲ ବାଜା, ସଂକୀର୍ତ୍ତନ୍ୟ, ବାଣ ଫଟକା ସମେତ ଆକର୍ଷଣୀୟ ନୃତ୍ୟ ଦଳଗୁଡ଼ିକୁ ସାମିଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଶୋଭାଯାତ୍ରା ସମୟରେ ସହରର ବିଭିନ୍ନ ସାହି ଏବଂ ଛକରେ ରଙ୍ଗୋଲୀ ଓ ଝୋଟି ଆଦି ଅଙ୍କାଯିବା ସହ ପ୍ରସ୍ତୁତକାରୀମାନଙ୍କୁ ମାନପତ୍ର ମଧ୍ୟ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଶେଷରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିନା ନୋଟିସରେ ଠିକାଦାରଙ୍କ ପେମେଣ୍ଟ ବନ୍ଦ

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ବିଭାଗର ଅଜବ ନୀତି**

ଦେବଗଡ଼,୨୩।୪(ଡି.ଏନ.ଏ)

ଦେବଗଡ଼ ବାଣିଜ୍ୟ କର (ସିଟି) ଏବଂ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବିଭାଗର ଠିକାଦାରମାନଙ୍କ ଉପରେ ଜୁଲୁମ। ଠିକା କାମ ଦେଉଥିବା ବିଭିନ୍ନ ସଂସ୍ଥାକୁ କେତେକ ଠିକାଦାରଙ୍କ ପ୍ରାପ୍ୟ ବନ୍ଦ କରିବା ପାଇଁ ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହ ଠିକାଦାରମାନଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କଗୁଡ଼ିକୁ ଚିଠି କରାଯାଇ ଆକାଉଣ୍ଟ ମଧ୍ୟ ବନ୍ଦ କରାଯାଉଛି। କିନ୍ତୁ ସମ୍ପୃକ୍ତ ଠିକାଦାରମାନଙ୍କୁ ଆଗରୁ କୌଣସି ନୋଟିସ ଦିଆଯାଇ ନ ଥିବା ଅଭିଯୋଗ ହେଉଛି। ସଂସ୍ଥାଗୁଡିକ ହଠାତ୍ ପେମେଣ୍ଟ ଗତ ମାର୍ଚ୍ଚରେ ବନ୍ଦ କରିଦେବା ଦ୍ୱାରା ବିଭିନ୍ନ ପ୍ରକଳ୍ପରେ ନିଯୋଜିତ ହୋଇଥିବା ଶ୍ରମିକଙ୍କ ପାଉଣା ଓ ଠିକା କାମରେ ବ୍ୟବହୃତ ହେଉଥିବା ସାମଗ୍ରୀ ଆଣିଥିବା ଦୋକାନଗୁଡିକର ଟଙ୍କା ଧାର୍ଯ୍ୟ ସମୟରେ ଦେଇପାରୁ ନ ଥିବାରୁ ଠିକାଦାରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷେ ଜିଲାରେ କ୍ଷୁଦ୍ର ଶିଳ୍ପ ଓ ବିଭିନ୍ନ ବାଣିଜ୍ୟ କାରବାର କରୁଥିବା କେତେକ ଅନୁଷ୍ଠାନ ଓ ସଂସ୍ଥା ବିନା ଜିଏସ୍‌ଟି (ଦ୍ରବ୍ୟ ଓ ସେବା କର) ନମ୍ବରରେ ବେଧଡ଼କ ଭାବେ ବ୍ୟବସାୟ କରୁଛନ୍ତି କିନ୍ତୁ ତାଙ୍କ ଉପରେ ବିଭାଗର କୌଣସି ନଜର ନାହିଁ କି ନୋଟିସ ଜାରି କରାଯାଉ ନାହିଁ। କିନ୍ତୁ ଠିକା ସଂସ୍ଥାମାନଙ୍କର ପେମେଣ୍ଟ ସିଷ୍ଟମ ସରକାରୀ ସଂସ୍ଥା ଦ୍ୱାରା ହେଉଥିବାରୁ ଦେବଗଡ଼ ବାଣିଜ୍ୟ କର ବିଭାଗ ଅନ୍ୟ କୌଣସି ବ୍ୟବସାୟ ଅନୁଷ୍ଠାନ ଆଡେ ନଜର ନଦେଇ ସରକାରୀ ବିଭାଗଗୁଡିକୁ ଢାଲ କରି ଠିକାଦାରମାନଙ୍କ ପ୍ରାପ୍ୟ ବନ୍ଦ ନିର୍ଦ୍ଦେଶ ଦେଉଛନ୍ତି। ଏହା ଟଙ୍କା ଅସୁଲର ସହଜ ବାଟ ଓ ନିଜର ଟାର୍ଗେଟ ପୂରଣ କରିବା ପାଇଁ ସହଜ ଭାବି ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ବିଭାଗ ଏଭଳି କରୁଛି ବୋଲି ବିଭିନ୍ନ ବର୍ଗର ଠିକାଦାରମାନେ ଆଲୋଚନା କରୁଛନ୍ତି। ଠିକାଦାରମାନଙ୍କ ପେମେଣ୍ଟ ବନ୍ଦ ହେବା ଦ୍ୱାରା କ୍ଷୁଦ୍ର ଠିକାଦାର ବା କମ୍ ମୂଲ୍ୟର ପ୍ରକଳ୍ପ କାମ କରୁଥିବା ଠିକାଦାରମାନେ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ପରିବାର ଚଳାଇ ପାରୁନାହାନ୍ତି। ସେମାନଙ୍କ ଅଧୀନରେ କାମ କରୁଥିବା ଶ୍ରମିକମାନଙ୍କ ପାଉଣା ଦେଇପାରୁନାହାନ୍ତି। ଫଳରେ ଶ୍ରମିକମାନଙ୍କ ପରିବାର ମଧ୍ୟ ଭୋକଉପାସରେ ରହୁଛନ୍ତି। ଏ ସମ୍ପର୍କରେ ବାଣିଜ୍ୟକର ବିଭାଗର ଡେପୁଟି କମିଶନର ଗିରିଜା ସୋହଲାଙ୍କୁ ପଚାରିବାରୁ ଫୋନରେ କିଛି କହିବି ନାହିଁ। କିଛି ଦିନ ପରେ କହିବି କହି ଫୋନ କାଟି ଦେଇଥିଲେ।

# ବଡ଼ଗାଁ ରାମଲୀଳା ଯାତ୍ରା ଉଦ୍‌ଯାପିତ: ରାମଙ୍କ ରାଜାଭିଷେକ

ବଡ଼ଗାଁ,୨୩।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁର ଖୋଲାମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ରାମଚନ୍ଦ୍ରଙ୍କ ଦ୍ୱାରା ଲଙ୍କାପତି ରାବଣଙ୍କୁ ବଧ, ପରେ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ମଞ୍ଚସ୍ଥ ହୋଇଥିଲା। ବିଷୟବସ୍ତୁ ଅନୁଯାୟୀ, ବାନର ସେନା ସେତୁବନ୍ଧ ନିର୍ମାଣ ରାମ ଓ ଲକ୍ଷ୍ମଣ ଲଙ୍କାରେ ପ୍ରବେଶ କରିଥିଲେ। ଏହା ପରେ ରାମଙ୍କ ସହିତ ତରଣୀସେନ, କୁମ୍ଭକର୍ଣ୍ଣ, ପ୍ରସସ୍ତ, ଇନ୍ଦ୍ରଜିତ ଆଦି ଅସୁରଗଣଙ୍କୁ ବଧ କଲେ। ଯୁଦ୍ଧ ସମୟରେ ରାବଣଙ୍କ ଦ୍ୱାରା ଲକ୍ଷ୍ମଣଙ୍କୁ ଶକ୍ତିଭେଦ ପରେ ସୁଶେଣ ବୈଦ୍ୟଙ୍କ ଦ୍ୱାରା ଉପଚାର କରିଥଲେ। ରାମଚନ୍ଦ୍ର ଦଶଭୁଜା ଦୁର୍ଗାଙ୍କ ପୂଜା କଲାପରେ ରାମ ଓ ରାବଣଙ୍କ ମଧ୍ୟରେ ଘମାଘୋଟ ଲଢେଇ ହୋଇଥିଲା। ରାମଚନ୍ଦ୍ରଙ୍କ ତୀରରେ ରାବଣ ନିହତ ହୋଇଥିଲେ। ରାବଣଙ୍କୁ ବଧ କଲାପରେ ସୀତାଙ୍କୁ ଉଦ୍ଧାର କରି ଜାମ୍ବବାନ, ବିଭୀଷଣ, ନଳ, ନିଳ, ସୁଗ୍ରୀବ, ହନୁମାନ ଆଦି ଯୋଦ୍ଧାଙ୍କ ସହିତ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବାବେଳେ ନନ୍ଦିଗ୍ରାମରେ ଅବସ୍ଥାନ କରୁଥିବା ଭାଇ ଭରତଙ୍କ ପାଖକୁ ଯାଇ ସାକ୍ଷାତ କରିଥିଲେ। ଏହା ପରେ ବଶିଷ୍ଠ ଋଷିଙ୍କ ଦ୍ୱାରା ରାମଚନ୍ଦ୍ରଙ୍କ ରାଜାଭିଷେକ କରାଯାଇଥିଲା। ଏହି ବିଷୟବସ୍ତୁ ଉପରେ କଳାକାରମାନେ ହୃଦୟସ୍ପର୍ଶୀ ଅଭିନୟ ପ୍ରଦର୍ଶନ କରିଥଲେ। ଶେଷ ରଜନୀରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଓ ଏସ୍‌ଡିସି ଅଧ୍ୟକ୍ଷ ବିନୟ ଟପୋ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଯାତ୍ରା କମିଟି ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭାଗୀୟ ଉଦାସୀନତା: ୩୫୦ ଶିକ୍ଷକ ହଇରାଣ

ଟେନ୍‌ସା,୨୩।୪(ଡି.ଏନ୍.ଏ.)

**କୋଇଡା ବ୍ଲକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମିଳିନି ୩ମାସର ଦରମା**

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକରେ ଗତ ୩ ମାସ ହେଲା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦରମା ମିଳିନାହିଁ। ଏ ନେଇ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଅଭିଯୋଗ ହୋଇଛି। କୋଇଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ଯୋଗୁ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଦରମା ମିଳି ପାରୁନାହିଁ । ଏ ନେଇ ବ୍ଲକ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡର) ସଂଘର ସଭାପତି ଦେବ କୁମାର ବର୍ମା, ସାଧାରଣ ସମ୍ପାଦକ ପ୍ରଶାନ୍ତ ପଳେଇ ପ୍ରମୁଖ ଶିକ୍ଷା ବିଭାଗର ମନମାନି କାର୍ଯ୍ୟକୁ ବିରୋଧ କରି ଲିଖିତ ଭାବେ କୋଇଡା ବିଇଓ, ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କୁ ଅବଗତ କରିଛନ୍ତି। ତୁରନ୍ତ ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଅବହେଳା କରିଥିବା କର୍ମଚାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ୩୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ଦେବାକୁ ସଂଘ ଅନୁରୋଧ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଆକାଉଣ୍ଟରେ ଦରମା ବାବଦ ଅର୍ଥ ଥିବା ସତ୍ତ୍ୱେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଦରମା ଦିଆଯାଉ ନାହିଁ। ବିଭାଗୀୟ କିରାଣୀଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର କହିବା ସତ୍ତ୍ୱେ କିରାଣୀ ଏଥି ପ୍ରତି ଧ୍ୟାନ ଦେଲେ ନାହିଁ। ଯାହାକି ଆଜି ୩୫୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ,ଶିକ୍ଷକ ଦରମା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁନ୍ଦରଗଡ଼ ଜିଲାର ସବୁ ବ୍ଲକରେ ଏନପିଏସ ଆକାଉଣ୍ଟ ଖୋଲା ଯାଇଥିଲେ ମଧ୍ୟ କୋଇଡା ବ୍ଲକରେ କାହିଁକି ହେଲା ନାହିଁ ବୋଲି ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ କରିଛନ୍ତି। ଅନ୍ୟ ପକ୍ଷେ ଶିକ୍ଷୟିତ୍ରୀଶିକ୍ଷକମାନେ ଇପିଏଫ୍ ଆବେଦନ କଲେ ମଧ ବିଭାଗୀୟ କିରାଣୀ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦରମା ଦେବାକୁ ସଂଘ ଅନୁରୋଧ କରିଛନ୍ତି। ଯଦି ଆସନ୍ତା ୭ଦିନ ମଧ୍ୟରେ ଏଥିପ୍ରତି ଧ୍ୟାନ ନ ଦିଅନ୍ତି ଦେବେ ସଂଘ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗଙ୍କୁ ପଚାରିବାରୁ ସେ କହିଲେ ଯେ, ବିଇଓ ଅଫିସରୁ ଶିକ୍ଷକଙ୍କ ଦରମା ହୋଇଥାଏ। କାହିଁକି ହୋଇନାହିଁ, କ'ଣ ଅସୁବିଧା ହୋଇଛି ଏ ସମ୍ପର୍କରେ ପଦକ୍ଷେପ ନେବେ ବୋଲି କହିଥିଲେ।

**cmpdi** **Central Mine Planning & Design Institute Ltd.**
**( A Subsidiary of Coal India Limited)**
**Gondwana place, Kanke Road, Ranchi - 834 031, JHARKHAND,India**

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**Odisha Mining Corporation Ltd.**
**(A Gold Category State PSU)**
Registered Office : OMC House, Bhubaneswar – 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
**CIN: U13100OR1956SGC000313**
OMC | ODISHA NEW OPPORTUNITIES – Mining Happiness
No. **6560**/OMC/ 2022
Date: **23/04/2022**

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

**Sd./- GENERAL MANAGER (P&A)**

**CORRIGENDUM** No. L-23
**(As per Pre-Bid Clarifications Soughted)**
**DIRECTORATE OF AGRICULTURE AND FOOD PRODUCTION, ODISHA**
**SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022**
**Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha**

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

**Sd./- Director of Agriculture and Food Production, Odisha**
**OIPR-01034/11/0003/2223**

# ଜିଲାପାଳଙ୍କ ଗାଡ଼ିକୁ ଢେଲାମାଡ଼

■ ପଞ୍ଚାୟତ ଅଫିସ ଗୃହ ନିର୍ମାଣକୁ ନେଇ ଉତ୍ତେଜନା, ୧୪୪ ଧାରା ଜାରି

■ ୨୦ ବର୍ଷ ହେଲା ତୁଟୁନି ବିବାଦ



ନୂଆଗାଁଠାରେ ଜିଲାପାଳଙ୍କ ଗାଡ଼ିର କାଚ ଭାଙ୍ଗି ଦିଆଯାଇଛି।

**ବାରିପଦା ଅଫିସ/କୁଳିଅଣା, ୨୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଭଗବାନପୁର ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣକୁ ନେଇ ୨୦ବର୍ଷ ହେଲା ଲାଗି ରହିଥିବା ବିବାଦ ଶନିବାର ଉଗ୍ରରୂପ ଧାରଣ କରିଛି। ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ଜିଲାପାଳ। ଦୁଇ ଗୋଷ୍ଠୀର ଲୋକେ ରାସ୍ତା ଅବରୋଧ କରିବା ସହ ଜିଲାପାଳଙ୍କ ଗାଡ଼ିକୁ ଢେ଼ଲା ମାଡ଼ କରିଥିଲେ। ଗାଡିର କାଚ ଭାଙ୍ଗିଯାଇଥିଲେ ମଧ୍ୟ ଜିଲାପାଳ ବିନୀତ ଭରଦ୍ୱାଜ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରପାଇ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଘଟଣାସ୍ଥଳରେ ପହଞ୍ଚି ଜିଲାପାଳଙ୍କୁ ଉଦ୍ଧାର କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ୧୪୪ଧାରା ଜାରିକରାଯାଇଛି। ଏହିଘଟଣାରେ ପୋଲିସ ୧୦ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, କୁଳିଅଣା ବ୍ଲକ ଅଧୀନ ଭଗବାନପୁର ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଲାଗି ଦୀର୍ଘ ୨୦ ବର୍ଷ ହେଲା ବିବାଦ ଲାଗି ରହିଛି। ପ୍ରଥମେ ଭଗବାନପୁରରେ କାର୍ଯ୍ୟାଳୟ ଗୃହ ନିର୍ମାଣ ହେବାକୁ ସ୍ଥିର ହୋଇଥିଲା। ମାତ୍ର ପଞ୍ଚାୟତିରାଜ ବିଭାଗ ଏହାକୁ ବନ୍ଦ କରି ଦେଇଥିଲା। ଏ ସଂକ୍ରାନ୍ତରେ ଲୋକ ପ୍ରତିନିଧିମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବଡ଼ନୂଆଗାଁରେ ନୂତନ ଅଫିସ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ଏହାକୁ ବିରୋଧ କରି ଭଗବାନପୁର ଅଞ୍ଚଳର ଚନ୍ଦାବିଲା, ଭଗବାନପୁର-୧, ଭଗବାନପୁର-୨, ସାନସଉରୀ, ବଡ଼ ସଉରୀ, ମାଛକାନ୍ଦଣା ୱାର୍ଡର ଲୋକମାନେ ନୂଆଗାଁ ଦୋଳମଣ୍ଡପଠାରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବିରୋଧ କରିବା ସହ ଭଙ୍ଗାରୁଜା କରିଥିଲେ। ଦାୟିତ୍ୱରେ ଥିବା ଉଦୟ ମାଝୀଙ୍କୁ ମଧ୍ୟ ମାରପିଟ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ନୂଆଗାଁ ଅଞ୍ଚଳର ୫ଟି ୱାର୍ଡର ଶତାଧିକ ମହିଳାପୁରୁଷ କାର୍ଯ୍ୟସ୍ଥଳରେ ପହଞ୍ଚି ଏହାର ପ୍ରତିବାଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଉମେଶ ଚନ୍ଦ୍ର ଓଝା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଅନ୍ୟପକ୍ଷରେ ଭଗବାନପୁର ଅଞ୍ଚଳର ଲୋକମାନେ ୧୮ନଂ. ଜାତୀୟ ରାଜପଥର ସୌରୀ ଛକରେ ଅପରାହ୍ନ ୧ଟାରୁ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଥିଲେ। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଯାନବାହନ ଚଳାଚଳ ବନ୍ଦ ହେବା ପରେ କୁଳିଅଣା ବିଡିଓ ଦେବାଶିଷ ମହାପାତ୍ର ଓ ଥାନାଧିକାରୀ କୃଷ୍ଣଚନ୍ଦ୍ର ଯାନୀ ପହଞ୍ଚି ଉଭୟ ପକ୍ଷଙ୍କୁ ନେଇ ୨୬ତାରିଖରେ ଏକ ବୈଠକ ମାଧ୍ୟମରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଜିଲାପାଳ ଭରଦ୍ୱାଜ ବାରିପଦାରୁ ବାଙ୍ଗିରିପୋଷିକୁ ଯାଉଥିଲେ। ଜାତୀୟ ରାଜପଥ ଅବରୋଧ ଶୁଣି ଅନ୍ୟ ଏକ ବାଟ କୁଚେଇ ଗ୍ରାମ ଦେଇ ଯାଉଥିଲେ। ସେହି ରାସ୍ତାର ଦୋଳମଣ୍ଡପଠାରେ ଅବରୋଧ କରିଥିବା ନୂଆଗାଁ ଅଞ୍ଚଳର ଉତ୍ତ୍ୟକ୍ତ ଲୋକେ ଜିଲାପାଳଙ୍କ ଗାଡ଼ିକୁ ଦେଖି ଅଟକାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଜିଲାପାଳଙ୍କ ଗାଡ଼ି ରାସ୍ତା ଅବରୋଧକୁ ଦେଖି ଆଗକୁ ଯାଇ ଅଟକିଯାଇଥିଲା। ଫଳରେ ଲୋକମାନେ ଗାଡ଼ିକୁ ଘେରିଯାଇ ପଞ୍ଚାୟତବାସୀଙ୍କ ସମସ୍ୟାର ସମାଧାନ କରିବାକୁ ଅଡ଼ି ବସିଥିଲେ। ଜିଲାପାଳ ଗାଡ଼ିରୁ ନ ବାହାରିବାରୁ ଲୋକେ ତାଙ୍କ ପିଏସ୍‌ଓଙ୍କୁ ଠେଲାପେଲା କରିବା ସହ ବନ୍ଧୁକ ଛଡ଼ାଇ ନେଇଥିଲେ। ବନ୍ଧୁକ ଫେରାଇବାକୁ ତାଗିଦ୍ କରିବା ପରେ ଲୋକେ ତାହା ଫେରାଇ ଦେଇଥିଲେ। ପରେ ଢେଲା ପଥର ମାଡ଼ କରି ଜିଲାପାଳଙ୍କ ଗାଡ଼ିର କାଚ ଭାଙ୍ଗି ଦେଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ଘଟଣାସ୍ଥଳରେ ୧୪୪ ଧାରା ଜାରି କରାଯିବା ସହ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ପାତ୍ର, ଏସ୍‌ଡିପିଓ କେ.କେ. ହରିପ୍ରସାଦ ଓ କୁଳିଅଣା ଥାନା ଅଧିକାରୀ ପ୍ରମୁଖ ତଦନ୍ତ ଜାରି ରଖିଛନ୍ତି।

# ଶ୍ୱଶୁରଙ୍କ କୁରାଢ଼ି ଚୋଟରେ ଜ୍ୱାଇଁ ମୃତ

**ବାରିପଦା ଅଫିସ,୨୩।୪:** ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ଅଧୀନ ଗାଙ୍ଗରାଜ ଅଞ୍ଚଳରେ ଶ୍ୱଶୁରଙ୍କ କୁରାଢ଼ି ଚୋଟରେ ଜ୍ୱାଇଁଙ୍କ ମୃତ୍ୟୁ ହୋଇଛି। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଶ୍ୱଶୁର ଦାମୋଦର ପୃଷ୍ଟି(୬୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକ ହେଲେ ଶୁଳିଆପଦା ଥାନା ଅନ୍ତର୍ଗତ ଖଡିଆଶୋଳ ଗ୍ରାମର ଶ୍ୟାମସୁନ୍ଦର ଧଳ(୩୫)। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଦାମଦୋରଙ୍କ ଝିଅ ଗୀତାଞ୍ଜଳିଙ୍କୁ ଶ୍ୟାମ ସୁନ୍ଦର ପ୍ରେମ ବିବାହ କରିଥିଲେ। ଶ୍ୟାମ ସୁନ୍ଦର ଅନ୍ୟ ଜାତିର ହୋଇଥିବାରୁ ଶ୍ୱଶୁରଙ୍କ ମନରେ ଅସନ୍ତୋଷ ଲାଗି ରହୁଥିଲା। କିଛି ଦିନ ହେଲା ଝିଅ ଓ ଜ୍ୱାଇଁ ଦାମୋଦରଙ୍କ ଘରେ ରହି ଆସୁଥିଲେ। ଶନିବାର କୌଣସି କାରଣକୁ ନେଇ ଉଭୟ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଦାମୋଦର ଏକ କୁରାଢ଼ିରେ ଶ୍ୟାମ ସୁନ୍ଦରଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ପ୍ରବଳ ରକ୍ତସ୍ରାବ ହୋଇ ଦୀର୍ଘ ସମୟ ଧରି ସେ ପଡ଼ି ରହିଥିଲେ। କିଛି ସମୟ ପରେ ଜ୍ୱାଇଁଙ୍କୁ ଖାଇବାକୁ ଦେବା ପାଇଁ ତାଙ୍କ ଶାଶୁ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଖବର ଦେଇଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶ୍ୟାମସୁନ୍ଦରଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ବାରିପଦା ପିଆରଏମ୍ ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଶ୍ୟାମସୁନ୍ଦରଙ୍କ ମୃତ୍ୟୁ ଘଟିଥିଲା। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି।

## e-Procurement Notice No. C-115

## VYASANAGAR MUNICIPALITY, VYASANAGAR

**Tender Ref. No. EO/VNM - 01/2022-23**

**e-mail ID: Vyasanagarmunicipality@gmail.com**

**No. 1340** **Dt.20.04.2022**

1. Number of Work : 01 (One) Number of work
2. Nature of Work : Construction of Market Complex at Chorda
3. Approximate Estimated Cost : Rs.129.896 lakhs
4. Period of Completion : 06 (Six) Calendar Months
5. Date & time of availability of Bid document in the portal : Dt.22.04.2022 at 11.00 A.M.
6. Last date/time for receipt of bid in the portal : Dt.05.05.2022 upto 5.00 P.M.
7. Date of Opening Bid : Dt.06.05.2022 at 11.00 A.M.
8. Name and address of the Office Inviting Bid : Executive Officer, Vyasanagar Municipality, Vyasanagar
9. The bidders have to participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in.**

**Sd./- Executive Officer**
**Vyasanagar Municipality**
**OIPR-13092/11/0001/2223**

## OFFICE OF THE NOTIFIED AREA COUNCIL, ATTABIRA

**DIST.- BARGARH (ODISHA), PIN - 768027**

**E-mail: attabiranac.2013@gmail.com**

## QUOTATION CALL NOTICE

**No. 530** **Dt.20.04.2022**

No. C-113: Sealed quotations/tenders are invited from interested reputed Travel Agencies/Tour Operator or Private individuals for providing 1 No. (Xylo/Bolero/Sumo Gold/Ertiga) of AC Petrol/Disel vehicle having sitting capacity not more than ten including driver, which shall confirm to the Terms & Conditions (Annexure-II) for official use in NAC, Attabira on monthly rent basis.

1. The vehicle must be in Road Worthy condition, shall not be more than 3 years old from the date of initial registration must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of uptodate Tax payment etc. which are mandatory for plying of vehicle.
2. The driver of the vehicle must have a valid driving licence for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants).
6. The vehicle must have a fuel efficiency of 10 Kms per litre.
7. The details of the make and of the manufacture of the vehicle, registration no., mileage (Kms covered per litre), name of the Driver with Driving Licence No. and period of validity should be specially provided in the general bid information to be furnished with the Quotation/Tender (Annexure - III).
8. The application form of quotation/tender containing general bid information & terms and conditions for hiring of vehicle etc. will be available with NAC Office, Attabira on payment of Rs.1000/- from Dt.20.04.2022 to 28.04.2022.
9. The quotation competed in all respect should reach the undersigned on or before 28.04.2022 by 10 A.M. and shall be opened on the same day 28.04.2022 at 11 A.M. in presence of the bidders or their authorized representatives.

The undersigned reserves the right to accept or reject any or all quotation without assigning any reason thereof.

**Sd./- Executive Officer, N.A.C., Attabira**
**OIPR-13176/11/0001/2223**

## OFFICE OF THE CHIEF ENGINEER

**Drainage, Gandarpur, Cuttack-3**

**EOI No CE-DR-EOI–No. 02/22-23**

No. A-88: INVITATION FOR EXPRESSION OF INTEREST for **"Preparation of comprehensive Drainage Masterplan of Drainage Decongestion on Budhi Nalla and Gangua Nalla of Khordha District"**.

Eligible consultancy firms with desired qualification and experience as per details of "EOI" & Request for Proposal (RFP) available in Govt. website **www.odisha.govt.in** under the link advertisement may apply "EOI" document must be delivered in the address given below by Speed Post/ Registered Post/ Courier Services addressed to the Chief Engineer, Drainage, Gandarpur, Cuttack, At- Gandarpur /P.O. College Square, Dist. Cuttack- 753003 (Odisha). Submission of "EOI" in any other mode is not acceptable. The consultancy firms may participate for the consultancy services based on their eligibility criteria set forth in RFP. EOI may be downloaded from websites **www.dowrorissa.govt.in., www.orissagov.nic.in** from 26.04.2022 11.00 hrs to 17.05.2022, 17.00.hrs.

| Sl. No. | Particular | Details |
|---|---|---|
| 1 | Name of the Client | **Chief Engineer, Drainage, Water Resources Department, Government of Odisha** |
| 2 | Method of Selection | **Quality and Cost Based Selection (QCBS) Method** |
| 3 | Date of Issue of RFP | **26.04.2022** |
| 4 | Deadline for Submission of Pre-Proposal Query | **02.05.2022** |
| 5 | Issue of Pre-Proposal Clarification | **06.05.2022** |
| 6 | Proposal Due Date | **17.05.2022** |
| 7 | Date of opening of Technical Proposal | **18.05.2022** |
| 8 | Date of opening of Financial Proposal | **08.06.2022** |
| 9 | Expected Date of Commencement of Assignment | **June, 2022** |
| 10 | Bid Processing Fee (Non-Refundable) | **Rs. 10,000/- (Rupees Ten Thousand Only)** in shape of Demand Draft in favour of **"Executive Engineer, Drainage Division, Khordha"** drawn in any scheduled Nationalized Bank payable at Bhubaneswar. |
| 11 | Bid Security Declaration | Bidder is required to submit a "Bid Security Declaration" in lieu of EMD as per the prescribed format provided at **Annexure- IV** of this RFP Document. |
| 12 | Contact Person | **Er. Biplab Keshari Sahoo Executive Engineer Tel. No.: 9437884132** Email: **cedrainage@gmail.com** |
| 13 | Address for Submission of Proposal | **Office of the Chief Engineer, Drainage, Cuttack - 753003** Mode of Submission: **Speed Post / Registered Post / Courier** only to the address as specified above during the office hour only. Submission of bid through any other mode and late bid will be rejected. |
| 14 | Venue for Opening of Technical and Financial Proposal | **Office of the Chief Engineer, Drainage, Gandarpur, Cuttack - 753003** |

1. The authority reserves the right to cancel the process of selection of consultants without assigning any reason thereof. The authority is no way will be responsible for any postal delay. The bids received after due date shall not be considered for evaluation.
2. All other details are available in the website of **www.dowrorissa.gov.in.**

**Chief Engineer, Drainage**
**OIPR-32076/11/0003/2223**

## ODISHA PUBLIC SERVICE COMMISSION, CUTTACK

## NOTICE

**No.3782/ P.S.C., Dt.21.4.22**

**(2PE-06-21/22) (DR-I)**

**No.D-26:** It is for information of all concerned that, pursuant to Advt. No. 09 of 2021-22, **46 (Forty six)** candidates bearing following PPSAN have been allowed to face the interview to determine their eligibility for recruitment to the post of **Assistant Professor, Teacher Education (Political Science).** The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack-753001 on 05.05.2022, 06.05.2022 & 07.05.2022 as per the Programme mentioned below.

**PROGRAMME OF INTERVIEW**

| Date | Time of Interview | PPSAN of candidates |
|---|---|---|
| **05.05.2022** | 10.30 A.M. | 00086670, 00031599, 00096516, 00077575,00094550,00112257,00111972, 00112516, 00112354,00097602 **= 10 candidates** |
| | 02.45 P.M. | 00090493, 00112206, 00023135, 00093719, 00089016, 00112474 **= 06 candidates** |
| **06.05.2022** | 10.30 A.M. | 00031424,00095419,00112653, 00097757,00112554,00111212,00091797, 00060969, 00086891,00096188 **= 10 candidates** |
| | 02.45 P.M. | 00111071, 00050554, 00112451,00112856,00088938 **= 05 candidates** |
| **07.05.2022** | 10.30 A.M. | 00112176, 00093699, 00074648, 00112595, 00090248,00112487, 00051478, 00112693,00081596,00094130 **= 10 candidates** |
| | 02.45 P.M. | 00045793, 00100226, 00065853,00111786, 00042533 **= 05 candidates** |

**Note: -** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission half an **hour before the commencement of interview** on the scheduled date & time as mentioned above.

THE CANDIDATES ARE FURTHER ADVISED TO BRING THREE SETS OF XEROX COPIES OF PUBLISHED RESEARCH PAPERS AS EARLIER PRODUCED DURING VERIFICATION.

**NOTE:- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

**Sd./- Secretary**
**OIPR-12002/11/0030/2223**

## ODISHA PUBLIC SERVICE COMMISSION, CUTTACK

## NOTICE

**No.3789/ P.S.C., Dt.21.4.22**

**PE-1E-11-2021/22 (DR-III)**

**No.D-25:** It is for information of all concerned that, 58 (Fifty-eight) candidates bearing following PPSAN have been called for the physical verification of original certificates/ documents to determine their eligibility and suitability for recruitment to the post of **Post Graduate Teacher in Statistics** for 17 nos. of stand-alone Government Higher Secondary Schools, pursuant to Advt. No.24 of'2021-22. The document verification shall be held in office of the Commission at 19, DR. P.K. Parija Road, Cuttack as per the following programme detailed below :

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of candidates |
|---|---|---|
| **06.05.2022** | 10.30 A.M. | 00038794, 00109191, 00076782, 00125692, 00108883, 00114086, 00038916, 00122136,00079318, 00109139, 00109155, 00114140, 00125754,00118008,00091652,00109062 & 00108689 **= 17 candidates** |
| | 02.30 P.M. | 00122171,00109276,00109512,00109295,00108807,00126683, 00108806, 00104683, 00109240, 00102861, 00122555 & 00090209 = **12 candidates** |
| **07.05.2022** | 10.30 A.M. | 00103950, 00109021, 00108872, 00122865, 00098923, 00018861, 00114320, 00132126, 00022580 , 00123271, 00109067, 00034865, 00077178, 00109467, 00131027, 00109317 & 00125436, **= 17 candidates** |
| | 02.30 P.M. | 00015818, 00060178, 00068816, 00064885, 00125679, 00115062, 00042322, 00109316, 00108706, 00119304, 00083091 & 00031206 **= 12 candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below :-

1. Hard copy of the online application form;
2. Three recent passport size photographs;
3. Duly filled in and attested **"Attestation Form"** and duly filled in **"Bio-data Form"** (to be downloaded from the website of the Commission).
4. HSC or equivalent certificate in support of declaration of age issued by the concerned Board/Council;
5. Post-Graduation certificate/Master's Degree in the subject concerned in respect of educational qualification prescribed;
6. B.Ed, certificate;
7. Mark-sheets in support of all the Examinations (HSC, Intermediate/+2, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University;
8. Degree or Diploma certificate in Computer Application in respect of educational qualification prescribed;
9. Odia Test pass certificate;
10. Caste Certificate claim as S.T./S.C./S.E.B.C. wherever applicable;
11. Permanent Disability Certificate (including percentage of permanent disability i.e. 40% and more);
12. Ex-Servicemen are required to attach copy of Discharge Certificate issued by the Commanding Officer of the Unit last served. They must submit an affidavit undertaking that he/she has not been appointed against any civil post after retirement from military service, wherever applicable;
13. Sports Persons certificate issued by the Director of Sports Odisha;
14. Any proof of Identity.

**NOTE** — It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**Sd./- Secretary**
**OIPR-12002/11/0029/2223**

## OFFICE OF THE PANCHAYAT SAMITI, SAHARPADA

**At/P.O.- Saharpada, Dist.- Keonjhar, PIN - 758016, E-Mail id: ori-saharpada@nic.in**

## TENDER CALL NOTICE No. 1/2022-23

**No. 1734** **Date: 19.04.2022**

No. i-08: The Block Development Officer, Saharpada invites sealed percentage rate bid on behalf of Governor of Odisha from registered and eligible civil contractors of the State PWD (R&B)/Water Resource/Rural Works/M.I./C.P.W.D. conformity with the DTCN are invited from the **"C"/ "B"/ "A"** Class contractors for execution of works under Panchaayat Samiti, Saharpada as detailed in **Annexure-I**. The tender document **(DTCN & BOQ)** can be obtained from district **NIC Website (www.kendujhar.nic.nic)** from **Dt.21.04.2022 to 08.05.2022 till 1.00 P.M.** The tender document **(DTCN & BOQ)** duly signed by the Contractors should be accompanied with the self attested photo copy of valid GST Clearance Certificate, PAN Card, Registration Certificate and requisite EMD in shape of Demand Draft drawn in favour of BDO, Saharpada" payable at "Keonjhar" from any Nationalized Bank and NSC/KVP/Time Deposit duly pledged. the tender document **(DTCN & BOQ)** should accompanied with requsite tender paper cost in shape of Demand Draft drawn in favour of BDO, Saharpada" payable at "Keonjhar" from any Nationalized Bank. The tenders will be received upto **Dt.09.05.2022** till **1.00 P.M.** and addressed to O/o. Block Development Officer, Saharpada, Keonjhar - 758016 through **Registered/Speed Post only**. The tender is scheduled to be opened on **Dt.10.05.2022 at 11.00 A.M.** at Block Conference Hall, O/o. the Block Development Officer, Saharpada, Keonjhar - 758016 in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/credentials. The detail terms and conditions can be seen at **NIC Website (www.kendujhar.nic.in)**. The name of the work should be written on the **top of the envelope**. The undersigned reserves the right to cancel the tender without assigning any reason thereof.

**ANNEXURE - I**

| Sl. No. | Name of the work | Scheme | Est. Cost put to tender in Rs. | EMD | Cost of Tender Paper in Rs. | Period of Completion & Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Const. of PHC building at Baikala under Saharpada Block for the year 2022-23 | NHM | 6011620.00 | 60200.00 | 10000.00 | 9 Months/ B & A Class Contractor |
| 2 | Const. of Sub Center Building at Silipada under Saharpada Block for the year 2022-23 | NHM | 2110537.00 | 21200.00 | 6000.00 | 6 Months/ C & B Class Contractor |

**OIPR-19120/11/0002/2223** **Sd./- Block Development Officer, Saharpada**

## ପ୍ରଥମ ପୃଷ୍ଠାରୁ...

### ୨୫ରୁ ପ୍ରଚଣ୍ଡ...

ସୂଚନା ଅନୁଯାୟୀ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୪୦.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କଟକ ୪୧, ଅନୁଗୋଳ ୪୨.୧, ବାରିପଦା ୪୧, ଝାରସୁଗୁଡ଼ା ୪୦.୩, ସମ୍ବଲପୁର ୪୦.୫, ସୁନ୍ଦରଗଡ଼ ୪୦, ତାଳଚେର ୪୦.୩, ଭବାନୀପାଟଣା ୪୦, ବଲାଙ୍ଗୀର ୪୧, ଟିଟିଲାଗଡ଼ ୪୦.୪, ସୋନପୁର ୪୦.୭, ବୌଦ୍ଧ ୪୧.୫, ପାରଳାଖେମୁଣ୍ଡି ୪୧, ଭଦ୍ରକ ୪୦.୫, ଯାଜପୁର ୪୦.୨, ଢେଙ୍କାନାଳ ୪୧.୫, ଦେବଗଡ଼ ୪୧.୫, ନୂଆପଡ଼ା ୪୦.୨, ଜଗତ୍‌ସିଂହପୁରରେ ୪୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ତାତି ଆହୁରି କଲବଲ କରିବ। କେତେକ ଜିଲାରେ ସ୍ଥିତି ଅସମ୍ଭାଳ ହେବ ବୋଲି ପୂର୍ବାନୁମାନ କରାଯାଇଛି। ରାଜ୍ୟକୁ ସାମୁଦ୍ରିକ ବାୟୁ ପ୍ରବାହ ବନ୍ଦ ହୋଇଯାଇଛି। ଉତ୍ତର-ପଶ୍ଚିମ ଦିଗରୁ ଗରମ ବାୟୁ ଓଡ଼ିଶାକୁ ପ୍ରବେଶ କରୁଛି। ଗତ କିଛିମାସ ହେବ ଟୋପାଏ ବର୍ଷା ନ ଥିବାରୁ ମାଟିର ଆର୍ଦ୍ରତା ମଧ୍ୟ ନାହିଁ। ଆକାଶ ମେଘମୁକ୍ତ ରହିବା ସହ ଝଡ଼ବର୍ଷାର ମଧ୍ୟ କୌଣସି ସୂଚନା ନାହିଁ। ଏସବୁ ଦୃଷ୍ଟିରୁ ଆସନ୍ତା ସପ୍ତାହେ ଯାଏ ଗରମରୁ ନିସ୍ତାର ମିଳିବ ନାହିଁ ବୋଲି ପାଣିପାଗ ବିଶାରଦ ମତ ଦେଇଛନ୍ତି। ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ସମୟରେ ଆଭ୍ୟନ୍ତରୀଣ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୬ ଡିଗ୍ରୀକୁ ଛୁଇଁବା ବେଳେ ଉପକୂଳ ଓଡ଼ିଶାରେ ୪୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୫ ତାରିଖରେ ସୁବର୍ଣ୍ଣପୁର, ବୌଦ୍ଧ ଓ ବଲାଙ୍ଗୀର, ୨୬ରେ ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ମୟୂରଭଞ୍ଜ ଏବଂ ୨୭ ତାରିଖରେ ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ମୟୂରଭଞ୍ଜ ଓ କଳାହାଣ୍ଡି ଜିଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ଏ ସମସ୍ତ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ୩ ଦିନ ଧରି ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ବଢ଼ିବ। ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏ ଘରୁ ପଦାକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଜରୁରୀ କାର୍ଯ୍ୟ ଥିଲେ ସାଙ୍ଗରେ ପାଣି ବୋଲତ ସହିତ ମୁଣ୍ଡକୁ କପଡ଼ାରେ ଭଲ ଭାବେ ଘୋଡ଼ାଇ ରଖିବାକୁ କୁହାଯାଇଛି।

### ୫ ରାଜ୍ୟ ଶୋଷୁଛନ୍ତି...

ଥିବାବେଳେ ଏବେ ସେହି ସ୍ଥାନ ମଧ୍ୟପ୍ରଦେଶ ନେଇଥିବା ଜଳଶକ୍ତି ମନ୍ତ୍ରଣାଳୟର ଫ୍ଲାଗ୍‌ଶିପ୍ ଯୋଜନା ଜଳ ଜୀବନ ମିଶନର ଜଣେ ଅଧିକାରୀ କହିଛନ୍ତି। ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ଡାଟା ଅନୁସାରେ, ୨୦୦୪ରୁ ୨୦୨୦ ମଧ୍ୟରେ ଉକ୍ତ ୫ ରାଜ୍ୟ ୨୪.୩୭ ବିଲିୟନ କ୍ୟୁବିକ୍ ମିଟର(ବିସିଏମ୍) ଜଳ ବ୍ୟବହାର କରିସାରିଛନ୍ତି। ଏହି ରାଜ୍ୟଗୁଡ଼ିକର ବାର୍ଷିକ ହାରାହାରି ଗ୍ରାଉଣ୍ଡ ୱାଟର ଖର୍ଚ୍ଚ ୧୮.୦୯ ବିସିଏମ୍‌ରୁ ୨୭.୩୧ ବିସିଏମ୍‌କୁ ବୃଦ୍ଧି ପାଇଛି। ଅର୍ଥାତ ଉକ୍ତ ୫ ରାଜ୍ୟର ବାର୍ଷିକ ହାରାହାରି ଜଳ ବ୍ୟବହାର ୫୭୬ ମିଲିୟନ କ୍ୟୁବିକ୍ ମିଟର ବଢ଼ିଛି। ଭୂତଳ ଜଳ ଶୋଷିବାରେ ଦିଲ୍ଲୀ, ହରିୟାଣା, ପଞ୍ଜାବ ଏବଂ ରାଜସ୍ଥାନ ମଧ୍ୟ ବେଶ୍ ଆଗରେ। ଏଠାରେ ବାର୍ଷିକ ଯେତିକି ଭୂତଳ ଜଳ ନିଷ୍କାସନ କରାଯାଉଛି ତାହାଠାରୁ ଅଧିକ ଏହି ରାଜ୍ୟଗୁଡ଼ିକ ଖର୍ଚ୍ଚ କରୁଛନ୍ତି। ଅର୍ଥାତ ଭୂତଳ ଜଳର ଶତପ୍ରତିଶତ ବ୍ୟବହାର ପରେ ଉକ୍ତ ୪ ରାଜ୍ୟ ଅନ୍ୟ ଉତ୍ସ ଉପରେ ନିର୍ଭର କରୁଛନ୍ତି। ହିମାଚଳ ପ୍ରଦେଶ, ତାମିଲନାଡୁ, ଉତ୍ତରପ୍ରଦେଶ ସମେତ ଚଣ୍ଡୀଗଡ଼ ଏବଂ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟବହାର କରୁଥିବା ପାଣିର ୭୦ରୁ ୧୦୦% ଭୂତଳ ଜଳ। ବଳକା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହାର ପରିମାଣ ୭୦%ରୁ କମ୍ ରହିଛି। ଡାଇନାମିକ୍ ଗ୍ରାଉଣ୍ଡ ୱାଟର ରିସୋର୍ସେସ୍‌ର ୨୦୧୭ ଆକଳନ ଅନୁଯାୟୀ, ବାର୍ଷିକ ୪୩୨ ବିସିଏମ୍ ଭୂତଳ ଜଳ ସୃଷ୍ଟି ହେଉଥିବାବେଳେ ସେଥିରୁ ୩୯ ବିସିଏମ୍ ପ୍ରାକୃତିକ ଭାବେ ନିଷ୍କାସିତ ହୋଇଯାଇଥାଏ। ତେଣୁ ସମଗ୍ର ଦେଶରେ ମୋଟ ୩୯୩ ବିସିଏମ୍ ପାଣିକୁ ଭୂତଳରୁ ବାହାର କରି ବ୍ୟବହାର କରାଯାଇପାରିବ। ୨୦୧୭ରେ ଦେଶରେ ୨୪୮.୬୯ ବିସିଏମ୍ ଗ୍ରାଉଣ୍ଡ ୱାଟର ଖର୍ଚ୍ଚ ହୋଇଥିଲା। ଏହାର ୮୯% ବା ୨୨୧.୪୬ ବିସିଏମ୍ ଚାଷରେ ଲାଗିଥିବାବେଳେ ମାତ୍ର ୨୭.୨୪ ବିସିଏମ୍ ଘରୋଇ ଏବଂ ଶିଳ୍ପକ୍ଷେତ୍ରରେ ବ୍ୟବହାର ହୋଇଥିଲା।

ବିଶ୍ୱସ୍ତରରେ ପିଇବା ପାଇଁ ବ୍ୟବହାର ହେଉଥିବା ପାଣିର ଅଧା ଭୂତଳ ଜଳ ଉତ୍ସରୁ ଆସିଥାଏ। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ (ସିଜିଡବ୍ଲୁବି) ଆକଳନ ଅନୁସାରେ, ଚାଷରେ ବ୍ୟବହାର ହେଉଥିବା ପାଣିର ୬୨% ଭୂତଳ ଜଳ ପୂରଣ କରିଥାଏ। ସେହିପରି ଗ୍ରାମୀଣ ଜଳଯୋଗାଣରେ ଆବଶ୍ୟକ ପଡୁଥିବା ପାଣିର ୮୫ ଭାଗ ଏବଂ ସହରାଞ୍ଚଳ ଜଳଯୋଗାଣର ୫୦ ଭାଗ ପାଇଁ ଭୂତଳ ଜଳ ଉତ୍ସ ବ୍ୟବହାର କରାଯାଏ।

### ବୋହୂଙ୍କ ଫୋନ୍...

ଡକାୟତମାନଙ୍କଠାରୁ କାକଟପୁର ଡକାୟତି ମାମଲାରେ ୨ଟି ବାଇକ୍, ଗୋଟିଏ ପିସ୍ତଲ ଓ ଖୋକା, ୨ଟି ମୋବାଇଲ, ଭୁଜାଲି ଆଦି ଜବତ ହୋଇଥିବା ବେଳେ ୧୨୦ ଗ୍ରାମ୍ ସୁନା, ୮. ୩୦୦ ଗ୍ରାମ୍ ରୁପା ଅଳଙ୍କାର, ୨ଟି ଜୀବନ୍ତ ଗୁଳି, ୧୦ଟି ମୋବାଇଲ ଫୋନ, ନଗଦ ୯୧,୫୦୦ ଟଙ୍କା, ହନୁମାନ ଛବି ଥିବା ୨ଟି ପୁରୁଣା ପଇସା, ଗୋଟିଏ ପଲସର ବାଇକ୍ ଜବତ ହୋଇଛି। ସେହିପରି ନିଆଳି ଥାନା ଅନ୍ତର୍ଗତ ଚାରିଗାଁର ଭାବଗ୍ରାହୀ ମହାରଣାଙ୍କ ଘରୁ ଗତ ୮ ତାରିଖ ରାତିରେ ଡକାୟତି ମାମଲାରେ ଅଭିଯୁକ୍ତଙ୍କଠାରୁ ଗୋଟିଏ ପିସ୍ତଲ, ୧୪.୫ ଗ୍ରାମ୍‌ର ସୁନା, ୩୦୦ ଗ୍ରାମ୍‌ର ରୁପା, ଗୋଟିଏ କାର, ଗୋଟିଏ ବାଇକ୍ ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି।

ଏହି ଦୁଇ ମାମଲାରେ କେନ୍ଦ୍ରାପଡ଼ା ଜିଲାରୁ ୮ଜଣଙ୍କ ମଧ୍ୟରୁ ଟାଉନ ଥାନା ଅନ୍ତର୍ଗତ ଗଉଡପଡ଼ା ଗାଁର ସେକ୍ ଲତିଫଙ୍କ ନାମରେ ବିଭିନ୍ନ ରାଜ୍ୟର ଥାନାରେ ୩୪ଟି ମାମଲା ରହିଛି। ସେହିପରି ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ବାଲିପାଟଣା ଗାଁର ସୁଶାନ୍ତ ସାହୁ ଓରଫ ଲିପୁଙ୍କ ନାମରେ ବିଭିନ୍ନ ରାଜ୍ୟରେ ୫୪ଟି ମାମଲା ରହିଛି। ଏଥିସହ କଟକ ଜିଲାରୁ ଜଣେ, ଗଞ୍ଜାମ ଜିଲାରୁ ଜଣଙ୍କୁ ଗିରଫ ହୋଇଛନ୍ତି। ଏହି ଚୋରି ସାମଗ୍ରୀ ରଖିଥିବା ଅଭିଯୋଗରେ ୮ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ବିଭିନ୍ନ ମାମଲାରେ ଛନ୍ଦି ହୋଇଛନ୍ତି। ଅପ୍ରମୟୀଙ୍କ ଏହି ସାହସିକତାକୁ ଏସ୍‌ପି ସମ୍ପଦ ପ୍ରଶଂସା କରିବା ସହ ପରିବାରର ସମସ୍ତ ସଦସ୍ୟଙ୍କୁ ଜିଲା ପୋଲିସ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହ ଅପ୍ରମୟୀଙ୍କ ଭଳି ସାଧାରଣ ଲୋକ ସାହସିକତା ଦେଖାଇବାକୁ ଆହ୍ୱାନ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏଏସ୍‌ପି ଅନିରୁଦ୍ଧ ବେହେରା, କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ତନ୍ତିଆପାଳ ଆଇଆଇସି ମହେଶ୍ୱର ସେଠୀ, ନିଆଳି ଆଇଆଇସି କାଦମ୍ବିନୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

**ହସ, ଖୁସି, ଦୁଃଖ ଭଳି ରାଗ ବା କ୍ରୋଧ ମଧ୍ୟ ଏକ ପ୍ରକାରର ମାନସିକ ସ୍ଥିତି। ଏହାକୁ ମଣିଷର ବଡ଼ ଶତ୍ରୁ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ନିୟନ୍ତ୍ରଣ ରକ୍ଷା ନ କରିପାରିଲେ ଅଧିକ ରାଗ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରଭାବ ପକାଇଥାଏ...**



# ଭଲ ନୁହେଁ ବେଶି ରାଗ

କେବେକେବେ କୌଣସି କାରଣରୁ ସଭିଙ୍କ ମନରେ କ୍ରୋଧ ସୃଷ୍ଟି ହୋଇଥାଏ। ଏହା କିଛି ସମୟ ମଧ୍ୟରେ ଶାନ୍ତ ବି ହୋଇ ଯାଇଥାଏ। ହେଲେ କେତେକଙ୍କ କ୍ଷେତ୍ରରେ ଏହି ରାଗ ବିଭିନ୍ନ ସମସ୍ୟା ସୃଷ୍ଟି କରିଥାଏ। ରାଗରେ ଆସବାବପତ୍ର ଭଙ୍ଗାରୁଜାଠୁ ଆରମ୍ଭ କରି କିଏ ଖାଇବା ପିଇବା ଛାଡ଼ିଦିଅନ୍ତି ତ ଆଉ କିଏ ଘର ସମ୍ପୂର୍ଣ୍ଣ ଛାଡ଼ିବା, ଏମିତିକି ମୁଣ୍ଡ ପିଟିବା, ହାତ କାଟିବା ଏବଂ ଆତ୍ମହତ୍ୟା ଭଳି କାର୍ଯ୍ୟ କରିବାକୁ ପଛାନ୍ତି ନାହିଁ। ତେବେ ଅଧିକ ରାଗିବା ଦ୍ୱାରା ବ୍ଲଡ୍‌ପ୍ରେସର ବଢ଼ିବା ଏବଂ ହାର୍ଟ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ। ଏ ତ ଗଲା ରାଗରେ ନିଜକୁ କ୍ଷତି ପହଞ୍ଚାଇବା କଥା। ସେହିପରି ଆଉ କେତେଜଣ ରାଗରେ କାହାକୁ କଟୁ ବଚନ ଶୁଣାଇ ମାନସିକ ଆଘାତ ଦେବାଠୁ ଆରମ୍ଭ କରି ଗାଳି କରିବା, ଗଣ୍ଡଗୋଳ, ମାର୍‌ପିଟ ଏବଂ ହତ୍ୟା କରିବାକୁ ବି ପଛାନ୍ତି ନାହିଁ। ନିଜ ଭିତରେ ଥିବା ଏହି କ୍ରୋଧ ନାମକ ଶତ୍ରୁ ଯେ, ନିଜ ସହ ଅନ୍ୟମାନଙ୍କୁ ବି କ୍ଷତି ପହଞ୍ଚାଉଛି ସେ ଦିଗରେ ସେମାନେ ଅବଗତ ନ ଥା'ନ୍ତି। ତେଣୁ କୌଣସି କାରଣରୁ ରାଗ ଆସୁଥିଲେ ଏହାକୁ ଶାନ୍ତ କରିବା ଲାଗି କେତେକ ଉପାୟ ଆପଣେଇବା ଆବଶ୍ୟକ...





**ଜରୁରୀ ନିୟନ୍ତ୍ରଣ:** ଅତ୍ୟଧିକ ରାଗ ଆସୁଥିଲେ ପ୍ରଥମେ ଏହାର କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ନଚେତ୍ ରାଗ କମିବା ପରିବର୍ତ୍ତେ ବଢ଼ିବ ଏବଂ ଆପଣ ଏଭଳି କିଛି କାର୍ଯ୍ୟ କରି ବସିବେ, ଯଦ୍ୱାରା ନିଜ ସହ ଅନ୍ୟମାନେ ବି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସବୁଠୁ ଭଲ ବାକ୍ ସଂଯମ:** ଅନେକ ସମୟରେ ଦେଖାଯାଏ ରାଗରେ କାହା କାହା ପାଟିରୁ ଏଭଳି କଥା ବାହାରିଆସେ, ଯାହାକି ଅନ୍ୟକୁ ମାନସିକ ଆଘାତ ପହଞ୍ଚାଇ ଥାଏ। ତେଣୁ ରାଗିଥିବା ସମୟରେ କାହାକୁ କିଛି ନ କହି ନୀରବ ରହିବା ବୁଦ୍ଧିମତ୍ତାର କାମ।

**କରନ୍ତୁ ସ୍ଥାନ ପରିବର୍ତ୍ତନ:** ରାଗ ଲାଗୁଥିବା ସମୟରେ ସ୍ଥାନ ପରିବର୍ତ୍ତନ କରିନେବା ଭଲ। ଏହା ଦ୍ୱାରା କିଛି ସମୟ ନିଜର ଧ୍ୟାନ ରାଗରୁ ହଟିଯାଇଥାଏ ଏବଂ ମନ ଶାନ୍ତ ହୋଇଯାଏ।

**ଶୁଣନ୍ତୁ ମ୍ୟୁଜିକ୍:** ଏଥିରେ ରହିଛି ଏକ ଯାଦୁକରି ଶକ୍ତି। ରାଗ ଲାଗୁଥିବା ବେଳେ କିଛି ସମୟ ଗୀତ ଶୁଣିବା ମାତ୍ରେ ମନ ହାଲୁକା ଲାଗେ। ଯେଉଁଥିପାଇଁ ବର୍ତ୍ତମାନ ଏହାକୁ ଏକ ଥେରାପି ଭାବେ ମଧ୍ୟ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ବ୍ୟବହାର କରାଯାଉଛି।

**ଆପଣାନ୍ତୁ ଆଙ୍ଗର ମ୍ୟାନେଜ୍‌ମେଣ୍ଟ ଥେରାପି:** ଯଦି ଆପଣ ଅଧିକାଂଶ ସମୟରେ ରାଗୁଛନ୍ତି ଅବା ରାଗ ସମୟରେ ନିଜେ କହୁଥିବା କଥା ଉପରେ ନିୟନ୍ତ୍ରଣ ହରାଇ ସଭିଙ୍କ ଅପ୍ରିୟ ସାଜୁଥିବା ଅନୁଭବ କରୁଛନ୍ତି, ତେବେ ଆଙ୍ଗର ମ୍ୟାନେଜ୍‌ମେଣ୍ଟ ଥେରାପି ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ରାଗ ଆସିଲେ ୧୦୦ରୁ ୧ ପର୍ଯ୍ୟନ୍ତ ଓଲଟା ଗଣନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଧ୍ୟାନ ଏଥିରେ କେନ୍ଦ୍ରିତ ହେବା ସହ ରାଗ ଶାନ୍ତ ହୋଇଯିବ।

## କ'ଣ କରନ୍ତି ଏମାନେ...



**ଉଦିତ ନାରାୟଣ ଷଡ଼ଙ୍ଗୀ** (କର୍ମଜୀବୀ, ଭୁବନେଶ୍ୱର)- କେତେବେଳେ ରାଗେ ନିଜେ ବି ଜାଣିପାରେନି। କିଛି ସମୟ ପରେ ଧୀରେ ଧୀରେ ମୋ ରାଗ ଶାନ୍ତ ହୋଇଯାଏ। ହେଲେ ନିଜର ରାଗ କେବେବି ଅନ୍ୟ ଉପରେ ଶୁଝାଏନି। ରାଗ ଲାଗିବା ସମୟରେ ନିଜ ମନକୁ ଶାନ୍ତ କରିବା ଲାଗି ଟିଭି ଦେଖେ, ଲାପ୍‌ଟପ ଚଲାଏ, ଫୋନ୍‌ରେ ଗେମ ଖେଳେ। ନଚେତ୍ ଭାଇ ଭଉଣୀଙ୍କ ସହ କଥା ହୋଇ ମୁଡ୍ ଠିକ୍ କରିନିଏ। ରାଗିବା ବେଳେ ଖାଇବା ପିଇବାରେ ଆଦୌ ଅବହେଳା କରେନି।



**କୁମାରଜିତ ଶତପଥୀ** (କର୍ମଜୀବୀ, ସାଲେପୁର, କଟକ)- ଚାହୁଁଥିବା ଜିନିଷ ଯଦି ନ ମିଳେ, ମୁଖ୍ୟତଃ ଖାଇବା ଜିନିଷ ନ ମିଳିଲେ ରାଗିଯାଏ। ଛୋଟ ଛୋଟ କଥାକୁ ନେଇ ବି ବେଳେବେଳେ ମନରେ ରାଗ ଆସେ। ରାଗ ସମୟରେ ଯେପରି ପାଟିରୁ କୌଣସି ଏଭଳି କଥା ନ ବାହାରିଯାଉ, ଯାହାକି ଅନ୍ୟକୁ ମାନସିକ ଆଘାତ ଦେବ ସେଥିପାଇଁ କୌଣସି ଏକାନ୍ତ ଜାଗାକୁ ଯାଇ କିଛି ସମୟ ବିତାଏ। ମ୍ୟୁଜିକ୍ ବି ଶୁଣେ। ଗାଁରେ ଥିଲାବେଳେ ସାଙ୍ଗମାନଙ୍କ ସହ ବି କଥା ଶେୟାର କରେ, ବାଇକ୍‌ରେ ବାହାରକୁ ବୁଲିବାକୁ ଯାଏ ଓ ମନକୁ ଶାନ୍ତ କରାଏ।

## ଜାଣନ୍ତୁ ଦୁନିଆ

# ଘାନା

**ପଶ୍ଚିମ ଆଫ୍ରିକୀୟ ଦେଶ ଘାନା ରିପବ୍ଲିକ ଅଫ୍ ଘାନା ନାମରେ ମଧ୍ୟ ବେଶ୍ ପରିଚିତ। ଆକ୍ରା ଏହି ଦେଶର ବୃହତ୍ ସହର ଏବଂ ରାଜଧାନୀ ମଧ୍ୟ। ଇଂଲିଶ୍ ଏଠାକାର ସରକାରୀ ଭାଷା ହୋଇଥିବା ବେଳେ ପ୍ରାୟ ୬୭% ଲୋକ ଏହି ଭାଷାରେ କଥା ହୋଇଥା'ନ୍ତି। ଏଠାକାର ପ୍ରାୟ ୭୧.୩% ଲୋକ ଖ୍ରୀଷ୍ଟ ଧର୍ମାବଲମ୍ବୀ। ତେବେ ଜାଣନ୍ତୁ ଏହାର ଆଉ କିଛି ରୋଚକ ତଥ୍ୟ ସମ୍ପର୍କରେ...**





➔ସୁନା ଉତ୍ପାଦନରେ ଘାନା ଆଫ୍ରିକା ମହାଦେଶର ଦ୍ୱିତୀୟ ବୃହତ୍ ଦେଶ ଏବଂ ବିଶ୍ୱର ସପ୍ତମ ବୃହତ୍ ଦେଶ ଭାବେ ପରିଚିତ। ୨୦୧୬ ମସିହାରେ ୨.୩୯ ବିଲିୟନ୍ ସୁନା ଏଠାରେ ଉତ୍ପାଦନ ହୋଇଥିଲା। ଖାଲି ସୁନା ନୁହେଁ, ହୀରା ମଧ୍ୟ ଏଠାରେ ପ୍ରଚୁର ପରିମାଣରେ ମିଳେ।

➔କୋକା ହେଉଛି ଏହାର ଏକ ମୁଖ୍ୟ ଦ୍ରବ୍ୟ, ଯାହା ବହୁ ପରିମାଣରେ ଏଠାରେ ଉତ୍ପାଦନ ହୁଏ ଏବଂ ବାହାର ଦେଶକୁ ରପ୍ତାନି ହୋଇଥାଏ। ମୁଖ୍ୟ ଦ୍ରବ୍ୟ ମଧ୍ୟରେ ରହିଛି କୋକା ବିନ୍ସ, କୋକା ପେଷ୍ଟ, କୋକା ବଟର୍ ଇତ୍ୟାଦି।

➔ବିଶ୍ୱର ବୃହତ୍ ଆର୍ଟିଫିସିଆଲ୍ ରିଜର୍‌ଭର୍ "ଲେକ୍ ଭୋଲ୍ଟା" ଏଠାରେ ଥିବା ଅକ୍‌ସୋମ୍ବୋ ଡ୍ୟାମ୍ ମଧ୍ୟରେ ରହିଛି, ଯାହାର କ୍ଷେତ୍ରଫଳ ୮,୫୦୨ ସ୍କୋୟାର୍ କିଲୋମିଟର ।

➔୨୦୧୮ ମସିହାରେ ହୋଇଥିବା "ଗ୍ଲୋବାଲ୍ ପିସ୍ ଇନ୍‌ଡେକ୍ସ" ସର୍ଭେରୁ ଜଣାପଡ଼ିଛି ଯେ, ଶାନ୍ତିର ଦେଶ ଭାବେ ଘାନା ଆଫ୍ରିକା ମହାଦେଶରେ ୪ର୍ଥ ଏବଂ ପୃଥିବୀର ୪୧ତମ ସ୍ଥାନରେ ରହିଛି। ଅନ୍ୟ ଦେଶଗୁଡ଼ିକ ସିଭିଲ୍ ୱାର୍ ସମୟରେ ଯେତେବେଳେ ଯୁଦ୍ଧରେ ମାତିଥିଲେ, ସେତେବେଳେ ଘାନା ଶାନ୍ତିର ଆହ୍ୱାନ ଦେଇଥିଲା।

➔କେଜେଟିଆ ମାର୍କେଟ୍ ବା କୁମାସି ସେଣ୍ଟ୍ରାଲ ମାର୍କେଟ ହେଉଛି ଆଫ୍ରିକାର ସବୁଠୁ ବଡ଼ ଓପନ୍ ଏୟାର୍ ମାର୍କେଟ, ଯାହା ଘାନାରେ ଅବସ୍ଥିତ। ଏହି ଓପନ୍ ଏୟାର୍ ମାର୍କେଟରେ ସୁନା, ହୀରା ମଧ୍ୟ ବିକ୍ରି କରାଯାଏ।

➔ଏଠାରେ ପ୍ରାୟ ୬ଟି ଜାତୀୟ ପାର୍କ ରହିଛି। କାକୁମ୍ ଜାତୀୟ ପାର୍କ ହେଉଛି ଏକ ପ୍ରମୁଖ ପାର୍କ, ଯେଉଁଠି ୬୫୦ ପ୍ରକାରର ପ୍ରଜାପତିଙ୍କୁ ଆପଣ ଦେଖିବାକୁ ପାଇବେ।

➔ପୃଥିବୀର ପଛୁଆ ଏବଂ ଦ୍ରୁତ ଚାଲୁଥିବା ବ୍ୟକ୍ତି ହେଉଛନ୍ତି ଫେର୍‌ଡାଇ ଆବୋଡ୍, ଯିଏ ଘାନାର ଅଧିବାସୀ ଅଟନ୍ତି। ୧୯୮୩ ମସିହାରେ ମାତ୍ର ୧୨.୭ ସେକେଣ୍ଡରେ ସେ ୧୦୦ ୟାର୍ଡ ପଛୁଆ ଚାଲି ୱାର୍ଲ୍ଡ ରେକର୍ଡ଼ କରିଛନ୍ତି।

## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ପିଓର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ଲାଣ୍ଟ...... ରାଜ୍ୟରେ କାର୍ଯ୍ୟକାରୀ କରାଯାଇଛି ?

୨– ନ୍ୟାଶନାଲ୍ ମେଟାଲର୍ଜିଷ୍ଟ ଆୱାର୍ଡ ୨୦୨୧ ......... ପକ୍ଷରୁ ଆୟୋଜନ କରାଯାଇଥିଲା ?

୩– ପୃଥିବୀର ସବୁଠୁ ଅଧିକ ରେୟାର୍ ଆର୍ଥ ମ୍ୟାଟେରିଆଲ୍ ଉତ୍ପାଦନ କରୁଥିବା ଦେଶ....... ?

୪– ସାମ୍ବାଦିକମାନଙ୍କ ଲାଗି ........... ରାଜ୍ୟ ସରକାରଙ୍କ ପକ୍ଷରୁ 'ପତ୍ରକାର କଲ୍ୟାଣ କୋଷ' କାର୍ଯ୍ୟକାରୀ କରାଯାଇଛି ?

୫– ........... ନଦୀକୁ ଫାଦର ଅଫ୍ ଆଫ୍ରିକାନ୍ ରିଭର ବୋଲି କୁହାଯାଏ ?

## ଗତ ଥରର ଉତ୍ତର

୧ ଗୁଜରାଟ

୨ ଚାଇନା

୩ ନୂଆଦିଲ୍ଲୀ

୪ ଆୱାର ପ୍ଲାନେଟ୍, ଆୱାର ହେଲ୍‌ଥ

୫ ରିକି କେଜ୍ ଏବଂ ଫାଲ୍‌ଗୁନୀ ଶାହ

## ଉତ୍ତରଦାତା



ପୁଣ୍ୟତୋୟା ବିଶ୍ୱାଳ, ଭଦ୍ରକ



କିଶୋର ପାଣି, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଦ୍ରୁତ ବେଗରେ ଉଡ଼ୁଥିବା ପକ୍ଷୀ



୧– ପେରେଗ୍ରାଇନ୍ ଫାଲ୍‌କନ୍................................ ୩୮୯ କିମି. ପ୍ରତି ଘଣ୍ଟା

୨– ଗୋଲ୍ଡେନ୍ ଇଗଲ................................ ୨୪୦–୩୨୦ କିମି. ପ୍ରତି ଘଣ୍ଟା

୩– ହ୍ୱାଇଟ୍-ଥ୍ରୋଟେଡ୍ ନିଡିଲ୍‌ଟେଲ୍......... ୧୬୯ କିମି. ପ୍ରତି ଘଣ୍ଟା

୪– ୟୁରାସିଆନ୍ ହବି......... ୧୬୦ କିମି. ପ୍ରତି ଘଣ୍ଟା

୫– ଫ୍ରିଗେଟ୍ ବାର୍ଡ......... ୧୫୩ କିମି. ପ୍ରତି ଘଣ୍ଟା

୬– ରକ୍ ଡୋଭ୍......... ୧୪୮.୯ କିମି. ପ୍ରତି ଘଣ୍ଟା

୭– ସ୍ପର୍-ୱିଙ୍ଗଡ ଗୁଜ୍......... ୧୪୨ କିମି. ପ୍ରତି ଘଣ୍ଟା

୮– ରେଡ୍-ବ୍ରେଷ୍ଟେଡ୍ ମର୍‌ଗାନ୍ସର.......................... ୧୨୯ କିମି. ପ୍ରତି ଘଣ୍ଟା

୯– ଗ୍ରେ- ହେଡେଡ୍ ଆଲ୍‌ବାଟ୍ରସ୍.......................... ୧୨୭ କିମି. ପ୍ରତି ଘଣ୍ଟା

୧୦– ଆନ୍ନାସ୍ ହମିଙ୍ଗ ବାର୍ଡ.......................... ୯୮.୨୭ କିମି. ପ୍ରତି ଘଣ୍ଟା

## ୟୁଥ୍ ଫ୍ୟାଶନ

# ବେଲ୍ଟ ଫ୍ୟାଶନ୍

**ଅଧିକାଂଶ ଯୁବତୀଯୁବକ ଜିନ୍ସ କିମ୍ବା ଟ୍ରାଉଜର୍ ପିନ୍ଧିବାବେଳେ ଠିକ୍ ଫିଟ୍ ରହିବା ଲାଗି ବେଲ୍ଟ ପିନ୍ଧିଥା'ନ୍ତି। ହେଲେ ଏବେ ବେଲ୍ଟ କେବଳ ୱେଷ୍ଟର୍ନ ଡ୍ରେସ୍ ଛଡ଼ା ଟ୍ରାଡିଶନାଲ୍ ପାଇଁ ଅଧିକ ବ୍ୟବହାରରେ ଆସୁଛି। ଯୁବକମାନଙ୍କର କୁର୍ତ୍ତା ବା ଫର୍ମାଲ ହେଉ କିମ୍ବା ଯୁବତୀମାନଙ୍କର ଶାଢ଼ି, ଡ୍ରେସ, ସ୍କର୍ଟ କିମ୍ବା କୁର୍ତ୍ତି ସବୁଥିରେ ଏହାକୁ ଟିମ୍‌ଅପ୍ କରି ଷ୍ଟାଇଲିସ୍ ଲୁକ୍ ପାଇପାରିବେ....**



**ଫ୍ୟାନ୍ସି ବେଲ୍ଟ:** କୌଣସି ପାର୍ଟି କିମ୍ବା ଇଭେଣ୍ଟ ଆଟେଣ୍ଡ କରିବାକୁ ଯାଉଥିଲେ ଏଇ ବେଲ୍ଟ ଟ୍ରାଏ କରନ୍ତୁ। ଫ୍ୟାନ୍ସି ବେଲ୍ଟରେ ଫର୍ମାଲ କିମ୍ବା ଡାର୍କ କଲର୍ ଡ୍ରେସ୍ ଟିମ୍‌ଅପ୍ କରନ୍ତୁ। ଏହା ଆପଣଙ୍କୁ ଷ୍ଟାଇଲୁକ୍ ଦେବ।

**ଫ୍ୟାବ୍ରିକ୍ ବେଲ୍ଟ:** ସିମ୍ପୁଲ୍ ଲୁକ୍‌ରେ ଏହି ବେଲ୍ଟ ଟ୍ରାଏ କରନ୍ତୁ। କୌଣସି ଟ୍ରିପ୍ କିମ୍ବା ପିକ୍‌ନିକ୍‌ରେ ଯାଉଥିଲେ ଏହାକୁ ବ୍ୟବହାର କରିପାରିବେ। ଲାଇଟ୍ କଲର ଟପ୍, ଡ୍ରେସ୍ କିମ୍ବା ହ୍ୱାଇଟ୍ ଶାର୍ଟ ସହ ମ୍ୟାଚ୍ କରି ପିନ୍ଧିପାରିବେ।



**ବ୍ଲାକ୍ କୋର୍ସେଟ୍ ବେଲ୍ଟ :** ଏହି ବେଲ୍ଟ ୱେଷ୍ଟର୍ନ ଲୁକ୍ ପାଇଁ ପରଫେକ୍ଟ। ଲଙ୍ଗ୍ ଶାର୍ଟ କିମ୍ବା ଟି-ଶାର୍ଟ, ଗାଉନ୍ କିମ୍ବା ସ୍କର୍ଟ ସହ ପିନ୍ଧିଲେ ୟୁନିକ୍ ଲୁକ୍ ପାଇପାରିବେ।

**ବକ୍‌ଲେଟ୍ ବେଲ୍ଟ :** ଏହି ବେଲ୍ଟକୁ ଆପଣ ସବୁପ୍ରକାର ପୋଷାକରେ ପିନ୍ଧିପାରିବେ। ଶାଢ଼ି କିମ୍ବା ଏଥ୍‌ନିକ୍ ଡ୍ରେସ୍‌ଠାରୁ ଆରମ୍ଭ କରି ମଡର୍ନ ସବୁ ପ୍ରକାର ପୋଷାକ ସହ କ୍ୟାରି କଲେ ଟ୍ରେଣ୍ଡି ଲାଗିବେ।

**ବେଲ୍ଟ ବ୍ୟାଗ୍:** ଏହି ବେଲ୍ଟକୁ ଯୁବକ କିମ୍ବା ଯୁବତୀ ଉଭୟ ବ୍ୟବହାର କରିପାରିବେ। ଅଫିସ୍ ହେଉ କିମ୍ବା କୌଣସି ଟ୍ରିପ୍‌ରେ ଯାଉଛନ୍ତି, ତେବେ ଏହାକୁ କ୍ୟାରି କରିପାରିବେ। ଏହି ବେଲ୍ଟରେ ବ୍ୟାଗ୍ ଆଟାଚ୍ ହୋଇ ଆସିଥାଏ। ସେଥିରେ ଆପଣ ଚାହିଁଲେ ମୋବାଇଲ୍ କିମ୍ବା ଟଙ୍କା ରଖି କ୍ୟାରି କରିପାରିବେ।

# ମୃତ୍ୟୁର କାରଣ ର୍‍ୟାଗିଂ: ପରିବାର




ଭୀମଭୋଇ ମେଡିକାଲ କଲେଜ ଡିନ୍‌ଙ୍କ ସହ ମୃତ ଡାକ୍ତରୀ ଛାତ୍ରଙ୍କ ପରିବାର ଆଲୋଚନା କରୁଛନ୍ତି(ବାମ) ମୃତ ଛାତ୍ର ନିଶାନ୍ତ କୁମାର।

**ବଲାଙ୍ଗୀର ଅଫିସ, ୨୩।୪**

**ଭୀମଭୋଇ ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ମୃତ୍ୟୁ ଘଟଣା**

- ସିନିୟର ଛାତ୍ର ଦେଉଥିଲେ ଅଶ୍ଳୀଳ ଗାଳି, ମାନସିକ ନିର୍ଯାତନା
- ମାତାପିତାଙ୍କୁ ଫୋନ୍‌ରେ ଜଣାଇଥିଲେ ର୍‍ୟାଗିଂ କଥା
- ର୍‍ୟାଗିଂ ଅଭିଯୋଗକୁ ମେଡିକାଲ କଲେଜ ଡିନ୍‌ଙ୍କ ଖଣ୍ଡନ

ବଲାଙ୍ଗୀର ଭୀମଭୋଇ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷ ଏମ୍‌ବିବିଏସ୍ ଛାତ୍ର ନିଶାନ୍ତ କୁମାର(୧୯)ଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଶନିବାର ପୀଡ଼ିତ ପରିବାର ଲୋକେ ସାଂଘାତିକ ଅଭିଯୋଗ ଆଣିଛନ୍ତି। କଲେଜର ସିନିୟର ଛାତ୍ରମାନଙ୍କ ର୍‍ୟାଗିଂ, ମାନସିକ ନିର୍ଯାତନା ଓ ଅଶ୍ଳୀଳ ଗାଳି ହିଁ ନିଶାନ୍ତଙ୍କ ମୃତ୍ୟୁର କାରଣ ବୋଲି ତାଙ୍କ ମାତାପିତା ଶନିବାର ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। କଲେଜରେ ଆଣ୍ଟିର୍‍ୟାଗିଂ ସ୍କ୍ୱାଡ୍ କାମ କରୁ ନ ଥିବା, ଏଠାରେ ପ୍ରଶାସନିକ ଅବହେଳା ଓ ଅବ୍ୟବସ୍ଥା ଗମ୍ଭୀର ସ୍ଥିତିରେ ଥିବା ଅଭିଯୋଗ କରିଥିଲେ। ଶୁକ୍ରବାର ଅପରାହ୍ନରେ ଏହି କଲେଜ କ୍ୟାମ୍ପସର ବାଳକ ଛାତ୍ରାବାସର ୫ମ ମହଲାରୁ ଖସିପଡ଼ି ନିଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ଗତ ୧୧ ତାରିଖରେ ହରିୟାଣା ପ୍ରଦେଶ କରନାଲର ନିଶାନ୍ତଙ୍କୁ ତାଙ୍କ ମାତାପିତା ଭୀମଭୋଇ ମେଡିକାଲ କଲେଜ ଛାତ୍ରାବାସର ରୁମ୍ ନମ୍ବର ୩୧୨ରେ ଛାଡ଼ି ଫେରିଥିଲେ। ଏହାର ୧୦ ଦିନ ପରେ ନିଶାନ୍ତଙ୍କ ମୃତ୍ୟୁରେ ଛାତ୍ରଙ୍କ ପରିବାର ଭାଙ୍ଗିପଡ଼ିଛନ୍ତି।

ନିଶାନ୍ତଙ୍କ ମୃତ୍ୟୁ ଖବର ପାଇବା ପରେ ହରିୟାଣାରୁ ତାଙ୍କ ବାପା ପ୍ରଫେସର ଡ. କ୍ରିଷ୍ଣ କୁମାର, ମା' ସନ୍ତୋଷ ଦେବୀ, ଦୁଇମାମୁ ରାମକିଶନ ଓ ରବିନ୍ଦର, ମାଉସୀ ରୋଶନୀ ଦେବୀ ଶନିବାର ଅପରାହ୍ନରେ ଗନ୍ଧରେଲସ୍ଥିତ ଭୀମଭୋଇ ମେଡିକାଲ କଲେଜ କ୍ୟାମ୍ପସରେ ପହଞ୍ଚିଥିଲେ। ସେମାନେ ନିଶାନ୍ତ ରହୁଥିବା ଛାତ୍ରାବାସର ରୁମ୍ ନମ୍ବର ୩୧୨କୁ ଯାଇଥିଲେ। ପୂର୍ବାହ୍ନରେ ସାଇଣ୍ଟିଫିକ୍ ଟିମ୍ କରିଥିବା ଛାନଭିନ୍ ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସହ ଆଲୋଚନା କରିଥିଲେ। ଏହାପରେ କଲେଜ ଡିନ୍ ପ୍ରଫେସର ଡା. ସବିତା ମହାପାତ୍ରଙ୍କୁ ଭେଟିଥିଲେ। ଏହି ମେଡିକାଲ କଲେଜରେ ସିନିୟର ଛାତ୍ରମାନେ ନୂଆକରି ଆସୁଥିବା ପ୍ରଥମ ବର୍ଷ ଛାତ୍ରଙ୍କୁ ର୍‍ୟାଗିଂ କରୁଥିବା ଅଭିଯୋଗ କରିଥିଲେ। ଗତ ୧୦ ଦିନ ଭିତରେ ତାଙ୍କ ପୁଅ ଉପରେ ସିନିୟର ଛାତ୍ରମାନେ କିଭଳି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା, ରାତି ୧୨ଟାରେ ଖୋଲାପଡିଆକୁ ଡାକିନେଇ ଦୀର୍ଘ ସମୟ ଧରି ବସି ରହିବାକୁ କହୁଥିଲେ ଓ ର୍‍ୟାଗିଂ କଥା ପ୍ରଘଟ କଲେଜ ମାଡ଼ ମରାଯିବ ବୋଲି ଧମକ ଦେଇଥିବା ଅଭିଯୋଗ କରିଥିଲେ। ହଷ୍ଟେଲ ରୁମ୍‌ର ଲାଇଟ୍ ଲିଭାଇ ରହିବା ଘଟଣାକୁ ନେଇ ସିନିୟର ଛାତ୍ରମାନେ ନିଶାନ୍ତଙ୍କୁ ଧମକ ଦେଇଥିବା କହିଥିଲେ। ସିନିୟର କଲେଜ ଛାତ୍ରଙ୍କ ଭିତରେ ଚାଲିଥିବା କ୍ରିକେଟ ମ୍ୟାଚ୍ ଦେଖି ଯିବାକୁ ଜୁନିୟର ଛାତ୍ରଙ୍କୁ ବାଧ୍ୟ କରୁଥିବା ଅଭିଯୋଗ କରିଥିଲେ। କଳାରଙ୍ଗର ଜୋତା ପିନ୍ଧିବାକୁ ନିଶାନ୍ତଙ୍କୁ କୁହାଯାଇଥିଲା। ବିଳମ୍ବିତ ରାତିରେ ହଷ୍ଟେଲ ରୁମ୍‌ରୁ ନିଶାନ୍ତ ଓ ଅନ୍ୟ ଜୁନିୟର ଛାତ୍ରଙ୍କୁ ସିନିୟର ଛାତ୍ରମାନେ ଖୋଲାପଡିଆକୁ ଡାକିନେଇ ସେଠାରେ ନିର୍ଯାତନା ଓ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ, ହଷ୍ଟେଲ ୱାର୍ଡେନ, ଡିନ୍ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ କରିଥିଲେ। କଲେଜ କ୍ୟାମ୍ପସ୍ ଏଭଳି କି ହଷ୍ଟେଲ ରୁମ୍‌ରେ ଛାତ୍ରମାନେ ମଦ ପିଇବା ଓ ନିଶା କାରବାର କରୁଥିଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରିଥିଲେ। ଏହି କଲେଜର ଆଣ୍ଟିର୍‍ୟାଗିଂ ସ୍କ୍ୱାଡ୍ କ'ଣ କରୁଛି ବୋଲି ପ୍ରଶ୍ନ କରିଥିଲେ। ହଷ୍ଟେଲ ୱାର୍ଡେନଙ୍କୁ ଫୋନ୍ କଲେ ସେ ଫୋନ୍ ଉଠାଇ ନ ଥିବା ଅଭିଯୋଗ କରିଥିଲେ। ତାଙ୍କ ପୁଅକୁ ଏଠାରେ ହତ୍ୟା କରାଯାଇଛି ବୋଲି ଶୋକରେ ଅଧିର ମାତାପିତା ଅଭିଯୋଗ କରିଥିଲେ। ଫୋନ୍ ଯୋଗେ ଏହି ର୍‍ୟାଗିଂ ବିଷୟରେ ସେ ପିତାମାତାଙ୍କୁ ଜଣାଇଥିବା କହିଥିଲେ। ତେବେ କଲେଜ କ୍ୟାମ୍ପସରେ ର୍‍ୟାଗିଂ ଅଭିଯୋଗକୁ ଡିନ୍ ଡା. ମହାପାତ୍ର ଖଣ୍ଡନ କରିଛନ୍ତି। ଆଣ୍ଟିର୍‍ୟାଗିଂ ସ୍କ୍ୱାଡ୍ ରହିଛି ଓ କୌଣସି ଛାତ୍ର କିମ୍ବା ଅଭିଭାବକ ର୍‍ୟାଗିଂ ସମ୍ପର୍କରେ ଅଭିଯୋଗ କରି ନ ଥିବା ଡିନ୍ କହିଥିଲେ। ଆଲୋଚନା ସମୟରେ ସଦର ଏସ୍‌ଡିପିଓ ବାଗ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ, ଟାଉନ୍ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ ଉପସ୍ଥିତ ଥିଲେ। ପରେ ପୀଡ଼ିତ ପରିବାର ସଦସ୍ୟ ଓ ପୋଲିସ ଟିମ୍ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଯାଇ ଶବାଗାରରେ ରଖାଯାଇଥିବା ନିଶାନ୍ତଙ୍କ ମୃତଦେହ ଦେଖିଥିଲେ।

# ନ୍ୟାୟ ବ୍ୟବସ୍ଥାର ଭାରତୀୟକରଣ ହେଉ: ସିଜେଆଇ




**ଚେନ୍ନାଇ,୨୩।୪(ଆଇଏଏନ୍ଏସ୍)**

ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଦେଶର ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଭାରତୀୟକରଣ ହେବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ଶନିବାର କହିଛନ୍ତି। ଅଦାଲତର ବିଚାର ପ୍ରକ୍ରିୟା ଓ କାର୍ଯ୍ୟ ସହ ଲୋକମାନେ ସମ୍ପୃକ୍ତ ହେବା ଓ ଏହାକୁ ବୁଝିବା ଆବଶ୍ୟକ। ମାମଲାର ଅଗ୍ରଗତି ଓ ଉଦ୍ୟମ ସେହି ଅନୁଯାୟୀ ହେବା କଥା। ବିବାହ ଉତ୍ସବରେ ବ୍ରାହ୍ମଣ ପଢୁଥିବା ମନ୍ତ୍ରକୁ ଅଧିକାଂଶ ବୁଝି ନ ଥାନ୍ତି। ନ୍ୟାୟ ପ୍ରଦାନ ବ୍ୟବସ୍ଥା ସେଭଳି ହେବା ଉଚିତ ନୁହେଁ ବୋଲି ସିଜେଆଇ ମତ ଦେଇଛନ୍ତି।

ମାଡ୍ରାସ ହାଇକୋର୍ଟରେ ଏକ ଶିଳାନ୍ୟାସ ଉତ୍ସବରେ ଉଦ୍‌ବୋଧନ ଦେଇ ଜଷ୍ଟିସ୍ ରମନା କହିଥିଲେ, ଭାରତୀୟମାନେ ଅସୁବିଧାରେ ପଡ଼ିଲେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥାନ୍ତି। କୋର୍ଟ ଦ୍ୱାରା ଅଧିକାରର ସୁରକ୍ଷା ହେବ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ରହିଥାଏ। ନ୍ୟାୟପାଳିକା କାର୍ଯ୍ୟରେ କିପରି ଉନ୍ନତି ଘଟିବ ଏବଂ ଏହା ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ନ୍ୟାୟିକ ଆବଶ୍ୟକତା ପୂରଣ କରିପାରିବ ସେନେଇ ଚିନ୍ତା କରାଯିବା ଜରୁରୀ। ସେଥିପାଇଁ ସେ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଭାରତୀୟକରଣର ଦୃଢ଼ ସମର୍ଥକ ବୋଲି ସିଜେଆଇ କହିଛନ୍ତି। ତାଙ୍କ ମତରେ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ଭାରତୀୟକରଣ ଅର୍ଥ ଏହା ଦେଶର ଜନସାଧାରଣଙ୍କୁ ଉପକୃତ କରିବା ସହ ଏହାର ବହୁବିଧ ଅବଧାରଣା ରହିବ। ଏଥିରେ ସମସ୍ତଙ୍କର ସମ୍ପୃକ୍ତ ରହିବା ସହ ବିଚାର ପ୍ରକ୍ରିୟାରେ ଲୋକମାନେ ଭାଗନେବାର ସୁଯୋଗ ପାଇବେ। ସେହିପରି ଭାଷା ପ୍ରତିବନ୍ଧକ ଦୂର ହେବା ସହ ନ୍ୟାୟ ପ୍ରକ୍ରିୟାରେ ସଂସ୍କାର ଅଣାଯିବା ଆବଶ୍ୟକ। ଅଦାଲତଗୁଡ଼ିକରେ ଖାଲିସ୍ଥାନ ପୂରଣ ହେବା ସହ ଭିତ୍ତିଭୂମିର ବିକାଶ ଜରୁରୀ ବୋଲି ଜଷ୍ଟିସ୍ ରମନା କହିଛନ୍ତି। ଜାତୀୟ ଅଦାଲତ ଉନ୍ନୟନ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ନ୍ୟାୟିକ ଭିତ୍ତିଭୂମି କର୍ତ୍ତୃପକ୍ଷ ଗଠନ ଲାଗି ସେ ଭାରତ ସରକାରଙ୍କୁ ବିସ୍ତୃତ ପ୍ରସ୍ତାବ ଦେଇଥିଲେ, ଯାହା ବିଚାରାଧୀନ ରହିଛି। ବିଚାରପତି ସଂଖ୍ୟା ବଢ଼ାଯିବା ସହ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ କରିବା ଲାଗି ମଧ୍ୟ ସରକାରଙ୍କୁ ପୂର୍ବରୁ ପ୍ରସ୍ତାବ ଦେଇଥିଲେ।

# ଚାଷ, ଚାଷୀଙ୍କ ସ୍ଥିତି ସୁଦୃଢ଼କୁ ଗୁରୁତ୍ୱ

**କଟକ ଅଫିସ, ୨୩।୪**

**ଏନ୍ଆର୍ଆର୍ଆଇର ପ୍ରତିଷ୍ଠା ଦିବସ**

କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ(ଏନ୍ଆର୍ଆର୍ଆଇ)ର ପ୍ରତିଷ୍ଠା ଦିବସ ଓ ଧାନ ଦିବସ ଶନିବାର ସ୍ଥାନୀୟ ଅଡିଟୋରିୟମରେ ପାଳିତ ହୋଇଯାଇଛି। ଏଥିରେ ବାରାମତିର ରାଷ୍ଟ୍ରୀୟ ଅଜୈବିକ ଚାପ ପ୍ରବଧନ ସଂସ୍ଥାନର ନିର୍ଦ୍ଦେଶକ ଡ. ହିମାଂଶୁ ପାଠକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜମି, ଜଳ, ପରିବେଶକୁ ସୁରକ୍ଷିତ ରଖି କୃଷି ଉତ୍ପାଦନ ବୃଦ୍ଧି କରିବା ସହ ଚାଷୀମାନଙ୍କର ଆର୍ଥିକ ସ୍ଥିତି ସୁଦୃଢ଼ ଉପରେ ଗୁରୁତ୍ୱାରୋପ କରିଥିଲେ। କୃଷକ ଓ କୃଷି ସହିତ ଜଡିତ ବ୍ୟକ୍ତି ଆଗକୁ ଆସି କୃଷି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିବା ଉଚିତ ବୋଲି ସେ କହିଥିଲେ। ସଂସ୍ଥାନର ପୂର୍ବତନ ନିର୍ଦ୍ଦେଶକ ଡ. ଦୀପଙ୍କର ମାଇତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି କ୍ଷେତ୍ରରେ ଆଗକୁ ଆସୁଥିବା ସମସ୍ୟା ଓ କୃଷକମାନେ ଉନ୍ନତ କିସମର ବୀଜ ପାଇବା ଉପରେ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଡ. ପଦ୍ମିନୀ ସ୍ୱାଇଁ ଯୋଗଦେଇ ସଂସ୍ଥାନ ଦ୍ୱାରା ବିକଶିତ ନୂତନ ଧାନ କିସମ ବିଷୟରେ କହିଥିଲେ। ଏହି ସଭାରେ ଓଡ଼ିଶା, ଆସାମ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶର ଶତାଧିକ ଚାଷୀ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି, ୨୬ ଜଣ ଅବସରପ୍ରାପ୍ତ କର୍ମଚାରୀ, ଉତ୍କୃଷ୍ଟ କାମ କରିଥିବା ୧୪ କର୍ମଚାରୀ, ୪ ମେଧାବୀ ଛାତ୍ର ଓ ୨୧ ଜଣ ଅଗ୍ରଣୀ କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ କୃଷକ ଏବଂ ବୈଜ୍ଞାନିକ ଆଲୋଚନାଚକ୍ର, କୃଷିଭିତ୍ତିକ ପତ୍ରିକା ଉନ୍ମୋଚନ ଓ କ୍ଷେତ୍ର ପରିଦର୍ଶନ ଭଳି କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ସଂସ୍ଥାନରେ କାର୍ଯ୍ୟ କରୁଥିବା କର୍ମଚାରୀ, ଛାତ୍ର ଓ କୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ. ଜି.ଏ.କେ. କୁମାର ସଭା ପରିଚାଳନା ଓ ଏସ୍.କେ. ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଦର୍ଶନୀରେ ସିଫା, ଓୟୁଏଟି ଓ କୃଷି ବିଜ୍ଞାନ କେନ୍ଦ୍ରର ଷ୍ଟଲ ପଡିଥିଲା।

# ଟେଣ୍ଟ ମାଲିକଙ୍କୁ ହତ୍ୟା କଲେ ଡିଜେ ମାଲିକ



ଅଭିଯୁକ୍ତମାନଙ୍କ ଗିରଫ ଦାବିରେ ବେଗୁନିଆ ଛକରେ ମୃତକଙ୍କ ପରିବାର ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**ଗୋପ,୨୩।୪(ଡି.ଏନ.ଏ)**

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାଲିକନ୍ଦଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହିଂସାକାଣ୍ଡ ଘଟିଛି। ବର ଶୋଭାଯାତ୍ରାରେ ଡିଜେ ଗାଡ଼ି ଯିବାବେଳେ ଅନ୍ୟ ଏକ ଭୋଜିରେ ଲାଗିଥିବା ଟେଣ୍ଟ କପଡ଼ା ଲାଗି ଚିରିଯିବାରୁ ଟେଣ୍ଟ ମାଲିକ ଓ ଡିଜେ ମାଲିକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଡିଜେ ମାଲିକ ଓ କର୍ମଚାରୀମାନେ ଉତ୍ତ୍ୟକ୍ତ ହୋଇ ବିଭିନ୍ନ ମାରଣାସ୍ତ୍ରରେ ଟେଣ୍ଟ ମାଲିକଙ୍କୁ ଆକ୍ରମଣ କରି ହତ୍ୟା କରିଛନ୍ତି। ମୃତକ ହେଲେ ଗୋପ ଥାନା ଅଧୀନ ଏରବଙ୍ଗ ଗ୍ରାମର ପପୁ ପ୍ରଧାନ(୨୨)। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ୪ଜଣଙ୍କ ନାମରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୨୫/୨୨) ରୁଜୁ କରି ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅପରପକ୍ଷେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଦାବିରେ ଶନିବାର ମୃତକଙ୍କ ପରିବାର ସମେତ ଶତାଧିକ ମହିଳା ପୁରୁଷ ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକରେ ୭ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ନିମାପଡ଼ା ଥାନା ଅଞ୍ଚଳର ଏକ ବର ଶୋଭାଯାତ୍ରାରେ ଡିଜେ ବଜାଇ ଗୋପର ବେଦପୁର ଗ୍ରାମକୁ ଆସୁଥିଲା। ହେଲେ ବାଲିକନ୍ଦଳ ଗ୍ରାମ ରାସ୍ତା ଦେଇ ଶୋଭାଯାତ୍ରା ଆସୁଥିବା ବେଳେ ଡିଜେ ଗାଡ଼ିଟି ସେଠାରେ ବିବାହ କାର୍ଯ୍ୟରେ ଲାଗିଥିବା ଟେଣ୍ଟରେ ଲାଗି କପଡ଼ା ଚିରିଯାଇଥିଲା। ଏହାପରେ ଡିଜେ ଗାଡ଼ି ଚାଲିଯାଇଥିବା ବେଳେ ପରେ ଟେଣ୍ଟ ଲଗାଇଥିବା ଲୋକେ କପଡ଼ା ଚିରିଥିବା ଜାଣି ଉକ୍ତ ବିବାହ କାର୍ଯ୍ୟକୁ ଯାଇ ଭଙ୍ଗାରୁଜା କରିଥିଲେ। ଖବରପାଇ ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ପୋଲିସ ଟିମ୍ ସହ ଆସି ବୁଝାଶୁଝା କରିଥିଲେ। ହେଲେ ଡିଜେ ଗାଡ଼ି ଫେରିବା ବେଳେ ଟେଣ୍ଟ ମାଲିକ ପପୁ ବାଟରେ ଗାଡ଼ିକୁ ଅଟକାଇ ଟେଣ୍ଟ କପଡ଼ା ଚିରାକୁ ନେଇ ପାଟିତୁଣ୍ଡ କରିଥିଲେ। ଏଥିରେ ଡିଜେ ମାଲିକ ଓ ତାଙ୍କର କେତେଜଣ କର୍ମଚାରୀ ଉତ୍ତ୍ୟକ୍ତ ହୋଇ ବିଭିନ୍ନ ମାରଣାସ୍ତ୍ରରେ ପପୁଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ମୃତକଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଥିଲା। ଏହି ଘଟଣାକୁ ନେଇ ଶନିବାର ମୃତକଙ୍କ ପରିବାର ଓ ଗ୍ରାମବାସୀ ସକାଳ ୭ଟାରୁ ବେଗୁନିଆ ଛକରେ ରାସ୍ତା ଅବରୋଧ କରିଥିଲେ। ପରେ ଭାଜପା ନେତ୍ରୀ ପ୍ରଭାତି ପରିଡ଼ା ଓ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ମଧ୍ୟ ଆସି ସମର୍ଥନ କରିଥିଲେ। ଏଥିଯୋଗୁ ଉଭୟ ପଟୁ ଯାତାୟାତ କରୁଥିବା ଲୋକେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଥିଲେ। ପ୍ରାୟ ୭ଘଣ୍ଟା ପରେ ଅପରାହ୍ନ ୨ଟାରେ ଜିଲା ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ନିମାପଡ଼ା ଡିଏସ୍‌ପି ଦେବାଶିଷ ମିଶ୍ର, ପିପିଲି ଡିଏସ୍‌ପି ଦେବଦୂତ ବରାଳ, କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ଗୋପ ଥାନାଧିକାରୀ କାଳନ୍ଦୀ ବେହେରା ପ୍ରମୁଖ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଗୋପ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ା ପହଞ୍ଚି ରେଡ୍‌କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ଦେଇଥିଲେ। ଅନ୍ୟପଟେ ପୋଲିସ ଡିଜେ ଗାଡି ସହିତ ବରଯାତ୍ରୀ ଆସିଥିବା ୧୩ ଖଣ୍ଡ ଗାଡ଼ିଗୁଡ଼ିକୁ ଜବତ କରିଥିବା ବେଳେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ଲାଗି ଚଢ଼ାଉ ଜାରି ରଖିଛି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୦,୮୯,୧୧,୫୭୪ | ୬୨,୪୧,୩୯୦ | ୪୬,୧୨,୫୯,୧୦୧ |
| ଭାରତ | ୪,୩୦,୫୪,୯୫୨ | ୫,୨୨,୧୪୯ | ୪,୨୫,୧୭,୭୨୪ |
| ଓଡ଼ିଶା | ୧୨,୮୭,୯୮୦ | ୯୧୨୪(+୫୩) | ୧୨,୭୮,୭୨୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

Ministry of Health & Family Welfare
Government of India

ଯକ୍ଷ୍ମା କାହାକୁ ବି ହୋଇପାରେ
ବ୍ୟସ୍ତ ହୁଅନ୍ତୁ ନାହିଁ, ଏହା ସମ୍ପୂର୍ଣ୍ଣ ଆରୋଗ୍ୟସାଧ
ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯକ୍ଷ୍ମା ପାଇଁ ମାଗଣା ନିଦାନ ଓ ଚିକିତ୍ସା ଉପଲବ୍ଧ ଅଟେ
ଅଧିକ ଜାଣିବା ପାଇଁ କଲ୍ କରନ୍ତୁ: 1800-11-6666 (ଟୋଲ୍ ଫ୍ରି)
#ଟିବିମୁକ୍ତଭାରତ

Azadi Ka Amrit Mahotsav
davp 17102/13/0004/2223

# ତଦନ୍ତ ନ କରି ବନ ବିଭାଗ ଚୁପ୍

## ୭ ବିରଳ ହିମାଳୟ ଭାଲୁ ଛୁଆ ଉଦ୍ଧାର ଘଟଣା

ଅସମାପିକା ସାହୁ
ଭୁବନେଶ୍ୱର, ୨୩।୪

ବେଆଇନ ଶିକାର ପାଇଁ ସମଗ୍ର ଏସିଆ ମହାଦେଶରେ ଭାଲୁ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। କିନ୍ତୁ ଓଡ଼ିଶାରେ ବନବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉଥିବା ଦେଖାଯାଉନାହିଁ। ଗତବର୍ଷ ଭୁବନେଶ୍ୱରରୁ ମାତ୍ର ୨୫ କିମି ମଧ୍ୟରେ ଉଦ୍ଧାର ହୋଇଥିବା ୭ ଭାଲୁ ଛୁଆ ସମସ୍ତେ ହିମାଳୟ ଭାଲୁ ବା ଏସିଆଟିକ ବ୍ଲାକ ବିୟର ବୋଲି ଚିହ୍ନଟ ହୋଇଥିଲେ। ଓଡ଼ିଶାରେ ହିମାଳୟ ଭାଲୁ ସହଜରେ ଦେଖାଯାଆନ୍ତି ନାହିଁ କିମ୍ବା ଓଡ଼ିଶାର ଜଳବାୟୁ ତାଙ୍କ ପାଇଁ ଅନୁକୂଳ ନୁହେଁ। ତେଣୁ କେଉଁଠୁ ଓ କିପରି ଏହି ଭାଲୁଛୁଆମାନେ ରାଜଧାନୀ ନିକଟରୁ ଉଦ୍ଧାର ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିଲାବେଳେ ବନବିଭାଗର ନୀରବତା ସମସ୍ତଙ୍କୁ ଚକିତ କରୁଛି।

ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ୨୨ରେ ଭୁବନେଶ୍ୱର ଉପକଣ୍ଠ ପିତାପଲ୍ଲୀରେ ରାସ୍ତା ଉପରେ ୫ ଭାଲୁ ଛୁଆ ବୁଲୁଥିବାବେଳେ ଖବର ପାଇ ହଳଦିଆ ରେଞ୍ଜ ଅଧିକାରୀ ସେମାନଙ୍କୁ ଉଦ୍ଧାର କରିବା ପରେ ଖୋର୍ଦ୍ଧା ରେଞ୍ଜ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲେ। ସେହି ୫ ଭାଲୁ ଛୁଆଙ୍କୁ ରକ୍ଷଣାବେକ୍ଷଣ ପାଇଁ ନନ୍ଦନକାନନ ପଠେଇ ଦିଆଯାଇଥିଲା। ହେଲେ ସେତେବେଳେ ସେହି ଭାଲୁ ଛୁଆଙ୍କୁ ସ୍ଲଥ ବିୟର ବା ଦେଶୀ ଭାଲୁ ବୋଲି ଚିହ୍ନଟ କରାଯାଇଥିଲା। ତେବେ ଏହାର ୫ଦିନ ପରେ ଅର୍ଥାତ୍ ଏପ୍ରିଲ ୨୭ରେ ପୁଣି ଥରେ ଗଡ଼ ଖୋର୍ଦ୍ଧା ଅଞ୍ଚଳରୁ ଆଉ ଦୁଇଟି ସମାନ ପ୍ରଜାତିର ଭାଲୁ ଛୁଆ ଉଦ୍ଧାର ହେଲେ। ଓଡ଼ିଶାରେ ଦେଖା ଯାଉ ନ ଥିବା ୭ଟି ଭାଲୁ ଛୁଆଙ୍କୁ ଦେଶୀ ଭାଲୁ ଛୁଆ ଭାବେ ନନ୍ଦନକାନନରେ ଲାଳନପାଳନ କରାଗଲା। ୯ମାସ ପରେ ଯେତେବେଳେ ଛୁଆଗୁଡ଼ିକ ବଡ଼ ହେଲେ ଏବଂ ସେମାନଙ୍କ ଛାତିରେ ଧଳା ଦାଗ ସ୍ପଷ୍ଟ ଭାବେ ଦେଖାଗଲା ଏବଂ ସେତେବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ସମସ୍ତ ୭ ଭାଲୁଛୁଆ ହିମାଳୟ ଭାଲୁ ବୋଲି ସ୍ପଷ୍ଟ କରିଥିଲେ। ଉଦ୍ଧାର ହୋଇଥିବା ଭାଲୁ ଛୁଆଗୁଡ଼ିକୁ କେହି ଲୋକ ପଞ୍ଜୁରି ସହିତ ରାସ୍ତାରେ ଛାଡ଼ି ଦେଇ ଯାଇଥିଲେ। ତେଣୁ ପାରିପାର୍ଶ୍ୱିକ ସ୍ଥିତିରୁ ସମସ୍ତ ୭ ଭାଲୁ ଛୁଆଙ୍କୁ ଅନ୍ୟ କେଉଁଠୁ ଅଣାଯାଇ ସେଠାରେ ଛଡ଼ା ଯାଇଥିବା ଜଣାପଡ଼ିଥିଲା। ଯାହାକି ଓଡ଼ିଶାରେ ଆଗରୁ କେବେ ହୋଇ ନ ଥିଲା। ବର୍ତ୍ତମାନ ସେହି ଭାଲୁଛୁଆ ହିମାଳୟ ଭାଲୁ ବୋଲି ଚିହ୍ନଟ ହେବା ପରେ ଏହି ଘଟଣାରେ ଆନ୍ତଃରାଜ୍ୟ କିମ୍ବା ଆନ୍ତଃଦେଶ ଅପରାଧୀଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଯାଇଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ୭ଟି ବିରଳ ଭାଲୁଛୁଆ କେଉଁଠୁ ଆସିଲେ, କିଏ ସେମାନଙ୍କୁ ପଞ୍ଜୁରିରେ ରଖିଥିଲେ, ଏହା କେଉଁଠିକି ଯାଇଥାନ୍ତା, ସେ ସମସ୍ତ ବିଷୟରେ ବନ ବିଭାଗ ତଦନ୍ତ ନ କରିବା ଘଟଣାକୁ ନେଇ ବିଶେଷଜ୍ଞମାନେ ସନ୍ଦେହ ପ୍ରକାଶ କଲେଣି। ଏହି ଘଟଣାରେ ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ସେତେବେଳେ ଭାଲୁ ଛୁଆଙ୍କ ଡିଏନ୍ଏ ଟେଷ୍ଟ କରିବା ସହିତ, କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଦାବି କରିଥିଲୁ। ହେଲେ କିଛି ବି ତଦନ୍ତ ହେଲା ନାହିଁ। ଓଡ଼ିଶାରୁ ଏସିଆଟିକ୍ କଳା ଭାଲୁ ମିଳିବା ଏକ ସଂଗଠିତ ଅପରାଧ(ଅର୍ଗାନାଇଜ୍‌ଡ କ୍ରାଇମ୍)। ତେବେ ଏ ନେଇ ପିସିସିଏଫ୍(ବନ୍ୟପ୍ରାଣୀ) ଶଶୀ ପଲ୍ ଏବଂ ଖୋର୍ଦ୍ଧା ଡିଏଫ୍ଓ ପୂର୍ଣ୍ଣିମା ପାଣ୍ଡିଆନଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।



### ଭାଲୁ ଅଙ୍ଗ ବେଆଇନ କାରବାର

ଚାଇନା, ଭିଏତ୍‌ନାମ ଆଦି ଦେଶଗୁଡ଼ିକରେ ପାରମ୍ପରିକ ଔଷଧରେ ଭାଲୁଙ୍କ ପୀତ୍ତ କୋଷ ଏବଂ ହାଡ଼ ବ୍ୟବହୃତ ହେଉଥିବାବେଳେ ସେମାନଙ୍କ ମାଂସ ବିଦେଶୀ ଖାଦ୍ୟ ଶିଳ୍ପର ଏକ ଅଂଶ ଭାବରେ ପରିବେଷଣ କରାଯାଏ। ଲୋକମାନେ ଭାଲୁଖଣ୍ଡ, ଦାନ୍ତ, ଚର୍ମ ଏବଂ ଖପୁରିକୁ ଟ୍ରଫି ଭାବରେ କିଣିବାକୁ ପସନ୍ଦ କରନ୍ତି। କେହି କେହି ଏହାକୁ ଏକ ତାବିଜ ଭାବେ ମଧ୍ୟ ରଖନ୍ତି। ଟ୍ରାଫିକ୍ ୟୁଏସ୍ଏ ୧୯୯୧ ମସିହାର ଏକ ତଥ୍ୟାନୁସାରେ ଗୋଟିଏ ମୃତ ଭାଲୁର ବିଭିନ୍ନ ଅଙ୍ଗକୁ ବିକ୍ରି କଲେ ସେତେବେଳ ସମୟରେ ୧୦ହଜାର ଆମେରିକୀୟ ଡଲାର ବା ଭାରତୀୟ ମୁଦ୍ରାରେ ୨ଲକ୍ଷ ୨୭ ହଜାର ଟଙ୍କା ମିଳୁଥିଲା।

### ଆଇୟୁସିଏନ୍ ରେଡ୍‌ଲିଷ୍ଟରେ ଅସୁରକ୍ଷିତ

ହିମାଳୟ ଭାଲୁ ଏକଦା ଫ୍ରାନ୍ସ, ଜର୍ମାନୀରେ ଦେଖାଯାଉଥିଲେ। ହେଲେ ବର୍ତ୍ତମାନ ଏହାର ନାମ ଅନୁଯାୟୀ କେବଳ ଏସିଆରେ ସୀମିତ। ଏହି ପ୍ରଜାତିର ଭାଲୁ ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, କାମ୍ବୋଡିଆ, ଉତ୍ତର-ପୂର୍ବ ଚାଇନା, ଭାରତ, ଇରାନ, ଜାପାନ, ଦକ୍ଷିଣ କୋରିଆ, ଉତ୍ତର କୋରିଆ, ମ୍ୟାନ୍‌ମାର (ବର୍ମା), ନେପାଳ, ପାକିସ୍ତାନ, ରୁଷିଆ, ତାଇୱାନ, ଥାଇଲାଣ୍ଡ ଏବଂ ଭିଏତ୍‌ନାମ ଆଦି ଦେଶରେ ପ୍ରାକୃତିକ ଅବସ୍ଥାରେ ଦେଖିବାକୁ ମିଳନ୍ତି। ତେବେ ଭାରତରେ ଜମ୍ମୁ କଶ୍ମୀରରୁ ଅରୁଣାଞ୍ଚଳ ପ୍ରଦେଶ ସହିତ ଆସାମ, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ତ୍ରିପୁରା ଆଦି ରାଜ୍ୟର ପାହାଡ଼ିଆ ଅଞ୍ଚଳରେ ଏହି ଭାଲୁ ଦେଖାଯାଇଥାନ୍ତି। ଏହି ପ୍ରଜାତିର ଭାଲୁକୁ ଦି ଇଣ୍ଟରନ୍ୟାଶନାଲ୍ ୟୁନିୟନ ଫର୍ କନ୍‌ଜରଭେଶନ ଅଫ୍ ନେଚର(ଆଇୟୁସିଏନ୍) ରେଡ୍‌ଲିଷ୍ଟରେ ଭଲ୍‌ନରେବଲ ବା ଅସୁରକ୍ଷିତ ବୋଲି ଦର୍ଶାଯାଇଛି। ଏହି ପରିପ୍ରେକ୍ଷୀରେ ୭ ବିରଳ ଭାଲୁ ଛୁଆ କେଉଁଭଳି ଭାବରେ ଓଡ଼ିଶାକୁ ଆସି ପାରିଲେ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ ବନବିଭାଗ ନା ନିଜେ କିଛି ତଦନ୍ତ କଲା ନା ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଏସଟିଏଫ୍‌କୁ ଦାୟିତ୍ୱ ଦେଲା। ସେହି ଭାଲୁଛୁଆ ଭାରତର କେଉଁ ଏକ ରାଜ୍ୟରୁ ଓଡ଼ିଶାକୁ ଆସିଥିଲେ କିମ୍ବା କେଉଁ ଏକ ଇଣ୍ଟରନ୍ୟାଶନାଲ ର୍‍ୟାକେଟ ଜରିଆରେ ଏସିଆର ଅନ୍ୟ କେଉଁ ଦେଶରୁ ଆସିଥିଲେ ତାହା କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଚାହିଁଥିଲେ ନିଜଆଡ୍ରୁ ତଦନ୍ତ କରିପାରିଥାନ୍ତା। କିନ୍ତୁ ସେମିତି କିଛି ହେଲାନାହିଁ।

ଅତି ପୁଷ୍ଟିକର ଅଣ୍ଡା
ବର୍ତ୍ତମାନ ସୁଲଭ ମୂଲ୍ୟରେ
ଜନ ହିତରେ
ଏନଇସିସି ଅଣ୍ଡା ବିକ୍ରେତାଙ୍କୁ ଅନୁରୋଧ କରୁଛୁକି ଦୟାକରି ଡଜନ ପ୍ରତି ଟ.60/- ରୁ ଅଧିକ ନିଅନ୍ତୁ ନାହିଁ
ଅଧିକ ବିବରଣୀ : ଏନ୍ଇସିସି ଓଡ଼ିଶା ମୋବାଇଲ୍ ନଂ
© 7077073444
NECC
NATIONAL EGG CO-ORDINATION COMMITTEE
ଅଣ୍ଡା ଡଜନ ₹ 60/- ମାତ୍ର
ସନ୍‌ଡେ ହୋ ୟା ମନ୍‌ଡେ, ରୋଜ୍ ଖାଓ ଅଣ୍ଡେ

# ଭିଜିଲାନ୍ସ କୋର୍ଟରେ ହାଜର ହେଲେ ଡାବୁଗାଁ ବିଧାୟକ

ଜୟପୁର, ୨୩।୪ (ନି.ପ୍ର.)

ଜୟପୁର ଭିଜିଲାନ୍ସ କୋର୍ଟରେ ଶନିବାର ଡାବୁଗାଁ ବିଧାୟକ ମନୋହର ରନ୍ଧାରି ହାଜର ହୋଇଛନ୍ତି। ବିଧାୟକ ହେବା ପୂର୍ବରୁ ନନ୍ଦାହଣ୍ଡି ବ୍ଲକରେ କ୍ଲର୍କ ସହ ଷ୍ଟୋର ଇନ୍‌ଚାର୍ଜ ଥିବା ସମୟରେ ପ୍ରାୟ ୬ ଲକ୍ଷ ଟଙ୍କା ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ୨୦୦୯ର ଏହି ଅର୍ଥ ହେରଫେର ସମ୍ପର୍କରେ ପୂର୍ବତନ ବିଧାୟକ ସଦନ ନାୟକ ୨୦୧୩ରେ ଜୟପୁର ଭିଜିଲାନ୍ସ କୋର୍ଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ଏହି ମାମଲାରେ ବିଧାୟକ ରନ୍ଧାରି ଭିଜିଲାନ୍ସରେ ହାଜର ହୋଇଥିଲେ। ତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ମାମଲା ଲଢୁଥିବା ତାଙ୍କ ଓକିଲ ଆନନ୍ଦ ରଥ କହିଛନ୍ତି। ଅଭିଯୋଗ ଅନୁଯାୟୀ ରନ୍ଧାରି ୨୦୦୪ରୁ ୨୦୦୯ ମଧ୍ୟରେ ଗୋଦାମ ଦାୟିତ୍ୱରେ ଥିବାବେଳେ ଫୁଡ୍ ଫର୍ ୱାର୍କ ଆବାସ ଯୋଜନାରେ ଲୁହାଛଡ଼, ସିମେଣ୍ଟ ଓ ଚାଉଳ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହି ତଥ୍ୟକୁ ଆଧାରକରି ତତ୍କାଳୀନ ଜିଲାପାଳ ୨୦୦୮ରେ ଅଡିଟ୍ କରାଇବା ସହ ପଞ୍ଚାୟତିରାଜ ବିଭାଗକୁ ଅଡିଟ ପାଇଁ ସୁପାରିସ କରିଥିଲେ। ସରକାରଙ୍କ ଦ୍ୱାରା ଅଡିଟର ପ୍ରଥମ ରିପୋର୍ଟରେ ୫୮.୪୭୫ ଟଙ୍କା ଓ ଦ୍ୱିତୀୟ ରିପୋର୍ଟରେ ୪. ୮୧ ହଜାର ୫୭୭ ଟଙ୍କା ଅନାବଶ୍ୟକ ଖର୍ଚ୍ଚ ଦର୍ଶାଯାଇଛି। ଏସବୁ ତଥ୍ୟକୁ ଆଧାରକରି ସଦନ ନାୟକ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ପ୍ରତିକ୍ରିୟା ନେବାକୁ ଚାହିଁବାରୁ ସେ କିଛି ନ କହି ଦୌଡ଼ି ପଳାଇଥିଲେ।

**ଗଣମାଧ୍ୟମକୁ ଦେଖି ଦୌଡ଼ିଲେ**



ମନୋହର ରନ୍ଧାରି

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

## ସପ୍ତମ ବେତନ କମିଶନ ଅସଙ୍ଗତି

■ ୬୬୨/୪୮୮ କଲେଜ କର୍ମଚାରୀଙ୍କ କ୍ଷୋଭ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ରାଜ୍ୟ ସରକାର ବହୁ ବିଳମ୍ବରେ ୧୦୦ ପ୍ରତିଶତ ଅନୁଦାନପ୍ରାପ୍ତ ୬୬୨ ଓ ୪୮୮ ବର୍ଗ କଲେଜ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସପ୍ତମ ବେତନ କମିଶନ ହାରରେ ବର୍ଦ୍ଧିତ ଦରମା ଦେବାକୁ ଘୋଷଣା କରିଛନ୍ତି। ୨୦୨୧ ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଓଆରଏସ୍‌ପି ରୁଲ୍ ୨୦୧୭ (୭ମ ବେତନ କମିଶନ)କୁ ବିଚାରକୁ ନେଇ ୨୦୧୮ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ହାରରେ ଦରମା ଦେବାକୁ ନିଷ୍ପତ୍ତି ନିଆଯାଇଛି। କେବଳ ଅଧ୍ୟାପକମାନେ ଏହି ନିଷ୍ପତ୍ତିର ଫାଇଦା ନେଉଥିବା ବେଳେ ଡେମୋନଷ୍ଟ୍ରେଟର, ଲାଇବ୍ରେରିଆନ, ପିଇଟି ଓ ଅନ୍ୟ କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା ନେଇ କଲେଜ କର୍ମଚାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଓଆରଏସ୍‌ପି ରୁଲ୍ ୨୦୧୭ ଆଧାରରେ ୨୦୨୨ ଜାନୁୟାରୀ ପହିଲା ହିସାବକୁ ନେଇ ସମସ୍ତ କର୍ମଚାରୀଙ୍କୁ ସମାନ ନ୍ୟାୟ ଦେବାକୁ ନିଷ୍ପତ୍ତି ନେଇଥିବା ବେଳେ କେତେକ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିଜର ବ୍ୟକ୍ତିଗତ ଫାଇଦା ହାସଲ ପାଇଁ କର୍ମଚାରୀମାନଙ୍କୁ ଧୋକା ଦେଇଥିବା କର୍ମଚାରୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସପ୍ତମ ବେତନ କମିଶନରେ ହୋଇଥିବା ପାତରଅନ୍ତର ନୀତିକୁ ପ୍ରତ୍ୟାହାର କରି ୨୦୧୮ ଜାନୁୟାରୀ ପହିଲା ପରିବର୍ତ୍ତେ ୨୦୨୨ ଜାନୁୟାରୀ ପହିଲାକୁ ହିସାବ କଲେ ଷଷ୍ଠ ବେତନ କମିଶନ ଭଳି ଶିକ୍ଷକ ଓ କର୍ମଚାରୀମାନେ ସମାନୁପାତିକ ଭିତ୍ତିରେ ଉପକୃତ ହୋଇପାରିବେ। ଏହି ଅସଙ୍ଗତି ଦୂର କରିବାକୁ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଦେବାକୁ ସଂଘର କର୍ମକର୍ତ୍ତା ଗଦାଧର ଶତପଥୀ, ବିଜୟ କୁମାର କୋଦମା ସିଂ, ବିପିନ ବିହାରୀ ଷଡ଼ଙ୍ଗୀ , ପ୍ରଭାତ ମଙ୍ଗରାଜ, ଆଦିତ୍ୟ ନାୟକ ପ୍ରମୁଖ ଦାବି କରିଛନ୍ତି।

# ସୁଦୃଢ଼ ହେବ ଜନଜାତିଙ୍କ ଆର୍ଥିକ ସ୍ଥିତି: ମୁଖ୍ୟମନ୍ତ୍ରୀ





ଆଦିବାସୀ ମେଳା ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ(ଭର୍ଚୁଆଲ), ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା। ମେଳା ମଞ୍ଚରେ ଆଦିବାସୀ କଳାକାରଙ୍କ ନୃତ୍ୟ ପରିବେଷଣ।

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଆଦିବାସୀ ମେଳା ଆଜି ଏକ ପରମ୍ପରାରେ ପରିଗଣିତ ହୋଇଛି। ଆଦିବାସୀ ସଂସ୍କୃତିକୁ ଭଲ ପାଇବାର ଓ ଅନୁଭବ କରିବାର ଏହା ଏକ ମହାନ ପରମ୍ପରା। ଆଦିବାସୀ ଭଉଣୀଭାଇଙ୍କ ପାଇଁ ଆରମ୍ଭ ହୋଇଥିବା ମେଳା ସେମାନଙ୍କ ଉତ୍ପାଦିତ ଜିନିଷ ଲାଗି ବଜାର ସୃଷ୍ଟି କରିବ। ଜନଜାତିଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏହା ଏକ ଭଲ ପ୍ଲାଟଫର୍ମ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ପ୍ରଦର୍ଶନୀ ପଡ଼ିଆଠାରେ ରାଜ୍ୟସ୍ତରୀୟ ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀକୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ବର୍ଷ ଆମ ଜନଜାତିଙ୍କ ଉତ୍ପାଦିତ ଜିନିଷଗୁଡିକ ବହୁତ ଭଲ ବ୍ୟବସାୟ କରିବା ନେଇ ଦୃଢ଼ ବିଶ୍ୱାସ ରହିଛି। କୋଭିଡ୍ ପାଇଁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ଏହି ମେଳା ପୁଣି ଆରମ୍ଭ ହେବା ସହ ଜନଜୀବନ ସ୍ୱାଭାବିକ ହୋଇଛି। କିନ୍ତୁ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଲେ, ଜନଜାତି ଭଉଣୀଭାଇଙ୍କୁ ସାଂସ୍କୃତିକ ତଥା ସାମାଜିକ ଭାବଧାରାରେ ସଂପୃକ୍ତ କରିବାର ଆଭିମୁଖ୍ୟ ନେଇ ଏପରି ମେଳା ଆୟୋଜିତ ହୋଇଛି। ଜନଜାତିଙ୍କ କଳା ଓ କାରିଗରି ତଥା ସୃଜନଶୀଳ ରୁଚିର ପ୍ରସାର ଏବଂ ସଂରକ୍ଷଣରେ ଏହି ମେଳା ଯଥେଷ୍ଟ ସହାୟକ ହେବ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓଟା, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ୍ ତାପସ କୁମାର ଯୋଗଦେଇ ଆଦିବାସୀ ମେଳା ଓ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଦିବାସୀ ଜର୍ନାଲ, ବାଇଗା ଓ କୋଲି ଜନଜାତି ଉପରେ ଆଧାରିତ ଫଟୋ ହ୍ୟାଣ୍ଡବୁକସ୍, ଏସ୍‌ଟି ଓ ଏସ୍‌ସି ପପୁଲେଶନ୍ ଆନାଲିସିସ୍ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

### ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ପ୍ରଦର୍ଶନୀ ଆରମ୍ଭ

■ ୧୮୭ ଷ୍ଟଲରେ ୧୮ ରାଜ୍ୟର ସାମଗ୍ରୀ

■ ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ଯାଏ ଚାଲିବ ମେଳା

ଏହି ମେଳା ମେ ୨ ତାରିଖ ଯାଏ ପ୍ରତ୍ୟେକ ଦିନ ଅପରାହ୍ନ ୩ଟା ୩୦ରୁ ରାତି ୯ଟା ୩୦ ପର୍ଯ୍ୟନ୍ତ ଖୋଲା ରହିବ। ଚଳିତ ବର୍ଷ ଆଦିବାସୀ ମେଳା ଏବଂ ଜାତୀୟ କଳା ଓ କଳାସାମଗ୍ରୀ ପ୍ରଦର୍ଶନୀରେ ମୋଟ ୧୮୭ ଷ୍ଟଲ ଖୋଲିଛି। ଏଥିମଧ୍ୟରେ ଆଦିବାସୀ ହାଟରେ ୧୦୪ଟି ଷ୍ଟଲ୍ ରହିଛି। ଏଥିରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ସହ ଆଇଟିଡିଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି) ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରୁଛନ୍ତି । ଆଇଟିଡିଏ ଦ୍ୱାରା ୪୪ ଷ୍ଟଲ୍‌ରେ ଜନଜାତି ଏସ୍ଏଚ୍‌ଜିର ମା'ମାନେ ସେମାନଙ୍କ ଉତ୍ପାଦିତ ଓ ସଂଗୃହୀତ ଦ୍ରବ୍ୟ ବିକ୍ରୟ କରୁଛନ୍ତି। ୧୭ ଷ୍ଟଲ୍ ଅଣୁପ୍ରକଳ୍ପ ଅଧୀନ ଜନଜାତି ଏସ୍ଏଚ୍‌ଜିର ମା'ମାନଙ୍କୁ ଆବଣ୍ଟନ କରାଯାଇଛି । ଜାତୀୟ ଜନଜାତି ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ୮୪ ଷ୍ଟଲ ରହିଛି। ଏଥିରେ ଓଡ଼ିଶା ସମେତ ୧୮ ରାଜ୍ୟର ଆଦିବାସୀ କାରିଗର କଳାସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ଏଥିସହ ମିଶନ ଶକ୍ତିର ୨୧ଟି, ଓର୍‌ମାସ୍‌ର ୧୫ ଏବଂ ଟିଡିସିସିର ୨ ଷ୍ଟଲରେ ଜନଜାତି ସାମଗ୍ରୀ ବିକ୍ରୟ କରାଯାଉଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ଗୋଟିଏ ଷ୍ଟଲ୍‌ରେ ଓଡ଼ିଶା ସରକାରଙ୍କ ଜନଜାତି ବିକାଶ କାର୍ଯ୍ୟକ୍ରମ ସହିତ ଜନଜାତିଙ୍କ ଜୀବନଶୈଳୀ ଓ ସଂସ୍କୃତିର ଫଟୋଚିତ୍ର ପ୍ରଦର୍ଶିତ ହୋଇଛି। ସନ୍ଧ୍ୟା ୬ଟା ୩୦ରୁ ରାତି ୮ଟା ୩୦ ପର୍ଯ୍ୟନ୍ତ ବିଭିନ୍ନ ଜନଜାତି ନୃତ୍ୟ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି। ମେଳାରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜିତ କରାଯାଇଛି। ମୁଖ୍ୟ ନିରାପତ୍ତା କଣ୍ଟ୍ରୋଲ ରୁମ୍, ଆଶୁଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମକଳ କେନ୍ଦ୍ର, ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଖୋଲାଯାଇଛି।

## ଗୃହ ନିର୍ମାଣ କାର୍ଯ୍ୟାଦେଶ ପାଇଲେ ୧୧୭

ବରପାଲି,(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) କାର୍ଯ୍ୟାଳୟରେ ଗୁରୁବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସ୍ଥାନୀୟ ନଗରପାଳ ଦିନେଶ ଗହାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୧୭ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି ସମୟରେ କାଉନସିଲରମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

କନ୍ଧମାଳ,୨୩।୪(ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ପଲସାଗୋରା-ଗବଜୋର ରାସ୍ତାର ଦପଲା ଛକ ନିକଟରେ ଶନିବାର ସନ୍ଧ୍ୟାରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ମୁକେଶ ବିଶାଳ। ପ୍ରକାଶ ଯେ, ପଲସାଗୋରା ଗ୍ରାମର ଉଦ୍ଧବ ବିଶାଳଙ୍କ ପୁଅ ମୁକେଶ ଓ ପିପିଲିପାଲି ଗ୍ରାମର ଗୁପ୍ତେଶ୍ୱର ସାଲମା ଏକ ବାଇକ୍ ଯୋଗେ କୌଣସି କାମରେ ଦପଲାରୁ ନିଜ ଘରକୁ ଫେରୁଥିଲେ।ଦପଲା ଛକ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ଦୁହିଁଙ୍କୁ ଉଦ୍ଧାର କରାଯାଇ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡ଼ାକ୍ତର ମୁକେଶ ବିଶାଳଙ୍କୁ ମୃତ ଘୋଷଣା କରିଥିଲେ। ଗୁପ୍ତେଶ୍ୱରଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

### ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ପଦ୍ମପୁର,୨୩।୪(ଡି.ଏନ.ଏ): ବରଗଡ ଜିଲା ପଦ୍ମପୁର ନିକଟସ୍ଥ ପୁରେନା ଗ୍ରାମରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶନିବାର ସମ୍ପନ୍ନ ହୋଇଛି। ଏଥିରେ ଜିତେନ୍ଦ୍ରିୟ ସାହୁ, ବଳରାମ ସାହୁ, ଲୋକନାଥ ସାହୁ, ଚନ୍ଦ୍ର ସାହୁ, ଭବାନୀ ଶଙ୍କର ପଟେଲ, ରିତେଶ ସାହୁ, ପ୍ରତାପ ସାହୁ ଦମ୍ପତି ପୂଜାକର୍ତ୍ତା ଥିଲେ। ଏହି ପରିପ୍ରେକ୍ଷୀରେ ହୋଇଥିବା ଷୋହଳ ପ୍ରହର ନାମ ସଂକୀର୍ତ୍ତନରେ ରାମେଶ୍ୱର ସାହୁ ଦମ୍ପତି କର୍ତ୍ତା ଥିଲେ। ସୀତା ଯୋଷୀ ଓ ସାଥୀ ସ୍କନ୍ଦ ପୁରାଣ ପାରାୟଣ କରିଥିଲେ। କଳାକାର ଭୁବନେଶ୍ୱର ପ୍ରଧାନ ଜଳନ୍ଧର ଭୂମିକାରେ ଅଭିନୟ କରିଥିବାବେଳେ ପଦ୍ମଶ୍ରୀ ଲୋକକବି ରତ୍ନ ହଳଧର ନାଗ ଓ ସାଥୀଙ୍କ ଦ୍ୱାରା ବ୍ୟଙ୍ଗ ସାହିତ୍ୟ ଆଲୋଚନା ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧାରୀ ଗମାଙ୍ଗୋ, ପଦ୍ମଶ୍ରୀ ଡ. ଜିତେନ୍ଦ୍ରିୟ ହରିପାଲ, ମନ୍ତ୍ରୀ ସୁଶାନ୍ତ ସିଂ, ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ପ୍ରଦୀପ ପୁରୋହିତ ବିଭିନ୍ନ ଦିନରେ ଆସି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଅନ୍ତିମ ଦିବସରେ ଶ୍ରୀଜଗନ୍ନାଥ ନବନିର୍ମିତ ମନ୍ଦିରକୁ ପ୍ରବେଶ କରିଥିଲେ।

### ବରପାଲିରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ବରପାଲି,୨୩।୪(ଡି.ଏନ.ଏ): ବରଗଡ଼ ଜିଲା ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା କଲେଜରେ ଗୁରୁବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଡ଼ିଓ ତ୍ରିବିକ୍ରମ କୁମୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପୁର ବିଧାୟିକା ରୀତା ସାହୁ ମୁଖ୍ୟ ଅତିଥି, ଏମ୍‌ପି ପ୍ରତିନିଧି ଧୀରୋଜ ପ୍ରଧାନ, ସରପଞ୍ଚ ସୁଜାତା ବେହେରା, ବ୍ଲକ ଅଧ୍ୟକ୍ଷା ରୀନା ଥଇତ, ହସ୍ପିଟାଲ ଇନ୍‌ଚାର୍ଜ ରାଜେଶ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ ସୁଧାଂଶୁ ଦାଶ ସଭା ପରିଚାଳନା କରିଥିଲେ। ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମେଳାକୁ ଆସିଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। 'ଭାରତରେ ସ୍ୱାଧୀନତା ସଂଗ୍ରାମ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁମ୍ଭାରୀ ବ୍ରଜେଶ୍ୱରୀ କଳାନୃତ୍ୟର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ।

### ମେଗା ସ୍ୱାସ୍ଥ୍ୟ ଶିବିର, ୬୭୫ଚିକିତ୍ସିତ

ତରଭା,୨୩।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ତରଭା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଚାରଭଟା ପଞ୍ଚାୟତ କଲେଜ ପରିସରରେ ଭାରତର ଆଜାଦି କି ଅମୃତ ମହୋତ୍ସବ ଅବସରରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ତରଭା ପଞ୍ଚାୟତ ସମିତି ଅଧକ୍ଷ ସରୋଜ କୁମାର କମ୍ପ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲେ। ସୋନପୁର ମୁଖ୍ୟ ଡାକ୍ତରଖାନା ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ । ବିଡିଓ ବିନୟ କୁମାର ପଟେଲ, ଏମ୍‌ପି ପ୍ରତିନିଧି ସରୋଜ ଶତପଥୀ, ଡ. ପଦ୍ମଗୁଆସ ଦୋରା, ଡ. କ୍ଷୀରୋଦ କୁମାର ମିଶ୍ର, ବିଶ୍ୱମ୍ଭର ବେହେରା, ଚାରଭଟା କଲେଜ ଅଧକ୍ଷ ମୁଜ୍‌ଲିମ ମହମ୍ମଦ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ମେଗା ସ୍ୱାସ୍ଥ୍ୟମେଳାରେ ଅଞ୍ଚଳର ୬୭୫ଜଣ ରୋଗୀ ପଞ୍ଜିକରଣ କରି ଜିଲାର ବିଭିନ୍ନ ଡାକ୍ତରଖାନାରୁ ଆସିଥିବା ବିଭିନ୍ନ ବିଭାଗ ଡାକ୍ତରଙ୍କ ସହ ରୋଗର ନିରାକରଣ ପାଇଁ ପରାମର୍ଶ ନେଇଥିଲେ। ଚାରଭଟା ସରପଞ୍ଚ ଘନଶ୍ୟାମ ଡାଙ୍ଗ, ବାଲିଖମାର ସରପଞ୍ଚ ସୁଦାମ ଦୀପ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମେଶିନ ଛଡ଼ାଇ ନେଉଛି ରୋଜଗାର



ନିଲେଶ୍ୱର ଗ୍ରାମରେ ବେଣାଚେର କାରିଗର ପରଦା,ପଟି ପ୍ରସ୍ତୁତ କରୁଛନ୍ତି।

### ଆଗଭଳି ବିକ୍ରିବଟା ନାହିଁ



“ ବରଗଡ଼ ସହରଠାରୁ ପ୍ରାୟ ୧୫କି.ମି ଦୂର ନିଲେଶ୍ୱରରେ ଘର। ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ପଟି, ପରଦା ଧରି ଟ୍ରାଇସାଇକେଲ ଯୋଗେ ସକାଳ ୫ଟାରୁ ବରଗଡ଼ ସହରକୁ ଆସିଥାଏ। ମଧ୍ୟାହ୍ନ ଭୋଜନ ପାଇଁ ପଖାଳ ଆଣିଥାଏ। ଅପରାହ୍ନ ପ୍ରାୟ ୩ଟାରୁ ପୁଣି ଘରକୁ ଫେରିବାକୁ ପଡିଥାଏ। କରୋନା ପୂର୍ବରୁ ବିକ୍ରିବଟା ଠିକ୍ ଥିଲା। ଏବେ କିନ୍ତୁ ଆଉ ସେଭଳି ରୋଜଗାର ନାହିଁ। ମେଶିନ ତିଆରି ବେଣାଚେର ପଟି, ପରଦା ଆସିବା ପରେ ଆଗଭଳି ଆଉ ବିକ୍ରିବଟା ହେଉନାହିଁ।

କୃଷ୍ଣ ସାହୁ

### ବହୁଲୋକ ଜୀବିକା ଛାଡ଼ିଲେଣି



“ ମୁଁ ମଧ୍ୟ ନିଲେଶ୍ୱର ଗ୍ରାମ ବାସିନ୍ଦା। ଆମ ଗ୍ରାମର ଅଧିକାଂଶ ଲୋକ ଆଗରୁ ବେଣାଚେର ପରଦା, ପଟି ତିଆରିକୁ ନିଜର କୌଳିକ ବୃତ୍ତି ଭାବେ ଆଦରି ନେଇଥିଲେ। ହେଲେ ଆଗଭଳି ଆଉ ରୋଜଗାର ନ ଥିବାରୁ ଅନେକ ଲୋକ ସେଥିରୁ ଦୂରେଇ ଗଲେଣି। କ୍ଷତି ସହିଲେ ମଧ୍ୟ ଗ୍ରାମର ଅଳ୍ପ କିଛି ପରିବାର ଏବେବି ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛୁ। ଗତ ୨ବର୍ଷ ତ କରୋନା କଟକଣା ଯୋଗୁ କିଛି ରୋଜଗାର ହୋଇ ନ ଥିଲା। ଏଥର କିଛି ରୋଜଗାର କରିବୁ ବୋଲି ଆଶା ରଖିଛୁ।

ପବନ ଭେସ୍ରା

ବରଗଡ଼ ଅଫିସ୍,୨୩।୪

**ବେଣାଚେର କାରିଗରଙ୍କ ଜୀବିକା ବିପନ୍ନ**

ବେଣାଚେରରୁ ପ୍ରସ୍ତୁତ ପଟି, ପରଦା ଯୋଗୁ ଗ୍ରୀଷ୍ମ ତାତିରୁ କିଛିକାଂଶରେ ନିସ୍ତାର ମିଳିଥାଏ। ଖରାଦିନ ଆସିଲେ ବେଣାଚେରର ଚାହିଦା ବଢ଼ିଥାଏ। ତେବେ ୨ବର୍ଷ ଧରି କରୋନା କଟକଣା ଯୋଗୁ ବେଣାଚେର କାରିଗରଙ୍କ ଜୀବିକା ବିପନ୍ନ ହୋଇ ପଡ଼ିଥିଲା। ରୋଜଗାର ବନ୍ଦ ହୋଇଯିବାରୁ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଥିଲା। କରୋନା କଟକଣା ଉଠିବା ପରେ ଏଥର କିଛି ବେଣାଚେର କାରିଗର ରୋଜଗାର ଆଶା ରଖିଛନ୍ତି। ହେଲେ ବେଣାଚେରରୁ ମେଶିନ ତିଆରି କୁଲର ପରଦା, ପଟି ସେମାନଙ୍କ ଜୀବିକାକୁ ପ୍ରଭାବିତ କରିଛି। ଆଗଭଳି ଆଉ ରୋଜଗାର ହେଉନାହିଁ। ମାତ୍ର କୌଳିକ ବୃତ୍ତି ହୋଇଥିବାରୁ ସେମାନେ ଜୀବିକାକୁ ଛାଡିପାରୁନାହାନ୍ତି।

ବରଗଡ଼ ଜିଲାର ଅତାବିରା ଓ ଭେଡ଼େନ ବ୍ଲକ ଦେଇ ବହି ଯାଇଥିବା ଝାଇଁଜୋରର ସରଣ୍ଡା, ସୋର୍ଣ୍ଣା ଆଦି ଅଞ୍ଚଳରେ ବେଣାଚେର ଉପଲବ୍ଧ ହୋଇଥାଏ। କାରିଗରମାନେ ନଈନାଳ, ତଟ ଆଦି ସ୍ଥାନରୁ ଏହାକୁ ସଂଗ୍ରହ କରିବା ପରେ ସେଗୁଡ଼ିକୁ ପାଣିରେ ସଫା କରିଥାନ୍ତି ଏବଂ ତାକୁ ଖରାରେ ଶୁଖାଇଥାନ୍ତି। ଶୁଖିବା ପରେ ବିଭିନ୍ନ ପ୍ରକାର ପରଦା, ପଟି, ବିଞ୍ଚଣା ଆଦି ତିଆରି କରି ତାକୁ ବିକ୍ରି ପାଇଁ ଗାଁରୁ ସହର ନେଇଥାନ୍ତି। ବରଗଡ଼ ସହର ଉପକଣ୍ଠସ୍ଥ ନିଲେଶ୍ୱର, ଭେଡ଼େନ ବ୍ଲକର ମହାନଦୀ ତଟ ଗ୍ରାମ ଉଦେପୁର, ଡାଲବୀ, ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ସୀମାନ୍ତ ଲଖନପୁର, ରାମଖୋଲ, ଗୋଏନ୍ଦପୁର, ଗର୍ଜନପାଟ, ଡୁଙ୍ଗୁରି ଆଦି ଗ୍ରାମର ଅନେକ ଲୋକ ବଂଶାନୁକ୍ରମେ ବେଣାଚେର ସଂଗ୍ରହ କରି ଏଥିରୁ ପରଦା, ପଟି ତିଆରିକୁ ଜୀବିକା ଭାବେ ଆଦରି ନେଇଛନ୍ତି। ସେହିପରି ଝାରସୁଗୁଡ଼ା ଜିଲାରୁ ମଧ୍ୟ ଏ ଅଞ୍ଚଳକୁ ବେଣାଚେର ବିକ୍ରି ପାଇଁ ଆସୁଥିବା ବେଳେ ବରଗଡ଼ରୁ ଛତିଶଗଡ଼ ଅଞ୍ଚଳକୁ ଏଠାରୁ ପ୍ରସ୍ତୁତ କୁଲର ପରଦା, ପଟି, ବିଞ୍ଚଣା ଆଦି ରପ୍ତାନୀ ହୋଇଥାଏ। କିନ୍ତୁ ଦିନକୁ ଦିନ ମେଶିନ ତିଆରି ଜିନିଷର ଚାହିଦା ବୃଦ୍ଧି ଯୋଗୁ ବେଣାଚେର କାରିଗରଙ୍କ ଜୀବିକା ବିପନ୍ନ ହେବାରେ ଲାଗିଛି।

## ଆନ୍ଦୋଳନ କରିବ ରେଳ ଉପଭୋକ୍ତା ସଂଘ

ବରଗଡ଼ ଅଫିସ୍,୨୩।୪

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ସମ୍ମିଳନୀ କକ୍ଷରେ ଜିଲା ରେଳ ଉପଭୋକ୍ତା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୀପ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁର-ପୁରୀ ଇଣ୍ଟରସିଟିକୁ ବରଗଡ଼ କିମ୍ବା ବଲାଙ୍ଗୀର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ପାଇଁ ରେଳ ମନ୍ତ୍ରଣାଳୟକୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଦାବି ନେଇ ଆସନ୍ତା ମାସରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ସ୍ଥାନୀୟ ବିଭିନ୍ନ ସଙ୍ଗଠନ ସହିତ ଯୋଗାଯୋଗ କରି ସମସ୍ତଙ୍କ ସହଯୋଗରେ ଆନ୍ଦୋଳନ ତୀବ୍ର କରିବାକୁ ସ୍ଥିର କରାଯାଇଥିଲା। ବୈଠକରେ କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରୀତମ ସିଂ, ଇନ୍ଦିରା ମହାନ୍ତି, କମଳ ଯୋଷୀ, ଅଭିଜିତ ପ୍ରତିହାର, ତୁଳସୀ ଚରଣ ଦାଶ, ହରିହର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ମଳ କିଶୋର କର ସଭା ପରିଚାଳନା କରିଥିବାବେଳେ ହରଦୀପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୮୭୭

ଝାରବନ୍ଧ,୨୩।୪(ଡି.ଏନ.ଏ)

ବରଗଡ଼ ଜିଲା ଝାରବନ୍ଧ ଯୁକ୍ତ ଦୁଇ କଲେଜରେ ଶୁକ୍ରବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଲିପ୍‌ସା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଝାରବନ୍ଧ ବିଡ଼ିଓ ସୁନୀଲ ମେହେର, ଏବିଡ଼ିଓ ଭୀଷ୍ମଦେବ ମାଝୀ, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ସୁଶିଲ ମରାଇ, ଏମ୍‌ପି ପ୍ରତିନିଧି ହରିହର ସାହୁ, ଯୁକ୍ତ ଦୁଇ କଲେଜ ଅଧ୍ୟକ୍ଷ ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସ୍ୱାସ୍ଥ୍ୟମେଳାରେ ୮୭୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବିତରଣ କରାଯାଇଥିଲା। ଉଭା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରହ୍ଲାଦ ମେହେର, ଡା. ଗୀତା ପୀୟୁଷ ମିଶ୍ର, ଡା. ସୁବର୍ଣ୍ଣ ଚନ୍ଦ୍ର ପଣ୍ଡା, ଡା. ସୌରଭ ଅଗ୍ରୱାଲ, ଡା. ବଳଦେବ କର, ଡା. ସୂରଜ ସେଠ, ଡା. ସୁନୀଲ ନାଗ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କଲେଜର ଯୁବ ରେଡ଼କ୍ରସ ୟୁନିଟ୍, ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ସହଯୋଗ କରିଥିଲେ। ଏହି ଅବସରରେ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା।

## ଛାତ୍ରୀଛାତ୍ର ସଂଖ୍ୟା ବୃଦ୍ଧି ସମୀକ୍ଷା ବୈଠକ



ଟାଉନ ହାଇସ୍କୁଲରେ ଅନୁଷ୍ଠିତ ସମୀକ୍ଷା ବୈଠକ।

ବରଗଡ଼ ଅଫିସ୍,୨୩।୪

ବରଗଡ଼ ଟାଉନ ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଁ ଶନିବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନାରାୟଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିକଟସ୍ଥ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଯୋଗଦାନ କରିଥିଲେ। ଟାଉନ ହାଇସ୍କୁଲରେ ଛାତ୍ରୀଛାତ୍ର ବୃଦ୍ଧି ପାଇଁ ସେମାନେ ମତ ରଖିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତ, ଡଃ ଡୋଲାମଣି ଶତପଥି, ତେଜରାଜ ହୋତା, ଡଃ ଡୋଲାମଣି ସାହୁ, ସନକ ଷଡ଼ଙ୍ଗୀ, ଅମୂଲ୍ୟ ଭୋଇ, ତପସ୍ୱିନୀ ମହାପାତ୍ର, ସୌଦାମିନୀ ମିଶ୍ର, ସାର୍ତ୍ତିକ ସାହୁ, ପ୍ରମୋଦ ପ୍ରଧାନ, ପରିତୋଷ ପାଢ଼ୀ ପ୍ରମୁଖ ଯୋଗଦେଇ ଅଭିଭାବକଙ୍କ ସହ ଯୋଗାଯୋଗ, ବିଶ୍ୱାସ, ଆସ୍ଥା ଭାଜନ ହେବା ପାଇଁ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ମତପୋଷଣ କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱାଳ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଟାଉନ ହାଇସ୍କୁଲରେ ପାଠପଢ଼ା ସହିତ ଉତ୍ତମ ପରୀକ୍ଷାଫଳର ନିଶ୍ଚିତ ପ୍ରଦାନ କରିଥିଲେ ଏବଂ ଉକ୍ତ ସ୍କୁଲରେ ଅଧିକରୁ ଅଧିକ ଛାତ୍ରୀଛାତ୍ର ନାମ ଲେଖାଇବାକୁ ନିବେଦନ କରିଥିଲେ। ଶିକ୍ଷକ ବଶିଷ୍ଠ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨୦ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ

ବରଗଡ଼ ଅଫିସ୍,୨୩।୪

ବରଗଡ଼ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମରେ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କଲେଜ ଅଧ୍ୟକ୍ଷ ପ୍ରଫେସର ପତିତପାବନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବରଗଡ଼ ମହିଳା କଲେଜର ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ ଶିବିର ଭାରପ୍ରାପ୍ତ ଅଧିକାରୀ ରୀନା ମେହେର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଜିଲା ସଂଯୋଜିକା ଦିଲରାଜ୍ ପୁଆଲା ଉଦ୍ଦେଶ୍ୟ ଜ୍ଞାପନ ଓ ରୋଶିନୀ ତିର୍କୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସୈରେନ୍ଦ୍ରୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୧୨୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ଏହା ୩ଦିନ ଧରି ଚାଲିଥିଲା।



ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ବିତରଣ କରାଯାଉଛି ।

## ଜୁନାଗଡ଼ରେ ଆର୍ଥ୍ରାଇଟିସ୍ ସଚେତନତା ଶିବିର

ଜୁନାଗଡ,୨୩।୪(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ସାଇତରଙ୍ଗ ମଲ୍ଟିସ୍ପେଶାଲିଟି କ୍ଲିନିକ ଆଣ୍ଡ ହସ୍‌ପିଟାଲଠାରେ ଶନିବାର ଆର୍ଥ୍ରାଇଟିସ ରୋଗ ସମ୍ପର୍କରେ ଜାଣିବା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ବିଶାଖାପାଟଣାର ପ୍ରସିଦ୍ଧ ଅର୍ଥୋପେଡିକ ସର୍ଜରୀ ଡା. ରବିଚନ୍ଦ୍ର ଭାଟିପାଲ୍ଲୀ ଯୋଗ ଦେଇଥିଲେ। ଦେଶର ଅଧିକାଂଶ ବରିଷ୍ଠ ନାଗରିକ ଆର୍ଥ୍ରାଇଟିସ୍‌ରେ ଶିକାର ହେଉଥିବା ଡା. ଭାଟିପାଲ୍ଲୀ କହିଥିଲେ। ଏଥିସହ ରୋଗର ଲକ୍ଷ୍ମଣ ଓ ନିରାକରଣ ସମ୍ପର୍କରେ ଉପସ୍ଥିତ ରୋଗୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ଅଞ୍ଚଳର ବହୁ ରୋଗୀ ଯୋଗଦେଇ ମାଗଣା ପରୀକ୍ଷା କରାଇଥିଲେ। ଆର୍ଥ୍ରାଇଟିସରେ ପୀଡିତ ରୋଗୀମାନେ ଡାକ୍ତରଙ୍କ ଠାରୁ ପରାମର୍ଶ ନେବା ସହ ଅନ୍ୟମାନଙ୍କୁ ଏ ନେଇ ସଚେତନ କରିବା ଆବଶ୍ୟକ ବୋଲି ହସ୍ପିଟାଲର ପ୍ରୋପ୍ରାଇଟର ସୁଦାମ ଦାସ କହିଥିଲେ । ସେହିପରି ଆଗାମୀ ଦିନରେ ଦେଶର ପ୍ରସିଦ୍ଧ ହସ୍ପିଟାଲର ବିଭିନ୍ନ ରୋଗର ବିଶେଷଜ୍ଞ ଡାକ୍ତରଙ୍କୁ ଅଣାଯାଇ ଲୋକଙ୍କୁ ମାଗଣା ଚିକିତ୍ସା ଦିଆଯିବ ବୋଲି ସେ କହିଥିଲେ। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଚେନ୍ନାଇର ପ୍ରସିଦ୍ଧ ଡା. ସୌମେନ୍ଦ୍ର ପରିଡା ଯୋଗ ଦେଇଥିବା ବେଳେ ଡା. ଶିଲ୍ପା ଦାସ ଏହାର ପରିଚାଳନା କରିଥିଲେ। ଶିବିରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡଧାରୀଙ୍କୁ ମାଗଣାରେ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା।



ସଚେତନତା ଶିବିରରେ ଡାକ୍ତର ଓ ଅନ୍ୟମାନେ।

## ମେ ୨୩ରୁ ରବି ଧାନସଂଗ୍ରହ

ନୂଆପଡ଼ା ଅଫିସ୍, ୨୩।୪: ସ୍ଥାନୀୟ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଜିଲା ପ୍ରଶାସନ ଓ ଜିଲା ଯୋଗାଣ ବିଭାଗ ତରଫରୁ ଜିଲାସ୍ତରୀୟ ରବିଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଜିଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲା ପରିଷଦ ସଭାପତି ଡଲି ମାଝି ପ୍ରମୁଖ ଅତିଥି ରୂପେ ମଞ୍ଚାସୀନ ଥିଲେ। ସିଏସଓ ପି.ପ୍ରଭାକର ପାତ୍ରୋ ବୈଠକ ପରିଚାଳନା କରିଥିଲେ। ଚଳିତବର୍ଷ ରବିଧାନ ସଂଗ୍ରହ ପାଇଁ ଜିଲାର ୫ଟି ବ୍ଲକର ୨୬ଟି ପ୍ୟାକ୍ସରେ ୯୯୦୪ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି। ୩୮ଟି କେନ୍ଦ୍ରରେ ଧାନ ସଂଗ୍ରହ କରିବାକୁ ରହିଥିବାବେଳେ ସରକାରୀ ମୂଲ୍ୟ କୁଇଣ୍ଟାଲ ପିଛା ୧୯୪୦ ଟଙ୍କା ଧାର୍ଯ୍ୟ ହୋଇଛି। ଚଳିତବର୍ଷ ବିନା କଟନୀ ଛଟନୀରେ ଏଫଏକ୍ୟୁ ମାନର ଧାନ ସଂଗ୍ରହ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ମଣ୍ଡିରେ ଥଣ୍ଡା ପାନୀୟ ଜଳ ଓ ଛାଇ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଧାନ ଚୋରାଚାଲାଣ ରୋକିବା ପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ରବିଋତୁରେ କେତେ ଧାନ ସଂଗ୍ରହ ହେବ। ତାହା ରାଜ୍ୟ ସରକାରଙ୍କ ପକ୍ଷରୁ ଟାର୍ଗେଟ ଆସି ନ ଥିବା ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଛନ୍ତି।

## ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକ

ଭବାନୀପାଟଣା,୨୨।୪(ସ୍ୱ.ପ୍ର.)

ନୀତି ଆୟୋଗ କେନ୍ଦ୍ର ପ୍ରଭାରୀ ସଞ୍ଜୀବ କୁମାର ଶୁକ୍ରବାର କଳାହାଣ୍ଡି ଜିଲା ଗସ୍ତ କରିଥିଲେ। ଏହି ସମୟରେ ସେ କ୍ଷେତ୍ର ପରିଦର୍ଶନ କରିବା ସହ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅପରାହ୍ନରେ ଅନୁଷ୍ଠିତ ଆକାଂକ୍ଷୀ ଜିଲାର ସମୀକ୍ଷା ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ପି ଡି ଡିଆରଡ଼ିଏ ସୋମେଶ ଉପାଧ୍ୟାୟ, ଭବାନୀପାଟଣା ଉପଜିଲାପାଳ ଡ ବିଶ୍ୱଜିତ୍ ଦାସ, ଧର୍ମଗଡ଼ ଉପ ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ କେନ୍ଦ୍ର ପ୍ରଭାରୀ ସଞ୍ଜୀବ କୁମାର ଜିଲାର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ବିକାଶ, କ୍ଷୁଦ୍ର ଜଳସେଚନ,ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା,ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହିତ ଅନେକ କେନ୍ଦ୍ରୀୟ ଯୋଜନାରେ ଜିଲାର ଅଗ୍ରଗତି ସର୍ବ ଭାରତୀୟ ସ୍ତରରେ ରେଙ୍କିଂ ହାସଲ କରିଥିବା ମାପଦଣ୍ଡକୁ ସମୀକ୍ଷା କରିଥିଲେ। ସେହିପରି ଜିଲାର ଧାନ ଓ କପା ଉତ୍ପାଦନରେ ଉଚ୍ଚ ଲକ୍ଷ୍ୟ ହାସଲ, ବିଦ୍ୟାଳୟ ଭିତ୍ତିଭୂମି ଉନ୍ନତୀକରଣ, ଜଳସେଚନ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶରେ ସନ୍ତୋଷ ପ୍ରକାଶ କରିଥିଲେ। ଏହା ସହିତ ଅଙ୍ଗନବାଡ଼ି କେନ୍ଦ୍ରର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ କେନ୍ଦ୍ର, ଗର୍ଭବତୀ ମହିଳା ଓ ଶିଶୁ ସ୍ୱାସ୍ଥ୍ୟ, ଶିଶୁ ଟିକାକରଣ, ମହିଳା ସାକ୍ଷରତା, ବିଦ୍ୟାଳଗୁଡିକରେ ଶୌଚାଳୟ, ବିଦ୍ୟୁତୀକରଣ, ପାଠ୍ୟପୁସ୍ତକ ଯୋଗାଣ, ବ୍ୟାଙ୍କ କୃଷି ଋଣ, ଦକ୍ଷତା ବିକାଶ ତାଲିମ, ଲୋକଙ୍କୁ ଇଣ୍ଟରନେଟ ଓ ଟେଲି ଯୋଗାଯୋଗ ବ୍ୟବସ୍ଥାର ଜିଲାର ସ୍ଥିତିକୁ ଅନୁଧ୍ୟାନ କରିଥିଲେ ।

**ନୀତି ଆୟୋଗ କେନ୍ଦ୍ର ପ୍ରଭାରୀଙ୍କ କଳାହାଣ୍ଡି ଗସ୍ତ**



ସମୀକ୍ଷା ବୈଠକରେ ନୀତି ଆୟୋଗ କେନ୍ଦ୍ର ପ୍ରଭାରୀ, ଜିଲାପାଳ ଓ ଅନ୍ୟମାନେ।

ସୂଚନାଯୋଗ୍ୟ, ସମଗ୍ର ଭାରତବର୍ଷରେ ୧୧୨ଟି ପଛୁଆ ଜିଲାକୁ ଆକାଂକ୍ଷୀ ଜିଲା ଭାବେ ଚିହ୍ନଟ କରାଯାଇଛି । ଓଡ଼ିଶାର ୧୦ଟି ଜିଲାରୁ କଳାହାଣ୍ଡି ଅନ୍ୟତମ। ସମୀକ୍ଷା ବୈଠକ ପୂର୍ବରୁ ନୀତି ଆୟୋଗ ପ୍ରଭାରୀ କ୍ଷେତ୍ର ପରିଦର୍ଶନରେ ବୋର୍ଡା ସ୍ୱାସ୍ଥ୍ୟକେନ୍ଦ୍ର, ବୋର୍‌ଭଟାସ୍ଥିତ ନିର୍ମାଣାଧୀନ ହାଇସ୍କୁଲ ରୂପାନ୍ତିକରଣ କାର୍ଯ୍ୟ, କାମଠଣାରେ ସ୍ୱାସ୍ଥ୍ୟମେଳା,ମାଣିକେଶରୀ ହାଇସ୍କୁଲ ରୂପାନ୍ତିକରଣ,କଲେଜଛକସ୍ଥିତସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, କେସିଙ୍ଗାରୋଡ଼ ସରକାରୀ ପଲିଟେକନିକ୍ ସ୍କୁଲ ଗସ୍ତ କରିଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ଲହୁଣୀପଡ଼ା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ କଣ୍ଢାକୁଦର ଗ୍ରାମଠାରେ ଥିବା ଏକ ଇଟାଭାଟିରୁ ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଶନିବାର ଜବତ କରିଛି। ଇଟା ଭାଟିରେ ନିକଟସ୍ଥ ସାନଜଲ ଗ୍ରାମର ଗୋବିନ୍ଦ ମୁଣ୍ଡା(୨୫)କାମ କରୁଥିଲେ। ଶୁକ୍ରବାର ରାତିରେ ଖାଇସାରି ଶୋଇଥିବାବେଳେ ତାକୁ ଏକ ବିଷଧର ସାପ କାମୁଡି ଦେଇଥିଲା। ଶନିବାର ସକାଳେ ସ୍ଥାନୀୟ ଲୋକମାନେ ଦେଖି ଲହୁଣୀପଡ଼ା ଥାନାକୁ ସୂଚନା ଦେବାରୁ ପୋଲିସଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା।

## ସଂକ୍ଷେପରେ

### ବୌଦ୍ଧ ରାମଲୀଳା: ମଞ୍ଚସ୍ଥ ହେଲା ଲକ୍ଷ୍ମଣ ଶକ୍ତିଭେଦ

ବୌଦ୍ଧ,୨୩।୪(ସ୍ୱ.ପ୍ର.): ବୌଦ୍ଧ ଗଡଜାତର ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ତ୍ରୟୋଦଶ ଦିବସରେ ମଞ୍ଚସ୍ଥ ହୋଇଛି ନାଟକ ଲକ୍ଷ୍ମଣ ଶକ୍ତିଭେଦ। ରାବଣଙ୍କ ପୁତ୍ର ଇନ୍ଦ୍ରଜିତର ଲକ୍ଷ୍ମଣ ହସ୍ତରେ ମୃତ୍ୟୁ ହେବା ଖବର ପାଇ ମର୍ମାହତ ଦଶାନନ। ପୁତ୍ର ଶୋକରେ ଜର୍ଜରିତ ରାବଣ ନିଜେ ପ୍ରଭୁ ରାମଚନ୍ଦ୍ର ,ଅନୁଜ ଲକ୍ଷ୍ମଣ ଓ ଭାତୃ ବିଭୀଷଣଙ୍କୁ ମାରିବା ପାଇଁ ଚିନ୍ତା କରି ଅସ୍ତ୍ର ଧରି ବାହାରି ପଡନ୍ତି ରଣକ୍ଷେତ୍ରେ । ଏକଘ୍ନି ଶାୟକ ଅସ୍ତ୍ର ଭାତୃ ବିଭୀଷଣକୁ ମାରିବା ବେଳେ ଅସ୍ତ୍ର ବାଜିଛି ଲକ୍ଷ୍ମଣଙ୍କ ଦେହରେ । ଟଳି ପଡିଛନ୍ତି ଲକ୍ଷ୍ମଣ । ଏହାପରେ ଛତ୍ରଭଙ୍ଗ ଦେଇଛନ୍ତି ରାବଣ । ଏପରେ ଲକ୍ଷ୍ମଣ ଟଳି ପଡିବା ପରେ ବିଳଚିତ ହୋଇ ପଡିଥିଲେ ଶ୍ରୀରାମ । ଶୁଶେଣ ବୈଦ୍ୟଙ୍କ ଆଦେଶରେ ହନୁମାନ ଗନ୍ଧମାର୍ଦ୍ଦନରୁ ବିଶଲ୍ୟକରଣୀ ଆଣି ବଞ୍ଚାଇ ପାରିଛନ୍ତି ଲକ୍ଷ୍ମଣଙ୍କ ଜୀବନ । ଏହି ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପରିବେଷଣ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିଲେ । ଭବାନୀଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ।

### ଆତ୍ମସୁରକ୍ଷା ତାଲିମ ଶିବିର

ସୋନପୁର,୨୩।୪(ନି.ପ୍ର.): ସୋନପୁର କଲେଜର ଯୁକ୍ତ ୨ ଶାଖା ପକ୍ଷରୁ ୮ ଦିନ ଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ କଲେଜ ଅଧକ୍ଷ ପ୍ରଫେସର ରାଜୀବ ଲୋଚନ ଆଚାର୍ଯ୍ୟ ଅଧକ୍ଷତା କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଇପସିତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମିଶ୍ର ତାଙ୍କ ବକ୍ତବ୍ୟରେ ନାରୀର ଦୃଢ ଆତ୍ମବିଶ୍ୱାସ, ସାହସ ତାକୁ ସବୁ ବିପଦରେ ଲଢିବା ପାଇଁ ଶକ୍ତି ଯୋଗାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧକ୍ଷ ଆଚାର୍ଯ୍ୟ ସାମ୍ପ୍ରତିକ ପରିସ୍ଥିତିରେ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ବୁଝାଇ ଥିଲେ। ଛାତ୍ରୀମାନେ ଆତ୍ମସୁରକ୍ଷାର ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିଥିଲେ। ଛାତ୍ରୀ ଉତ୍କଳିକା ମିଶ୍ର ଦୁର୍ଗାଙ୍କ ବନ୍ଦନା ଉପରେ ଏକ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଆୟୋଜିତ ହୋଇଥିବା ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତି ଛାତ୍ରୀ ଓ ତାଲିମ ଶିବିରର ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିବିରର ସଂଯୋଜିକା ଚନ୍ଦ୍ରକାନ୍ତି ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା, ସଂଘମିତ୍ରା ନାଗ ଧନ୍ୟବାଦ ପ୍ରଦାନ କରିଥିଲେ

### ବଡ଼ଗାଁ ରାମଲୀଳା ଯାତ୍ରା ଉଦ୍‌ଯାପିତ: ରାମଙ୍କ ରାଜାଭିଷେକ

ବଡ଼ଗାଁ,୨୩।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁର ଖୋଲାମଞ୍ଚରେ ଅଭିନୀତ ରାମଲୀଳା ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ରଜନୀରେ ରାମଚନ୍ଦ୍ରଙ୍କ ଦ୍ୱାରା ଲଙ୍କାପତି ରାବଣଙ୍କୁ ବଧ, ପରେ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ମଞ୍ଚସ୍ଥ ହୋଇଥିଲା। ବିଷୟବସ୍ତୁ ଅନୁଯାୟୀ, ବାନର ସେନା ସେତୁବନ୍ଧ ନିର୍ମାଣ ରାମ ଓ ଲକ୍ଷ୍ମଣ ଲଙ୍କାରେ ପ୍ରବେଶ କରିଥିଲେ। ଏହା ପରେ ରାମଙ୍କ ସହିତ ତରଣୀସେନ, କୁମ୍ଭକର୍ଣ୍ଣ, ପ୍ରସସ୍ତ, ଇନ୍ଦ୍ରଜିତ ଆଦି ଅସୁରଗଣଙ୍କୁ ବଧ କଲେ। ଯୁଦ୍ଧ ସମୟରେ ରାବଣଙ୍କ ଦ୍ୱାରା ଲକ୍ଷ୍ମଣଙ୍କୁ ଶକ୍ତିଭେଦ ପରେ ସୁଶେଣ ବୈଦ୍ୟଙ୍କ ଦ୍ୱାରା ଉପଚାର କରିଥଲେ। ରାମଚନ୍ଦ୍ର ଦଶଭୁଜା ଦୁର୍ଗାଙ୍କ ପୂଜା କଲାପରେ ରାମ ଓ ରାବଣଙ୍କ ମଧରେ ଘମାଘୋଟ ଲଢେଇ ହୋଇଥିଲା। ରାମଚନ୍ଦ୍ରଙ୍କ ତୀରରେ ରାବଣ ନିହତ ହୋଇଥିଲେ। ରାବଣଙ୍କୁ ବଧ କଲାପରେ ସୀତାଙ୍କୁ ଉଦ୍ଧାର କରି ଜାମ୍ବବାନ, ବିଭୀଷଣ, ନଳ, ନିଳ, ସୁଗ୍ରୀବ, ହନୁମାନ ଆଦି ଯୋଦ୍ଧାଙ୍କ ସହିତ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିବାବେଳେ ନନ୍ଦିଗ୍ରାମରେ ଅବସ୍ଥାନ କରୁଥିବା ଭାଇ ଭରତଙ୍କ ପାଖକୁ ଯାଇ ସାକ୍ଷାତ କରିଥିଲେ। ଏହା ପରେ ବଶିଷ୍ଠ ଋଷିଙ୍କ ଦ୍ୱାରା ରାମଚନ୍ଦ୍ରଙ୍କ ରାଜାଭିଷେକ କରାଯାଇଥିଲା। ଏହି ବିଷୟବସ୍ତୁ ଉପରେ କଳାକାରମାନେ ହୃଦୟସ୍ପର୍ଶୀ ଅଭିନୟ ପ୍ରଦର୍ଶନ କରିଥଲେ। ଶେଷ ରଜନୀରେ ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ ଓ ଏସ୍‌ଡିସି ଅଧକ୍ଷ ବିନୟ ଟପୋ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କୁ ଯାତ୍ରା କମିଟି ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।



ବିଜୁ ପଟ୍ଟନାୟକ ଛକରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ରତ୍ନପଥର ଖଣିରେ ୨ଶ୍ରମିକଙ୍କ ମୃତ୍ୟୁ ଘଟଣା**

ଟିଟିଲାଗଡ଼,୨୩।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଅନ୍ତର୍ଗତ କୁତ୍ରାକେନ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ବେଆଇନ ରତ୍ନପଥର ଖଣିରେ ଶୁକ୍ରବାର ୨ଜଣ ଶ୍ରମିକ ନବିନ ଜାନୀ ଏବଂ ଉଜ୍ଜ୍ୱଳ ଭୋଇଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଶନିବାର ଉତ୍ତେଜନା ପ୍ରକାଶ ପାଇଛି। ମୃତଦେହ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକେ ତଥା ଜିଲା କନ୍ଧ ସମାଜ ଯୁବ ସଂଗଠନ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକରେ ଜାତୀୟ ରାଜପଥ ୫୯ରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରିବାରବର୍ଗଙ୍କୁ ଉଚିତ କ୍ଷତିପୂରଣ, ମୁରିବାହାଲ ରେଞ୍ଜ କର୍ମଚାରୀ ଏବଂ ବେଆଇନ ଖଣି ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ରେଡକ୍ରସ ପାଣ୍ଠିରୁ ଦୁଇ ମୃତକଙ୍କ ପରିବାରକୁ ୩୦ ହଜାର ଟଙ୍କା ଲେଖାଏ ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଶୁକ୍ରବାର ଟିଟିଲାଗଡ ଥାନା ଅନ୍ତର୍ଗତ ଗୁଲମି ଗ୍ରାମର ନବୀନ ଏବଂ ମୁରିବାହାଲ ବ୍ଲକ ନୂଆପଡା ଗ୍ରାମର ଉଜ୍ଜ୍ୱଳଙ୍କ ବେଆଇନ ରତ୍ନପଥର ଖଣି ଗାତରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିଲା। ସେଠାରେ କାମ କରୁଥିବା ଶ୍ରମିକ ଚିନ୍ତା ବାଗ ଏବଂ ରାଜକିଶୋର ପ୍ରଧାନୀ ଗୁରୁତର ହୋଇ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ପ୍ରେମଲାଲ ହିଆଲ, ଟିଟିଲାଗଡ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ଶତପଥୀ, ଥାନା ଅଧିକାରୀ ରଞ୍ଜନ ବରିହା ଘଟଣାସ୍ଥଳରେ ପହଞ୍ଚି ଦୁଇ ଶ୍ରମିକଙ୍କ ମୃତଦେହ ଜବତ କରିଥିଲେ। ରାତିସାରା ପୋଲିସକୁ କୁତ୍ରାକେନ ଗ୍ରାମରେ ଗ୍ରାମବାସୀ ଅଟକ ରଖି କ୍ଷତିପୂରଣ ଦାବି କରିଥିଲେ। ରାତି ୩ଟାରେ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ହିଆଲ ଅସୁସ୍ଥ ହେବାରୁ ତାଙ୍କୁ ଛାଡି ଦିଆଯାଇଥିଲା।

# ହିନ୍ଦୁଙ୍କ ଉପରେ ଆକ୍ରମଣକୁ ନିନ୍ଦା

ସୋନପୁର,୨୩।୪(ନି.ପ୍ର.)



ଡା. ପ୍ରବୀଣ ଭାଇ ତୋଗାଡିଆ ସୂଚନା ଦେଉଛନ୍ତି।

- ସୁବର୍ଣ୍ଣପୁର ଜିଲା ଗସ୍ତରେ ପ୍ରବୀଣ ଭାଇ ତୋଗାଡିଆ
- ଖାଲି ପଦବୀଗୁଡ଼ିକୁ ସରକାର ପୂରଣ କରନ୍ତୁ

ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଅଧକ୍ଷ ଡାକ୍ତର ପ୍ରବୀଣ ଭାଇ ତୋଗାଡିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଅଛନ୍ତି। ଡାକ୍ତର ତୋଗାଡିଆ ଶନିବାର ସର୍କିଟ୍ ହାଉସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ଶିକ୍ଷିତ ବେକାରିଙ୍କୁ ନିଯୁକ୍ତି ପାଇଁ ଦାବି କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ ବିଭିନ୍ନ ବିଭାଗରେ ପ୍ରାୟ ୧କୋଟିରୁ ଊର୍ଦ୍ଧ୍ୱ ପଦବୀ ଖାଲିପଡ଼ିଛି। ଏହି ପଦବୀଗୁଡ଼ିକୁ ସରକାର ଅବିଳମ୍ବେ ପୂରଣ କରିବାକୁ ସେ ଦାବି କରିଥିଲେ। ସମୃଦ୍ଧ ହିନ୍ଦୁ ଓ ଋଣମୁକ୍ତ କୃଷକ ଉପରେ ସଂଗଠନ କାର୍ଯ୍ୟ କରିବ। ପରିଷଦ ପକ୍ଷରୁ ହିନ୍ଦୁଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସେ ହିନ୍ଦୁ ରୋଜଗାର ଯୋଜନା ଆରମ୍ଭ କରିବେ ବୋଲି ଏହି ଅବସରରେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁର ଜିଲାର ବୟନ ଶିଳ୍ପ ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲେ ହେଁ ବୁଣାକାରମାନେ ଉଚିତ ପ୍ରାପ୍ୟ ପାଉ ନ ଥିବା ନେଇ ଡାକ୍ତର ତୋଗାଡିଆ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଗାମୀ ଦିନରେ ବୁଣାକାର, ଗ୍ରାହକ, ଉତ୍ପାଦକ ଓ ବ୍ୟବସାୟୀଙ୍କ ସ୍ୱାର୍ଥ ପାଇଁ ହିନ୍ଦୁ ଆମାଜନ୍ ନାମରେ ସଂସ୍ଥା ଗଠନ କରିବେ ବୋଲି ସେ କହିଥିଲେ। ଗୋଚର ଜମି ଜବରଦଖଲ ଓ ବେଆଇନ ଗୋଚାଲାଣ ବୃଦ୍ଧି ପାଉଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ନିକଟରେ ଦେଶର ବିଭିନ୍ନ ପ୍ରଦେଶରେ ସାମ୍ପ୍ରଦାୟିକ ଦଙ୍ଗା ଘଟିଛି। ରାମନବମୀ ଶୋଭାଯାତ୍ରା ଓ ହନୁମାନ ଜୟନ୍ତୀରେ ହିନ୍ଦୁମାନଙ୍କ ଉପରେ ଯେଉଁଭଳି ଆକ୍ରମଣ ହୋଇଛି ତାହାକୁ ନିନ୍ଦା କରିଛନ୍ତି ହିନ୍ଦୁ ପରିଷଦ ଅଧକ୍ଷ। ଦଙ୍ଗାରେ ହିନ୍ଦୁ ସମ୍ପ୍ରଦାୟର ଲୋକ ପୀଡ଼ିତ ହୋଇଥିବା ବେଳେ ସେମାନେ ଜେଲ ମଧ ଯାଇଛନ୍ତି। ଦିଲ୍ଲୀ ତଥା ଗୁଜରାଟ ଦଙ୍ଗାରେ କେବଳ ହିନ୍ଦୁମାନେ ହିଁ କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ଏହିସବୁ ଦଙ୍ଗାରୁ ରାଜନୈତିକ ଦଳଗୁଡ଼ିକର ଭୋଟ ହାତେଇବା ପରି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ତୋଗାଡିଆ କହିଥିଲେ। ଏହାସହିତ ଉତ୍ତରପ୍ରଦେଶର କାଶୀ ସହରରେ ଧାର୍ମିକ ସମସ୍ୟା ସମାଧାନ ହେବା ସହିତ କୃଷ୍ଣଙ୍କ ମଥୁରା ନଗରୀ ଭବ୍ୟ ରୂପ ଧାରଣ କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମହାମନ୍ତ୍ରୀ ମନୋଜ ସାହୁ, ବଜରଙ୍ଗ ଦଳର ପଶ୍ଚିମପ୍ରାନ୍ତ ସଭାପତି ସଞ୍ଜୟ ସାହୁ ଓ ସହପ୍ରାନ୍ତ ସଙ୍ଗଠନ ମନ୍ତ୍ରୀ ହେମନ୍ତ କୁମାର ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## କେସିଙ୍ଗା ଏନ୍‌ଏସିର ପ୍ରଥମ ସାଧାରଣ ବୈଠକ

କେସିଙ୍ଗା,୨୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ପ୍ରଥମ ସାଧାରଣ ବୈଠକ ଶୁକ୍ରବାର ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନବ ନିର୍ବାଚିତ ଅଧକ୍ଷ ନୃପରାଜ ଯାଦବ ସଭାପତିତ୍ୱ କରିଥିଲେ । ପରିଷଦର ଅଧକ୍ଷ ସ୍ୱାଗତ ଅଭିଭାଷଣ ଦେବା ସହିତ କେସିଙ୍ଗା ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ କାମ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ୱାର୍ଡ ନଂ ୯ସ୍ଥିତ ଜଗନ୍ନାଥ ମନ୍ଦିର ଛକଠାରୁ କଲେଜ ପର୍ଯ୍ୟନ୍ତ ରାସ୍ତା କାମ ମରାମତି କାର୍ଯ୍ୟ କରିବା ପାଇଁ ପିଡବ୍ଲୁଡ଼ି ବିଭାଗକୁ ଅନୁରୋଧ କରାଯାଇଥିଲା। ସାପ୍ତାହିକ ବଜାର ପାଇଁ ଆରଏମସି ପରିସର ମଧ୍ୟରେ ସ୍ଥାନ ଦେବା ପାଇଁ ଭବାନୀପାଟଣା ଉପ ଜିଲାପାଳଙ୍କୁ ଅନୁରୋଧ କରାଗଲା। ସମସ୍ତ ୱାର୍ଡର ଆବଶ୍ୟକ ଥିବା ରାସ୍ତା,ଡ୍ରେନ ମରାମତି ପାଇଁ ସ୍ଥିର ହୋଇଥିଲା। ଗ୍ରୀଷ୍ମ ଋତୁରେ ୫ ଗୋଟି ସ୍ଥାନରେ ଜଳଛତ୍ର ଖୋଲାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦେଇଥିବାରୁ ସମସ୍ତ ପରିଷଦବର୍ଗ ପ୍ରଶଂସା କରିଥିଲେ। ସମସ୍ତ ୱାର୍ଡରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ନଳକୂପ ମରାମତି କରାଯିବା ନିମନ୍ତେ ଜନସାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯିବା ପାଇଁ ସ୍ଥିର କରାଗଲା।

# କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ଡୁଙ୍ଗୁରିପାଲି,୨୩।୪(ଡ.ଏନ.ଏ.)



ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିରରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ସ୍ଥାନୀୟ ମାରୱାଡି ଯୁବାମଞ୍ଚ ଶାଖା ପକ୍ଷରୁ ଶନିବାର ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଉଦ୍‌ଘାଟିତ ହେଇଯାଇଛି। ଜିଲା ପରିଷଦ ପରିଷଦ ଅଧକ୍ଷା ସୁପାର ଠେଲା ଶିବିରକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଯୁବାମଞ୍ଚ ସଭାପତି ରାକେଶ ଅଗ୍ରୱାଲ ଅଧକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ବିଡ଼ିଓ ତ୍ରିପୁର ମହାନନ୍ଦ, ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ର, ଉତ୍କଳ ମାରୱାଡି ପ୍ରଦେଶୀ ସମ୍ମିଳନୀ ଡୁଙ୍ଗୁରିପାଲି ଶାଖା ଉପସଭାପତି ବଜରଙ୍ଗ ଅଗ୍ରୱାଲ, ହିମାଂଶୁ ଶେଖର ବିଶ୍ୱାଳ ମଞ୍ଚାସୀନ ଥିଲେ। ରୋହିତ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୭୬ଜଣ ବିଭିନ୍ନ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ନାମ ପଞ୍ଜିକରଣ କରିଥିଲେ। ଶିବିର ୨୫ତାରିଖ ଯାଏ ଚାଲିବ। ପ୍ରଥମ ଦିନ ସମ୍ବଲପୁରର ରେଢ଼ାଖୋଲ, ନୟାଗଡର ମାଛିପଡା, ବରଗଡ, ବଲାଙ୍ଗୀର, ସୁବର୍ଣ୍ଣପୁର, କଳାହାଣ୍ଡି ଜିଲାରୁ ଭିନ୍ନକ୍ଷମମାନେ ଶିବିରକୁ ଆସିଥିଲେ। ଶିବିର ପରିଚାଳନାରେ ଯୁଗେଶ ଅଗ୍ରୱାଲ, ରିଣ୍ଟୁ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, ଯୁବାମଞ୍ଚ ଉପ ସଭାପତି ଡାକ୍ତର ଆଶିଷ ଗୋୟଲ, କୋଷାଧକ୍ଷ ମୁକେଶ ଅଗ୍ରୱାଲ, ସମ୍ପାଦକ ମହେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ମୃତ୍ୟୁର କେଇ ମିନିଟ୍ ପୂର୍ବରୁ କରିଥିଲେ ଭିଡିଓ କଲ୍

**ଭୀମ ଭୋଇ ମେଡିକାଲ କଲେଜରେ ଡାକ୍ତରୀ ଛାତ୍ର ମୃତ୍ୟୁ ଘଟଣା**

ବଲାଙ୍ଗୀର ଅଫିସ, ୨୩।୪

ଭୀମ ଭୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ହରିୟାଣା କରନାଲ ସହରର ନିଶାନ୍ତ କୁମାରଙ୍କ ଶୁକ୍ରବାର କଲେଜ ଛାତ୍ରାବାସରୁ ପଡି ମୃତ୍ୟୁ ଘଟିଥିଲା। ଶନିବାର ଏଠାରେ ପହଞ୍ଚିବା ପରେ ନିଶାନ୍ତଙ୍କ ମା ସନ୍ତୋଷ ଦେବୀ ଗଣମାଧ୍ୟମକୁ କହିଛନ୍ତି ଯେ, ଶୁକ୍ରବାର ଅପରାହ୍ଣ ୨ଟା ୩୦ରେ ପୁଅ ନିଶାନ୍ତ ତାଙ୍କୁ ଭିଡିଓ କଲ୍ କରିଥିଲେ। ତାଙ୍କ ମୁହଁ ଶୁଖିଯାଇଥିଲା ଓ ସେ କାନ୍ଦୁଥିଲେ। ସିନିଅର ଛାତ୍ରଙ୍କ ର୍‌ୟାଗିଂ ଯୋଗୁ ସେ ଗତ ୮/୧୦ ଦିନ ହେଲା ଘୋର ମାନସିକ ଅବସାଦରେ ଭାଙ୍ଗିପଡିଥିଲେ। ଏହାର କିଛି ସମୟ ପରେ ସେ ଛାତରୁ ଡେଇଁପଡିଥିବା କୁହାଯାଇଛି। ପୁଅର କ'ଣ ହୋଇଛି ବୋଲି ହଷ୍ଟେଲ ୱାର୍ଡନଙ୍କୁ ଫୋନ୍ କରିଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ। ଅନେକ ସମୟ ପରେ ଫୋନ୍ ଉଠାଇ ସେ କଲେଜ ହଷ୍ଟେଲରେ ନ ଥିବା କହି ଫୋନ୍ ରଖିଦେଇଥିବା କହିଛନ୍ତି।

**ଉଚ୍ଚଶିକ୍ଷିତ ପରିବାରର ଶିକ୍ଷା ପ୍ରଦୀପ ଲିଭିଗଲା**

ନିଶାନ୍ତ ଜଣେ ମେଧାବୀ ଛାତ୍ର ଥିଲେ। ପ୍ରଥମ ପର୍ଯ୍ୟାୟରେ ହିଁ ସେ ନିଟ୍ କ୍ୱାଲିଫାଏ କରିଥିଲେ। ସେଣ୍ଟ୍ରାଲ କୋଟାରେ ସେ ଡାକ୍ତରୀ ପଢିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ନିଶାନ୍ତଙ୍କ ପିତା ଡ କ୍ରିଷ୍ଣକୁମାର ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟର ଫୁଡ ଆଣ୍ଡ ଟେକ୍ନୋଲଜି ବିଭାଗର କାର୍ଯ୍ୟରତ ପ୍ରଫେସର। ମାତା ସନ୍ତୋଷ ଦେବୀ ହରିୟାଣା କରନାଲ ସହରରେ ଏକ ସ୍କୁଲର ଶିକ୍ଷୟିତ୍ରୀ। ନିଶାନ୍ତ ତାଙ୍କର ଏକମାତ୍ର ପୁତ୍ର। ପୁଅକୁ ନେଇ କେତେ କ'ଣ ସ୍ୱପ୍ନ ରହିଥିଲା। ଏବେ ନିଶାନ୍ତ ନାହିଁ। ସବୁ ସ୍ୱପ୍ନ ଚୂରମାର ହୋଇଯାଇଛି। ଓଡିଶା ଧାର୍ମିକ ସ୍ଥଳ ବୋଲି ଆମେ ଜାଣିଥିଲୁ। ଏଠାରେ ଶାନ୍ତିପୂର୍ଣ୍ଣ ବାତାବରଣ ବୋଲି ବିଶ୍ୱାସ ଥିଲା। ହେଲେ ଏଠି କ'ଣ ହେଲା। ଏବେ ମୁଁ କହିବି ଆମ ହରିଆଣା ଭଲ। ମୋ ପୁଅକୁ ଏଠାରେ ମାରି ଦିଆଯାଇଛି। ଆମ ପୁଅକୁ ଏବେ କିଏ ଫେରାଇବ। ଆମେ କିଭଳି ବଞ୍ଚିବୁ ବୋଲି ନିଶାନ୍ତଙ୍କ ମାତାପିତା କହିଛନ୍ତି।

**ମେଡିକାଲ କଲେଜ ପାଲଟିଛି ନିଶା ହବ୍**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ନିଶା କାରବାର ଚାଲିଛି। ପାଚେରି ଚାରିଆଡେ ମଦ ବୋତଲ ପଡିଛି। ଏଠାକୁ ଏତେ ମଦ ବୋତଲ କେଉଁଠୁ ଆସିଲା। କିଏ ଏହି ମଦ ପିଉଛି। କଲେଜ କର୍ତ୍ତୃପକ୍ଷ କରୁଛନ୍ତି କ'ଣ। ଏହି କଲେଜ ନିଶା କାରବାରର ହବ ପାଲିଟିଛି ବୋଲି ମୃତ ଡାକ୍ତରୀ ଛାତ୍ର ନିଶାନ୍ତଙ୍କ ମାମୁ ଅଭିଯୋଗ କରିଛନ୍ତି।

**ନିଶାନ୍ତ ଥିଲେ ମ୍ୟୁଜିକ ଲଭର**

ନିଶାନ୍ତ ଜଣେ ସଙ୍ଗୀତ ପ୍ରିୟ ଯୁବକ ଥିଲେ। ବିଭିନ୍ନ ପ୍ରକାର ମ୍ୟୁଜିକାଲ ଇନଷ୍ଟ୍ରୁମେଣ୍ଟ ବଜାଇବା ଜାଣିଥିଲେ। ସୁନ୍ଦର ଗୀତ ଗାଉଥିଲେ। ହରିଆଣାରୁ ଏଠିକୁ ଆସିବା ବେଳେ ମ୍ୟୁଜିକ ସିଷ୍ଟମ ମଧ ନେଇକରି ଆସିଥିଲେ। ଏଠାରେ ସହପାଠୀଙ୍କୁ ସ୍ଥାନୀୟ ଗାୟକ, ଗୀତ ସମ୍ପର୍କରେ ବୁଝିଥିଲେ।

**ଓଡ଼ିଆ ଶିଖିବାକୁ ଚାହୁଁଥିଲେ**

ଓଡିଆ ଓ କୋଶଲୀ ଭାଷା ଶିଖିବାକୁ ନିଶାନ୍ତ ଉତ୍ସାହିତ ଥିଲେ। ସେ ନିଜ ସହପାଠୀଙ୍କୁ କିଭଳି ଏଠାକାର ଭାଷା ଶୀଘ୍ର ଶିଖିବେ ସେ ବିଷୟରେ ପଚାରୁଥିଲେ ବୋଲି ଜଣେ ସହପାଠୀ କହିଛନ୍ତି।

## ମଦଭାଟି ବନ୍ଦ ପାଇଁ ଗ୍ରାମବାସୀ ଥାନାର ଦ୍ୱାରସ୍ଥ

ଟିଟିଲାଗଡ଼,୨୩।୪(ନି.ପ୍ର)

ବଲାଙ୍ଗୀର ଜିଲ ଟିଟିଲାଗଡ ବ୍ଲକର ଗ୍ରାମାଞ୍ଚଳର କେତେକ ସ୍ଥାନରେ ବେଆଇନ ମଦଭାଟି ଖୋଲି ଅବାଧରେ ଚାଲିଛି ବେପାର। ଏହା ବିରୋଧରେ ସିହିନି ପଞ୍ଚାୟତ ଅନ୍ତର୍ଗତ କୁମୁଡା ଗ୍ରାମବାସୀ ଶନିବାର ଟିଟିଲାଗଡ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଗତ ୨୨ତାରିଖରେ ଗ୍ରାମ କମିଟି, ଗ୍ରାମବାସୀ ତଥା ୱାର୍ଡସଭ୍ୟଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମରେ ମଦଭାଟି ରହିଥିବାରୁ ସମସ୍ୟା ବୃଦ୍ଧି ହେଉଥିବା ନେଇ ବିରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତି ଅନୁଯାୟୀ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମରେ ବେଆଇନ ଭାବେ ରହିଥିବା ୬ଟି ମଦକୋଠି ତୁରନ୍ତ ବନ୍ଦ ପାଇଁ ଗ୍ରାମ କମିଟି ସଭାପତି ଉତ୍ସବ ହାତୀ, କୋଷାଧକ୍ଷ ଇଶ୍ୱର ଖର୍ସେଲ, ୱାର୍ଡ ସଭ୍ୟ ପଞ୍ଚୁ ବଗର୍ତ୍ତି, ସୁମିତ୍ରା ଖର୍ସେଲ, କୃପା ଜାନୀ, ଅଖିଳ ମାଝୀ, ପାଣ୍ଡେ ରଣା, ପ୍ରହଲ୍ଲାଦ ପୁଟେଲ, ସରୋଜ ମାଝୀ, ରାମେଶ୍ୱର ମାଝୀ, ଭୀଷ୍ମ ଭୋଇ, ମହନ ମାଝି, ଶଙ୍କର ଖର୍ସେଲ, ଧ୍ରୁବଲେ ଜାନୀ ଲିଖିତ ନିବେଦନ କରିଛନ୍ତି।

## ଉଦ୍‌ଘାଟିତ ହେଲା ପଲ୍ଲିଶ୍ରୀ ଓ ପୁସ୍ତକ ମେଳା



ଆୟୋଜିତ ପଲ୍ଲିଶ୍ରୀ ଓ ପୁସ୍ତକ ମେଳାର ଉଦ୍‌ଘାଟନୀ ସଭାରେ ଅତିଥିମାନେ।

ବୌଦ୍ଧ,୨୩।୪( ସ୍ୱ.ପ୍ର.)

ଗଡଜାତ ବୌଦ୍ଧର ରାମଲୀଳା ଉତ୍ସବ ଚଳିତବର୍ଷ ଧୂମଧାମରେ ପାଳନ ହେଉଛି । ଗତ ରବିବାର ରାମନବମୀ ଠାରୁ ସହରର ଅଗ୍ରଣୀ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ରଘୁନାଥଜୀଉ ମନ୍ଦିର ପ୍ରାଙ୍ଗଣସ୍ଥ ମାରୁତୀ ମଣ୍ଡପଠାରେ ରାମଲୀଳା ନାଟକ ପରିବେଷଣ ହୋଇଆସୁଛି। ଶନିବାର ଥିଲା ରାମଲୀଳାର ତ୍ରୟୋଦଶ ଦିବସ। ଚଳିତବର୍ଷ ଏହି ଯାତ୍ରାକୁ ସରସ ଓ ସୁନ୍ଦର କରିବାକୁ ପଲ୍ଲୀଶ୍ରୀ ମେଳା ଓ ପୁସ୍ତକ ମେଳାର ଆୟୋଜନ କରାଯାଇଛି। ରାମଲୀଳା ଅବସରରେ ଶନିବାର ଠାରୁ ସହରର କଚେରୀ ପଡିଆ ଠାରେ ଆରମ୍ଭ ହୋଇଛି ପଲ୍ଲିଶ୍ରୀ ଓ ପୁସ୍ତକ ମେଳା। ସନ୍ଧ୍ୟାରେ ରଘୁନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ସହରର କଚେରୀ ପଡିଆଠାରେ ଆୟୋଜିତ ପଲ୍ଲିଶ୍ରୀ ଓ ପୁସ୍ତକ ମେଳାକୁ ଉପବାଚସ୍ପତି ରଜନୀକାନ୍ତ ସିଂ ଉଦଘାଟନ କରିଥିଲେ। ଜିଲାପାଳ ଲଳାଟେନ୍ଦୁ ମିଶ୍ର ଓ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ସାଂସ୍କୃତିକ ଶୋଭାଯାତ୍ରାରେ କଳାକାରମାନେ ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ବାଜା, ବାଣ, ରୋଷଣୀରେ ଯାଇଥିଲେ । ବୌଦ୍ଧର ଲୋକନୃତ୍ୟ ଦଣ୍ଡ, ନାମ ସଂକୀର୍ତ୍ତନ, ଆଦିବାସୀ ନୃତ୍ୟରେ ସହରର ରାସ୍ତାଘାଟ କମ୍ପି ଉଠିଥିଲା । ପଲ୍ଲିଶ୍ରୀ ଓ ପୁସ୍ତକ ମେଳାର ଉଦଘାଟନୀ ସଭାରେ ଜିଲାପାଳ ଲଳାଟେନ୍ଦୁ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସିଂ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ମିଶ୍ର, ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା ଓ ପିଡିଡିଆରଡିଏ ଅଶ୍ୱିନ କୁମାର ମେହେର ଯୋଗ ଦେଇଥିଲେ । ସଭାରେ ମୁଖ୍ୟଅତିଥି ଉପବାଚସ୍ପତି ସିଂ ବୌଦ୍ଧର ରାମଲୀଳା ଯାତ୍ରା, ଦଶପଲାର ଲଙ୍କାପୋଡି ଯାତ୍ରାକୁ ରାଜ୍ୟ ସରକାର ମାନ୍ୟତା ପ୍ରଦାନ କରିଥିବାରୁ ଏହାଦ୍ୱାରା ଅଞ୍ଚଳ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି ବୋଲି ପ୍ରକାଶ କରିଥିଲେ। ରାମଲୀଳା ଯାତ୍ରାର ଶେଷ ଦିନ ଆସନ୍ତା ୨୭ ତାରିଖରେ ଜିଲାରେ ସରକାରୀ ଛୁଟି ଘୋଷଣା କରାଯାଇଛି। ପଲ୍ଲିଶ୍ରୀ ଓ ପୁସ୍ତକ ମେଳାରେ ୧୫୭ ଗୋଟି ଷ୍ଟଲ ହୋଇଛି ।

**Central Mine Planning & Design Institute Ltd.**
(A Subsidiary of Coal India Limited)
Gondwana place, Kanke Road, Ranchi - 834 031, JHARKHAND,India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in**. In addition, procurement is also done through GeM portal https://gem.gov.in."

**Odisha Mining Corporation Ltd.**
(A Gold Category State PSU)
Registered Office : OMC House, Bhubaneswar – 751001, India
Tel: 0674-2377400/2377401, Fax: 0674-2396889, 2391629, https://omcltd.in
CIN: U13100OR1956SGC000313
OMC | ODISHA NEW OPPORTUNITIES — Mining Happiness
No. 6560/OMC/ 2022
Date: 23/04/2022

**NOTICE**

Pursuant to the Advertisement No. 65/OMC dated 04.01.2022 and Computer Based Test (CBT) conducted on 17.03.2022 for the post of Jr. Accountant, the Computer Proficiency Test (CPT) will be conducted on 30.04.2022 in respect of the provisionally shortlisted candidates (The list is available on OMC Website). Please visit OMC website (https://omcltd.in) for details regarding Computer Proficiency Test (CPT) centre, test duration, reporting time etc. The sample question pattern for the Computer Proficiency Test (CPT), Letter of Undertaking for using Scribe/ Reader and Additional Instructions for Scribe/ Reader along with Self Declaration by the scribe/ Reader (for use of the PwD candidates opting for use of Scribe/ Reader) are available in OMC website (https://omcltd.in) for reference.

**Sd./- GENERAL MANAGER (P&A)**

**CORRIGENDUM** No. L-23
(As per Pre-Bid Clarifications Soughted)
**DIRECTORATE OF AGRICULTURE AND FOOD PRODUCTION, ODISHA**
**SUBMISSION OF BID FOR REQUEST FOR PROPOSAL PUBLISHED ON DATED: 05.04.2022**
**Selection of Outsourcing Agency for "Outsourcing Identified Static Soil Testing Laboratories" in the Districts under the Director of Agriculture and Food Production, Odisha**

1. EMD is exempted for all bidders but a bid security declaration should accompany the application.
2. The turnover criteria is exempted for Start ups.
3. The quoting of professional fees by the bidder is dropped.
4. In Section 2 (at Page No. 21): Failure on bidder's part to furnish the deliverables as per the agreed time line will enforce a penalty @ 1% per week subject to maximum of 3% of the total contract value.
5. In Section 4 (Page 37) contract value more than Rs.5.00 Crore each and duration more than 1 year each may be read as contract value more than Rs.5.00 Crore and duration more than 1 year in Tech A-5.

**Sd./- Director of Agriculture and Food Production, Odisha**
OIPR-01034/11/0003/2223